
# ଉତ୍କଳ ପ୍ରସଙ୍ଗ



ନୂତନ ପ୍ରକ
ଶିଳାନ୍ୟାସ
ଉଦ୍‌ଘାଟ




FOUNDATION
LAYING AND









INAUGURA
OF

NEW
PROJECTS



# ଉତ୍କଳ ପ୍ରସଙ୍ଗ

ପୌଷ ୧୯୦୪ ଶକାବ୍ଦ ୩୯ ଭାଗ ୬ଷ୍ଠ ସଂଖ୍ୟା ଜାନୁଆରୀ

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ସୁବ୍ରତ ଯୋଷୀ

ସମ୍ପାଦକ: ଶ୍ରୀ ଭୋଳାନାଥ ରାଜଗୁରୁ

ସହ ସମ୍ପାଦକ: ସହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦·୦୦
ପ୍ରତି ଖଣ୍ଡ ୧·୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେପରି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ପରିବର୍ତ୍ତିତ ସମାଜରେ ସାହିତ୍ୟିକର ଭୂମିକା .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ଜାତୀୟ ସଂହତି .. | ଡକ୍ଟର ବୈଦ୍ୟନାଥ ମିଶ୍ର | .. ୬ |
| ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ .. | ଅଧ୍ୟାପକ ଶତ୍ରୁଘ୍ନ ନାଥ | .. ୯ |
| ଭୂମି ଭିତ୍ତିକ ଥଇଥାନ ବ୍ୟବସ୍ଥା .. | ଶ୍ରୀ ନୃସିଂହ ଚରଣ ବେହୁରିଆ | .. ୧୨ |
| ଗ୍ରାମାଞ୍ଚଳର ମହିଳା ଓ ଷଷ୍ଠ ପଞ୍ଚବାର୍ଷିକ ଯୋଜନା .. | ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ | .. ୧୫ |
| ଆତ୍ମ ନିଯୁକ୍ତି ପାଇଁ ବଳିଷ୍ଠ ପଦକ୍ଷେପ .. | ଶ୍ରୀ ଫଣୀ ଭୂଷଣ ଦାସ | .. ୧୭ |
| ମାଛ ଖାଇବ ବଢ଼ିଆ .. | ଶ୍ରୀ ସଂଜୀବ ଚନ୍ଦ୍ର ହୋତା | .. ୨୦ |
| ଭାରତ ବର୍ଷ—ଆମର ମହାନ ଦେଶ .. | ଅଧ୍ୟାପକ ହରନାଥ ମିଶ୍ର | .. ୨୩ |
| ଶ୍ରମଂଏବ ଜୟତେ .. | ଡ଼କ୍ଟର ଅମୂଲ୍ୟ ମହାପାତ୍ର | .. ୨୭ |
| ଯୌତୁକ ଏକ ସାମାଜିକ କଳଙ୍କ .. | ଶ୍ରୀମତୀ ବସନ୍ତ କୁମାରୀ ଦେବୀ | .. ୩୧ |
| ଗାଁରେ, ଅବସର ବେଳେ .. | ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ | .. ୩୫ |
| ସବୁଠୁ ଗରିବ ଲୋକଙ୍କ ସେବାରେ .. | ଶ୍ରୀ ରାଧାଗୋବିନ୍ଦ ମିଶ୍ର | .. ୩୮ |
| ପ୍ରଗତି ସମ୍ବାଦ .. | | ୪୦ |
| ଶହୀଦ ମଧୁସିଂହ .. | ଡକ୍ଟର ନବୀନ କୁମାର ସାହୁ | .. ୪୧ |
| ଢେଙ୍କାନାଳ ଓ ଗାନ୍ଧିଜୀ .. | ଶ୍ରୀ ବ୍ରଜକିଶୋର ଧଳ | .. ୪୫ |
| ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟ | ଶ୍ରୀ ସୁଶୀଳ ଚନ୍ଦ୍ର ଦେ | .. ୪୯ |
| ମହାମାନବର ସାଗର ତୀରେ .. | ପ୍ରହରାଜ ସତ୍ୟନାରାୟଣ ନନ୍ଦ | .. ୫୩ |



# ଗଣରାଜ୍ୟ ଦିବସ ଉପଲକ୍ଷେ ରାଜ୍ୟପାଳଙ୍କ ବାର୍ତ୍ତା

ଆମ ଗଣରାଜ୍ୟ ଦିବସର ତେତ୍ରିଂଶତମ ବାର୍ଷିକୀ ସାରା ଦେଶରେ ଆଜି ପାଳିତ ହେଉଛି । ଏହା ଏକ ଆତ୍ମ ସମୀକ୍ଷାର ଦିନ । ଗଣରାଜ୍ୟ ପ୍ରତିଷ୍ଠା ନିମନ୍ତେ ଆମ ଦେଶର ଯେଉଁ ମହାନ୍ ସନ୍ତାନ ସନ୍ତତିଗଣ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି ଏବଂ ଭାରତକୁ ଏକ ସ୍ୱାଧୀନ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଢି ତୋଳିବା ଦିଗରେ ସୁଦୃଢ଼ ଭିତ୍ତି ପ୍ରତିଷ୍ଠା କରି ଯାଇଛନ୍ତି, ସେମାନଙ୍କୁ ଏହି ଅବସରରେ କୃତଜ୍ଞତାର ସହିତ ସ୍ମରଣ କରୁଅଛି ।

ନିକଟରେ ବିଦାୟ ନେଇଥିବା ବର୍ଷଟି ଥିଲା ଆମ ରାଜ୍ୟ ପକ୍ଷେ ଏକ ଆହ୍ୱାନର ବର୍ଷ । ଏକ ପକ୍ଷରେ ରାଜ୍ୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଦୃଢ଼ ସଙ୍କଳ୍ପ ସହକାରେ ସରକାର ଅଗ୍ରସର ହେଉଥିବା ବେଳେ ଅନ୍ୟ ପକ୍ଷରେ ଅଭୂତପୂର୍ବ ପ୍ରଳୟଙ୍କରୀ ବନ୍ୟା ଆସି ଆମ ସମ୍ବଳର ବ୍ୟାପକ କ୍ଷତି ଘଟାଇବା ସଙ୍ଗେ ସଙ୍ଗେ ପ୍ରଗତିକୁ ବ୍ୟାହତ କଲା । ଓଡ଼ିଶାର ଜନସାଧାରଣ ଅସୀମ ଧୈର୍ଯ୍ୟ ଓ ସାହସର ସହିତ ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ସଙ୍ଗେ ସଙ୍ଗେ ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କ ଥଇଥାନ ତଥା ବିଧ୍ୱସ୍ତ ଇଲାକାରେ ପୁନଃନିର୍ମାଣ ନିମନ୍ତେ ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗ କରିଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ଓଡ଼ିଶା ବିପୁଳ ସମ୍ଭାରରେ ଭରପୂର । ଖଣିଜ ଓ ବନ ସମ୍ପଦ, ନଦନଦୀ ତଥା ସୁଦୀର୍ଘ ବେଳାଭୂମି ଆକାରରେ ଓଡ଼ିଶା ପ୍ରତି ପ୍ରକୃତିର ଅବଦାନ ଅସୀମ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସାଧନ ନିମନ୍ତେ ରାଜ୍ୟ ସରକାର ଏକ ବହୁମୁଖୀ ଅଭିଯାନ ଆରମ୍ଭ କରିଛନ୍ତି । ଶିଳ୍ପ ପ୍ରସାର ଦିଗରେ ରାଜ୍ୟ ସରକାରଙ୍କ କେତେକ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ଫଳରେ ବୃହତ୍, ମଧ୍ୟମ ତଥା କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇପାରିଛି । କେନ୍ଦ୍ରୀୟ ଉଦ୍ୟୋଗରେ ବହୁସଂଖ୍ୟକ ଶିଳ୍ପ କାରଖାନା ଆମ ରାଜ୍ୟରେ ପ୍ରତିଷ୍ଠା କରାଯାଉଛି । ଏ ସମସ୍ତ ଶିଳ୍ପାନୁଷ୍ଠାନ କେବଳ ଯେ ମୌଳିକ ଶିଳ୍ପ ରୂପେ କାର୍ଯ୍ୟ କରିବ ତାହା ନୁହେଁ, ପରନ୍ତୁ ଏହାର ବିଭିନ୍ନ ଆନୁଷଙ୍ଗିକ ତଥା ସହାୟକ ୟୁନିଟ୍ ଆମ ରାଜ୍ୟର ବହୁ ସଂଖ୍ୟକ ଲୋକଙ୍କୁ କର୍ମ ଯୋଗାଇବ ।

ଆଧୁନିକ କୃଷିପଦ୍ଧତି ଅବଲମ୍ବନ କରିବା ଦିଗରେ ଆମର କୃଷକ ସଂପ୍ରଦାୟଙ୍କ ମଧ୍ୟରେ ନୂତନ ଆଗ୍ରହ ସୃଷ୍ଟି ହୋଇ ଥିବାରୁ କୃଷିର ବିକାଶ ନିମନ୍ତେ ଏକ ନୂତନ ଆଭିମୁଖ୍ୟ ପ୍ରବର୍ତ୍ତନ କରାଯାଇଛି । ଅଧିକନ୍ତୁ ଅଧିକ ଅଞ୍ଚଳରେ ତୈଳବୀଜ, ଅର୍ଥକରୀ ଫସଲ ଉତ୍ପାଦନ ସମେତ ବହୁବିଧ ଫସଲ ଉତ୍ପାଦନ ପଦ୍ଧତିର ପ୍ରବର୍ତ୍ତନ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଭବିଷ୍ୟତ ଚାହିଦା ପୂରଣ ନିମନ୍ତେ ବିଦ୍ୟୁତ ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜଳସେଚନ ସୁବିଧାକୁ ଦ୍ୱିଗୁଣିତ କରିବା ନିମନ୍ତେ ସରକାର ପଦକ୍ଷେପ ନେଇଛନ୍ତି ।

ଅତ୍ୟନ୍ତ ଆନନ୍ଦର କଥା ଯେ ଆଦିବାସୀ, ହରିଜନ ତଥା ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ କଲ୍ୟାଣ ନିମନ୍ତେ ଆବଶ୍ୟକୀୟ ଉଦ୍ୟମ କରାଯାଉଛି । ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ ପରିକଳ୍ପନା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ଏବଂ ସେଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଦିଗରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି । ଗାଁ ଗହଳର ଗରିବ ଲୋକମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ଏ ଦିଗରେ ବିଶେଷ ଉଲ୍ଲେଖନୀୟ ।

ଏକ ନୂତନ ଓଡ଼ିଶା ଗଠନ ଦିଗରେ ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ଅକୁଣ୍ଠ ସହଯୋଗ ଏକାନ୍ତ ପ୍ରୟୋଜନ । ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଯେପରି ନିଜର ଉପଯୁକ୍ତ ଆସନ ହାସଲ କରିପାରିବ, ସେଥିନିମନ୍ତେ ଆଜିର ଏହି ପବିତ୍ର ଜାତୀୟ ଦିବସରେ ରାଜ୍ୟବାସୀ ପୁନର୍ବାର ନିଜ ନିଜକୁ ଉତ୍ସର୍ଗ କରି ଓଡ଼ିଶାକୁ ଏକ ଉନ୍ନତ ତଥା ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ନିମନ୍ତେ ମୁଁ ଜନସାଧାରଣଙ୍କୁ ଆହ୍ୱାନ କରୁଛି ।

ଜୟହିନ୍ଦ୍



## ଜନରାଜ୍ୟ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା...

୩୪ତମ ଜନରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଜନରାଜ୍ୟ ଦିବସ ଆମର ଗଣତାନ୍ତ୍ରିକ ପରମ୍ପରା, ସମାଜବାଦ ଓ ଧର୍ମନିରପେକ୍ଷତାର ପ୍ରତୀକ । ଏହିସବୁ ମୂଲ୍ୟବୋଧ ପ୍ରତି ଆମର ପ୍ରଗାଢ ଆସ୍ଥା ଜ୍ଞାପନ ପାଇଁ ମଧ୍ୟ ଏ ଦିବସଟି ଉଦ୍ଦିଷ୍ଟ ।

ଆମର ବରେଣ୍ୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଆମଦେଶ ଆଜି ପ୍ରଗତିର ଏକ ନୂତନ ଦିଗନ୍ତ ଆଡକୁ ଆଗେଇ ଚାଲିଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜାତିପାଇଁ ପ୍ରଗତିର ମୂଳମନ୍ତ୍ର ରୂପେ ଗ୍ରହଣ କରାଯାଇଛି । ଉତ୍ପାଦନ ବୃଦ୍ଧି ନିମନ୍ତେ ତାଙ୍କର ଆହ୍ୱାନ ସବୁ ଶ୍ରେଣୀର ଜନସାଧାରଣଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଛି । ଆମ ରାଜ୍ୟ ମଧ୍ୟ ଏହି ଲକ୍ଷ୍ୟ ସାଧନ ନିମନ୍ତେ ବଦ୍ଧପରିକର ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଦିଗରେ ଆମର ଉଦ୍ୟମ ସର୍ବଜନବିଦିତ । ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍‌ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷା, ପର୍ଯ୍ୟଟନ ଶିଳ୍ପ ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ କ୍ଷେତ୍ରରେ ମଧ୍ୟ ବିଶେଷ ତତ୍ପରତା ପ୍ରକାଶ ପାଇଛି । ଗ୍ରାମାଞ୍ଚଳରେ ବାସକରୁଥିବା ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଉତ୍‌ଥାନ ପାଇଁ ଆମର ଅନନ୍ୟସାଧାରଣ କାର୍ଯ୍ୟକ୍ରମ ଜରିଆରେ ହଜାର ହଜାର ଦରିଦ୍ର ଜନସାଧାରଣଙ୍କର ଉନ୍ନତି ସାଧନ କରାଯାଇଛି । ଆମ ରାଜ୍ୟ ଆଜି ସମୃଦ୍ଧିର ଦ୍ୱାରଦେଶରେ ଉପନୀତ ।

ପବିତ୍ର ଜନରାଜ୍ୟ ଦିବସ ଉପଲକ୍ଷେ ପ୍ରଗତି ଓ ସମୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସମସ୍ତ ଉଦ୍ୟମ ସହିତ ସକ୍ରିୟଭାବରେ ସହଯୋଗ କରିବା ନିମନ୍ତେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରୁଛି ।

ଜୟହିନ୍ଦ୍

# ମୋ ଦୃଷ୍ଟିରେ ....

ନବବର୍ଷର ଶତ ଶୁଭେଚ୍ଛା ତଥା ସାଧାରଣତନ୍ତ୍ର ଦିବସର ଆନ୍ତରିକ ଅଭିନନ୍ଦନସହ ଉତ୍କଳ ପ୍ରସଙ୍ଗ ଆତ୍ମ ପ୍ରକାଶ କରୁଛି ଜାନୁଆରୀ ୧୯୮୩ ସଂଖ୍ୟାରେ ।

ଅବିଚ୍ଛିନ୍ନ ଓ ଅନନ୍ତ କାଳକୁ ସୀମାବଦ୍ଧ ଓ ସୀମିତ କରି ନିଜର ସ୍ଥିତି ବିଷୟରେ ସଚେତନ ହେବା ପାଇଁ ମନୁଷ୍ୟର ଆଦି ପୁରୁଷ ଯେଉଁ ଚେଷ୍ଟା କରିଥିଲେ, ତାର ପରିଣତି ହେଲା ଦିବା ଓ ରାତ୍ରି, ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ଓ ପୁନଃ ସୂର୍ଯ୍ୟୋଦୟ । ସେହି ସୂର୍ଯ୍ୟର ସାହାଯ୍ୟ ନେଇ ସୌରମାନ ବର୍ଷ ଓ ମାସ ତଥା ଘଡ଼ି, ଲିତା ଓ ବିଲିତାର ସୃଷ୍ଟି । ସେହି ଅସୀମ ଅନନ୍ତ କାଳକୁ ସୀମିତ କରୁ କରୁ ନବବର୍ଷର ନବଦିନ ତଥା ସାଧାରଣତନ୍ତ୍ର ଦିବସର ପୁନରାବର୍ତ୍ତନର ସ୍ମୃତି ଆମକୁ ପୁରାତନ ଦିବସର ଘଟଣାବଳୀର ସିଂହାବଲୋକନ କରିବାକୁ ସୁଯୋଗ ଦେଇଛି । ନବ ଜୀବନର ପର୍ଯ୍ୟବେକ୍ଷଣ କରିବାକୁ ଆଶାନ୍ୱିତ କରିଛି ।

ପରିବର୍ତ୍ତନ ଜଗତର ଧର୍ମ । ସେହି ପରିବର୍ତ୍ତିତ ସମାଜରେ ଆଜିର ସାହିତ୍ୟିକଙ୍କ ଭୂମିକା ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଉରକେଲାଠାରେ ପ୍ରଦତ୍ତ ଏକ ଭାଷଣର ସାରାଂଶ ପ୍ରତି ଆମେ ସହୃଦୟ ପାଠକ ପାଠିକାଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ସମାଜ ତଥା ସାହିତ୍ୟ ନିମନ୍ତେ ଆମର ଏହା ହେଉଛି ନବବର୍ଷର ବିନମ୍ର ଉପହାର ।

ସାଧାରଣତନ୍ତ୍ର ଦିବସରେ ପ୍ରତ୍ୟେକ ନାଗରିକର ମନରେ ପ୍ରଶ୍ନ ଉଠୁଛି, ଆଜିର ଆଞ୍ଚଳିକତା ତଥା ଭିନ୍ନତାର ଦାବୀର ଯୌକ୍ତିକତା ବିଷୟରେ । ଧର୍ମ ନାମରେ ହେଉ ବା ଭାଷା ନାମରେ ହେଉ, ଆଜି ପଞ୍ଜାବ, ଆସାମ ବା ଦକ୍ଷିଣରେ ଯେଉଁ ପ୍ରତି-ବିପ୍ଳବ ସୃଷ୍ଟି ହେଉଛି, ତାର ସୁଦୂର ପରିଣତି ବିଷୟରେ ଭାରତୀୟମାନେ ଚିନ୍ତା କରିବା, ଆଲୋଚନା କରିବାର ଦିନ ଏଇ ସାଧାରଣତନ୍ତ୍ର ଦିବସ । ଉତ୍କଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଅର୍ଥନୀତିଜ୍ଞ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ "ଜାତୀୟ ସଂହତି" ଏହି ଆଲୋଚନା ଓ ଚିନ୍ତାଧାରାର ପୁଷ୍ଟି କରିବ ବୋଲି ଆମର ବିଶ୍ୱାସ ।

ଆମ ସମାଜର ଅର୍ଦ୍ଧାଧିକ ଅଂଶ ହେଉଛନ୍ତି ମହିଳା । ମାତା, ଜାୟା, ଭଗିନୀ ଓ ଦୁହିତା ରୂପରେ ଏଇ ସମାଜକୁ ସେମାନେ ସୃଷ୍ଟି, ପାଳନ ଏବଂ ଧ୍ୱଂସ କରି ଆସିଛନ୍ତି । ଏବେ ଯୋଜନାଭିତ୍ତିକ ଅର୍ଥନୀତିରେ ଗ୍ରାମାଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି । ସେହି ଗ୍ରାମାଞ୍ଚଳରେ ମହିଳାମାନଙ୍କର ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଭୂମିକା ବିଷୟରେ ଆଲୋଚନା କରିଛନ୍ତି, ଲୋକ-ସଭାରେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ସଭ୍ୟ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ।

ପୁଣି ଥରେ ଉତ୍କଳ ପ୍ରସଙ୍ଗ ତାର ସସ୍ନେହୀ ପାଠକପାଠିକାଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛି ।


ରାଉରକେଲା
ସାହିତ୍ୟୋ

# ପରିବର୍ତ୍ତିତ ସମାଜରେ ସାହିତ୍ୟିକର ଭୂମିକା

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ରାଉରକେଲା । ଇସ୍ପାତ ନଗରୀ ରାଉରକେଲା । ଏଇ ଉପାନ୍ତବର୍ତ୍ତୀ ନଗରୀ ଓଡ଼ିଶାର ନବ ନିର୍ମାଣର ପ୍ରତୀକ ଓ ସମଗ୍ର ଭାରତ ବର୍ଷର ଗୌରବ । ଯୁଗ ଯୁଗ ଧରି କବିମାନେ ଅରୁଣାୟିତ ପୂର୍ବାଶାର ବର୍ଣ୍ଣନା କରିଛନ୍ତି । ଅସ୍ତରାଗରେ ରଞ୍ଜିତ ପଶ୍ଚିମାକାଶର ବର୍ଣ୍ଣନା କରିଛନ୍ତି । କିନ୍ତୁ ଦିବା ରାତ୍ରି, ବିଶେଷ ଭାବରେ ଅନ୍ଧକାରମୟ ରାତ୍ରିରେ ଇସ୍ପାତର ଜନ୍ମୋତ୍ସବ ରାଉରକେଲା–ଆକାଶକୁ ଯେପରି ଆଲୋକ ରଞ୍ଜିତ କରେ, ତାର ବର୍ଣ୍ଣନା କ୍ୱଚିତ୍ ଦେଖିବାକୁ ମିଳେ । ତାହାହିଁ ଆଧୁନିକ ଭାରତବର୍ଷ ଏବଂ ଆଧୁନିକ ଓଡ଼ିଶାର ନିର୍ମାଣ ବର୍ଣ୍ଣନା । ଆମେରିକାର ପ୍ରସିଦ୍ଧ କବି ଓ୍ୱାଲ୍ଟ ହ୍ୱିଟମ୍ୟାନ ତାଙ୍କ ଦେଶ ସଂପର୍କରେ ବର୍ଣ୍ଣନା କରି କହିଛନ୍ତି :

"I HEAR America singing, the varied carols
I hear, t mechanics, each one singing
his as it should be blithe and strong"

× × × ×

"Singing with open mouths their strong melodious songs".

ଆମେରିକାକୁ ନିର୍ମାଣ କରିଥିବା କାରିଗର, ଇଂଜିନିୟର ଓ ... ମାନଙ୍କର ସେ ବର୍ଣ୍ଣନା କରିଛନ୍ତି । ଆଜି ଉତ୍କଳ ଭାରତୀଙ୍କ ବୀଣାରେ ସେଇ ନବ ନିର୍ମାଣର ସଂଗୀତ ଝଙ୍କୃତ ହେଉ ।

କେବଳ ଇସ୍ପାତ ନଗରୀ ନୁହେଁ, ବାସ୍ତବରେ ରାଉରକେଲା ଭାରତବର୍ଷର ଏକ କ୍ଷୁଦ୍ର ରୂପ । କାରଣ ଏଠାରେ ସବୁ ଧର୍ମର ଲୋକ ଏକତ୍ର ହୋଇଛନ୍ତି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ଶିଖ ଓ ବୌଦ୍ଧ ସମସ୍ତେ । ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମରୁ ସେମାନେ ଆସିଛନ୍ତି । କବିଗୁରୁ ରବୀନ୍ଦ୍ରନାଥଙ୍କ ଭାଷାରେ, "ଏଇ ଭାରତେର ମହାମାନବେର ସାଗରତୀରେ........" ସବୁ ଧର୍ମ, ସବୁ ସଂପ୍ରଦାୟ ଓ ସବୁ ଭାଷାର ଲୋକ ଏଠାରେ ଏକତ୍ରିତ । ତେଣୁ ରାଉରକେଲା ନବଭାରତର ତୀର୍ଥଭୂମି ।

ଉତ୍କଳ ସମ୍ମିଳନୀ ଉପଲକ୍ଷେ ରଚିତ "ଭାରତ ଗୀତିକା" ରେ କବିବର ରାଧାନାଥ ରାୟ ଓଡ଼ିଶାର ବର୍ଣ୍ଣନା ଦେଇଛନ୍ତି : "ଭାରତ ପଙ୍କଜ ଦଳମିବ ଉତ୍କଳମ୍" । ଅର୍ଥାତ୍ ଓଡ଼ିଶା ହେଉଛି ଭାରତ ରୂପକ ପଦ୍ମଫୁଲର ଗୋଟିଏ ପାଖୁଡ଼ା । ତେଣୁ ଆଜି ଯେତେବେଳେ ଉତ୍କଳର ମହାନ୍ ବିଭୂତି ଆମେ ଦେଖିବାକୁ ଚାହୁଁଛେ, ସେତେବେଳେ ଭାରତବର୍ଷର ମହାନ୍ ବିଭୂତିରେ, ଭାରତ ବର୍ଷର ମହାନ୍ ଅଗ୍ରଗତିରେ, ଭାରତବର୍ଷର ମହାନ୍ ନବ ନିର୍ମାଣରେ ଆମେ ଉତ୍କଳର ସ୍ୱରୂପ ଦର୍ଶନ କରି ପାରିବା । ତାହାହିଁ ଏହି ରାଉରକେଲାରେ ।

ପ୍ରାଚୀନ ତୀର୍ଥର ସଂଜ୍ଞା ଦୃଷ୍ଟିରୁ ଏହା ଏକ ପ୍ରକୃତ ତୀର୍ଥ । ଏଠାରେ ଶଙ୍ଖ ଏବଂ କୋଏଲ ନଦୀ ଦୁଇଟିର ମିଳନ ଘଟିଛି । ଯେଉଁଠି ଦୁଇଟି ନଦୀର ମିଳନ ଘଟେ ସେ ସ୍ଥାନର ନାମ ପ୍ରୟାଗ ଏବଂ ତାହା ହେଉଛି ଏକ ତୀର୍ଥ ସ୍ଥାନ । କିମ୍ବଦନ୍ତୀ କହେ ଏହା ବେଦବ୍ୟାସଙ୍କ ଜନ୍ମଭୂମି । ଆଉ କିମ୍ବଦନ୍ତୀର ବେଦବ୍ୟାସ ସମସ୍ତ କବି ଓ ସାହିତ୍ୟିକଙ୍କର ଗୁରୁ ; ବ୍ୟାସଂ ବନ୍ଦେ ଜଗଦ୍‌ଗୁରୁମ୍ । କେବଳ କବି ଲେଖକଙ୍କର ନୁହେଁ, ସମସ୍ତ ଜଗତର ସେ ହେଉଛନ୍ତି ଗୁରୁ ।

## ଆର୍ଯ୍ୟସ୍ରୋତ ଓ ଆଦିସ୍ରୋତ

ଅନେକେ ସୁନ୍ଦରଗଡ଼ ଜିଲ୍ଲାକୁ ଆଦିବାସୀ ଜିଲା ବୋଲି କହନ୍ତି । ମାତ୍ର ଏହା ଏକ ଭୁଲ ଧାରଣା । ଯେତେବେଳେ ଭାରତ ବର୍ଷର ଇତିହାସ ଚିନ୍ତା କରାଯାଏ, ସେତେବେଳେ କେଉଁ ଅବସ୍ଥାରେ ସଭ୍ୟ ମନୁଷ୍ୟ ଏଠାରେ ଜନ୍ମ ଗ୍ରହଣ କରିଥିଲା, ତାର ବିଚାର କରାଯାଏ, ସେତେବେଳେ କଳ୍ପନା କରାଯାଏ, କେତେ ହଜାର ବର୍ଷ ତଳେ ମନୁଷ୍ୟ ଏ ଭାରତ ବର୍ଷରେ ରହିଥିଲା । ସେ ସଂପର୍କରେ ସିଦ୍ଧାନ୍ତ ଓ ଦୃଷ୍ଟାନ୍ତ ମଧ୍ୟ ଅନ୍ୱେଷଣ କରାଯାଏ । ଏବେ ମଧ୍ୟ ପ୍ରଦେଶରେ ଏକ ଗୁମ୍ଫା ଆବିଷ୍କାର କରାଯାଇଛି । ତା ନାଁ ଗାଙ୍ଗନପୁର । ସେ ଗୁମ୍ଫାରେ ଶିକାର ଚିତ୍ର ରହିଛି । ସେହି ଶିକାର ଚିତ୍ରକୁ ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ଭୂତତ୍ତ୍ୱବିତ୍‌ମାନେ ଅନୁଶୀଳନ କରିଛନ୍ତି । ତାହା ଲକ୍ଷେ ବର୍ଷ ତଳର । କିନ୍ତୁ ହୁଏତ ଅନେକ ଜାଣନ୍ତି ନାହିଁ ଯେ ଆମ ସୁନ୍ଦରଗଡ଼ ଜିଲ୍ଲାରେ ଅଛି ମାଣିକମୁଣ୍ଡା ଓ ଉଷାକୋଠି । ସେ ଗୁମ୍ଫା ଭି[illegible] ଅଛି ଶିକାର ଚିତ୍ର, ଅନ୍ୟାନ୍ୟ [illegible] । ଆଜି ଏଇ ରୁଲେଣ୍ଡ ବ[illegible] ଏ ଲକ୍ଷେ ବର୍ଷ [illegible] ଏ ଆହ୍ୱାନ ହେଉଛି, ଆନ୍ତର୍ଜାତି[illegible] । କେବଳ ସେତିକି [illegible] ପ୍ରାଗୈତିହାସିକ ଯୁଗରୁ ଐତିହାସିକ ଯୁଗକୁ ଆସିବା, ଦେଖିବା ସୁନ୍ଦରଗଡ଼, ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ଏକ ଉଚ୍ଚ ସ୍ଥାନ ଅଧିକାର କରିଛି ।

ପ୍ରଥମେ ଯେଉଁମାନେ ଭାରତ ବର୍ଷରେ ରହୁଥିଲେ, ସେମାନେ କିଏ ତାହା ଜଣାପଡ଼ିନାହିଁ । ସାଧାରଣତଃ ପ୍ରତ୍ନ-

ତତ୍ତ୍ୱବିତ୍/ଐତିହାସିକମାନେ କହନ୍ତି ନେଗ୍ରିଟୋ ବା ନିଗ୍ରୋ ଜାତୀୟ ଲୋକେ ଭାରତ ବର୍ଷରେ ଥିଲେ । ତା'ପରେ ଆସିଲେ ଆଦିବାସୀ । ଅନେକେ ଭାବନ୍ତି ଆଦିବାସୀମାନେ ଭାରତରେ ପ୍ରଥମ । କିନ୍ତୁ ସବୁ ଆଦିବାସୀ ଭାରତରେ ପ୍ରଥମ ନୁହନ୍ତି । କେତେକେ ପ୍ରଥମ କିନ୍ତୁ ସବୁଠାରୁ ପ୍ରଥମ ନେଗ୍ରିଟୋମାନେ । ତାଙ୍କ ପରେ ଯେଉଁମାନେ ଆସିଲେ ସେମାନେ ହେଉଛନ୍ତି ଅଷ୍ଟ୍ରିକ୍ ଭାଷାଭାଷୀ । ସେ ଅଷ୍ଟ୍ରିକ୍ ଭାଷା ହେଉଚି ମୁଣ୍ଡାରୀ ଭାଷା । ଅଷ୍ଟ୍ରିକ୍ ଭାଷାଭାଷୀ ଲୋକେ ଏବେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲାରେ ବହୁ ସଂଖ୍ୟାରେ ରହିଛନ୍ତି । ସଂସ୍କୃତରେ ଏମାନଙ୍କୁ ନିଷାଦ ବୋଲି ବର୍ଣନା କରାଯାଇଚି । ଏମାନଙ୍କ ପରେ ଆସିଛନ୍ତି ଦ୍ରାବିଡ଼ମାନେ ଓ ତା'ପରେ ଆର୍ଯ୍ୟମାନେ ।

ଆର୍ଯ୍ୟମାନେ ଓଡ଼ିଶାକୁ ଦୁଇଟି ଧାରାରେ ଆସିଛନ୍ତି । ଗୋଟିଏ ଧାରା ହେଉଚି ମଗଧ ଏବଂ ବଙ୍ଗଦେଶ ବାଟ-ଦେଇ । ବଙ୍ଗର ପୂର୍ବନାମ ହେଉଚି ରାଢ଼ । ମଗଧ ଏବଂ ରାଢ଼ ଦେଇ ସେମାନେ ଓଡ଼ିଶାକୁ ଆସିଛନ୍ତି । ଦ୍ୱିତୀୟ ଧାରା କୋଶଳ ପଥରେ ଓଡ଼ିଶାକୁ ଆସିଚି । ସେ ସମୟର କୋଶଳ ଥିଲା ଦୁଇ ଭାଗରେ ବିଭକ୍ତ । ଗୋଟିଏ ଉତ୍ତର କୋଶଳ ଅନ୍ୟଟି ଦକ୍ଷିଣ କୋଶଳ । ଉତ୍ତର କୋଶଳର ନାମ ଅଯୋଧ୍ୟା । ଦକ୍ଷିଣ କୋଶଳ ହେଉଚି, ବର୍ତ୍ତମାନର ମହାକୋଶଳ । ଏହି ଦକ୍ଷିଣ କୋଶଳ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ । ଯେଉଁ ଧାରା ଓଡ଼ିଶାକୁ ପ୍ରବେଶ କରିଥିଲା, ତାହା ଏଇ ବାଟେ ପ୍ରବେଶ କରିଥିଲା । ଆର୍ଯ୍ୟମାନେ ଯେତେବେଳେ ଓଡ଼ିଶାର ଭୂମି ସ୍ପର୍ଶ କଲେ ସେତେବେଳେ ଉତ୍ତରରେ ସେମାନେ ସ୍ପର୍ଶ କଲେ ରାଢ଼ଦେଶ ପଟୁ ଏବଂ ପଶ୍ଚିମରେ ସେମାନେ ସ୍ପର୍ଶ କଲେ କୋଶଳ ପଟୁ ସୁନ୍ଦରଗଡ଼ ଜିଲ୍ଲାରେ । ଅତଏବ ସୁନ୍ଦରଗଡ଼ ଜିଲ୍ଲାର ଇତିହାସ ଅତି ପ୍ରାଚୀନ । ଓଡ଼ିଶାର ଇତିହାସ ଯେଉଁଠୁ ଆରମ୍ଭ ହୋଇଚି, ସୁନ୍ଦରଗଡ଼ ଜିଲ୍ଲାର ଇତିହାସ ସେଇଠାରୁ ଆରମ୍ଭ ହୋଇଚି ।

କେବଳ ସେତିକି ନୁହେଁ, ବୌଦ୍ଧ ଧର୍ମର ଅଭ୍ୟୁଦୟ ଘଟିଚି ସୁନ୍ଦରଗଡ଼ରେ । ବୌଦ୍ଧମାନଙ୍କ ପରେ କୁଶାନମାନଙ୍କ ସମୟର ବହୁ ସ୍ୱର୍ଣମୁଦ୍ରା ସୁନ୍ଦରଗଡ଼ ଜିଲ୍ଲାରେ ମିଳିଚି । ଏଥିରୁ ଜଣାଯାଏ କୁଶାନମାନେ ଯେତେବେଳେ ଭାରତରେ ରାଜତ୍ୱ କରୁଥିଲେ, ସମ୍ଭବତଃ ସୁନ୍ଦରଗଡ଼ର ବଣିକମାନେ କୁଶାନ ସାମ୍ରାଜ୍ୟରେ ବାଣିଜ୍ୟ କରୁଥିଲେ । ତେଣୁ ଆଜି ଏଠାରେ ସ୍ୱର୍ଣମୁଦ୍ରା ଦେଖିବାକୁ ମିଳୁଚି । ଏକଦା ଭାରତ ବର୍ଷରେ ନୌବାଣିଜ୍ୟ ଏବଂ ସ୍ଥଳ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଯଥେଷ୍ଟ ସୁନାମ ଥିଲା । ଗୌତମ ବୁଦ୍ଧଙ୍କର ପ୍ରଥମ ଦୁଇଜଣ ଶିଷ୍ୟ (ଗୃହସ୍ଥ) ଥିଲେ ଉତ୍କଳୀୟ : ତପୁସ୍ସା ଓ ଭଲ୍ଲୀକ । ଏ ଦୁହେଁ ଥିଲେ ବଣିକ । କଥିତ ଅଛି ଭଗ୍ଗା ବା ଓଡ଼ିଶା ରାଜ୍ୟରୁ ସେମା[illegible] ଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସୁନ୍ଦ[illegible] ବାଣିଜ୍ୟ ସଂପର୍କ ପ୍ରତିଷ୍ଠିତ ଥିଲା । ତାପ [illegible] ଯେତେବେଳେ ଓଡ଼ିଶାରେ ସୋମବଂଶୀ ରାଜାମାନେ ରାଜପଣ କରୁଥିଲେ, ସେତେବେଳେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲାରେ ସୋମବଂଶୀ ରାଜାମାନେ ଥିଲେ । ଏଇ ସମୟକୁ ଓଡ଼ିଶାର ସ୍ୱର୍ଣଯୁଗ ବୋଲି କୁହାଯାଉଛି । ଯେତେବେଳେ ଅନଙ୍ଗଭୀମ ଦେବ ତୃତୀୟ, ଜଗନ୍ନାଥଙ୍କର ରାଉତ ବା ପ୍ରତିନିଧି ବୋଲି ନିଜକୁ ବର୍ଣନା କରିଥିଲେ, ସେ ସୁନ୍ଦରଗଡ଼ ଜିଲ୍ଲାକୁ ଆସଥିଲେ ଓ ଏଠାରେ ନଜର 'ରାଜ୍ୟ ବିସ୍ତାର କରିଥିଲେ । ବାସ୍ତବରେ ସୁନ୍ଦରଗଡ଼ ଜିଲ୍ଲା ଓଡ଼ିଶା ଇତିହାସରେ ଏକ ସ୍ୱର୍ଣିମ ଅଧ୍ୟାୟ ।

### ଭାଷା ଓ ସାହିତ୍ୟ

ସାହିତ୍ୟ କ୍ଷେତ୍ରରେ, ଭାଷା କ୍ଷେତ୍ରରେ ନବ ଜାଗରଣ ସୃଷ୍ଟି କରିବା ଯେ କୌଣସି ସାହିତ୍ୟ ସମାରୋହର ଉଦ୍ଦେଶ୍ୟ । ସମ୍ମିଳନୀରେ ସାହିତ୍ୟିକ ସୃଷ୍ଟି ହୁଅନ୍ତି ନାହିଁ, ମାତ୍ର ସାହିତ୍ୟର ବାତାବରଣ ସୃଷ୍ଟି ହୁଏ । ଏହି ବାତାବରଣ ସୃଷ୍ଟି କରିବା ପାଇଁ ସଂଗଠନମାନଙ୍କୁ ଯତ୍ନଶୀଳ ହେବାକୁ ହୁଏ ।

ଭାଷା ଏବଂ ସାହିତ୍ୟ ଏକ ନୁହେଁ । ପୃଥିବୀରେ ବହୁ ଭାଷା ଅଛି । ପ୍ରାୟ ସ୍ୱରିହଜାର ଭାଷା ବା ବୋଲି ଅଛି କିନ୍ତୁ ସାହିତ୍ୟ ଅଛି ଖୁବ୍ କମ୍ । ମାତ୍ର ଦଶ ବାରୋଟି ସାହିତ୍ୟ ପୃଥିବୀରେ ପ୍ରସିଦ୍ଧି ଲାଭ କରିଚି । ଭାରତ ବର୍ଷରେ ୮୪୫ଟି ଭାଷା ବା ବୋଲି ଅଛି । ମାତ୍ର ସେଥିମଧ୍ୟରୁ ୧୪ଟି ଭାଷା ପ୍ରାଧାନ୍ୟ ଲାଭ କରିଚି । ତା' ମଧ୍ୟରେ ଓଡ଼ିଆ ଅନ୍ୟତମ । ଓଡ଼ିଆ ଭାଷାରେ ସମୁଜ୍ଜ୍ୱଳ ସାହିତ୍ୟ ରହିଚି । ସେ ଦୃଷ୍ଟିରୁ ଆମେ ଯଦି ବିଚାର କରିବା ଆମର ସାହିତ୍ୟ କିପରି ପ୍ରାଚୀନ, ଆମର ବିଭବ କିପରି ପ୍ରାଚୀନ, ତାହା ଆମେ ଅନୁଭବ କରି ପାରିବା । ଓଡ଼ିଆ ସାହିତ୍ୟର ଆରମ୍ଭ କେବେ ଏ ସଂପର୍କରେ କେତୋଟି କଥା ପ୍ରମାଣିତ ହୋଇଛି । ଓଡ଼ିଆ ପଦ୍ୟ ସାହିତ୍ୟର ଇତିହାସ ହେଉଚି ପ୍ରାୟ ତେରଶ ବର୍ଷର । କାରଣ ଯେତେବେଳେ ବୌଦ୍ଧଗାନ ଦୋହା ଆରମ୍ଭ ହେଲା ସେ ଦୋହାର ଜଣେ ପ୍ରଧାନ ଆଚାର୍ଯ୍ୟ କୃଷ୍ଣାମ୍ବା ବା କୃଷ୍ଣାପ୍ପା ଓଡ଼ିଶାର ଲୋକ ଥିଲେ । କାରଣ ବୌଦ୍ଧଗାନ ଦୋହା ଯେଉଁସବୁ ଭାଷା ଦାବୀ କରନ୍ତି ତା' ଭିତରେ ଓଡ଼ିଆ ଭାଷା ଅନ୍ୟତମ । ତାକୁ ଯଦି ଆମର ପଦ୍ୟ ସାହିତ୍ୟର ଆରମ୍ଭ ବୋଲି କୁହାଯାଏ, ତା'ହେଲେ ଏ ପଦ୍ୟ ସାହିତ୍ୟ ହେଉଚି ତେରଶ ବର୍ଷ ତଳର । ଯଦ ଗଦ୍ୟ ସାହିତ୍ୟକୁ ବିଚାର କରାଯାଏ, ତା'ହେଲେ ଅନନ୍ତ ବର୍ମ ବଜ୍ରହସ୍ତଦେବଙ୍କ ଶିଳାଲେଖ (୧୦୫୧ ମସିହା ହିଁ) ଓଡ଼ିଆ ଭାଷାର ଆଦ୍ୟକାଳ । ତାକୁ ଯଦ ଗ୍ରହଣ କରାନଯାଏ, ତ୍ରୟୋଦଶ ଶତାବ୍ଦୀରେ ମିଳିଥିବା ଶିଳାଲେଖରୁ ପ୍ରମାଣିତ ହେଉଚି ଯେ ଗଦ୍ୟ ସାହିତ୍ୟ ସେଇଠାରୁ ଆରମ୍ଭ ହୋଇଥିଲା । ତେଣୁ ପଦ୍ୟ ସାହିତ୍ୟର ଇତିହାସ ତେରଶ ବର୍ଷର ଓ ଗଦ୍ୟ ସାହିତ୍ୟର ଇତିହାସ ସାତଶ ବର୍ଷର । ପ୍ରାଚୀନତା ଦୃଷ୍ଟିରୁ ପୃଥିବୀର ଅଳ୍ପ କେତେକ ଭାଷା ଓ ସାହିତ୍ୟକୁ ଓଡ଼ିଆ ଭାଷା ଓ ସାହିତ୍ୟ ସହିତ ତୁଳନା କରାଯାଇପାରେ । ଆମର ଏହି ପ୍ରାଚୀନ ଭାଷା ଓ ସାହିତ୍ୟ ବିଭିନ୍ନ ସମୟରେ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇଚି । ଯେତେବେଳେ ଯେଉଁ ଚ୍ୟାଲେଞ୍ଜ ଆସିଚି, ସାହିତ୍ୟିକମାନେ ତାହା ଗ୍ରହଣ କରିଛନ୍ତି ।

### ଲିପି ସଂସ୍କାର

ଭାଷାର ବାହକ ହେଉଚି ଲିପି । ଏ ପର୍ଯ୍ୟନ୍ତ ଓଡ଼ିଶାରେ ଲିପି ସଂସ୍କାର ହୋଇନାହିଁ । ମିଶନାରୀମାନେ ଯେଉଁ ଟାଇପ୍ ସୃଷ୍ଟି କରିଥିଲେ, ସେହି ଟାଇପ୍‌ର ଲିପି

ଏବେ ମଧ୍ୟ ପ୍ରଚଳିତ । ଏ ଟାଇପ ବା ଲିପିର ଦୁଇ ତୃତୀୟାଂଶ ମୁଣ୍ଡୁଳା ବୁଲାଇବାରେ ଗ୍ରାସି ଯାଉଛି । ମାତ୍ର ଏକ ତୃତୀୟାଂଶ ହେଉଛି ପ୍ରକୃତ ଅକ୍ଷର । ମାତ୍ର ତାମ୍ର ଲେଖର ଲିପିଗୁଡ଼ିକରେ ଏପରି ମୁଣ୍ଡୁଳା ନାହିଁ । ଏ ମୁଣ୍ଡୁଳା ସୃଷ୍ଟି ହୋଇଛି, ତାଳପତ୍ରରେ ଲେଖିଲା ବେଳେ । ପରବର୍ତ୍ତୀ କାଳରେ ମିଶନାରୀମାନେ ସେହି ଅନୁସାରେ ଟାଇପ ସୃଷ୍ଟି କରିଛନ୍ତି । ଫଳରେ ବର୍ତ୍ତମାନ ଆମର ଏ ଲିପି ରହି ଯାଇଛି । ଏହି ଲିପିକୁ ଅପରିବର୍ତ୍ତନୀୟ ବୋଲି ଗ୍ରହଣ କରାଯାଇଛି । ମୋ ମତରେ ଏହି ଲିପିର ସଂସ୍କାର ହେବା ଉଚିତ । ଲିପି ସଂସ୍କାର ପାଇଁ ସାହିତ୍ୟିକମାନଙ୍କ ପକ୍ଷରୁ ମଧ୍ୟ ଦାବୀ ହେବା ଦରକାର । କାରଣ ଗୋଟିଏ ଲିପି ଶତାଧିକ ବର୍ଷ ଧରି ପ୍ରଚଳିତ ହେବା ପରେ ସାଧାରଣ ଭାବରେ ପାଠକମାନେ ତାହାକୁ ଗ୍ରହଣ କରି ନ ପାରନ୍ତି । ତେଣୁ ସାହିତ୍ୟିକମାନଙ୍କ ପକ୍ଷରୁ ଗୋଟିଏ ବୈଜ୍ଞାନିକ ଲିପି ପାଇଁ ଯଦି ଦାବୀ ନ ହୁଏ, ତାହାହେଲେ ସେ ଲିପି ସମାଜରେ ସାଧାରଣ ଭାବରେ ଗୃହୀତ ହେବନାହିଁ । ସେଥିପାଇଁ ଲିପି ସଂସ୍କାର ନିମନ୍ତେ ଲେଖକ ସଙ୍ଗଠନମାନେ ଜାଗ୍ରତ ହେବା ଦରକାର । ଲିପି ସଂସ୍କାର ସହିତ ଜଡ଼ିତ ଦ୍ୱିତୀୟ ପ୍ରଶ୍ନ ହେଉଛି, ଓଡ଼ିଆ ଟାଇପ ରାଇଟରର ପରିବର୍ତ୍ତନ । ଏଥିପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି ଏବଂ ଶୀଘ୍ର ତାହା ପରିବର୍ତ୍ତନ କରାଯିବ । କିନ୍ତୁ ଲିପି ସଂସ୍କାର ପରେ ଏ ପରିବର୍ତ୍ତନ ଅଧିକ ଭଲ ଭାବରେ ହୋଇ ପାରିବ । ଅବଶ୍ୟ ଲିପି ସଂସ୍କାର ସମୟ ସାପେକ୍ଷ । ସେଥିପାଇଁ ଅପେକ୍ଷା ନ କରି ଓଡ଼ିଆ ଟାଇପରାଇଟରର ପରିବର୍ତ୍ତନ କରାଯାଉଛି । ଇଂରେଜୀ ଟାଇପ୍‌ରାଇଟରର କି ବୋର୍ଡ ଯେତିକି, ଓଡ଼ିଆ ଟାଇପରାଇଟରରେ ତା'ଠାରୁ ଅଧିକ ହେବ ବୋଲି ଯେଉଁ ଧାରଣା ଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି । ଓଡ଼ିଆ ଟାଇପ୍‌ରାଇଟର ଇଂରେଜୀ ଟାଇପ୍‌ରାଇଟରର ସମକକ୍ଷ ହୋଇ ପାରିବ । ଏହି ଅଭିମୁଖ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଆ ଟାଇପ୍‌ରାଇଟରର ଖୁବ୍ ଶୀଘ୍ର ସଂସ୍କାର କରାଯାଉଛି ।

ପରିବର୍ତ୍ତନର ଆଉ ଏକ ଦିଗ ଏବେ ପୃଥିବୀ ବ୍ୟାପୀ ଆଲୋଡନ ସୃଷ୍ଟି କରିଛି । ଛାପା କାର୍ଯ୍ୟରେ ଏବେ ଏପରି ପରିବର୍ତ୍ତନ ହେଲାଣି, ଟାଇପରେ ବର୍ତ୍ତମାନ ଏପରି ପରିବର୍ତ୍ତନ ହେଲାଣି ଯେ କମ୍ପ୍ୟୁଟର ସାହାଯ୍ୟରେ ଏ ସବୁ କରାଯାଇ ପାରୁଛି । ବର୍ତ୍ତମାନ ଯେଉଁ ଛାପା କାର୍ଯ୍ୟ ହେଉଛି ସେଥିରେ ଲାଇନୋ ଏବଂ ମନୋ ବହୁତ ପଛରେ ପଡ଼ିଗଲାଣି । ଏହାର ଆବଶ୍ୟକତା ଆଉ କେହି ଅନୁଭବ କରୁ ନାହାନ୍ତି । ବରଂ ଏସବୁ ମେସିନ ବିକ୍ରୀ କରିବାପାଇଁ ସମସ୍ତେ ବ୍ୟାକୁଳ । ଏବେ ଫଟୋ ପ୍ରେସ ଆରମ୍ଭ ହୋଇଗଲାଣି । ଇଲେକ୍‌ଟ୍ରୋନିକ କମ୍ପ୍ୟୁଟର ସାହାଯ୍ୟରେ ମୁଦ୍ରଣ ହେଲାଣି । କାହିଁ ଇଲେକ୍‌ଟ୍ରୋନିକ କମ୍ପ୍ୟୁଟର କାହିଁ ହାତ ଗୁଣ୍ଠା ଅକ୍ଷର ? ସେଇ ପୁରୁଣା ଅକ୍ଷରର ଦୁଇ ତୃତୀୟାଂଶ ପୁଣ ମୁଣ୍ଡୁଳା । ବାସ୍ତବରେ ଆମେ ବହୁତ ପଛରେ ରହିଛେ । ଅତ୍ୟାଧୁନିକ ଛାପା ପ୍ରଣାଳୀ ସହିତ ସୁପରିଚିତ ହୋଇ ଆମେ କିପରି ଲିପି ସଂସ୍କାର କରି ପାରିବା, ତାହା ବଡ଼ କଥାର ବିଷୟ ।

ଶାସନ ଏ ଦିଗରେ ଯାହା କରିବାର କଥା କରିବ । ମାତ୍ର ଶାସନ କେବେ ହେଲେ ସାହିତ୍ୟ ସୃଷ୍ଟି କରି ପାରିବ ନାହିଁ । ଥରେ ନେପୋଲିଅନ୍ ବୋନାପାର୍ଟ ତାଙ୍କ ମନ୍ତ୍ରୀଙ୍କୁ ଡାକି କହିଥିଲେ, "ତମେ ଜଣେ କବି ସୃଷ୍ଟି କରି ପାରିବ ? ଆମ ସାମ୍ରାଜ୍ୟର ଗୌରବ ଗାନ କରିବା ପାଇଁ ଆମର ଜଣେ କବି ଲୋଡ଼ା ।" ମନ୍ତ୍ରୀ ଉତ୍ତର ଦେଇଥିଲେ, "ସମ୍ରାଟ, ଆମେ କବି ସୃଷ୍ଟି କରି ପାରିବା ନାହିଁ । ଅବଶ୍ୟ ବନ୍ଦନା ଗାନ କରିବା ପାଇଁ କେତେକଙ୍କୁ ଅଣାଯାଇପାରେ । ମାତ୍ର ସେମାନଙ୍କୁ କବି କୁହାଯାଇ ପାରିବ ନାହିଁ" ।

## ସୃଜନ-ସ୍ୱପ୍ନ

ସାହିତ୍ୟ, ସମାଜ ଓ ଶାସନ କେବେହେଲେ କବି ସୃଷ୍ଟି କରି ପାରିବ ନାହିଁ । ଶାସନ କେବଳ ବାତାବରଣ ସୃଷ୍ଟି କରି ପାରିବ । ବିଭିନ୍ନ ସମୟରେ ଭାରତବର୍ଷରେ ଏପରି ବାତାବରଣ ବିଭିନ୍ନ ଶାସନ ପକ୍ଷରୁ ସୃଷ୍ଟି କରା ଯାଇଥିଲା । ଶାସନ କୌଣସି ସାହିତ୍ୟିକଙ୍କୁ, କବିଙ୍କୁ ଦବାଇ ପାରିବ ନାହିଁ । କବି ଏବଂ ସାହିତ୍ୟିକ ଶାସନର, ସମାଜର ଓ ସର୍ବସାଧାରଣଙ୍କର ନମସ୍ୟ । ଭର୍ତୃହରିଙ୍କର ସେହି ଶ୍ଳୋକଟି ମନେ ପଡୁଛି :

"ଅମ୍ଭୋଜିନୀ ବନନିବାସ ବିଳାସମେବ
ହଂସସ୍ୟ ହନ୍ତି ନିତରାଂ କୁପିତୋ ବିଧାତା
ନତ୍ୱସ୍ୟ ଦୁଗ୍ଧ ଜଳଭେଦ ବିଧୌ ପ୍ରସିଦ୍ଧାଂ
ବୈଦଗ୍ଧ୍ୟ, କୀର୍ତ୍ତିମହହର୍ତ୍ତୁମୟଂ ସମର୍ଥଃ ।"

ଏହାର ଅର୍ଥ—ପଦ୍ମବନରେ ହଂସ ବାସ କରେ । ଯଦି ବିଧାତା ତା' ଉପରେ କୋପ ଦୃଷ୍ଟି ପକାନ୍ତି, କୁହୁଡ଼ି ବର୍ଷାକରି ତାର ପଦ୍ମବନ ନଷ୍ଟକରି ଦେଇ ପାରନ୍ତି କିନ୍ତୁ ତାର ଯେଉଁ ବିଶେଷତ୍ୱ ଅର୍ଥାତ୍ କ୍ଷୀର ନୀର ଭିନ୍ନ କରିବାର ମହାନ୍‌ଗୁଣକୁ ସେ ନଷ୍ଟ କରି ପାରନ୍ତି ନାହିଁ । ଅତଏବ କବିର ମହତ୍ୱ, ବୈଶିଷ୍ଟ୍ୟ ବା ପ୍ରତିଭାକୁ କୌଣସି ଶାସନ କେବେହେଲେ ପଣ୍ଡ କରି ପାରିବ ନାହିଁ । ତେଣୁ କବି ହେଉଛନ୍ତି ଶାସନର ଗୌରବ । ଯେଉଁ ଦେଶରେ କବି ନାହାନ୍ତି, ସାହିତ୍ୟିକ ନାହାନ୍ତି, ଯେଉଁ ଦେଶରେ ସୃଷ୍ଟିର ସ୍ୱର ଅନୁରଣିତ ହୁଏ ନାହିଁ ସେ ଦେଶ ସଭ୍ୟ ପଦବାଚ୍ୟ ନୁହେଁ ।

ସଂସ୍କୃତିର ବିକାଶ ଦାୟିତ୍ୱ ମୁଖ୍ୟତଃ ସାହିତ୍ୟିକ ଉପରେ ନ୍ୟସ୍ତ ଥାଏ । ଅପସଂସ୍କୃତିରୁ ନିଜ ଦେଶ, ଜାତି ଓ ଭାଷାକୁ ରକ୍ଷା କରିବା ସାହିତ୍ୟିକର ବିଶେଷ ଦାୟିତ୍ୱ । ଏସବୁ କ୍ଷେତ୍ରରେ ଯୁଗ ଯୁଗ ଧରି ଚ୍ୟାଲେଞ୍ଜର ମୁକାବିଲା କରିବାକୁ ପଡେ । ଆଜି ଏଇ ଚ୍ୟାଲେଞ୍ଜ ବା ଆହ୍ୱାନଟି କଣ ? ଏ ଆହ୍ୱାନ ହେଉଛି, ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁପ୍ରତିଷ୍ଠିତ କରିବା । ଦିନେ ସାରଳା ଦାସଙ୍କ ପାଖରେ ଏପରି ଆହ୍ୱାନ ଆସି ପହଞ୍ଚିଥିଲା ଏବଂ ସେ ଆହ୍ୱାନର ଉତ୍ତରରେ ସେ ବିରାଟ ମହାଭାରତ ଲେଖିଥିଲେ । ସେତେବେଳେ ଆମର ଭାଷା ଓ ସାହିତ୍ୟ ସୀମାବଦ୍ଧ ଥିଲା ତାମ୍ରଲିପି ଭିତରେ, ଶିଳାଲେଖ ଭିତରେ ଓ ଅଳ୍ପ କେତୋଟି

ଗଦ୍ୟ କାବ୍ୟରେ । ମାତ୍ର ବଙ୍ଗଳା ଭାଷାରେ ମହାଭାରତ ଲେଖାଗଲା ଏହାର ଶହେ ବର୍ଷ ପରେ । ସାରଳା ଓଡ଼ିଆ ସାହିତ୍ୟକୁ ଶ୍ରେଷ୍ଠ ସାହିତ୍ୟ ରୂପେ ପ୍ରତିଷ୍ଠିତ କରିଗଲେ । ଏ ଆହ୍ୱାନ ପୁଣି ଆସିଲା ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାର ଭାଗ୍ୟରବି ଯେତେବେଳେ ଅସ୍ତପ୍ରାୟ, ସେଇ ଅସ୍ତରାଗରେ ନବ ଯୁଗର ଆଲୋକ ପ୍ରଜ୍ୱଳିତ କଲେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ଦାସ । ପଞ୍ଚସଖା ଆଲୋକର ଯେଉଁ ପଞ୍ଚଶିଖା ଜାଳି ଦେଲେ ତାହା ଅନ୍ଧକାର ଯୁଗରେ ଜାତିକୁ ବାଟ ଦେଖାଇଲା, ଓଡ଼ିଆ ସାହିତ୍ୟ, ଓଡ଼ିଆ ସଂସ୍କୃତି ଯେ ଲୁପ୍ତ ହେବାର ନୁହେଁ ତାହା ପ୍ରମାଣିତ ହେଲା ।

ପରବର୍ତ୍ତୀ କାଳରେ ପୁଣି ଉପେନ୍ଦ୍ର ଭଞ୍ଜ ଏହି ଚ୍ୟାଲେଞ୍ଜର ସମ୍ମୁଖୀନ ହେଲେ । ସଂସ୍କୃତ ଭାଷାରେ ପଦ ସଂଯୋଜନା ଓ ଅଳଙ୍କାର ସୃଷ୍ଟିର ଚମତ୍କାରିତା ସର୍ବତ୍ର ପ୍ରଶଂସିତ ହୋଇଥିଲା । ତାଙ୍କର କୃତୀ ମାଧ୍ୟମରେ ଉପେନ୍ଦ୍ର ଭଞ୍ଜ ପ୍ରମାଣ କରି ଦେଇ ଗଲେ ଯେ ସଂସ୍କୃତ ଭାଷାରେ ଯାହା ସମ୍ଭବ, ଓଡ଼ିଆ ଭାଷାରେ ମଧ୍ୟ ତାହା ସମ୍ଭବ । ତାଙ୍କୁ ଆଜି ନୈଷଧର କବି ଶ୍ରୀହର୍ଷ ଓ ମାଘଙ୍କ ସହିତ ତୁଳନା କରାଯାଏ । ମାଘ ଓ ଶ୍ରୀହର୍ଷ ଯାହା କରି ପାରିଛନ୍ତି ଉପେନ୍ଦ୍ର ଭଞ୍ଜ ତାଙ୍କର ଶତାଧିକ ଲେଖାରେ ତାହା ସମ୍ଭବ କରି ପାରିଛନ୍ତି ।

ପୁଣି ଥରେ ଏ ଆହ୍ୱାନର ମୁକାବିଲା କରିଛନ୍ତି ରାଧାନାଥ, ଫକୀରମୋହନ, ମଧୁସୂଦନ, ଏ ଆହ୍ୱାନ ଆସିଥିଲା ପଡୋଶୀ ବଙ୍ଗ ପ୍ରଦେଶରୁ । ସେତେବେଳେ କେତେକ ପରିହାସ କରି କହୁଥିଲେ ଓଡ଼ିଆ ଭାଷା ବୋଲି କୌଣସି ଭାଷା ନାହିଁ, ସାହିତ୍ୟ ନାହିଁ । ଏହି ସାଂସ୍କୃତିକ ସଙ୍କଟ ସମୟରେ ତିନିଜଣ ଦିଗ୍‌ଗଜ ଉକ୍ତ ପରିହାସକୁ ଅପ୍ରମାଣିତ କରି ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିଥିଲେ । ଏମାନେ ହେଲେ ବଙ୍ଗଳାରେ ମାଇକେଲ ମଧୁସୂଦନଙ୍କପରି ଓଡ଼ିଶାରେ ରାଧାନାଥ ରାୟ ଅମିତ୍ରାକ୍ଷର ଛନ୍ଦ ସୃଷ୍ଟି କଲେ, ଅନେକ ନୂତନ ଛନ୍ଦ ଓ ନୂତନ ସଙ୍ଗୀତ ସୃଷ୍ଟିକରି ଓଡ଼ିଆକୁ ସେ ଭାରତର ଅନ୍ୟତମ ଶ୍ରେଷ୍ଠ ଭାଷାରୂପେ ସ୍ୱୀକୃତ କରାଇଲେ । ସେହିପରି ଫକୀର ମୋହନଙ୍କର ଅନବଦ୍ୟ ଗଳ୍ପ ଓ ଉପନ୍ୟାସ ମାଳା ।

ଏ ସବୁରୁ ପ୍ରମାଣ ମିଳୁଛି ଯେ, ଜଣେ କବି, ଜଣେ ସାହିତ୍ୟିକ ମଧ୍ୟ ନିଜର ବ୍ୟକ୍ତିଗତ ଉଦ୍ୟମରେ ନିଜର ଭାଷା ଓ ସାହିତ୍ୟକୁ ବିଶ୍ୱବିଶ୍ରୁତ କରାଇ ପାରିଛନ୍ତି । ଜଗନ୍ନାଥ ଦାସଙ୍କ ସମୟ ଥିଲା ଅନ୍ଧକାରାଚ୍ଛନ୍ନ; ଉପେନ୍ଦ୍ର ଭଞ୍ଜଙ୍କ ଯୁଗରେ ଅନୁରୂପଭାବେ ଅନ୍ଧକାର ଘୋଟିଥିଲା । ରାଧାନାଥଙ୍କର ଯୁଗଥିଲା ତିମିରାଚ୍ଛନ୍ନ । ଏହି ସମସ୍ତ ଯୁଗରେ ନିଜର ସାଧନା ବଳରେ ଆଜିର ଏହି ନୂତନ ଅଭ୍ୟୁଦୟ ଯୁଗରେ ତାହା ସମ୍ଭବ ହୋଇ ପାରିବ ନାହିଁ କାହିଁକି ?

### ଅଭ୍ୟୁଦୟର ଯୁଗ

ଓଡ଼ିଶାରେ ଏବେ ଅଭ୍ୟୁଦୟର ଯୁଗ ଆରମ୍ଭ ହୋଇଛି, ଭାରତବର୍ଷରେ ଓଡ଼ିଶା ତାର ସ୍ଥାନ ସମସ୍ତ କ୍ଷେତ୍ରରେ ଅଧିକାର କରିବା ପାଇଁ ଯୋଗ୍ୟ । କାରଣ ଓଡ଼ିଶାର ସଂସ୍କୃତି ଓ ସଭ୍ୟତା ତାର ପ୍ରାକୃତିକ ସମ୍ପଦ ସହିତ ଓତ-ପ୍ରୋତଃ ଭାବେ ଜଡ଼ିତ । ପୃଥିବୀରେ ବହୁ ପ୍ରାଚୀନ ସଭ୍ୟତା ଥିଲା । ସେ ସବୁ ସଭ୍ୟତା ଆଜି କିଛି ସ୍ଥାନ ଅଧିକାର କରି ନାହିଁ । ଦିନେ ବାବିଲୋନ୍ ସଭ୍ୟତା ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା । ସେ ସଭ୍ୟତା ଆଜି କାହିଁ ? ସେ ସଭ୍ୟତାର ଉତ୍ତରାଧିକାରୀ ଆଜି ଲେବାନନ ରାଜ୍ୟ । ଯେଉଁ କାର୍ଥେଜର ସଭ୍ୟତା ପୃଥିବୀର ଏକ ଶ୍ରେଷ୍ଠ ସଭ୍ୟତା ରୂପେ ଖ୍ୟାତି ଲାଭ କରିଥିଲା ସେ ସଭ୍ୟତା ଆଜି କାହିଁ ? ସେ ସଭ୍ୟତାର ଉତ୍ତରାଧିକାରୀ ହେଉଛି ଟ୍ୟୁନେସିଆ ରାଜ୍ୟ । ଟ୍ୟୁନେସିଆ ବା ଲେବାନନର କୌଣସି ପ୍ରାକୃତିକ ସମ୍ପଦ ନାହିଁ । ପ୍ରାକୃତିକ ସମ୍ପଦ ନ ଥିବା ଯୋଗୁଁ ମରୁ ଭିତରେ ସେ ସଭ୍ୟତା ବଞ୍ଚି ପାରିଲା ନାହିଁ ।

ଭାରତବର୍ଷରେ ବିଶେଷତଃ ଓଡ଼ିଶାରେ କିଛିକାଳ ଅନ୍ଧକାରମୟ ଯୁଗ ରହିଥିଲା କିନ୍ତୁ ସମସ୍ତ ପ୍ରକାର ପ୍ରାକୃତିକ ସମ୍ପଦ ଆମ ରାଜ୍ୟରେ ରହିଛି । ତେଣୁ ଆମେ ଅତୀତର ଗୌରବ ପୁନରୁଦ୍ଧାର କରି ପାରିବା । ଏପରି ସମ୍ପଦ ଜାପାନରେ ଥିଲା । ସୋଭିଏତ୍ ୟୁନିଅନରେ ଥିଲା । ନେପୋଲିଅନଙ୍କ ଦ୍ୱାରା ପରାଜିତ ହେବା ପରେ ସୋଭିଏତ୍ ୟୁନିଅନ ନିଜର ସାଂସ୍କୃତିକ ବିଭବ ତଥା ପ୍ରାକୃତିକ ବିଭବର ଉପଯୋଗ କରି ମାତ୍ର ପଚାଶ ଶହେ ବର୍ଷ ଭିତରେ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟ ରୂପେ ମର୍ଯ୍ୟାଦା ଲଭିଲା । ଆଠଶହ ବର୍ଷ ଭିତରେ ଜାପାନରେ ଉଲ୍ଲେଖ-ଯୋଗ୍ୟ ସାହିତ୍ୟ ନ ଥିଲା । ମେଇଜି ଯୁଗରୁ ତାର ଅଭ୍ୟୁଦୟ ଆରମ୍ଭ ହେଲା । ଓଡ଼ିଶାର ଐତିହ୍ୟ ଓ ପରମ୍ପରା ପରି ପ୍ରାକୃତିକ ସମ୍ପଦ ମଧ୍ୟ ରହିଛି । ତେଣୁ ଓଡ଼ିଶାର ଆଜି ନବ ନିର୍ମାଣ କାଳରେ ମୋର ଲେଖକ ବନ୍ଧୁମାନଙ୍କୁ ଆହ୍ୱାନ ସେମାନେ ଓଡ଼ିଆ ସାହିତ୍ୟକୁ ଉଚ୍ଚତମ କରାଇବା ପାଇଁ ପଣ କରିବେ ତାର ବନ୍ଦୋବସ୍ତ କରନ୍ତୁ । କାରଣ ଯାହା ଶ୍ରେୟ, ଶ୍ରେଷ୍ଠ, ଚିରସ୍ଥାୟୀ ତାହାର ସୃଷ୍ଟି ହିଁ ସତ୍ ସାହିତ୍ୟର ଧର୍ମ ।

କୁହାଯାଏ, ସାହିତ୍ୟିକର ଜୀବନ ଦାରିଦ୍ର୍ୟର ଜୀବନ । ଲକ୍ଷ୍ମୀ ଓ ସରସ୍ୱତୀ କେବେ ଏକାଠି ରହି ପାରନ୍ତି ନାହିଁ । କାରଣ ନିଜର ଦୁନିଆରେ ବ୍ୟସ୍ତ ରହି ସାହିତ୍ୟିକ କେବେ ଅର୍ଥ ଉପାର୍ଜ୍ଜନ ପ୍ରତି ଦୃଷ୍ଟି ଦେଇପାରେ ନାହିଁ । ସେଥିପାଇଁ ହୁଏତ କବିମାନେ ଏପରି କଳ୍ପନା କରିଛନ୍ତି । ଲକ୍ଷ୍ମୀ ସରସ୍ୱତୀ ଏକାଠି ରହି ପାରନ୍ତି ନାହିଁ ବୋଲି କହିଛନ୍ତି । କିନ୍ତୁ ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କର ସେ ବିବାଦ ବହୁ ଦେଶରେ ନାହିଁ । ସାହିତ୍ୟିକମାନେ ସେମାନଙ୍କ କୃତୀ ପାଇଁ ଉଚିତ ଅର୍ଥ ଉପାର୍ଜ୍ଜନ କରିପାରୁଛନ୍ତି ।

### ବ୍ୟକ୍ତି ଓ ବିଶ୍ୱ

ଆମ ସାହିତ୍ୟରେ ଅଧିକ ପୁସ୍ତକ ପ୍ରକାଶନ ପାଇଁ ଶାସନ ପକ୍ଷରୁ ପ୍ରୋତ୍ସାହିତ ପ୍ରକାଶକମାନଙ୍କର ପୁସ୍ତକ ଅଧିକରୁ ଅଧିକ କିଣିନିଆ ଯାଉଛି । ଦୃଷ୍ଟାନ୍ତ ସ୍ୱରୂପ, ଏ ବର୍ଷ ମଧ୍ୟରେ ୫ଟି କବିତା ପୁସ୍ତକ ପ୍ରକାଶ ପାଇଛି,

ଅତୀତରେ, ଅନ୍ତତଃ ତିନିବର୍ଷ ଭିତରେ, ସେତେ ପୁସ୍ତକ ପ୍ରକାଶ ପାଇ ନଥିଲା । ଏବେ ଏକ ଜାଗରଣ ଆରମ୍ଭ ହୋଇଚି । ମାତ୍ର ସାହିତ୍ୟିକ ବା କବି ଧନୀ ହେବାପାଇଁ ଲେଖେ ନାହିଁ । ଆମ ରାଜ୍ୟର ଅଧିକାଂଶ ଶ୍ରେଷ୍ଠ କବି ଦରିଦ୍ର । ସେମାନେ ନିଜ କୁଟୀର ଭିତରେ ମିଞ୍ଜି ମିଞ୍ଜି ଦୀପର ଆଲୋକରେ ସାଧନା କରି ସମସ୍ତ ପୃଥିବୀକୁ ଉଜ୍ଜ୍ୱଳ ଓ ଚମତ୍କୃତ କରି ପାରିଛନ୍ତି । ଏହାହିଁ ସାହିତ୍ୟିକ ଓ କବିର ଧର୍ମ । କବିର ଜୀବନକାଳ ସୀମିତ ହୋଇ ପାରେ ମାତ୍ର ତାର ରଚନା କାଳାତୀତ । ଗଳ୍ପ, କବିତା, ଉପନ୍ୟାସ ସମସ୍ତ କାଳ ପାଇଁ ।

ଆଜି ଜଣେ କବି ବା ଲେଖକ ଯାହା ଲେଖୁଚି ତାକୁ ସମାଜ ହୁଏତ ଆଦର କରି ନ ପାରେ । ତାର ଆଦର୍ଶକୁ ଗ୍ରହଣ କରି ନପାରେ । କିନ୍ତୁ ପୃଥିବୀ ବିପୁଳ ଓ କାଳ ଅନନ୍ତ । ଭବିଷ୍ୟତରେ ହୁଏତ କବି ଓ ଲେଖକ ବାହାରିବେ ଯେଉଁମାନେ ତାର ଆଦର୍ଶ ଅନୁସରଣ କରିବେ, ଜନଗଣ ତା'ର କୃତିରେ ଆନନ୍ଦ ଲାଭ କରିବେ । ଏହାକୁହିଁ ଲକ୍ଷ୍ୟ କରି ଭବଭୂତି ଲେଖିଥିଲେ—

ଉତ୍ପତ୍ସ୍ୟତେ ମମ କୋଽପି ସମାନ ଧର୍ମା ।<br>
କାଳୋଽୟଂ ନିରବଧି ବିପୁଳା ଚ ପୃଥ୍ୱୀ ।

ତେଣୁ ଶ୍ରେଷ୍ଠ ସାହିତ୍ୟ ରଚନା ଆମର ଲକ୍ଷ୍ୟ ହେଉ । ଓଡ଼ିଆ ସାହିତ୍ୟକୁ ପୃଥିବୀରେ ଶ୍ରେଷ୍ଠ ସାହିତ୍ୟମାନଙ୍କ ମଧ୍ୟରେ ସ୍ଥାନ ଦେବା ଆଜିର ସାହିତ୍ୟିକମାନଙ୍କର ଆଦର୍ଶ ହେଉ ।

ରାଉରକେଲା ସାହିତ୍ୟ ଉତ୍ସବ ଭାଷଣରୁ ଗୃହୀତ

## ଜଳସେଚନ ପାଇଁ ଓଡ଼ିଶାକୁ ଅଧିକ କେନ୍ଦ୍ରୀୟ ସହାୟତା ମିଳୁ

## ମାଡ୍ରାସଠାରେ ରାଜ୍ୟ ଜଳସେଚନ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦୃଢ଼ ଦାବୀ

ଡିସେମ୍ବର ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମାଡ୍ରାସ୍‌ଠାରେ କେନ୍ଦ୍ର ଜଳସେଚନ ମନ୍ତ୍ରୀ ଶ୍ରୀ କେଦାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଜଳସେଚନ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏହି ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର ଜଳସେଚିତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଷଷ୍ଠଯୋଜନା ବ୍ୟୟ ବରାଦ ବ୍ୟତୀତ ଆଉ ୧୧୦କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦିଅନ୍ତୁ ବୋଲି ଦାବୀ ଉପସ୍ଥାପିତ କରିଛନ୍ତି । ଜିନିଷପତ୍ରର ଦରବୃଦ୍ଧିଜନିତ ନିର୍ମାଣ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଏହି ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ୁଛି ବୋଲି ଶ୍ରୀ ପଟ୍ଟନାୟକ ସୂଚାଇଥିଲେ । ବିଭିନ୍ନ ରାଜ୍ୟର ଜଳ ସଂପଦର ଉତ୍ତମ ବିନିଯୋଗ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦେବା କ୍ଷେତ୍ରରେ ସହାନୁଭୂତିଶୀଳ ମନୋଭାବ ପ୍ରଦର୍ଶନ କରିବେ ବୋଲି ଶ୍ରୀ ପାଣ୍ଡେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଅଧିକ ଜଳ ସଂପଦ ଥିବା ରାଜ୍ୟରୁ ଡିରୋଟ ରାଜ୍ୟକୁ ଜଳ ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମହାନଦୀରେ ଅଧିକ ୧୫ ନିୟୁତ ଏକର ଫୁଟ ଜଳ ପ୍ରବାହିତ ହୋଇ ସମୁଦ୍ର ଗର୍ଭରେ ପଡ଼ୁଥିବା ଦର୍ଶାଯାଇ ଏହାକୁ ଦକ୍ଷିଣ ଭାରତର ନଦୀ ସହିତ ସଂଯୋଗ କରିବା ପାଇଁ ଯେଉଁ ହିସାବ କରାଯାଇଛି, ତାହାର ବିରୋଧ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟର ଜଳ ସଂପଦର ବିନିଯୋଗ ପରିମାଣ ଅତି ନଗଣ୍ୟ । ସର୍ବଭାରତୀୟ ସ୍ତରରେ ଜଳ ସଂପଦର ବିନିଯୋଗ ପରିମାଣ ଶତକଡ଼ା ୨୭ ଭାଗ ଥିବା ବେଳେ ଓଡ଼ିଶାରେ ଏହା ମାତ୍ର ୧୯ ଭାଗ । ଜଳସେଚନ ପରିମାଣ ଏତେ ନିମ୍ନ ଥିବା ବେଳେ ଓଡ଼ିଶାର ଜଳ ସଂପଦ ପରିମାଣକୁ ଅଧିକ ଦର୍ଶାଇବା ମୂଳରେ ଯଥାର୍ଥତା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଯୁକ୍ତି ବାଢ଼ିଥିଲେ । ଚଳିତ ବର୍ଷର ବନ୍ୟା ଓ ମରୁଡ଼ି ଫଳରେ ଯେଉଁ ପରିସ୍ଥିତିର ଉଦ୍ଭବ ହୋଇଛି, ତାହା ଉପଯୁକ୍ତ ବିନିଯୋଗ ଅଭାବରୁ ଘଟିଥିବାର ଏକ ଜ୍ୱଳନ୍ତ ନମୁନା । ରାଜ୍ୟର ବିସ୍ତୃତ ଅଞ୍ଚଳ ମରୁଡ଼ି ପ୍ରବଣ ଅଞ୍ଚଳ ଭାବରେ ଜଣାଶୁଣା । ରାଜ୍ୟରେ ଅନେକ ଗୁଡ଼ିଏ ଜଳସେଚନ ପ୍ରକଳ୍ପ ସଂପର୍କରେ ଅନୁସନ୍ଧାନ ଚାଲିଛି ଏବଂ ଜଳସେଚନ ସଂପର୍କରେ ଗୋଟିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ସାରା ଦେଶରେ ଆମ ରାଜ୍ୟ ହେଉଛି ଏକମାତ୍ର ରାଜ୍ୟ, ଯେ କି ଏ ପ୍ରକାର ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିପାରିଛି । ଏହି ମାଷ୍ଟର୍ ପ୍ଲାନ୍‌ରେ ଓଡ଼ିଶାରେ ଅଧିକ ଜଳ ସଂପଦ ଥିବାର ଦର୍ଶାଯାଇ ନାହିଁ । ଏହା ବ୍ୟତୀତ ମହାନଦୀ ଉପରେ ମଣିଭଦ୍ରା ବନ୍ଧ ସଂପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହାର ଜଳଭଣ୍ଡାରରେ ୮ ନିୟୁତ ଏକର ଫୁଟ ଜଳ ସଂରକ୍ଷଣ କରାଯାଇ ପାରିବ । କେନ୍ଦ୍ର ସରକାର ଏ ହି ପ୍ରକଳ୍ପ ମଞ୍ଜୁର କରିବେ ବୋଲି ଶ୍ରୀ ପଟନାୟକ ଆଶା ପ୍ରକାଶ କରିଥିଲେ । ଜଳସେଚନ କ୍ଷେତ୍ରରେ ଓଡ଼ଶା ପଛରେ ପଡ଼ିଯାଇଥିବାରୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସାହାଯ୍ୟ ଯୋଗାଇ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବୀ ଜଣାଇଛନ୍ତି । ଏହା ବ୍ୟତୀତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଡ଼ୁଥିବା ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବା ପାଇଁ ସେ ଅନୁରୋଧ ଜଣାଇଥିଲେ । ମହାନଦୀ ବିରୂପା ବ୍ୟାରେଜ୍‌ର ପୁନଃନିର୍ମାଣ ବାବଦରେ ୯୨ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି । ଏହାର ଆଧୁନିକୀକରଣ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବ । ଏଥିଲାଗି କେନ୍ଦ୍ର ସରକାର ସାହାଯ୍ୟ ଯୋଗାଇ ଦେବା ଆବଶ୍ୟକ ବୋଲି ଶ୍ରୀ ପଟ୍ଟନାୟକ ଅନୁରୋଧ ଜଣାଇଥିଲେ

# ଜାତୀୟ ସଂହତି

ଡକ୍ଟର ବୈଦ୍ୟନାଥ ମଶ୍ର

ଭାରତ ପରି ଏକ ବିରାଟ ଦେଶରେ ସାମାଜିକ, ରାଜନୀତିକ ଓ ଅର୍ଥନୈତିକ ବିଭ୍ରାଟ ଯେ ନହେବ, ତାହା ନୁହେଁ । ଭାରତରେ ପ୍ରାୟ ୭୦ କୋଟି ଲୋକ, ଅନେକ ରାଜ୍ୟ, ଅନେକ ଭାଷା, ଭିନ୍ନ ଭିନ୍ନ ରାଜ୍ୟ ଭିତରେ ସାଂସ୍କୃତିକ ଓ ସାମାଜିକ ପ୍ରଭେଦ ରହିଛି, ରହିବା ମଧ୍ୟ ସ୍ୱାଭାବିକ । ଗଣତନ୍ତ୍ରର ଚେର ଏପର୍ଯ୍ୟନ୍ତ ଦେଶ ଭିତରେ ପ୍ରବେଶ କରି ନାହିଁ । ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ । ଏହା ଏକ ଜୀବନର ଧାରା । ସ୍ୱାଧୀନତା ପରଠାରୁ ଏହି ଶାସନ ବ୍ୟବସ୍ଥା ଭାରତରେ କାର୍ଯ୍ୟକାରୀ କରାଯାଇଛି । ଅନେକ କହନ୍ତି ଯେ ଅତୀତରେ ଭାରତରେ ଗଣତାନ୍ତ୍ରିକ ପଦ୍ଧତି ଥିଲା । ଥାଇପାରେ । ତେବେ ସ୍ୱାଧୀନତାର ୩୦୦ ୪୦୦ ବର୍ଷ ପୂର୍ବରୁ ଏହି ପଦ୍ଧତି କାର୍ଯ୍ୟକାରୀ ହୋଇପାରି ନାହିଁ । ମୁସଲମାନ, ମୋଗଲ ଓ ଇଂରେଜ ଅମଳରେ ରାଜରାଜୁଡ଼ା ଶାସନ ଚାଲିଛି । ତେଣୁ ୩୦/୩୫ ବର୍ଷ ଭିତରେ ଶାସନର ଧାରା ବା ଜନମତ ବଦଳିଯିବ ବୋଲି ବିଶ୍ୱାସ କରିବା ଉଚିତ ନୁହେଁ । ତେଣୁ ସବୁ କ୍ଷେତ୍ରରେ କିଛି ବିଭ୍ରାଟ ରହିବ । ତେବେ ଏହି ବିଭ୍ରାଟକୁ ଯଦି କେତେକାଂଶରେ ନିୟନ୍ତ୍ରଣ କରି ସମାଜରେ ଆମେ ଶୃଙ୍ଖଳା ପ୍ରତିଷ୍ଠା ନକରି ପାରିବା, ଭାରତର ଅଗ୍ରଗତିରେ ବାଧା ସୃଷ୍ଟି ହେବ ।

ଭାରତ ଏକ ବିକାଶଶୀଳ ଦେଶ । ଏହା ଏପର୍ଯ୍ୟନ୍ତ ଉନ୍ନତ ହୋଇନାହିଁ । ଆମେ ଏଠାରେ ଅର୍ଥନୈତିକ ଉନ୍ନତି କଥା କହୁଛୁ । ହୁଏତ ଆମେ ସଂସ୍କୃତିରେ ବହୁତ ଉନ୍ନତି କରିଛୁ । ଆମର ଧର୍ମ ଓ ସଂସ୍କୃତିକୁ ଅନେକ ପ୍ରଶଂସା କରୁଛନ୍ତି । ଆମ ଧର୍ମରେ ସହନଶୀଳତା ଅଛି, ଆମ ସଂସ୍କୃତିରେ ବ୍ୟାପକତା ଅଛି । କିନ୍ତୁ ସମସ୍ତେ କଣ ଧର୍ମ ବୁଝୁଛନ୍ତି ବା ସଂସ୍କୃତି ବୁଝୁଛନ୍ତି ! ଭାରତରେ ଦାରିଦ୍ର୍ୟ ଏହି ଧର୍ମ ଓ ସଂସ୍କୃତିକୁ ବିକୃତ କରୁଛି । ଗାନ୍ଧିଜୀ କହିଛନ୍ତି, ବିବେକାନନ୍ଦ କହିଛନ୍ତି, ଭୋକିଲା ପେଟରେ ଧର୍ମ ଓ ସଂସ୍କୃତିର ମହତ୍ତ୍ୱ ପରିପ୍ରକାଶ ହୁଏନାହିଁ । ଆମକୁ ଗରିବୀ ଦୂର କରିବାକୁ ପଡ଼ିବ, କର୍ମ ନିଯୋଜନ ସୃଷ୍ଟି କରିବାକୁ ପଡ଼ିବ । ଆମେ ଆମେରିକା, ଜାପାନ ବା ଜର୍ମାନୀ ପରି ଧନୀ ନ ହୋଇ ପାରୁ । ହେବା ବି ଦରକାର ନାହିଁ । କେବଳ ଅଭାବରେ ସ୍ୱଭାବ ନଷ୍ଟ ହୁଏନାହିଁ, ବିଭବରେ ମଧ୍ୟ ସ୍ୱଭାବ ନଷ୍ଟ ହୁଏ । କିନ୍ତୁ ଆମକୁ ଅର୍ଥନୈତିକ ପ୍ରଗତି କରି ଜନସାଧାରଣଙ୍କର ଦରକାରୀ ଅଭାବ ଦୂର କରିବାକୁ ପଡ଼ିବ । ଏହା ହେଉଛି ଆମ ଅର୍ଥନୈତିକ ପ୍ରଗତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଦେଶରେ ଶୃଂଖଳା ଦରକାର, ସାମାଜିକ ସଂହତି ଦରକାର, କେତେକ ମୌଳିକ ବିଷୟବସ୍ତୁ ଉପରେ ମତ ଐକ୍ୟ ଦରକାର । କଣ କଲେ ଏହି ଶୃଂଖଳା ଆସି ପାରିବ ? ଏହି ସଂହତି ଆସି ପାରିବ ? ଆମେ ଏଠାରେ ଦୁଇ ତିନୋଟି ପ୍ରସ୍ତାବ ଦେବୁ । ସମସ୍ତେ ବିଚାର କରନ୍ତୁ, ଏହା ସମ୍ଭବ ହେବ କି ନାହିଁ ।

ଭାରତରେ ସବୁଠାରୁ ବଡ଼ ବିଶୃଙ୍ଖଳା ହେଉଛି ରାଜନୀତିକ ବିଶୃଙ୍ଖଳା । ସ୍ୱାଧୀନତା ପୂର୍ବରୁ ଆମ ଦେଶରେ ବିକ୍ଷୋଭ ରାଜନୀତି ଥିଲା । ଇଂରେଜଙ୍କ ବିରୁଦ୍ଧରେ ଆମେ ବିକ୍ଷୋଭ କରୁଥିଲୁ । ଏହା ଇଂରେଜଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲା । ଗାନ୍ଧିଜୀଙ୍କର ଅସହଯୋଗ, ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ଏହି ବିକ୍ଷୋଭ ରାଜନୀତିକୁ ତେଜିବାରେ ସାହାଯ୍ୟ କରୁଥିଲା । ତେବେ ଗାନ୍ଧିଜୀ ଏହାକୁ ସଂଯତ କରିବାକୁ ଶକ୍ତି ଅର୍ଜନ କରି ପାରିଥିଲେ । ୧୯୨୦ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗାନ୍ଧିଜୀ ଏହାକୁ ଅହିଂସା ମାର୍ଗରେ ପରିଚାଳିତ କଲେ । ଦେଶରେ ବିରାଟ ଉତ୍ସାହ ସୃଷ୍ଟି ହେଲା କିନ୍ତୁ ସମସ୍ତେ ଗାନ୍ଧିଜୀଙ୍କ ପନ୍ଥାକୁ ଅନୁସରଣ କଲେନାହିଁ । ଭିନ୍ନ ଭିନ୍ନ ଯାଗାରେ ହିଂସାର ସୃଷ୍ଟି ହେଲା । ଶେଷରେ ୧୯୨୨ରେ ଚୌରିଚୌରାଠାରେ କେତେକ ଉତ୍ସାହୀ ଲୋକ ଗୋଟିଏ ପୁଲିସ୍ ଷ୍ଟେସନ ପୋଡ଼ି କେତେକ ପୁଲିସ କର୍ମଚାରୀଙ୍କୁ ହତ୍ୟା କଲେ । ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ବନ୍ଦ କରିଦେଲେ । ଉତ୍ସାହରୁ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଥିଲା, ତାହା ଗାନ୍ଧିଜୀଙ୍କ ବିରୁଦ୍ଧରେ ଗଲା । କିନ୍ତୁ ଗାନ୍ଧିଜୀ ତାକୁ ଖାଲି ସମ୍ଭାଳି ପାରିଲେ ନାହିଁ, ଆନ୍ଦୋଳନର ଦିଗ ମଧ୍ୟ ବଦଳେଇ ଦେଇ ପାରିଲେ । କଂଗ୍ରେସ କର୍ମୀମାନେ ଅସହଯୋଗ ଆନ୍ଦୋଳନ ପରିବର୍ତ୍ତେ ଗଠନମୂଳକ ଓ ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କଲେ । ତାଙ୍କର ନେତୃତ୍ୱରେ ସେ ପ୍ରଭାବ ଥିଲା ଯାହା ଫଳରେ କି ସେ ଜନମତକୁ ପରିଚାଳିତ କରି ପାରୁଥିଲେ । ଭାରତର ସୌଭାଗ୍ୟ ଯେ ସ୍ୱାଧୀନତା ଆନ୍ଦୋଳନରେ ଆମେ ଅନେକ ବିରାଟ ନେତାଙ୍କର ନେତୃତ୍ୱ ପାଇ ପାରିଥିଲୁ । ଏବେ ସେପରି ନେତା କେତେଜଣ ଅଛନ୍ତି ! ସ୍ୱାଧୀନତା ଆସିଲା । ଗଣତାନ୍ତ୍ରିକ ପଦ୍ଧତି ପ୍ରତିଷ୍ଠା ହେଲା । ପାର୍ଲାମେଣ୍ଟ ଓ ରାଜ୍ୟ ବ୍ୟବସ୍ଥାପକ ସଭାମାନଙ୍କ ପାଇଁ ନିର୍ବାଚନ ହେଲା । ଅନେକ ଲୋକ ପ୍ରତିନିଧି ପାର୍ଲାମେଣ୍ଟ ଓ ରାଜ୍ୟ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇ ଗଲେ । କିନ୍ତୁ ସେଇ ବିକ୍ଷୋଭ ରାଜନୀତି ଚାଲିଲା । ପାର୍ଲାମେଣ୍ଟ ଶାସନର ବିଧିବିଧାନ କାର୍ଯ୍ୟକାରୀ କରାଗଲାନାହିଁ । ବ୍ୟବସ୍ଥାପକ ସଭାରେ ଖାଲି ବିକ୍ଷୋଭ କାହିଁକି—ବାହାରେ ମଧ୍ୟ ବିକ୍ଷୋଭ ଚାଲିଲା । ଏ ସବୁ କାହିଁକି

ହେଉଛି, ତାହା ପ୍ରାୟ ଅବେ ବହୁତେ ସମସ୍ତେ ଜାଣିଛନ୍ତି । ଆମେ ବି ଏ ବିଷୟରେ ଅନେକ ଆଲୋଚନା କରିଛୁ । କାରଣ ଖୋଜିଲେ ତ ପୋଥିଏ ହେବ ଏବଂ ସେ ସବୁ କାରଣ ଲେଖି ବସିଲେ ଆମ ଆଲୋଚନାର ଦିଗ ବଦଳିଯିବ । ଏତିକି କହିଲେ ଯଥେଷ୍ଟ ହେବ ଯେ ଗାନ୍ଧୀ ଓ ଜବାହରଲାଲଙ୍କ ଯୁଗରେ ରାଜନୀତିରେ ଯେଉଁ ନୈତିକତା ଥିଲା, ତାହା ଏବେ ଆଉ ନାହିଁ । ରାଜନୀତିରେ ଦେଶ ସେବା ପରିବର୍ତ୍ତେ ନିଜ ସେବା ଅଧିକ ଗୁରୁତ୍ୱ ଲାଭ କରିଛି ଏବଂ ଏଥିଯୋଗୁଁ ଜାତୀୟ ସଂହତି ଅନେକାଂଶରେ ବାଧାପ୍ରାପ୍ତ ହେଉଛି । ଅନେକ ରାଜନୀତିଜ୍ଞ ନିଜର ସ୍ୱାର୍ଥ ପାଇଁ ଦେଶର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଭେଦ ସୃଷ୍ଟି କରୁଛନ୍ତି ।

ଏହା କିଏ ବଦଳେଇବ ଓ କିପରି ବଦଳେଇବ, ତାହା ଏକ ବଡ଼ ପ୍ରଶ୍ନ । କ୍ଷମତା ରାଜନୀତିରେ ନୈତିକତା ପ୍ରତିଷ୍ଠିତ ହେବା ସହଜ ନୁହେଁ । ହୁଏତ ସମୟ କ୍ରମେ ରାଜନୀତରେ ଗଣତାନ୍ତ୍ରିକ ଧାରା ଦୃଢ଼ ହୋଇ କ୍ଷମତା ରାଜନୀତିର ଅବସାନ ହେବ କିମ୍ବା ଏଥିପାଇଁ ଆମକୁ ଅଧୁନା କିଛି ପଦକ୍ଷେପ ନେବାକୁ ପଡ଼ିବ । ଆମମାନଙ୍କ ମତରେ ସବୁ ରାଜନୀତିକ ଦଳ ଏକାଠି ମିଶି ଯଦି ଜାତୀୟ ସଂହତ ଦୃଷ୍ଟିରୁ କେତେକ ମୌଳିକ ସିଦ୍ଧାନ୍ତ ଗ୍ରହଣ କରନ୍ତେ ଏବଂ ତାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରନ୍ତେ, ତାହାହେଲେ ହୁଏତ ଅନେକ ରାଜନୀତିକ ତିକ୍ତତା ଦୂର ହୋଇ ପାରନ୍ତା । ଭବିଷ୍ୟତକୁ ଅପେକ୍ଷା ନକରି ବର୍ତ୍ତମାନ ସମସ୍ୟା ସମାଧାନ ପାଇଁ ଏହା ବୋଧହୁଏ ସବୁଠାରୁ ପ୍ରକୃଷ୍ଟ ପନ୍ଥା । ଭବିଷ୍ୟତରେ କିଏ ବଞ୍ଚିବ ବା କିଏ ମରିବ, ତାହା କହିହେବ ନାହିଁ । ଲର୍ଡ କେନ୍‌ସ ନାମକ ଜଣେ ବିଶିଷ୍ଟ ଅର୍ଥଶାସ୍ତ୍ରୀ କହିଛନ୍ତି, ଭବିଷ୍ୟତରେ ଆମେ ସମସ୍ତେ ମୃତ୍ୟୁ ବରଣ କରିବା । ତେଣୁ ଭବିଷ୍ୟତକୁ ଅପେକ୍ଷା ନକରି ବର୍ତ୍ତମାନ କିଛି ସିଦ୍ଧାନ୍ତ ଗ୍ରହଣ କରିବାକୁ ପଡ଼ିବ । ଯଦି ସବୁ ରାଜନୀତିକ ଦଳ ଶୃଙ୍ଖଳା ବିଷୟରେ ଏକମତ ନ ହେବେ, ଯେତେ ଆଇନ କଲେ ମଧ୍ୟ ସେ ଆଇନ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ସବୁ ରାଜନୀତିକ ଦଳ ଏକମତ ନହୋଇ ମଧ୍ୟ ଯେଉଁମାନେ ସର୍ବଭାରତୀୟ ଦଳ, ସେମାନେ ଏକମତ ହେଲେ ଅନ୍ୟମାନେ ବେଶି ବିଶୃଙ୍ଖଳା କରି ପାରିବେ ନାହିଁ । ଆମର ଧାରଣା ଭାରତର ପ୍ରଗତିକୁ ସୁଦୃଢ଼ କରିବା ପାଇଁ ଏହାହିଁ ଆମର ପ୍ରଧାନ କର୍ତ୍ତବ୍ୟ ।

ରାଜନୀତିକ ଅସହିଷ୍ଣୁତା ଦୂର କରିବା ସଙ୍ଗେ ସଙ୍ଗେ ଆମକୁ ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ କିଛି କାମ କରିବାକୁ ପଡ଼ିବ । ଦେଶରେ ଯେଉଁ ଅର୍ଥନୈତିକ ବୈଷମ୍ୟ ଅଛି, ତାହା ଅନେକ ଅସନ୍ତୋଷ ସୃଷ୍ଟି କରୁଛି । ଏକପଟେ ଧନୀ ଦରିଦ୍ର ପ୍ରଭେଦ, ଅନ୍ୟ ପଟେ ଆଞ୍ଚଳିକ ପ୍ରଭେଦ । ଆମ ଯୋଜନାର ଲକ୍ଷ୍ୟ ହେଉଛି ଅର୍ଥନୈତକ ପ୍ରଗତି ଓ ସାମାଜିକ ନ୍ୟାୟ । ଗତ ୩୦—୩୨ ବର୍ଷ ଭିତରେ ଅନେକ ଅର୍ଥନୈତିକ ପ୍ରଗତି ହୋଇଛି, କିନ୍ତୁ ଏହା ଏପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂର କରି ପାରିନାହିଁ । ଯୋଜନା କମିଶନ ହିସାବ କରୁଛନ୍ତି ଯେ ଶତକଡ଼ା ପ୍ରାୟ ୫୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଅଛନ୍ତି । ଏହା ବ୍ୟତୀତ ଧନୀ ଓ ଦରିଦ୍ରଙ୍କ ଭିତରେ ବହୁତ ପ୍ରଭେଦ ରହିଛି । ଏହି ପ୍ରଭେଦ ଅର୍ଥନୈତିକ ଯୋଜନା ଦୂର କରି ପାରିନାହିଁ ବରଂ ଅନେକ କ୍ଷେତ୍ରରେ ବୃଦ୍ଧି କରିଛି । ଅର୍ଥଶାସ୍ତ୍ରୀମାନେ କହୁଛନ୍ତି ଯେ ପରିସଂପତ୍ତିର ବଣ୍ଟନରେ ଯଦି ଅସମାନତା ଦୂର ନହେବ, ତାହାହେଲେ ଅର୍ଥନୈତିକ ପ୍ରଭେଦ ଦୂର ହୋଇ ପାରିବ ନାହିଁ । କୌଣସି ସମାଜରେ ଅସମାନତା ସଂପୂର୍ଣ୍ଣ ଭାବରେ ଦୂର ହୋଇ ନାହିଁ, ଦୂର ହେବାର ମଧ୍ୟ ସମ୍ଭାବନା ନାହିଁ । ସାମ୍ୟବାଦୀ ଦେଶମାନଙ୍କ ଭିତରେ ମଧ୍ୟ ଏହି ଅସମାନତା ଦେଖିବାକୁ ମିଳୁଛି । ସେମାନେ ସମସ୍ତ ପ୍ରକାର ଉଦ୍ୟୋଗ ଜାତୀୟକରଣ ବା ସମାଜୀକରଣ କରି ଅର୍ଥନୈତିକ ପ୍ରଭେଦକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଛନ୍ତି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସମ୍ଭବ ନୁହେଁ, ଉଚିତ ମଧ୍ୟ ନୁହେଁ । ଆମେ ବ୍ୟକ୍ତିକ ଉଦ୍ୟୋଗକୁ ପ୍ରଶ୍ରୟ ଦେବାକୁ ବାଧ୍ୟ । ସେହି ଦୃଷ୍ଟିରୁ ପରିସଂପତ୍ତିର ବଣ୍ଟନରେ ଅସମାନତା ଅନେକ ପରିମାଣରେ ଦୂର କରିବାକୁ ପଡ଼ିବ, ତାହାହେଲେ ଅର୍ଥନୈତିକ ପ୍ରଗତିର ସୁବିଧା ସମସ୍ତେ ଉପଭୋଗ କରି ପାରିବେ ।

ସେହିପରି ଆଞ୍ଚଳିକ ପ୍ରଭେଦକୁ ମଧ୍ୟ ଦୂର କରିବାକୁ ଚେଷ୍ଟା କରାଯିବା ଉଚିତ । ଅର୍ଥନୈତିକ ପ୍ରଗତିରେ ଆଞ୍ଚଳିକ ବିଭେଦ କିଛି କିଛି ରହିବ । ସବୁ ଅଞ୍ଚଳରେ ସମାନ ବିଭବ ନାହିଁ । ସରକାରୀ ସୂତ୍ରରେ ବିଭବର ଯୋଗାଡ଼ କରାଗଲେ ମଧ୍ୟ, ସବୁ ଅଞ୍ଚଳରେ ସମାନ ଉଦ୍ୟମ ହୋଇ ପାରିବ ନାହିଁ । ପଞ୍ଜାବ, ହରିଆନାର ଲୋକମାନେ ଯେତେ ଉଦ୍ୟମୀ, ଓଡ଼ିଶା, ବଙ୍ଗଳା ବା ଆସାମର ଲୋକମାନେ ସେତେ ଉଦ୍ୟମୀ ନୁହନ୍ତି । ଏ ସବୁ ସତ୍ତ୍ୱେ ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ ଆଞ୍ଚଳିକ ବିଭେଦ ଅଶାନ୍ତି ସୃଷ୍ଟି କରୁଛି । ଏକ ଗଣତାନ୍ତ୍ରିକ ସଂଘୀୟ ଶାସନରେ ସଂହତି ରକ୍ଷା କରିବା ପାଇଁ ଏହି ପ୍ରଭେଦକୁ ଯେତେ ଦୂର ପାରାଯାଏ, ଦୂର କରିବାକୁ ପଡ଼ିବ । ସର୍ବ ଭାରତୀୟ ଚାକିରୀରେ ମଧ୍ୟ ଗୋଟିଏ ରାଜ୍ୟର ବେଶି ଲୋକ ସ୍ଥାନ ନ ପାଇ ପାରିଲେ ପାଟିତୁଣ୍ଡ ହେଉଛି, କେତେକ ଲୋକ ଏହାକୁ ଆଳ କରି ଆନ୍ଦୋଳନ କରୁଛନ୍ତି । ଗୋଟିଏ ଗୋଟିଏ ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳ ଭିତରେ ଥିବା ପ୍ରଭେଦକୁ ଆଳ କରି ମଧ୍ୟ କେତେକ ଲୋକ ସଂକୀର୍ଣ୍ଣ ମନୋଭାବ ସୃଷ୍ଟି କରୁଛନ୍ତି । ଗୋଟିଏ ଜିଲ୍ଲାର ଯଦି ବେଶି ଛାତ୍ର ବୈଷୟିକ ଶିକ୍ଷା ପାଇଁ ଯୋଗ୍ୟ ବିବେଚିତ ନ ହେଲେ, ତାହା ବି ଏକ ଆନ୍ଦୋଳନର କାରଣ ହେଉଛି । କେତେକ ଲୋକ ଅଶାନ୍ତି ସୃଷ୍ଟି କରିବାକୁ ବାହାନା ଖୋଜୁଛନ୍ତି । ଏହା ସେମାନଙ୍କୁ ଇନ୍ଧନ ଯୋଗାଉଛି । ଆମେ କହୁନାହୁଁ ଯେ ଅର୍ଥନୈତିକ ବିଭେଦ ଦୂର ହୋଇଗଲେ ଜାତୀୟ ସଂହତି ପ୍ରତିଷ୍ଠିତ ହୋଇଯିବ କିନ୍ତୁ ଏହା ଏକ ବିଶୃଙ୍ଖଳାର କାରଣ । ଦାରିଦ୍ର୍ୟ, ଅଣ ନିଯୋଜନ, ଅର୍ଥନୈତିକ ବିଭେଦ—ଏ ସବୁ ଅଶାନ୍ତି ସୃଷ୍ଟ କରେ, ଅସନ୍ତୋଷ ବୃଦ୍ଧି କରେ । ଆନ୍ଦୋଳନ ପାଇଁ ଉପାଦାନ ଯୋଗାଏ । ତେଣୁ ଏ ସବୁକୁ ଯେତେ ଦୂର ଏବଂ ଯେତେ ଶୀଘ୍ର ଦୂର କରାଯାଏ, ସେତେ ଭଲ ।

ଜାତୀୟ ସଂହତି ପାଇଁ ସବୁଠାରୁ ବଡ଼ ଜିନଷ ହେଉଛି ସାମାଜିକ ଚେତନା । ଅତି ଦୁଃଖର କଥା ଯେ ଅଶିକ୍ଷିତ ଲୋକମାନଙ୍କ ଅପେକ୍ଷା ଶିକ୍ଷିତ ଲୋକମାନେ ବେଶି ବିଦ୍ରୋହ


କରୁଛନ୍ତି । ବିଦ୍ରୋହ କରିବାରେ ଆପତ୍ତି ନାହିଁ, ଏହା ଯଦି ଗଣତାନ୍ତ୍ରିକ ପନ୍ଥାରେ ପରିଚାଳିତ ହୁଏ । କିନ୍ତୁ ଗଣତାନ୍ତ୍ରିକ ପନ୍ଥା ରହୁ ନାହିଁ । ଆନ୍ଦୋଳନ ଆରମ୍ଭରେ ସମସ୍ତେ କହୁଛନ୍ତି ଆମେ ଅହିଂସ ଉପାୟରେ ଆନ୍ଦୋଳନ କରିବୁ କିନ୍ତୁ ଅହିଂସାର ନାମ କେଉଁଠାରେ ରହୁ ନାହିଁ । ଆନ୍ଦୋଳନକାରୀମାନେ ବସ୍ ପୋଡୁଛନ୍ତି, ଲାଇବ୍ରେରୀ ପୋଡୁଛନ୍ତି, ଘରଦ୍ୱାର ଭାଙ୍ଗୁଛନ୍ତି, ଦୋକାନ ଲୁଟି କରୁଛନ୍ତି, କିନ୍ତୁ ଦାୟୀ କରୁଛନ୍ତି ଅସାମାଜିକ ଲୋକମାନଙ୍କୁ । କିଏ ଅସାମାଜିକ ଲୋକ ତାହା କେହି ଜାଣି ପାରୁ ନାହାନ୍ତି । ଶିକ୍ଷାରେ ସାମାଜିକତା ଶିକ୍ଷା ଦିଆଯାଉ ନାହିଁ । ଛାତ୍ରମାନେ ଆମ ଦେଶର ଐତିହ୍ୟ ଜାଣି ପାରୁ ନାହାନ୍ତି । ସେମାନେ ମାର୍କସ ପଢୁଛନ୍ତି, ଲେନିନ୍ ପଢୁଛନ୍ତି, ମାଓ ପଢୁଛନ୍ତି, କିନ୍ତୁ ଗାନ୍ଧୀଙ୍କର ବହି ପଢୁ ନାହାନ୍ତି । ଜବାହରଲାଲଙ୍କର ବହି ପଢୁ ନାହାନ୍ତି । ମାର୍କସ, ଲେନିନ୍ ବା ମାଓ ପଢିବାରେ କିଛି ଆପତ୍ତି ନାହିଁ । ସେମାନଙ୍କର ସମାଜ ପ୍ରତି ବହୁତ ଦାନ ଅଛି । କିନ୍ତୁ ଭାରତରେ ବି କିଛି ମନୀଷୀ ଅଛନ୍ତି ଯେଉଁମାନେ କି ସମାଜର ଉନ୍ନତି ପାଇଁ ଅନେକ ଦାନ କରିଛନ୍ତି । ସେମାନଙ୍କ କଥା ବି ଜାଣିବା ଦରକାର । ଆମ ଦେଶରେ ଏପରି ବି ଶିକ୍ଷିତ ଲୋକ ଅଛନ୍ତି ଯେଉଁମାନେ ରାମାୟଣ ପଢୁ ନାହାନ୍ତି, ମହାଭାରତ ପଢୁ ନାହାନ୍ତି । ତେଣୁ ଭାରତୀୟ ସମାଜ, ସଭ୍ୟତା ଓ ସଂସ୍କୃତି ପାଇଁ ସେମାନଙ୍କର ଆସକ୍ତି ଆସୁ ନାହିଁ, ମମତା ଆସୁ ନାହିଁ । ଶିକ୍ଷା ଭିତରେ ଏହି ଜାତୀୟତା ସୃଷ୍ଟି କରିବାକୁ ପଡ଼ିବ— ଜାତୀୟ ଚେତନା ବା ସାମାଜିକ ଚେତନା ନ ରହିଲେ ଜାତୀୟ ସଂହତି ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ଯାହାକୁ ମନୁଷ୍ୟ ଭଲ ପାଏ, ତାକୁ ନଷ୍ଟ କରିବାକୁ ଚାହେଁ ନାହିଁ, ଧ୍ୱଂସ କରିବାକୁ ଚାହେଁ ନାହିଁ । ଦେଶକୁ କିପରି ଲୋକମାନେ ଭଲ ପାଇବେ, ଜାତୀୟତାରେ ଉଦ୍‌ବୁଦ୍ଧ ହେବେ, ସାମାଜିକ କର୍ତ୍ତବ୍ୟ ବିଷୟରେ ସଚେତନ ହେବେ—ତାହାହିଁ ବର୍ତ୍ତମାନ ପ୍ରଧାନ ବିଚାର୍ଯ୍ୟ । ଶିକ୍ଷା ସାହାଯ୍ୟରେ ଏହା କରାଯାଇ ପାରିବ ବୋଲି ଆମର ଧାରଣା । କିନ୍ତୁ ପ୍ରଚଳିତ ଶିକ୍ଷା ପଦ୍ଧତିରେ ଏହା ସମ୍ଭବ ହୋଇ ପାରିବ ନାହିଁ । ଏହାର ଆଭିମୁଖ୍ୟ ବଦଳେଇବାକୁ ପଡ଼ିବ । ଏ ଦିଗରେ ଆମର ନେତୃବୃନ୍ଦ ଯଦି କିଛି ଉଦ୍ୟମ କରିବେ, ସେମାନେ ଦେଶର ଅନେକ ଉପକାର କରିବେ ବୋଲି ଆମର ବିଶ୍ୱାସ ।


ନଭେମ୍ବର ୧୯ ତାରିଖ, ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଜନ୍ମ ଦିବସ । ଏହି ଦିବସଟି ଆମ ଦେଶରେ ସର୍ବତ୍ର ଜାତୀୟ ସଂହତି ଦିବସ ରୂପେ ପାଳିତ ହୁଏ । ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ରାଜ୍ୟ ସୂଚନା କେନ୍ଦ୍ରଠାରେ ଏହି ଉତ୍ସବ ପାଳିତ ହୋଇଥିଲା । କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼କ୍‌ଟର ବୈଦ୍ୟନାଥ ମିଶ୍ର ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ତାଙ୍କ ଭାଷଣର ସାରାଂଶ ଏଠାରେ ପ୍ରଦତ୍ତ ହେଲା ।

ମୁଖ୍ୟ ସମ୍ପାଦକ

ଏକ ମହାନ୍ ଜାତିରୂପେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ଜାତିର ମହତ୍ତର ଗୁଣାବଳୀର ବିକାଶ କରିବାକୁ ହେବ । ନିଜକୁ ଅବହେଳିତ ଅବଜ୍ଞାତ ମନେକରି, ଅତୀତର ସେହି ହୀନାବସ୍ଥାର ଉପରକୁ ଉଠି ନପାରିଲେ ଓଡ଼ିଆ ଜାତି ସେହିପରି ପଡ଼ି ରହିଥିବ ।

ଜାନକୀ ବଲ୍ଲଭ ପଟ୍ଟନାୟକ


ଉତ୍କଳ ଭାରତୀ


Freedom
at Midnight
Larry Collins and
Dominique Lapierre

To H.E Mr Janaki Ballav Pattnaik,

Freedom at Midnight

in fond memory of my beautiful visit to Orissa.

With all my gratitude and my warmest good wishes always

Dominique Lapierre

Delhi Dec 9, 1982





BHUBANESWAR



ROURKELA

WRITERS' MEET





# ସ୍ମୃତି ତର୍ପଣ






# IN-MEMORIAM








43RD INDIAN ROADS CONGRE





GITANJALI
ନେପ୍ଚୁନ୍‌ର ଗୀତାଞ୍ଜଳି





• ଦାସିଆ ବାଉରୀ ଜୟନ୍ତୀ...
• DASIA BAURI JAYANTY...

ଚୀନା ପରିବ୍ରାଜକ ଦର୍ଶ
CHINESE PILGRIMS



Sm. Poonacha at
Khurda Central
School
ଶ୍ରୀମତୀ କେନ୍ଦ୍ରୀୟ ବିଦ୍ୟାଳୟରେ

ସଭା
ସମ୍ମା

EETINGS AND
SCUSSIONS














# ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ

ଅଧ୍ୟାପକ ଶତ୍ରୁଘ୍ନ ନାଥ

"ଜ୍ଞାନ ପାଇଲେ ଜ୍ଞାନୀ ହେବ" ଏହି ଉପଦେଶ ଦିଆଯାଏ । ଜ୍ଞାନ ପାଇବା ଓ ଜ୍ଞାନୀ ହେବା—ଏହି ଉଭୟ ହେଉଛି becoming ଓ being ପ୍ରକ୍ରିୟା । ଜ୍ଞାନ ପାଇବା ସଙ୍ଗେ ସଙ୍ଗେ ଜ୍ଞାନ ବଢ଼େ ଓ ଜ୍ଞାନୀ ହେବାକୁ ପଡ଼େ । ଠିକ୍ ସେହିପରି ଜ୍ଞାନୀ ହେବା ମାତ୍ରେ ଜ୍ଞାନ ପାଇବା ପାଇଁ ପିପାସା ବଢ଼େ । ଅଧିକନ୍ତୁ ଅଧିକ ଜ୍ଞାନ ଗ୍ରହଣ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ।

ସେ ଦୃଷ୍ଟିରୁ ଜ୍ଞାନ ପାଇବା ଲାଗି ଭାଗବତକାର ଗାଉଛନ୍ତି, "କୁସଙ୍ଗ, କୁସଙ୍ଗୀଙ୍କ ସଙ୍ଗ ; ଦୂରେ କରିବା ପରିତ୍ୟାଗ" । ଜ୍ଞାନ ବଢ଼ିବ ଓ ଜ୍ଞାନୀ ହେବାକୁ ପଡ଼ିବ ସୁସଙ୍ଗରେ ; ସୁଶାସ୍ତ୍ର ଅଧ୍ୟୟନ କରି । ସଦ୍‌ଗୁରୁ ମାର୍ଗ ଦର୍ଶନ ଦେବେ । ସେ ପଥପ୍ରଦର୍ଶକ ହେବେ । ଜ୍ଞାନର ଦାଣ୍ଡ ଖୋଲିଯିବ । ଦଣ୍ଡା ହିଡ଼ । ଗ୍ଲିବାକୁ ବଡ଼ ମଜା । କିନ୍ତୁ ବାଟବଣା ହେଲେ ବିଲରେ ଅମଡ଼ା ମାଡ଼ିବାକୁ ପଡ଼ିବ । ଗାଁ ଗୋହିରୀର କୋଇଲିଅଖା କଣ୍ଟା ଅଜାଣତରେ ଭୁଜିଯିବ । ବବୁଲ କଣ୍ଟା ସହଜରେ ଦିଶେ ନାହିଁ । କଣ୍ଟା ବାଟୋଇକୁ ଅପେକ୍ଷାକରି ଥାଏ । ଲୁଚି ରହି ଗଳିଯାଏ ଓ ଲହୁଲୁହାଣ କରି ପକାଏ ।

ଅନ୍ୟ ପକ୍ଷରେ ସୁଶାସ୍ତ୍ର ଓ ସଦ୍‌ଗୁରୁଙ୍କୁ ଭରସା କଲେ ହିଡ଼ ପଡ଼ିଯାଏ । ଆଖିବୁଜି ଗ୍ଲିହେବ । ଗୋଡ଼ ଗଡ଼ି ଗ୍ଲିବ । ଗ୍ରଆଡ଼ ଫରଚ୍ଚ ଦିଶିବ । କେଡ଼େ ମଜା । କେତେ ଆନନ୍ଦ । ଶବରୀର ଅଇଁଠା କୋଳି ଖାଇ ଶ୍ରୀକୃଷ୍ଣ ସଂଭବତଃ ଏତେ ଆନନ୍ଦ ପାଇ ନଥିବେ । ଜ୍ଞାନମଣ୍ଡି ପାଟିରେ ପଡ଼ିଲେ ଲାଳ ବହିବ । ଚକୋଲେଟ୍, ଚଟଣୀ ଓ ଗ୍ଟ୍‌ରେ ମନ ରହିବ ନାହିଁ । ଜ୍ଞାନର ସୁଆଦ ଓ ଜ୍ଞାନୀ ହେବାର ମଉଜ ମନକୁ ମତାଣିଆ କରିଦେବ । ଏହାହିଁ ଜ୍ଞାନାନନ୍ଦ ।

ଏବେ ତ ଜ୍ଞାନ ଆହରଣର ପ୍ରଧାନ ଅସ୍ତ୍ର ହେଉଛି ପୁସ୍ତକ । ପିଲାଙ୍କ ପୁସ୍ତକ ଦେଖିଲେ ପଢ଼ା ଓ ଅପଢ଼ା ପିଲା ଭିତରେ ବାରି ହେବ ନାହିଁ । ଅଦେଖା ଚିତ୍ର ଓ ଅକୁହା କଥା ସେଥିରେ ଅଛି । ବିଲକୁଲ ଅକଥା । ଶିକ୍ଷାର ବିସ୍ତାର ହେଲାଣି ଓ ହେଉଛି । ଅପଢ଼ା ଓ ପଢ଼ା ଭିତରେ ବାରି ନ ହେଉ, ଭଲ କଥା । କିନ୍ତୁ ଫଳରୁ ଗଛର ଗୁଣ ଜଣାପଡ଼େ । ସାଙ୍ଗସାଥିଙ୍କଠାରୁ ମନୁଷ୍ୟର ପ୍ରକୃତି ଜଣା ପଡ଼େ । ଠିକ୍ ସେହିପରି ଯିଏ ଯେଉଁ ବହି ପଢ଼େ, ସେଥିରୁ ସେହି ମନୁଷ୍ୟର ଗତିବିଧି, ଠଉର କରିହୁଏ । ଗୁରୁ ତ ଗାଧୋଇ ଗଲେଣି । ଏପ୍ରକାର ବହିରୁ ଆମ ସଂସ୍କୃତି, ଶିକ୍ଷା ଓ ଦୀକ୍ଷାର ସ୍ତର କିପରି ଜାଣିବା ? ବାହାର ଜଗତରେ ଆମେ କି ପରିଚୟ ଦେବା ? ଏପରି ବହିରୁ ଆମେ କି ଜ୍ଞାନ ନେବା ଓ କି ପ୍ରକାର ଜ୍ଞାନୀ ହେବା ? କେତେକେ ଏସବୁ ବହିକୁ ଶସ୍ତା ବୋଲି କହନ୍ତି । ନା, ନା, ଶସ୍ତା ନୁହେଁ, ଦାମ୍ ବେଶ୍ ବେଶୀ । ସହଜରେ ଆମ ମନକୁ କିଣି ନିଏ । ଆମେ ଶସ୍ତା ମଜା ପାଇଁ । ଇନ୍ଦ୍ରିୟାଣକ୍ତିର ଶସ୍ତା ଆନନ୍ଦ ପାଉ । ବିକାଶ ପରିବର୍ତ୍ତେ ବିନାଶ ହୁଏ । ଆମେ "ବିଦ୍ୟାଳୟ" ନ ହୋଇ ବିଦ୍ୟା ବିଲୟର ସାଧନ ହୋଇଯାଉଁ । ଏହା ଜ୍ଞାନାନନ୍ଦ ନୁହେଁ । ଜରା, ମରଣ ଓ ବ୍ୟାଧିକୁ ଧିକ୍‌କାର କରି ସଦ୍‌ଜ୍ଞାନ ଓ ପରାବିଦ୍ୟା ଅର୍ଜ୍ଜନର ଆନନ୍ଦ ଏହା ନୁହେଁ । ଗୁରୁକୁଳ ଆଶ୍ରମ ଯାଉଛି । ଆଉ ଆସିବ ନାହିଁ । ସେହି ଗୁରୁ ପରଂପରା ମଧ୍ୟ ଲଭି ଯାଉଛି । ଯାଉ, ଗତସ୍ୟ ଶୋଚନା ନାସ୍ତି । ଦୁଃଖର କଥା ଏହି ଯେ କର୍ପୂର ଉଡ଼ିଯାଉଛି । କନା ଖଣ୍ଡକ ଛିଡ଼ି ଯାଉଛି । ମନର ମୋହ ବେଳେ ବେଳେ ପ୍ରକାଶ ପାଉଛି । ଆଚ୍ଛା, ସତ୍ ଶାସ୍ତ୍ର କଥା କଥଣ ହେଉ ? ପିଲାଙ୍କ ପାଖରେ କଥଣ ଅଛି ? ମାନହୀନ ମାନେ ବହି । ଅଛି ପ୍ରଶ୍ନୋତ୍ତର । ସହଜ ସାଫଲ୍ୟର ବହି ରହିଛି । ଟେଷ୍ଟ ପେପର ତଳିପାରୁ ତାଳୁପର୍ଯ୍ୟନ୍ତ ସବୁ ପରୀକ୍ଷାକୁ ଜଗି ରହିଛି । ନିର୍ଦ୍ଧାରିତ ପାଠ୍ୟ ପୁସ୍ତକକୁ ମଧ୍ୟ କେହି ଦେଖୁନାହାନ୍ତି । ଖଣ୍ଡେ ଅଧେ କିଣା ହେଲେ ଶ୍ରେଣୀଟା ପାଇଁ ଯଥେଷ୍ଟ । ଗୋଟିଏ ପିଲାପାଇଁ ଖଣ୍ଡେ କିଣା ହେଲେ ସେହି ପରିବାରର ପାଞ୍ଚଟା ପିଲା ପଢିଯାଇ ପାରିବେ । ଏହି ପାଠ୍ୟ ପୁସ୍ତକ ଯେଉଁ ପାଠ୍ୟକ୍ରମ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କଠାରୁ ଗୃହୀତ ସେ କଥା ପଗ୍ରୁଛି କିଏ ? ମୂଳ ଛାଡ଼ି ଡାଳ ଧରୁଛୁ । ତା ବି କରୁନାହିଁ । ବିଲକୁଲ ପତରରେ ଝୁଲୁଛୁ । ଆମର ଜ୍ଞାନ କାହିଁ ? ଆମେ ଜ୍ଞାନୀ ହେବୁ କିପରି ? ଯଦି ଶସ୍ତା ଓ ସହଜ ପଢ଼ି ଦେଲେ ଚଳବ ତେବେ ସେ ଆଡ଼କୁ ଯାଉଛି କିଏ ? ଏହି ମହରଗ ଯୁଗରେ ଶସ୍ତା ଉପରେ ସମସ୍ତଙ୍କ ମନ । ତେବେ ଶିକ୍ଷାର୍ଥୀ ଓ ଶିକ୍ଷକ ଛାଡ଼ିବେ କାହିଁକି ? କିନ୍ତୁ ଏସବୁ ବାସୀ ଓ ପୋଚରା ତରକାରୀ ପରି । ନର୍ଦ୍ଦମା ପାଣି ପରି । ମୂଳ ଗ୍ରନ୍ଥରୁ ଓ ଗ୍ରନ୍ଥକାରଙ୍କଠାରୁ ସ୍ୱଚ୍ଛ ପାଣି ଝରୁଛି । ଏହାର ସୁଆଦ ଭିନ୍ନେ । ଏହାକୁ ଖୋଜିବାକୁ ପଡ଼ିବ । ବୁଝିବା ପାଇଁ ପରିଶ୍ରମ କରିବାକୁ ହେବ । ଗଛଚଢ଼ା ଜାଣି ନଥିବା ଲୋକ ସିନା କୁଆ

ଅଇଁଠା ଖାଏ । କିନ୍ତୁ ସଜ ଫଳ ଖାଇବା ପାଇଁ ମାଙ୍କଡ଼ ପରି ଗଛ ଚଢ଼ା ଶିଖିବାକୁ ହେବ । ବାଇବେଲ, କୋରାନ, ଗ୍ରନ୍ଥସାହେବ, ବେଦ ଓ ବେଦାନ୍ତାଦି ମୂଳଗ୍ରନ୍ଥ ସଙ୍ଗେ ପରିଚୟ ଆବଶ୍ୟକ । ସେ ସବୁଥିରେ ପ୍ରବେଶ ମଧ୍ୟ ଦରକାର । ଚିନ୍ତା ରାଜ୍ୟରେ ନୂଆ ନୂଆ ସୃଷ୍ଟି ବରାବର ଘଟିଛି । ତେଣୁ ସେ ବେଦର କଥା ଏବକାର ଏପରି ସବୁ ସମୟର ଶିଳ୍ପୀ, କଳାକାର, କୃତୀ ସନ୍ତାନ ଓ ସ୍ରଷ୍ଟା- ଏମାନେ ଯେଉଁଠାର ଓ ଯେଉଁବେଳର ହୁଅନ୍ତୁ ପଛକେ ଏମାନଙ୍କୁ ଜାଣିବାକୁ, ଚିହ୍ନିବାକୁ ଓ ବୁଝିବାକୁ ହେବ । ବର୍ତ୍ତମାନ ଖାଲି ଧାଇଁ ଗଲି, ଧାଇଁ ଆସିଲି ; ଘରେ ବସି ସମସ୍ତଙ୍କୁ ଓ ସବୁ କିଛି ଜାଣି ନେବାର ଯୁଗ ହୋଇଛି । ଗପିବାର ଯୁଗ । ନାଁ ନାଁ, ଜ୍ଞାନାନନ୍ଦ ପାଇବା କିପରି? ଭୁବନେଶ୍ୱର ବସ୍ ଷ୍ଟାଣ୍ଡରେ "ଟ-କ-ଟ-କ-ଟ-କ........" ଡାକୁଥିବା ଲୋକ "କଟକ" ସଙ୍ଗେ ଯେପରି ପ୍ରୀତି ଓ ସଂପର୍କ ରଖିଥାଏ ଆମେ ସେପରି ଖାଲି ନାଁ ଧରି ସେଇଆ କରୁଛୁଁ । ଠକେଇ ମକେଇ ପରୀକ୍ଷାରେ ପାଶ କରିହେବ । ଚାକିରୀ ଯୋଗାଡ଼ କରିହେବ । କିନ୍ତୁ ଜ୍ଞାନାନନ୍ଦ କାହିଁ ? ପଢ଼ି ପଢ଼ି ପାଠ ନାହିଁ । ଏସବୁ କେବଳ ପଲ୍ଲବଗ୍ରାହିତା । ଯଦି କେବଳ ଧର୍ମଗ୍ରନ୍ଥ ପଢ଼ିଦେଲେ ଧାର୍ମିକ ହୋଇପାରନ୍ତେ ତେବେ ସବୁ ପାଠପଢ଼ା ଲୋକ ଧାର୍ମିକ ହୋଇଯିବେ । ସେହିପରି ଯଦି ବହି ପଢ଼ିଦେଲେ ପଣ୍ଡିତ ହୋଇ ପାରନ୍ତେ ତେବେ ଭାରତ କାହିଁକି, ସାରା ବିଶ୍ୱରେ ପଣ୍ଡିତଙ୍କର ଅଭାବ ରହନ୍ତା ନାହିଁ । ହଁ, ଏପରି ଭୁଷ୍ଣ ପଣ୍ଡିତ ଅନେକ ଅଛନ୍ତି । ଏସବୁ ଫମ୍ପା ପାଣ୍ଡିତ୍ୟ । ନିଦା ପଣ୍ଡିତଙ୍କର ଜ୍ଞାନାନନ୍ଦ ଥାଏ । ଏହା ଆନନ୍ଦର ନିର୍ଝର । ଏହା ଝରୁଥାଏ । ଏହା ଆଦୌ ଶୁଖେ ନାହିଁ ।

ସେଥିପାଇଁ କୁହାଯାଏ, ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍ । ଜ୍ଞାନ ଲଭ ତଥା ଜ୍ଞାନୀ ହେବାରେ ଶ୍ରଦ୍ଧାଳୁ ହେବାକୁ ପଡ଼ିବ । ସେଥିରେ ଅନୁରାଗ ପ୍ରକାଶ ପାଇବ । ଅଧ୍ୟୟନ କରି ଅବବୋଧ ଓ ଆଚରଣରେ ଗ୍ରହଣ କରିନେବାକୁ ହେବ । ପୁରାପୁରି ମଜ୍ଜିଯିବାକୁ ହେବ । କେବଳ କଣ୍ଠସ୍ଥୀ- କରଣରେ ଚଳିବ ନାହିଁ କିମ୍ବା ତା ଉପରସ୍ତରକୁ ଉଠି ଯାଇ ବୁଝିଗଲେ ହେବ ନାହିଁ । ଶ୍ରଦ୍ଧା ସେତିକିବେଳେ ହେବ, ଯେତେବେଳେ ନୂତନ ଜ୍ଞାନ ନିଜ ଆଚରଣର ଅଙ୍ଗ ହୋଇଯିବ । ଏହି ପ୍ରକ୍ରିୟା ପାଇଁ ଉତ୍କଣ୍ଠା ପ୍ରକାଶ ପାଇବ । ଆଖି, କାନ ଆଦି ଗ୍ରହଣ କରିବାର ଅଙ୍ଗଗୁଡ଼ିକ ଉନ୍ମୁକ୍ତ ରହିବ ଓ ଗ୍ରହଣୀୟ ଉପାଦାନକୁ ମାର୍ଜିତ କରି ସମାଜରେ ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଅନୁକୂଳ କରି ନେବ । ଏଥିପାଇଁ ବ୍ୟକ୍ତିର ବିବେକ ଓ ସ୍ୱର୍ଗୀୟ ସଂଭାବନା ସହାୟକ ହୋଇଥାଏ । କିନ୍ତୁ ପ୍ରତିକୂଳ ପ୍ରଭାବ ଏସବୁକୁ ଅବରୁଦ୍ଧ କରିପକାଏ । ସାମାଜିକ ଓ ପ୍ରାକୃତିକ ପରିବେଶରୁ ଏହି ପ୍ରଭାବ କ୍ଷରି ଆସେ । ତେଣୁ ସଦ୍‌ଗୁରୁ ଓ ସଦ୍‌ଗ୍ରନ୍ଥର ପ୍ରଭାବ ସଂବନ୍ଧରେ ପୂର୍ବରୁ ଆଲୋଚନା କରାଯାଇଅଛି ।

ଏହା ହେଲା ଜ୍ଞାନାନନ୍ଦର ଗୋଟିଏ ଦିଗ । ଜ୍ଞାନ ପାଇବା ଓ ଜ୍ଞାନୀ ହେବାରେ ଆନନ୍ଦ । ଅନ୍ୟ ଦିଗଟି ହେଉଛି ଜ୍ଞାନ ଦାନରେ ଆନନ୍ଦ । ଜ୍ଞାନ ପାଇ ଜ୍ଞାନୀ ହେଲେ ସ୍ୱତଃ ଜ୍ଞାନଦାନ ହୋଇଯାଏ । ସିଦ୍ଧ ସାଧୁ ଓ ସନ୍ଥ ପରଂପରାରେ ଏହାହିଁ ସତ୍ୟ । ଜ୍ଞାନପିପାସୁ ସେମାନଙ୍କ ସମୀପକୁ ଆକୃଷ୍ଟ ହୁଅନ୍ତି । ନବଜାତ ଶିଶୁକୁ ସ୍ତନ୍ୟଦାନ କରିବା ଜନନୀ ପକ୍ଷରେ ଯେପରି ଏକ ସ୍ୱାଭାବିକ ଓ ସ୍ୱତଃ ଆନନ୍ଦଦାୟକ ପ୍ରକ୍ରିୟା ଆତ୍ମସିଦ୍ଧ ମନୀଷୀମାନଙ୍କ ପକ୍ଷରେ ଜ୍ଞାନଦାନ କରିବା ସେହିପରି । ସେମାନଙ୍କ ହୃଦୟରୁ ଜ୍ଞାନ ଝରିଆସେ । ସାଧାରଣ ଅନୁଭବରେ ଶିକ୍ଷକମାତ୍ରେ ହିଁ ଏପ୍ରକାର ଜ୍ଞାନାନନ୍ଦ କିଞ୍ଚିତ ପାଇଥାନ୍ତି । ଅନ୍ତର ପୁଲକିତ ହୋଇ ଉଠେ । ଶିକ୍ଷାଦାନ କାବ୍ୟକବିତାଦି ଅଧ୍ୟୟନ ପରି ରସୋତ୍ତୀର୍ଣ୍ଣ ହୋଇପଡ଼େ । ଗୁଣିଗାରେଡ଼ିର ଗୁରୁସ୍ୱାର୍ଥାନ୍ୱେଷୀ ହୋଇ ଶିଷ୍ୟ ଅନ୍ୱେଷଣ କରନ୍ତି । କିନ୍ତୁ ସଦ୍‌ଗୁରୁ ଓ ସୁଜ୍ଞାନୀ ପଣ୍ଡିତ ଶିଷ୍ୟ ସମଭିବ୍ୟାହାରରେ ବିଚରଣ କରନ୍ତି । ଏଠି ଜ୍ଞାନର ବିକୀରଣ ହୁଏ । ପରସ୍ପର ସହଯାତ୍ରୀ ହୋଇଛନ୍ତି । କାରଣ ଜ୍ଞାନୀ ହେବାର ଆନନ୍ଦ ଯେପରି ଜ୍ଞାନଦାନର ଆନନ୍ଦରେ ପରିଣତ ହୁଏ, ସେହିପରି ଜ୍ଞାନଦାନର ଆନନ୍ଦ ଜ୍ଞାନୀହେବାର ଆନନ୍ଦକୁ ଶତଗୁଣିତ କରି ପକାଏ । ଅଧ୍ୟୟନ ଓ ଅଧ୍ୟାପନା ଏକ ସଂଯୁକ୍ତ ଓ ସହଯୋଗୀ ପ୍ରକ୍ରିୟା ହୋଇଯାଏ । ଏଠାରୁ ସଂକୀର୍ଣ୍ଣତା ପଳାୟନ କରେ । ଏହାହିଁ ଆମ ପ୍ରାଚୀନ ଗୁରୁକୁଳର ପରଂପରା ଓ ପ୍ରାଚୀନ ସମାଜ ରଚନାର ଭିତ୍ତିଭୂମି । ଏହାର ଅଭାବ ବୋଧ ହିଁ ଆମକୁ ସ୍ୱାର୍ଥାନ୍ଧ ଓ ବ୍ୟକ୍ତି ସର୍ବସ୍ୱ କରି ପକାଇଛି ।

ଜ୍ଞାନାନନ୍ଦ ପାଇଁ ବୟସର ସୀମା କିଛି ନାହିଁ । ବାଲ୍ୟ, ଯୌବନ ଆଦି କୌଣସି ନିର୍ଦ୍ଦିଷ୍ଟ ଅବସ୍ଥାରେ ଏହା ସୀମିତ ନୁହେଁ । ସମଗ୍ର ଜୀବନହିଁ ଏହାର ପ୍ରଶସ୍ତ କ୍ଷେତ୍ର ।

ଯଦି ବ୍ୟକ୍ତି ଓ ସମାଜ ଜ୍ଞାନାନନ୍ଦରେ ମାତି ଉଠନ୍ତି ତେବେ ସେମାନେ ପ୍ରତିଭାର ଅଧିକାରୀ ହୁଅନ୍ତି । ଚିନ୍ତା ଓ ଚେତନାରେ ସର୍ବଦା ଯୌବନରେ ଅଧିରୂଢ଼ ହୋଇ ନବୀନତା ଓ ନବୋନ୍ମେଷ ଆସ୍ୱାଦନ କରନ୍ତି । ଜଣେ କେହି ଏକଦା ଗ୍ରୀସ୍‌ବାସୀଙ୍କର ଜ୍ଞାନୋନ୍ନତତାକୁ ଲକ୍ଷ୍ୟକରି କହିଥିଲେ "You Greeks, you are always young" ଏପରି ସ୍ଥଳରେ ମୃତ୍ୟୁ ପରାଜୟ ସ୍ୱୀକାର କରେ ଓ ବାର୍ଦ୍ଧକ୍ୟ ଜୀବନରେ ପ୍ରବେଶ କରି ପାରେ ନାହିଁ । ଏହାହିଁ ହୁଏ ପ୍ରକୃତ ପ୍ରଗତି, ଯେଉଁଥିରେ ସମସ୍ତେ ସମବେତ ହୋଇ ଯୋଗ ଦିଅନ୍ତି । ଏଥିରେ ଭେଦ, ବାଦ ଓ ବିଦ୍ୱେଷ ରହେ ନାହିଁ । ବ୍ରହ୍ମାନନ୍ଦ ପରି ଜ୍ଞାନାନନ୍ଦ ପରମ ସୁଖଦ ହୋଇ ପଡ଼େ ।

ବସ୍ତୁତଃ ଆନନ୍ଦାତ୍ ଇବ ଇମାନି ଭୂତାନି ଜାୟନ୍ତେ । ସର୍ବ ସୃଷ୍ଟି ଓ କୃତିର ଉତ୍ସ ହେଉଛି ଆନନ୍ଦ । ଏହି ଉତ୍ସଟି ସଂରକ୍ଷିତ ହୋଇ ପାରିଲେ ଏହାର ପରିଣାମ ବହୁମୁଖୀ ହୁଏ । ବ୍ୟଥା ଓ ନୈରାଶ୍ୟ ଆଜି ଆମକୁ ବିକୃତ ଓ ବିପଥଗାମୀ କରିଦେଉଛି । ଏପରି ବିକୃତ

ମନୋଭାବରୁ ଚରିତ୍ର ସଂହାର ଜାତ ହୁଏ । ବାସ୍ତବରେ ଜ୍ଞାନାନନ୍ଦ ହୁଏ ସଚ୍ଚିଦାନନ୍ଦ । ଏଥିରେ ସତ୍, ଚିତ୍ ଓ ଆନନ୍ଦ ପରସ୍ପରଠାରୁ ପୃଥକ୍ ନୁହନ୍ତି କିମ୍ବା ସାଧନା କାଳରେ ପୃଥକ୍ ପୃଥକ୍ ଅନୁଭୂତ ହୁଅନ୍ତି ନାହିଁ । ସଚ୍ଚିଦାନନ୍ଦ ଏକ ଓ ଅଭିନ୍ନ । ଏପ୍ରକାର ସାଧନାଦ୍ୱାରା ସଂସ୍କୃତିର ପ୍ରସାର । ଏହା ବିଜୟ ନୁହେଁ । ଏହା ଅହମିକା ନୁହେଁ । ଏଥିରେ କ୍ଷମତାର ଜୟ ନାହିଁ । ଏଠି ଅଛି ହୃଦୟର ସମୃଦ୍ଧ ପରିବ୍ୟାପ୍ତି ।

## ତାଳଦଣ୍ଡା କେନାଲ ଉପରେ ୧୫ ଲକ୍ଷ ଟଙ୍କାରେ ୨ଟି ସେତୁ ନିର୍ମିତ

### ଉଦ୍‌ଘାଟନ କରି ସେଚ ରାଷ୍ଟ୍ରମନ୍ତ୍ରୀ ଓ ପୂର୍ବ ରାଷ୍ଟ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ଗତ ଡିସେମ୍ବର ୧୯ରେ କଟକ ଜିଲ୍ଲା ରଘୁନାଥପୁର ବ୍ଲକ୍‌ର ଜୟୀପୁରଠାରେ ଏବଂ କୁଜଙ୍ଗ ବ୍ଲକ୍‌ର ରାହାମାଠାରେ ତାଳଦଣ୍ଡା କେନାଲ ଉପରେ ନିର୍ମିତ ୨ଟି ଉଚ୍ଚ କଂକ୍ରିଟ୍ ସେତୁକୁ ଯାନବାହନ ଚଳାଚଳ ଓ ଗମନାଗମନ ଲାଗି ଉଦ୍‌ଘାଟନ କରାଯାଇଛି । ଦୀର୍ଘଦିନରୁ ଏଥିପାଇଁ ଜନସାଧାରଣଙ୍କ ତରଫରୁ ଦାବୀ ହୋଇଆସୁଥିଲା । ଜୟୀପୁର ସେତୁ ନିର୍ମିତ ହେବା ଫଳରେ ମହାନଦୀ-ପାଇକା ମଧ୍ୟବର୍ତ୍ତୀ ଅଞ୍ଚଳ, ପାଇକା-ଚିତ୍ରୋତ୍ପଳା ମଧ୍ୟବର୍ତ୍ତୀ ଅଞ୍ଚଳ ଏବଂ ଚିତ୍ରୋତ୍ପଳା ବାମପାର୍ଶ୍ୱବର୍ତ୍ତୀ ଅଞ୍ଚଳର ନଗଣପୁର, ଛପଡା, କୃଷ୍ଣାନନ୍ଦପୁର, ଜାଇଲୋ, କନିମୂଳ, ତେଣ୍ଡାକୁଦା, ମଣିଜଙ୍ଗା, ଉଭରକୂଳ, ନରେନ୍ଦ୍ରପୁର ଓ ବଡଳା ପଞ୍ଚାୟତ ଅନ୍ତର୍ଗତ ୯୦ଟି ଗ୍ରାମର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ । ସେହିପରି ରାହାମା ସେତୁ ହେବା ଦ୍ୱାରା ମହାନଦୀ-ପାଇକା ମଧ୍ୟବର୍ତ୍ତୀ ଅଞ୍ଚଳର ଯୁଗଣଆ, ହାଟସାହି, ଅନୋଳିପାଟଣା, ଗୋବର୍ଦ୍ଧନପୁର ଓ ବାଲିକଣ ପ୍ରଭୃତି ୩୦ଟି ଗ୍ରାମ ଏବଂ ପାଇକା ବାମପାର୍ଶ୍ୱବର୍ତ୍ତୀ କଣପଡା, ବଟିରା, ଡିଣ୍ଡିରି, ଧନିଆପଡା, ମହାନଂଗଳା ଓ ଆମେଇପାଳ ସମେତ ୨୫ଟି ଗ୍ରାମର ବାସିନ୍ଦାମାନେ ସୁବିଧାରେ ଯାତାୟାତ କରିପାରିବେ ।

୭୨ ଫୁଟ ଦୈର୍ଘ୍ୟ, ୧୪ଫୁଟ ପ୍ରସ୍ଥ ଓ ୨୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ସେତୁ ଦୁଇଟିର ନିର୍ମାଣ ବାବଦରେ ସମୁଦାୟ ୧୫ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାନଦୀ ତ୍ରିକୋଣଭୂମି ଯୋଜନା ବହୁ ଦିନରୁ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଉଦ୍ୟମରେ ସେତୁ ଦୁଇଟିର ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ।

ଏ ଉପଲକ୍ଷେ ଜୟୀପୁର ଓ ରାହାମାଠାରେ ଅନୁଷ୍ଠିତ ୨ଟି ବିରାଟ ଜନସଭାରେ ଉଦ୍‌ବୋଧନ ଦେଇ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ କୁଜଙ୍ଗଠାରେ ମଧ୍ୟ ନିର୍ମିତ ହେଉଥିବା ଅନ୍ୟ ଏକ ସେତୁ ସଂପୂର୍ଣ୍ଣ ହେବାକୁ ଯାଉଛି । ସେ କହିଲେ ଯେ ସ୍ୱାଧୀନତା ପରେ କେତେକ ପଡୋଶୀରାଜ୍ୟରେ ମୁଣ୍ଡପିଛା ଆୟ ୮ଗୁଣ ବୃଦ୍ଧି ପାଇଥିବା ସ୍ଥଳେ ଓଡ଼ିଶାରେ ମୁଣ୍ଡପିଛା ଆୟ ମାତ୍ର ୩ ଗୁଣ ବୃଦ୍ଧି ପାଇଛି । ସେହିସବୁ ଆଗୁଆ ରାଜ୍ୟ ସହିତ ସମକକ୍ଷ ହୋଇ ଆମର ଅର୍ଥନୀତିର ବିକାଶ କରିବା ଲାଗି ରାଜ୍ୟ ସରକାର ଷଷ୍ଠ ଯୋଜନା ପାଇଁ ବ୍ୟୟ ବରାଦ ଥିବା ୧,୫୦୦ କୋଟି ଟଙ୍କା ବ୍ୟତୀତ ଅଧିକ ପ୍ରାୟ ୫ହଜାର କୋଟି ଟଙ୍କା ବ୍ୟୟ କରିବାକୁ ବ୍ୟବସ୍ଥା କରିଛନ୍ତି । ଏ ସଂପର୍କରେ ସେଚ ରାଷ୍ଟ୍ରମନ୍ତ୍ରୀ ଆଲୁମିନିୟମ୍ କାରଖାନା, ଦ୍ୱିତୀୟ ଇସ୍‌ପାତ କାରଖାନା, ଫେରୋକ୍ରୋମ୍ କାରଖାନା, ସୂତା, ଚିନି ଓ କାଗଜକଳ ପରି ବୃହତ୍ ଓ ମଧ୍ୟମ ଶିଳ୍ପ ସମେତ ବହୁ ଗ୍ରାମ୍ୟଶିଳ୍ପ ପ୍ରତିଷ୍ଠିତ ହେଉଛି ବୋଲି ଦର୍ଶାଇଥିଲେ । ସେ କହିଲେ ଯେ ଏଗୁଡିକ ସଂପୂର୍ଣ୍ଣ ହେଲେ ରାଜ୍ୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହେବ । ଅତୀତରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା, ତ୍ରିକୋଣଭୂମି ଯୋଜନା ଓ କାମ ପାଇଁ ଖାଦ୍ୟ ଯୋଜନାରେ ଗୁରୁତର ବିଭ୍ରାଟ ତଥା ଅପବ୍ୟୟ ହୋଇଥିବା ସଂପର୍କରେ ସେ ସୂଚନା ଦେଇଥିଲେ । ସେ ପୁଣି କହିଲେ ଯେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ସଦିଚ୍ଛା ଲାଭ କରି ରାଜ୍ୟ ସରକାର ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ତିର୍ତ୍ତୋଲ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ଯୋଜନାଗୁଡିକର ଅଗ୍ରଗତି ପ୍ରଶଂସନୀୟ ବୋଲି ସୂଚନା ଦେଇ ସେଚ ରାଷ୍ଟ୍ରମନ୍ତ୍ରୀ କହିଲେ ଯେ ଗତ ଅଢେଇ ବର୍ଷ ମଧ୍ୟରେ ସେଠାରେ ୨୦ଟି ଉଠାଜଳସେଚନ ପଏଣ୍ଟ ନିର୍ମିତ ହୋଇଛି । ବର୍ତ୍ତମାନ ୧ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଧିକ ୫୪ଟି ପଏଣ୍ଟ ନିର୍ମାଣ ପାଇଁ ବ୍ୟବସ୍ଥା ହେଉଛି ।

ପୂର୍ବ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ଭାଷଣ ପ୍ରସଙ୍ଗରେ କହିଲେ ଯେ ସରକାର ସଂକୀର୍ଣ୍ଣ ରାଜନୀତିର ଊର୍ଦ୍ଧ୍ୱରେ ରହି ରାଜ୍ୟର ସବୁ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ସବୁ ଜଳକଷ୍ଟ ଗ୍ରାମରେ ପାନୀୟ ଜଳ ଯୋଗାଇ ଦିଆଯିବ । ଗତ ଅଢେଇ ବର୍ଷ ମଧ୍ୟରେ ତିର୍ତ୍ତୋଲ ଅଞ୍ଚଳରେ ୪୫୦ଟି ନଳକୂପ ସମେତ ରାଜ୍ୟରେ ପ୍ରାୟ ୨୫ ହଜାର ନଳକୂପ ବସାଯାଇଛି ଏବଂ ଚଳିତ ବର୍ଷ ଅଧିକ ୧୬ ହଜାର ନଳକୂପ ବସାଇବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ । ଏହା ବ୍ୟତୀତ ମହାନଦୀ ଉପରେ ଏକ ସୁଦୀର୍ଘ ସେତୁ ନିର୍ମାଣ କରାଯାଉଛି ବୋଲି ସେ କହିଥିଲେ ।

# ଭୂମିଭିତ୍ତିକ ଥଇଥାନ ବ୍ୟବସ୍ଥା

ଶ୍ରୀ ନୃସିଂହ ଚରଣ ବେହୁରିଆ

ଆମର ଦେଶ ଏକ କୃଷି ପ୍ରଧାନ ଦେଶ । ଗ୍ରାମହିଁ ଭାରତ ତଥା ଓଡ଼ିଶାର ପ୍ରାଣକେନ୍ଦ୍ର । କୃଷି ଅଧିକାଂଶ ଗ୍ରାମବାସୀଙ୍କର ଜୀବିକା ଅର୍ଜନର ଏକମାତ୍ର ପନ୍ଥା । ତାହାଛଡ଼ା ସହରର ଅନେକ ଲୋକ ମଧ୍ୟ କୃଷିକରି ଜୀବିକା ନିର୍ବାହ କରନ୍ତି । ତେଣୁ ଭାରତୀୟମାନେ ଭୂମିକୁ ଏକ ଦେବତାରୂପେ ପୂଜା କରନ୍ତି । ଓଡ଼ିଶାରେ ଭୂମିକୁ ମାଟି, ମାଆଟି ବା ମାତାବୋଲି କହନ୍ତି । ଓଡ଼ିଶାର ଶତକଡ଼ା ୯୧ ଲୋକ ଗ୍ରାମରେ ବାସକରନ୍ତି । ସେଥିମଧ୍ୟରୁ ପ୍ରାୟ ୪୦ ଲକ୍ଷ କୃଷକ ପରିବାର । ଏଥିରେ ପ୍ରାୟ ୩ ଲକ୍ଷ ପରିବାର ବିଶିଷ୍ଟ ସଂପୂର୍ଣ୍ଣ ଭୂମିହୀନ କୃଷି ମୂଲିଆ ଅନ୍ତର୍ଭୁକ୍ତ ନୁହନ୍ତି । ସେମାନେ ଭାଗସୂତ୍ରରେ ଜମିଚାଷକରି ଜୀବିକା ନିର୍ବାହ କରନ୍ତି ଓ ଅନ୍ୟମାନେ କେବଳ ଭୂମିହୀନ କୃଷି ମୂଲିଆ ରୂପେ କାମକରି ମଜୁରି ପାଇ ଚଳନ୍ତି । ଅନେକ ଛୋଟ ଓ ନାମକୁ ମାତ୍ର ଚାଷୀ Samall and Marginal Farmer ପରିବାର ଅଛନ୍ତି, ଯାହାର ସଂଖ୍ୟା ପ୍ରାୟ ୨୫ ଲକ୍ଷ । ସେମାନେ ଖୁବ୍ ଅଳ୍ପ ଜମିର ମାଲିକ ହୋଇଥିବାରୁ ବର୍ଷକୁ ଯାହା ଶସ୍ୟ ପାଆନ୍ତି ସେମାନଙ୍କର ଗୁଜୁରାଣ ମେଣ୍ଟେନାହିଁ । ସେମାନେ ମଜୁରୀ ବା ଅନ୍ୟାନ୍ୟ ଧନ୍ଦାକରି ବଡ଼ କଷ୍ଟରେ ଚଳନ୍ତି ।

ଗ୍ରାମବାସୀଙ୍କର ଭୂମି ଯେ କେବଳ ଜୀବିକା ଅର୍ଜନରେ ଏକ ସମ୍ବଳ ତାହା ନୁହେଁ, ଏହା ସାମାଜିକ ପ୍ରାଧାନ୍ୟ ବା Social Statusର ଏକ ମାନଦଣ୍ଡ । ତେଣୁ ଅନେକ ଲୋକ ଦେଶଦେଶାନ୍ତରକୁ ଯାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି ଶିଳ୍ପ ଶ୍ରମିକ ରୂପେ ବା ଅନ୍ୟାନ୍ୟ ଧନ୍ଦାକରି ଯାହା ସାମାନ୍ୟ ସଂଚୟ କରନ୍ତି ସେଥିରେ ଗ୍ରାମରେ କିଛି କିଛି ଜମି କିଣନ୍ତି ନିଜର ସାମାଜିକସ୍ଥିତି ଓ ନିରାପତ୍ତା ପାଇଁ ।

ହିସାବରୁ ଦେଖାଯାଇଛି ଯେ ଓଡ଼ିଶାରେ ଗ୍ରାମର ପ୍ରାୟ ଶତକଡ଼ା ୭୦ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ ଅର୍ଥାତ୍ ସେମାନଙ୍କର ପରିବାରର ବାର୍ଷିକ ଆୟ ବର୍ତ୍ତମାନର ମୂଲ୍ୟସୂଚୀ ଅନୁସାରେ ଟ୪,୨୦୦ଠାରୁ କମ୍ । ଏହି ଲୋକମାନଙ୍କର ଆର୍ଥିକ ଉନ୍ନତି ନହେଲେ ଦେଶର ଉନ୍ନତି ଅସମ୍ଭବ । ପାଂଚଟି ପଂଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବାପରେ ଦେଖାଗଲା ଯେ ଲୋକସଂଖ୍ୟା ବୃଦ୍ଧି ହେତୁ ଓ ଅନ୍ୟାନ୍ୟ କାରଣରୁ ଗ୍ରାମରେ ଦାରିଦ୍ର୍ୟର ହାର କମୁନାହିଁ ଅର୍ଥାତ୍ ଯୋଜନାର ପ୍ରଭାବ ଗରିବ ଶ୍ରେଣୀର ଅର୍ଥନୈତିକ ମାନଦଣ୍ଡକୁ ବୃଦ୍ଧି କରିନାହିଁ । ତେଣୁ ଷଷ୍ଠ ଯୋଜନାର ଆଭିମୁଖ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇ Infrastructure Development ଉପରେ ପ୍ରାଧାନ୍ୟ କମାଇ ଗ୍ରାମମାନଙ୍କରେ ବିଶେଷତଃ ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଂଚଳମାନଙ୍କରେ beneficiary ବା ପରିବାର Oriented Programme ଉପରେ ଗୁରୁତ୍ୱ ଦିଆଯାଉଛି, ଯେପରିକି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମ୍ୟ ପରିବାରମାନଙ୍କର ଥଇଥାନ ବ୍ୟବସ୍ଥା ହୋଇପାରିବ । ଦେଶର ସମସ୍ତ ବ୍ଲକମାନଙ୍କରେ I. R. D. ବା ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ଓ ଆଦିବାସୀ ଅଧ୍ୟୁଷିତ ଅଂଚଳରେ I. T. D. A. ବା ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଉଛି । ଏହି ପରିବାର ଅଭିମୁଖ୍ୟ Scheme ମାନଙ୍କମଧ୍ୟରୁ ଭୂମିଭିତ୍ତିକ ଥଇଥାନ ବ୍ୟବସ୍ଥା ସବୁଠାରୁ ଉତ୍କୃଷ୍ଟ ଓ ଲୋକପ୍ରିୟ ।

ଚାଷଯୋଗ୍ୟ ଭୂମିର ପରିମାଣ ସୀମିତ ଥିବାରୁ ଦେଶର ସମସ୍ତ ସ୍ୱଳ୍ପଭୂମିବାନ ବା ସଂପୂର୍ଣ୍ଣ ଭୂମିହୀନ କୃଷିନିର୍ଭରଶୀଳ ପରିବାରଙ୍କୁ ଭୂମି ଯୋଗାଇ ଥଇଥାନ କରିବା ସମ୍ଭବ ନୁହେଁ । ତଥାପି ୧୯୭୧ ମସିହାଠାରୁ ସେମାନଙ୍କୁ ସରକାରୀ ଜମି ଓ ସେମାନେ ଅସ୍ଥାୟୀ ଭାବରେ ଚାଷ କରୁଥିବା ପ୍ରାଇଭେଟ୍ ଜମି ଉପରେ ରୟତିସ୍ୱତ୍ୱ ପ୍ରଦାନ କରିବାର ନୀତି ବିଭିନ୍ନ ଆଇନ ଏବଂ ସରକାରୀ ନିର୍ଦ୍ଦେଶନାମା Executive instruction ଦ୍ୱାରା ଅଳ୍ପେ ବହୁତେ କାର୍ଯ୍ୟକାରୀ କରାଯାଉଛି ଓ ଯାଉଛି । ଭୂମିହୀନକୁ ଭୂମି ପ୍ରଦାନ Land to landless କାର୍ଯ୍ୟକ୍ରମକୁ ୧୯୭୪ଠାରୁ କ୍ଷିପ୍ରତର କରାଯାଇ ୧୯୮୨ ଜୁନ୍ ସୁଦ୍ଧା ପ୍ରାୟ ୫,୮୮,୦୦୦ ଏକର ଚାଷ ଉପଯୋଗୀ ସରକାରୀ ଜମି ଓ ପ୍ରାୟ ୧୪,୦୦୦ ଏକର ଗୃହଉପଯୋଗୀ ସରକାରୀ ଜମି ଯଥାକ୍ରମେ ୩ଲକ୍ଷ ୬୨ ହଜାର ଭୂମିହୀନ ଓ ୨ଲକ୍ଷ ୧୪ ହଜାର ଗୃହହୀନ ଲୋକମାନଙ୍କୁ ବିନା-ମୂଲ୍ୟରେ ବିତରଣ କରାଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକ । ଓଡ଼ିଶା ଭୂ-ସଂସ୍କାର ଆଇନ ବଳରେ ୧ଲକ୍ଷ ୩୨ ହଜାର ଭାଗଚାଷି ଓ ଦଖଲ ସ୍ୱତ୍ୱ ବିହୀନ ଲୋକମାନଙ୍କୁ ୮୫,୦୦୦ ଏକର ଜମିଉପରେ ରୟତି ସ୍ୱତ୍ୱ ପ୍ରଦାନ କରାଯାଇଛି । ବିଶେଷ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଭୂ-ସଂସ୍କାର ଆଇନ ବଳରେ ଚାଷଜମି ଉପରେ ରୟତି ବା ମାଲିକାନା

ସ୍ୱତ୍ୱର ସିଲିଂ ସ୍ଥିର କରାଯାଇ ସିଲିଂ ଉଦ୍‌ବୃତ୍ତ ଜମିକୁ ଭୂମିହୀନ କୃଷିମାନଂକୁ ବିତରଣ କରାଯାଉଛି । ଜୁନ୍‌ମାସ ଶେଷ ସୁଦ୍ଧା ୧ଲକ୍ଷ ୪ ହଜାର ଏକର ସିଲିଂ ବହିର୍ଭୂତ ଜମି ୭୯ ହଜାର ଭୂମିହୀନ ଲୋକମାନଂକ ମଧ୍ୟରେ ବଂଟନ କରାଯାଇଛି । ସେମାନଂକ ମଧ୍ୟରୁ ମଧ୍ୟ ଅଧିକାଂଶ ଆଦିବାସୀ ଓ ହରିଜନ ଲୋକ ।

ସାଧାରଣ ନୀତି ହିସାବରେ ଯେଉଁ କୃଷୀ ପରିବାରର ଆଦୌ ଚାଷଯୋଗ୍ୟ ଜମି ନାହିଁ ବା ଏହି ଜମିର ପରିମାଣ ଏକ ଷ୍ଟାଣ୍ଡାର୍ଡ ଏକରରୁ କମ୍ ସେମାନଂକୁ landless ବା ଭୂମହୀନବୋଲି ଧରାଯାଏ ଓ ସେପରି ଏ ପରିବାରକୁ ଯଥାସମ୍ଭବ ଏକ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ Orissa Govt. Land Settlement Act ଅନୁଯାୟୀ ଦିଆଯାଏ । ମାତ୍ର ସିଲିଂ ବହିର୍ଭୂତ ଜମି ପାଇବାକୁ ହେଲେ ଉକ୍ତ ପରିବାର ଜମିର ସର୍ବୋଚ୍ଚସୀମା ଏକ ଷ୍ଟାଣ୍ଡାର୍ଡ ଏକରର ତିନି-ଚତୁର୍ଥାଂଶ ହୋଇଥିବ । ଏକ ଷ୍ଟାଣ୍ଡାର୍ଡ ଏକରର ଅର୍ଥ ନିଶ୍ଚିତ ଭାବରେ ଜଳସେଚିତ ଦୋଫସଲି ଜମି ଏକ ଏକର, ନିଶ୍ଚିତ ଭାବରେ ଜଳସେଚିତ ଏକ ଫସଲି ଜମି ଦେଢ଼ ଏକର, ଧାନ ଫସଲ ହେଉଥିବା ଅଣ-ଜଳସେଚିତ ଜମି ୩ ଏକର ଓ ଅନ୍ୟାନ୍ୟ ଜମି ସାଢ଼େଚାରି ଏକର ।

ଅଭିଜ୍ଞତାରୁ ଦେଖାଗଲା ଯେ ଆମଦେଶର ଗରିବ ଚାଷୀ ପରିବାରର ଆର୍ଥିକ ଅବସ୍ଥା ଯାହା ସେଥିରେ ଖାଲି ସେମାନଂକୁ ସରକାରୀ ଜମି ବା ସିଲିଂ ଉଦ୍‌ବୃତ୍ତ ଜମି ଦେଇଦେଲେ ସେମାନଂକର ଆର୍ଥିକ ଉନ୍ନତି ହୋଇପାରିବ ନାହିଁ, କାରଣ ଜମିକୁ ଉଠିଆକରି ଉତ୍ପାଦନଶୀଳ କରିବାକୁ ହେଲେ ଯେଉଁ ଯେଉଁ ସମ୍ବଳ ଆବଶ୍ୟକ ତାହା ସେମାନଙ୍କ ପାଖରେ ନାହିଁ । ତେଣୁ ସିଲିଂ ଉଦ୍‌ବୃତ୍ତ ଜମି ବାଂଟିବା ବେଳେ ସେମାନଂକୁ ଏକର ପିଛା ଟ୪୦୦ଙ୍କା ଜମି ଉଠିଆ କରିବାକୁ ଆର୍ଥିକ ସାହାଯ୍ୟ ମଧ୍ୟ ଦିଆଯାଉଛି । ଏପର୍ଯ୍ୟନ୍ତ ପ୍ରାୟ ୧ କୋଟି ୧୦ ଲକ୍ଷ ଟଂକା ପ୍ରାୟ ୨୬,୦୦୦ ଲୋକଂକ ମଧ୍ୟରେ ବଂଟା ସରିଲାଣି ଓ ଅନ୍ୟମାନଂକୁ ଦିଆ ଚାଲିଛି । ତାହାଛଡ଼ା ଆଦବାସୀ ଅଧ୍ୟୁଷିତ ଅଂଚଳମାନଂକରେ I. T. D. A. ଫଣ୍ଡରୁ ଗରିବ ଆଦିବାସୀମାନଂକର ଜମିକୁ ଶତକଡ଼ା ୫୦ ସବ୍‌ସିଡ଼ି ଓ ୫୦ ବ୍ୟାଂକ ଲୋନ୍ ପ୍ରଣାଳୀରେ ଜମିଉଠିଆ ଓ ଅନ୍ୟାନ୍ୟ ( Input ) ସାହାଯ୍ୟ କରାଯାଇ ଉତ୍ପାଦନଶୀଳ କରାଯାଉଛି । ଦେଶର ସମସ୍ତ ବ୍ଲକକୁ ଆଇ ଆର. ଡ଼ି. ବ୍ଲକ୍‌ରୂପେ ଘୋଷଣା କରାଯାଇ ପ୍ରତି ଜିଲ୍ଲାରେ D R. D. A. ସଂସ୍ଥା ଗଠନ କରାଯାଇଛି । ଉକ୍ତ ସଂସ୍ଥା ଜରିଆରେ ମଧ୍ୟ Small farmer ମାନଂକୁ ୨୫ ପରସେଣ୍ଟ ସବ୍‌ସିଡ଼ି ଓ ୭୫ ପରସେଣ୍ଟ ଲୋନ୍ ଏବଂ Marginal farmer ମାନଂକୁ ୩୩⅓ ପରସେଣ୍ଟ ସବ୍‌ସିଡ଼ି ୬୬⅔ ପରସେଣ୍ଟ ଲୋନ୍ ଓ ହରିଜନ ଓ ଆଦବାସୀମାନଂକୁ ୫୦ ପରସେଣ୍ଟ ସବ୍‌ସିଡ଼ି ଓ ୫୦ ପରସେଣ୍ଟ ଲୋନ୍ ଦେଇ ଭୂମି ଭିତ୍ତିକ ଥଇଥାନର କାର୍ଯ୍ୟକ୍ରମ ରହିଛି ।

ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା ଯେ ୧୯୮୦-୮୧ ମସିହାଠାରୁ ଓଡ଼ିଶା ସରକାର ସ୍ୱତନ୍ତ୍ରଭାବରେ ଏକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଯାହାକୁ ERRP ବା ଦରିଦ୍ରତମ ଗ୍ରାମ୍ୟ ପରିବାରର ଅର୍ଥନୈତିକ ପୁନରୁତ୍‌ଥାନ ଯୋଜନା ବୋଲି ଆଖ୍ୟା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାଇ ଓଡ଼ିଶାର ପ୍ରାୟ ୫୦,୦୦୦ ଗ୍ରାମରେ ବାସ କରୁଥିବା ୫ ଲକ୍ଷ ଦରିଦ୍ରତମ ପରିବାରଂକର ୫ ବର୍ଷ ସମୟ ସୀମା ମଧ୍ୟରେ ବିଭିନ୍ନ ସ୍କିମ୍ ମାଧ୍ୟମରେ ଏପରି ଆର୍ଥିକ ପୁନରୁତ୍‌ଥାନ୍ କରାଯିବ, ଯେପରିକି ଉକ୍ତ ପରିବାରର ନିଟ୍ ବାର୍ଷିକ ଆୟ ଟ୧,୫୦୦ଙ୍କାରୁ କମ୍ ହେବନାହିଁ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଯେଉଁ beneficiary ବା ଲୋକଂକୁ ବଛାଯିବ ତାହାର ଆୟ ଉପୁଜାଉଥିବା କୌଣସି ସମ୍ବଳ ନଥିବ, ଏବଂ ସେ ପରିବାରର କେବଳ ମୂଲଲାଗି ପେଟ ପୋଷୁଥିବେ ଏବଂ ସେ ପରିବାରର ମଜୁରିରୁ ଆୟ ବର୍ଷକୁ ଟ୧,୨୦୦ଙ୍କାରୁ ଅଧିକ ହେଉନଥିବା ଏପରି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ଅଂଚଳକୁ ପ୍ରଯୁଜ୍ୟ ହେଉଥିବା ଯେତେ ଯୋଜନା ବା ସ୍କିମ୍ କଳ୍ପନା କରାଯାଇଛି, ସବୁଠାରୁ ଉପାଦେୟ, ଗ୍ରହଣୀୟ ଓ ଲୋକପ୍ରିୟ ଯୋଜନା ହେଲା ଭୂମିଭିତ୍ତିକ ଥଇଥାନ ବ୍ୟବସ୍ଥା । ଏହା ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ । Annual cropping ଓ Plantation. Annual cropping ଅନୁଯାଇ ତହସିଲଦାରମାନେ ଗୋଟିଏ ସ୍ଥାନରେ ଥିବା ୧୦ ଏକର ବା ତଦୂର୍ଦ୍ଧ୍ୱ ଚାଷଯୋଗ୍ୟ ସରକାରୀ ଜମି ବାଛିବେ ଯେଉଁ ଥିରେକି ଜଳସେଚନର ସୁବିଧା ଥିବ ବା ସୁବିଧା କରାଯାଇପାରିବ । ପ୍ରତ୍ୟେକ beneficiary କୁ ଦେଢ଼ ଏକରରୁ ୨ ଏକର ଜମି ଦେବାପାଇଁ demarcation କରାଯିବ ଓ ସେ ଜମିକୁ Reclamation ବା ଉଠିଆ କରିବାକୁ ଓ ସେଥିରେ ଫସଲ ଉତ୍ପାଦନ କରିବାକୁ ଉକ୍ତ ପରିବାରର ଲୋକଙ୍କୁହିଁ ସରକାରୀ ସ୍ଥିରୀକୃତ ସର୍ବନିମ୍ନ ମଜୁରି ଦେଇ ନିଯୁକ୍ତ କରାଯିବ । ପ୍ରଥମ ବର୍ଷ ଉଠିଆ କରାଯିବ ଓ ୨ୟ, ୩ୟ ବର୍ଷରେ ଫସଲ ଉତ୍ପାଦନ କରାଯାଇ ଜମିକୁ ସଂପୂର୍ଣ୍ଣ ଉତ୍ପାଦନକ୍ଷମ କରାଯିବ । ଏସବୁ କାମ ସରକାରୀ ଅଫିସରଂକର ଦ୍ୱାରା ପୁରା ସରକାରୀ ଖର୍ଚ୍ଚରେ କରାଯିବ । ୪ର୍ଥ ବର୍ଷଠାରୁ ଉକ୍ତ ଲୋକଂକୁ ଜମ ବିନା ମୂଲ୍ୟରେ ହସ୍ତାନ୍ତର କରାଯାଇ ତାଙ୍କୁ ସେଥିରେ ପୁରା ମାଲିକାନା ସ୍ୱତ୍ୱ ପ୍ରଦାନ କରାଯିବ ଓ ପଟ୍ଟା ଦିଆଯିବ । ଇତି ମଧ୍ୟରେ ସରକାରୀ ଖର୍ଚ୍ଚରେ ଯେଉଁ ଫସଲ ଉତ୍ପାଦନ କରାଯାଇଥିବ ତାକୁ ସେ ପୁରାଭାବରେ ଉପଭୋଗ କରିବେ । ପ୍ରତ୍ୟେକ ପରିବାର ପାଇଁ ଜମି ଉଠିଆ କରିବା, ଜଳସେଚନର ସୁବିଧା କରିବା, ବଳଦ ହଳ କିଣିବା ଓ ଅନ୍ୟାନ୍ୟ ଚାଷ ଖର୍ଚ୍ଚ ବାବଦ ୭ ହଜାର ଟଙ୍କା ପର୍ଯ୍ୟନ୍ତ ସରକାର ୩ ବର୍ଷରେ ଖର୍ଚ୍ଚ କରିବେ ଓ ଏଥିରୁ କୌଣସି ଅଂଶକୁ beneficiary ପରିଶୋଧ କରିବାକୁ ପଡ଼ିବ ନାହିଁ । ଏପରି ଉପାଦେୟ କାର୍ଯ୍ୟକ୍ରମ ସର୍ବଥା ଗ୍ରହଣୀୟ ଓ ଆଦୃତ ହେବା ନିଶ୍ଚିତ । ମାତ୍ର ଅସୁବିଧା ଏତିକି ଯେ ଯଥେଷ୍ଟ ପରିମାଣରେ ଆମ ରାଜ୍ୟରେ ଏପରି ଚାଷୋପଯୋଗୀ ଜମି ନାହିଁ । ତେଣୁ ଯେଉଁ ଜମିରେ

ସୃଷ୍ଟ ହୋଇପାରିବ ନାହିଁ ସେଥିରେ ବିଭିନ୍ନ ପ୍ରକାର ଫଳବୃକ୍ଷ ରୋପଣ ବା plantation କରିଥାରେ ଭୂମିଭିତ୍ତିକ ଥଇଥାନ ବିକଳ୍ପ ବ୍ୟବସ୍ଥା କରାଯାଇଛି । ତାହା ହେଲା କାଜୁ ବାଦାମ, କଫି, ନଡ଼ିଆ, ଶିଶଲ, ମଲବେରୀ ଓ ଟସର । ଏହି plantation କରାଯାଉଥିବା ଜମି ଉପରେ ମାଲିକାନା ସ୍ୱତ୍ୱ ନ ଦେଇ କେବଳ ଗଛ ଉପରେ ଦଫାୟିତି ବା ଫଳଭୋଗୀସ୍ୱତ୍ୱ ଦିଆଯିବ । ଦୁଇ ଏକର ଜମିରେ କାଜୁ ବାଦାମ ଲଗାଯାଇ ସରକାର ୪ ବର୍ଷରେ ପ୍ରତି ପରିବାର ପାଇଁ ପ୍ରାୟ ୫,୭୦୦ ଟଂକା ଖର୍ଚ୍ଚ କରିବେ । କଫି ଦୁଇ ଏକରରେ ଚାଷକରି ୫ ବର୍ଷରେ ୪,୨୦୦ ଟଙ୍କା, କେନାଲ ବନ୍ଧରେ ନଡ଼ିଆ ଗଛ ଲଗାଇ ୪ବର୍ଷରେ ପ୍ରାୟ ୧,୮୦୦ ଟଙ୍କା ଓ Compact patch ରେ ନଡ଼ିଆ ଲଗାଇ ୪ ବର୍ଷରେ ୫,୮୦୦ ଟଂକା, ୩ ଏକର ଜମିରେ ଶିଶଲ ଲଗାଇ ୪ ବର୍ଷରେ ୭,୮୦୦ ଟଂକା, ୧/୨ ଏକର ଜମିରେ ମଲବେରୀ ଲଗାଇ ୨ ବର୍ଷରେ ୫,୯୦୦ଟଙ୍କା ଓ ଏକ ଏକର ଜମିରେ ଟସର ଚାଷ କରି ୪ ବର୍ଷରେ ପ୍ରାୟ ୩,୦୦୦ ଟଂକା ସରକାର ପ୍ରତି ପରିବାର ପିଛା ଖର୍ଚ୍ଚ କରିବେ । ସରକାରୀ ଅଫିସରଙ୍କ ଦ୍ୱାରା ଓ beneficiary ଙ୍କୁ ସେଥିରେ involve ବା ସଂପୃକ୍ତ କରି ଏ ସବୁ ଖର୍ଚ୍ଚ ଗ୍ରାଣ୍ଟ ଆକାରରେ ଦିଆଯିବ । ଏଥିରେ କୌଣସି ଅଂଶ ଲୋନ୍ ବା କରଜ ଆକାରରେ ଦିଆଯିବ ନାହିଁ । ବିଶେଷଜ୍ଞମାନଙ୍କ ଦ୍ୱାରା ହିସାବ କରାଯାଇଛି ଯେ ଏହି ପ୍ରକାର ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ପରେ ପ୍ରତ୍ୟେକ ପରିବାରର ଉକ୍ତ asset ବା ସଂପତ୍ତିରୁ ନିଟ୍ ଆୟ ନିଶ୍ଚିତଭାବେ ବାର୍ଷିକ ୧୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଏହାଛଡ଼ା ମାଛ ଚାଷ ଯୋଜନାକୁ ମଧ୍ୟ ଏକଭୂମିଭିତ୍ତିକ ଥଇଥାନ ବ୍ୟବସ୍ଥା ରୂପେ ଗ୍ରହଣ କରାଯାଇ ପାରେ । ଏଥିରେ ପ୍ରତ୍ୟେକ ପରିବାର ପାଇଁ ଅଧ ଏକର ମାଛ ଚାଷ ଉପଯୋଗୀ ଜମି ସ୍ଥିର କରାଯାଇ ସରକାର ସେଥିରେ ଏକ ବର୍ଷ ମଧ୍ୟରେ ୬୦୦୦ ଟଂକା ପ୍ରତ୍ୟେକ ପରିବାର ପିଛା ଖର୍ଚ୍ଚ କରିବେ ।

ଏସବୁ କାର୍ଯ୍ୟକ୍ରମ ବ୍ଳକ୍ ଉନ୍ନୟନ ଅଫିସର ଓ ବିଭାଗୀୟ ଅଫିସରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ୩୧-୩-୮୨ ସୁଦ୍ଧା ସମଗ୍ର ରାଜ୍ୟରେ E.R.R.P.ର ଏହିପରି ଭୂମିଭିତ୍ତିକ ଯୋଜନାରେ ୩୦,୯୦୮ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି । ୧୯୮୨-୮୩ରେ ଆଉ ୨୭,୭୦୦ ପରିବାରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାପାଇଁ ପ୍ରସ୍ତାବ ଅଛି । ଜମିର ସ୍ୱଳ୍ପତା ଦୃଷ୍ଟିରୁ ପଶୁପାଳନ, ବ୍ୟବସାୟ ବାଣିଜ୍ୟ ଓ ଶିଳ୍ପ ଗତ ଇତ୍ୟାଦି ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିଥାରେ E.R.R.P.ର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟା କରାଯାଉଛି ।

(ଆକାଶବାଣୀ ସୌଜନ୍ୟରୁ)

## କୋରାପୁଟ ଜିଲାରେ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ

କୋରାପୁଟ ଜିଲାରେ ୬ ବର୍ଷରୁ ୧୧ ବର୍ଷ ମଧ୍ୟରେ ପିଲମାନଙ୍କ ମଧ୍ୟରୁ ମୋଟ୍ ୧ ଲକ୍ଷ ୬୩ ହଜାର ୬୮୬ ଜଣ ବିଦ୍ୟାଳୟକୁ ଯାଉଛନ୍ତି । ଶିଶୁ, ମାଆ ଓ ଗର୍ଭବତୀମାନଙ୍କୁ ଢିଲ୍ଲ କେୟାର ଫିଡିଂ କାର୍ଯ୍ୟକ୍ରମ ଅନୁଯାୟୀ ୧ ଲକ୍ଷ ୮୧ ହଜାର ୮୦୦ ଜଣଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ସରକାରୀ ମଂଜୁରୀ ମିଳିଛି । ତନ୍ମଧ୍ୟରୁ ଗତ ମାସ ସୁଦ୍ଧା ୧ ଲକ୍ଷ ୩୪ ହଜାର ୮୦୦ ଜଣ ଶିଶୁ ଓ ୪୪,୯୦୦ ଜଣ ମହିଳା ଉପକୃତ ହେଉଛନ୍ତି ।

ଶିଶୁ କଲ୍ୟାଣ ସଂସ୍ଥା ଦ୍ୱାରା ଖାଦ୍ୟ ଯୋଗାଣ, ଶିଶୁ ତଥା ପ୍ରସୂତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ବିଦ୍ୟାଳୟକୁ ଯିବା ପୂର୍ବରୁ ଶିଶୁମାନଙ୍କୁ ଶିକ୍ଷାଦାନ ପ୍ରଭୃତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା କୋରାପୁଟ ବି. ଡି.ଓ. ଙ୍କ ତତ୍ତ୍ୱାବଧାନରେ ରଙ୍ଗବାଲିଗୁଡା, ରେଲିଗୁଣ୍ଡା, କୋଲାବ, ମଣ୍ଡିପୁଟ ଓ ନିଗମାଲୀଗୁଡା ଗ୍ରାମମାନଙ୍କରେ ୫ଟି କେନ୍ଦ୍ର ଖୋଲାଯାଇ ଶିଶୁ ଓ ପ୍ରସୂତିମାନଙ୍କୁ ଖାଦ୍ୟ ଓ ସାବୁନ ପ୍ରଭୃତି ଯୋଗାଇ ଦିଆଯାଉଛି ।

ଜିଲାର ପ୍ରତ୍ୟେକ ପଞ୍ଚାୟତ ସମିତି ଅଞ୍ଚଳରେ ଦୁଇଟି ଲେଖାଏଁ ମହିଳା ସମିତି ମନୋନୀତ କରି ସେମାନଙ୍କ ଜରିଆରେ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ସୁଷ୍ଠୁ ରୂପେ ପରିଚାଳନା କରାଯାଉଛି ।

# ଗ୍ରାମାଞ୍ଚଳର ମହିଳା ଓ ଷଷ୍ଠ ପଞ୍ଚବାର୍ଷିକ ଯୋଜନା

**ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ**

ଲୋକସଭା ସଦସ୍ୟା

ଭାରତ ଏକ ଗ୍ରାମବହୁଳ ଦେଶ । ଏ ଦେଶରେ ସହରଗୁଡ଼ିକ ଯେଉଁଭଳି ଭାବେ ଗଢ଼ିଉଠୁଛି, ତହିଁର ବିକାଶଧାରା ବଶେଷ ମନ୍ଥର ବୋଲି ପ୍ରତୀୟମାନ ହୁଏ । ବିଗତ ଚାଳିଶ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୪୧ ମସିହାରେ ସହରାଞ୍ଚଳର ଜନସଂଖ୍ୟା ଶତକଡ଼ା ୧୩.୩୬ ଭାଗ ଥିବା ସ୍ଥଳେ ୧୯୮୧ ମସିହାରେ ତାହା ଶତକଡ଼ା ୨୩.୭୩ ଭାଗକୁ ବୃଦ୍ଧି ପାଇଛି । ମାତ୍ର ଦେଶର ଗ୍ରାମାଞ୍ଚଳରେ ସହରାଞ୍ଚଳ ତୁଳନାରେ ବିପୁଳ ସଂଖ୍ୟକ ଲୋକ ବସବାସ କରନ୍ତି ଓ ତାହା ଶତକଡ଼ା ୭୬.୨୭ ଅର୍ଥାତ୍ ୬୪୮ ନିୟୁତ । ସେହିପରି ଦେଶର ଗାଁଗହଳରେ ମଧ୍ୟ ବହୁ ସଂଖ୍ୟକ ମହିଳା ବସବାସ କରନ୍ତି । ୧୯୦୧ ମସିହାରେ ସେମାନଙ୍କର ସଂଖ୍ୟା ୧୧୭ ନିୟୁତ ଥିବା ସ୍ଥଳେ ୧୯୮୧ ମସିହାରେ ସେମାନଙ୍କର ସଂଖ୍ୟା ୩୧୮ ନିୟୁତକୁ ବୃଦ୍ଧି ପାଇଛି । ବିଗତ ୮୦ ବର୍ଷ ମଧ୍ୟରେ ପ୍ରତି ୧,୦୦୦ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୯୭୨ରୁ ୯୩୫କୁ ହ୍ରାସ ପାଇଛି । ଏହା ଆମ ପୁରୁଷ-ମାନଙ୍କ ପ୍ରତି ଏକ ଦୁର୍ଭାଗ୍ୟର ବିଷୟ ବୋଲି ମନେହୁଏ ।

ଜାତିର ପ୍ରଗତି କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉନ୍ନୟନର ପ୍ରତିଟି କ୍ଷେତ୍ରରେ ସେମାନେ ପୁରୁଷମାନଙ୍କର ସମକକ୍ଷ ହୋଇପାରି-ନାହାନ୍ତି । ଏଥି ନିମନ୍ତେ ସାକ୍ଷରତାର ଅଭାବ ବିଶେଷ-ଭାବେ ପ୍ରତିବନ୍ଧକ ସୃଷ୍ଟି କରୁଛି । ୧୯୭୧ ମସିହାରେ ପୁରୁଷମାନଙ୍କର ସାକ୍ଷର ସଂଖ୍ୟା ଶତକଡ଼ା ୩୯.୫ ଥିବା ସ୍ଥଳେ ମହିଳାମାନଙ୍କର ସାକ୍ଷର ସଂଖ୍ୟା ୧୮.୭ ରହିଥିଲା । ବିଗତ ଦଶନ୍ଧି ମଧ୍ୟରେ ପୁରୁଷମାନଙ୍କର ସାକ୍ଷର ସଂଖ୍ୟା ଶତକଡ଼ା ୪୬.୭୪ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ମହିଳାମାନଙ୍କର ସାକ୍ଷର ସଂଖ୍ୟା ୨୪.୮୫କୁ ବୃଦ୍ଧି ପାଇଛି । ଯେଉଁ ରାଜ୍ୟଗୁଡ଼ିକ ବିଭିନ୍ନ କାରଣ ଯୋଗୁଁ ଜାତୀୟ ବିକାଶଧାରା ସହ ସମକକ୍ଷ ନହୋଇପାରି ସେମାନଙ୍କର ବିକାଶଧାରାକୁ ପର୍ଯ୍ୟାୟଭୁକ୍ତ କରିପାରି ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ମହିଳାମାନଙ୍କ ସାକ୍ଷରତା ବିଶେଷ ଉଲ୍ଲେଖଯୋଗ୍ୟ ହୋଇପାରି ନାହିଁ । ଦୁର୍ଭାଗ୍ୟର ବିଷୟ ଯେ ଓଡ଼ିଶା ରାଜ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ରାଜ୍ୟର ଜନସଂଖ୍ୟାର ଶତକଡ଼ା ୩୮.୨ ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ଏମାନଙ୍କର ସ୍ୱାର୍ଥର ସୁରକ୍ଷା ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ରହିଛି । ୧୯୮୧ ମସିହାରେ ଓଡ଼ିଶା ରାଜ୍ୟରେ ପୁରୁଷମାନଙ୍କର ସାକ୍ଷର ସଂଖ୍ୟା ଶତକଡ଼ା ୪୬.୯ ଭାଗ ଥିବା ସ୍ଥଳେ ମହିଳାମାନଙ୍କର ସାକ୍ଷର ସଂଖ୍ୟା ୨୧.୧୧ ଭାଗକୁ ବୃଦ୍ଧି ପାଇଛି । ଏହି ପ୍ରସଙ୍ଗରେ ରାଜ୍ୟରେ ଏକ ଆଦିବାସୀବହୁଳ ଜିଲ୍ଲା ବିଷୟରେ ନଆଯାଇପାରେ । କୋରାପୁଟ ଜିଲ୍ଲରେ ଆମ ରାଜ୍ୟର ଶତକଡ଼ା ୨୦ଭାଗରୁ ଅଧିକ ଆଦିବାସୀ ବସବାସ କରନ୍ତି । ୧୯୮୧ ମସିହାରେ କୋରାପୁଟ ଜିଲ୍ଲର କୋଡ଼ିଙ୍ଗା ତହସିଲରେ ଆଦିବାସୀ ପୁରୁଷମାନଙ୍କର ସାକ୍ଷର ସଂଖ୍ୟା ଶତକଡ଼ା ୧୨.୬୧ ଥିବା ସ୍ଥଳେ ଆଦିବାସୀ ମହିଳାମାନଙ୍କ ସାକ୍ଷର ସଂଖ୍ୟା ଶତକଡ଼ା ୨.୧୯ ଭାଗ ରହିଛି । ଏହି ମହିଳାମାନଙ୍କ ସାକ୍ଷର ସଂଖ୍ୟା ରାଜ୍ୟର ମହିଳା ସାକ୍ଷର ସଂଖ୍ୟା ଶତକଡ଼ା ୨୧.୧୧ ତା ସର୍ବଭାରତୀୟ ମହିଳା ସାକ୍ଷର ସଂଖ୍ୟା ଶତକଡ଼ା ୨୪.୮୮ ତୁଳନାରେ ଅତ୍ୟନ୍ତ କମ୍ । ଆମ ଦେଶରେ ପ୍ରାୟ ଶତକଡ଼ା ୭୫ ଭାଗ ମହିଳା ନିରକ୍ଷର ଅଟନ୍ତି ଏବଂ ଅନଗ୍ରସର ଅଞ୍ଚଳଗୁଡ଼ିକରେ ନିରକ୍ଷର ମହିଳାମାନଙ୍କ ସଂଖ୍ୟା ହେଉଛି ଶତକଡ଼ା ୯୮ ଭାଗ ।

୧୯୭୧ ମସିହା ଜନଗଣନା ହିସାବରୁ ଜଣାଯାଉଛି ଯେ କର୍ମଜୀବୀ ମହିଳାମାନଙ୍କ ମଧ୍ୟରୁ ଶତକଡ଼ା ୨.୮ ଭାଗ ଖଣି ଓ ଉତ୍ପାଦନ ଶିଳ୍ପଗୁଡ଼ିକରେ ଏବଂ ଶତକଡ଼ା ୪.୩ ଭାଗ ମହିଳା କୁଟୀର ଶିଳ୍ପଗୁଡ଼ିକରେ ନିଯୋଜିତ ହୋଇ-ଛନ୍ତି । ସମୁଦାୟ କର୍ମଜୀବୀ ମହିଳାମାନଙ୍କ ମଧ୍ୟରୁ ଶତକଡ଼ା ୮୨.୫ ଭାଗ କୃଷି କ୍ଷେତ୍ରରେ କାର୍ଯ୍ୟ କରନ୍ତି । ଏମାନଙ୍କର ସଂଖ୍ୟା ଥିଲା ୨୫.୮ ନିୟୁତ, ଯାହାକି ପ୍ରାୟ ଓଡ଼ିଶାର ବର୍ତ୍ତମାନର ଲୋକସଂଖ୍ୟା ହେବ । ମହିଳା ଲୋକ ସଂଖ୍ୟାର ପ୍ରାୟ ଶତକଡ଼ା ୧୦ଭାଗ ଚାକିରୀ କରନ୍ତି

ଏବଂ ୪/୫ ଭାଗରୁ ବେଶୀ ମହିଳା କୃଷି କ୍ଷେତ୍ରରେ କାର୍ଯ୍ୟ କରନ୍ତି । ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ନାରୀଶିକ୍ଷାର ବିକାଶ ସାଧନକୁ ତ୍ୱରାନ୍ୱିତ କରିବା ଦିଗରେ ବ୍ୟାପକ ପଦକ୍ଷେପର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ନପାରେ । ପ୍ରସିଦ୍ଧ ଅର୍ଥନୀତି ବିଶାରଦ ମଷ୍ଟର ଗୁନାର ମ୍ୟାର୍ଡାଲ "ଏସିଆନ୍ ଡ୍ରାମା" ପୁସ୍ତକରେ ବର୍ଣ୍ଣନା କରିଛନ୍ତି ଯେ ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକର ଦରିଦ୍ର ଶ୍ରେଣୀର ଲୋକମାନେ ସେମାନଙ୍କର ଦାରିଦ୍ର୍ୟର କାରଣ ହୋଇଥାନ୍ତି । ଏହା କେବଳ ସେମାନଙ୍କର ଉପଯୁକ୍ତ ଶିକ୍ଷାର ଅଭାବ-ଯୋଗୁ ହିଁ ଘଟିଥାଏ । ଶିକ୍ଷା ହେଉଛି ଏକ ସ୍ୱାଭାବିକ ଧାରା । ଆମର ଏହି ବିରାଟ ଦେଶରେ ଏଭଳି ଏକ ସମସ୍ୟାର ସମାଧାନ ସମୟ ସାପେକ୍ଷ କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଅବିରତ ପ୍ରଚେଷ୍ଟା ଆବଶ୍ୟକ ଓ ନାରୀ ଶିକ୍ଷାର ପରିକଳ୍ପନା ନିମନ୍ତେ ସମନ୍ୱିତ ଭାବେ ଧ୍ୟାନ ଦିଆଯିବା ଆବଶ୍ୟକ । କୃଷି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଧନ୍ଦାଗୁଡ଼ିକରେ ଉତ୍ପାଦନ ବୃଦ୍ଧି ଘଟାଇବାକୁ ହେଲେ ଏସବୁ କ୍ଷେତ୍ରକୁ ଆହୁରି ଅଧିକ ସଂପ୍ରସାରିତ କରାଯିବା ଆବଶ୍ୟକ । ଯେହେତୁ ପ୍ରତ୍ୟେକ ବ୍ୟକ୍ତି ଅଭାବଗ୍ରସ୍ତ ଓ ଖାଉଟି ଶ୍ରେଣୀର ଅନ୍ତର୍ଭୁକ୍ତ, ସେଥି ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଜଣେ ସଫଳ ଉତ୍ପାଦନକାରୀ ହେବା ବାଞ୍ଛନୀୟ । ସ୍ୱାସ୍ଥ୍ୟସେବା ଓ ପୁଷ୍ଟିକର ଖାଦ୍ୟ, ଶିଶୁ ଲାଳନପାଳନ ତଥା ଗୃହ ସଂପାଦନ କାର୍ଯ୍ୟ କେବଳ ପାରଂପରିକ ଭାବେ ମହିଳାମାନଙ୍କ ଦ୍ୱାରା ହିଁ ହୋଇଥାଏ । ପରିବାର କଲ୍ୟାଣ ହେଉଛି ନାରୀଶିକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କେରଳ ରାଜ୍ୟରେ ଶିଶୁମାନଙ୍କର ମୃତ୍ୟୁହାର ହ୍ରାସ ଦିଗରେ ସେ ରାଜ୍ୟର ମହିଳାମାନଙ୍କର ସାକ୍ଷରତା ହିଁ ବିଶେଷଭାବେ ସାହାଯ୍ୟ କରିଥାଏ ଓ ସେମାନଙ୍କର ସାକ୍ଷରତାର ହାର ହିଁ ଶତକଡ଼ା ୮୧ ଭାଗ । ନିରକ୍ଷର ସମସ୍ୟା ପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ହେଲେ, ଭାରତର ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ସାକ୍ଷର କାର୍ଯ୍ୟକ୍ରମକୁ ଜାତୀୟ ସ୍ତରରେ ବ୍ୟାପକ କରାଯିବା ଆବଶ୍ୟକ । ଆକାଶବାଣୀ, ଦୂରଦର୍ଶନ ତଥା ଏପରିକି ଚଳଚ୍ଚିତ୍ର ଜଗତ ଆଦି ଗଣ ମାଧ୍ୟମଗୁଡ଼ିକୁ ମଧ୍ୟ ନାରୀ ଶିକ୍ଷା ନିମନ୍ତେ ପାଞ୍ଚବର୍ଷ ପାଇଁ ଦୃଢ଼ତାର ସହ ବ୍ୟବହାର କରାଯାଇ ପାରେ । ଆମର ଆମୋଦ ପ୍ରମୋଦକୁ ହୁଏତ ରହିତ କରାଯାଇ ପାରେ କିନ୍ତୁ ଆମର ଭବିଷ୍ୟତ ନାଗରିକମାନଙ୍କୁ ଗଢ଼ିବା ଦିଗରେ ଗାଁଗହଳର ମାଆମାନଙ୍କୁ ତାଲିମ ଦେବା କାର୍ଯ୍ୟକ୍ରମ କଦାପି ସ୍ଥଗିତ ରଖାଯାଇ ନପାରେ ।

ମୁଁ ଏଠାରେ ଗୋଟିଏ ବିଷୟ ଉଲ୍ଲେଖ ନକରି ରହିପାରୁ ନାହିଁ । ଏହା ଆମ ଦେଶର ମହିଳାମାନଙ୍କ ସହ ବିଶେଷ ଭାବେ ସଂଶ୍ଳିଷ୍ଟ ଓ ସେମାନଙ୍କର ସାମାଜିକ କଲ୍ୟାଣ ଦିଗରେ ବିଶେଷ କ୍ଷତିକାରକ ହେଉଛି । ଏହା ହେଉଛି ଅସ୍ପୃଶ୍ୟତା, ଯୌତୁକ ପ୍ରଥା । ଯାହାର ତୀକ୍ଷ୍ଣତର ସ୍ଥିତିକୁ ଉଠିଯାଉଛି ଏବଂ ପ୍ରତ୍ୟେକ ମହିଳା ସଙ୍ଗଠନର ମୁଖ୍ୟ କର୍ତ୍ତବ୍ୟ ହେଉଛି ଏହାକୁ ଉତ୍ପାଟିତ କରିବା । ନାରୀର ପୁରୁଷ ଉପରେ ଆର୍ଥିକ ନିର୍ଭରତା ହିଁ ଯୌତୁକ ବ୍ୟାଧିର ମୂଳକାରଣ । ସମୟାନୁକ୍ରମେ ଏହି ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ସଙ୍ଗେ ସଙ୍ଗେ ସଂପ୍ରତି ବୈବାହିକ ପ୍ରଥାର ଏକ ଜଟିଳ ସମସ୍ୟା ରୂପେ ଦେଖା ଦେଉଛି । ବିବାହ କରୁଥିବା ପୁଅର ସାମାଜିକ ପଦବୀ ଯାହା ହୋଇଥାଉନା କାହିଁକି ଆର୍ଥିକ ସ୍ୱଚ୍ଛଳତା ଥିବା ଝିଅ ସୁଦ୍ଧା ବର୍ତ୍ତମାନ ଯୁଗରେ ଏହି ସାମାଜିକ ବ୍ୟାଧିରୁ ରକ୍ଷା ପାଇପାରୁନାହିଁ । ଏହି କଳଙ୍କିତ ପ୍ରଥା ହୁଏତ ଧନାଢ୍ୟ ବ୍ୟକ୍ତିର ସ୍ୱଇଚ୍ଛା କ୍ରମେ କିମ୍ବା ଆର୍ଥିକ ପରିସରଭୁକ୍ତ ହୋଇପାରେ । କିନ୍ତୁ ସମାଜର ଗରିବ ତଥା ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ଉପରେ ଏହାର କୁପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହୋଇଛି । ଏହି ସାମାଜିକ ବ୍ୟାଧି ସଂପର୍କରେ ପିତାମାତାଙ୍କ ଉପରେ ପ୍ରଭାବ ପକାଇବା ତଥା ସେମାନଙ୍କୁ ସଚେତନ କରାଇବା ଦିଗରେ ଏଭଳି ପଦକ୍ଷେପ ଯେ ଯଥେଷ୍ଟ ତା' ନୁହେଁ । ସାରାଦେଶରେ ଏହି ବ୍ୟାଧିର ମୂଳୋତ୍ପାଟନ ଲାଗି ଦୀର୍ଘକାଳୀନ ପଦକ୍ଷେପ ନିଆଯିବା ଆବଶ୍ୟକ । ଅନ୍ୟ ଯେଉଁ ଏକ ସାମାଜିକ ବ୍ୟାଧି ହ୍ରାସ ପାଇବାରେ ଲାଗିଛି, ତାହା ହେଉଛି ଅସ୍ପୃଶ୍ୟତା । ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରୁ ଅସ୍ପୃଶ୍ୟତା ଲୋପ କରିବା ପାଇଁ ବ୍ୟାପକ ଭାବେ ଶକ୍ତିଶାଳୀ ଆନ୍ଦୋଳନ ହେବା ବାଞ୍ଛନୀୟ । ଛାତ୍ର ଛାତ୍ରୀମାନେ ବିଦ୍ୟାଳୟରେ ସେମାନଙ୍କର କୋମଳ ବୟସରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନରୁ ଶିକ୍ଷା ଶେଷ କଲା ପର୍ଯ୍ୟନ୍ତ ଉକ୍ତ ବିଷୟଗୁଡ଼ିକରେ ଶିକ୍ଷା ଦିଆଯାଉନାହିଁ । ଏଥି ସଙ୍ଗେ ସଙ୍ଗେ ଅନ୍ୟ ଏକ ପଦକ୍ଷେପ ନିଆଯାଇପାରେ । ତାହା ହେଉଛି, ମହିଳାମାନଙ୍କର ଆର୍ଥିକ ନିରାପତ୍ତା ସକାଶେ କେତେକ ମନୋନୀତ କ୍ଷେତ୍ରରେ ପୁରୁଷଙ୍କ ବଦଳରେ ମହିଳାଙ୍କୁ ନିଯୁକ୍ତି ଦେବା । ଉଦାହରଣ ସ୍ୱରୂପ ଶିକ୍ଷକ, ସେବିକା, ଷ୍ଟେନୋଗ୍ରାଫର୍, ଟାଇପିଷ୍ଟ, ସେକ୍ରେଟାରୀ ଇତ୍ୟାଦି ଚାକିରୀଗୁଡ଼ିକ କେବଳ ମହିଳାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ନିମନ୍ତେ ସଂରକ୍ଷିତ ରଖାଯାଇ ପାରେ । ଓଡ଼ିଶାରେ ପୁରୁଷମାନଙ୍କ ଅପେକ୍ଷା ବହୁ ସଂଖ୍ୟକ ମହିଳାଙ୍କୁ ପ୍ରାଥମିକ ସ୍କୁଲ ଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି । ସାମାଜିକ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରାଧିକାର ଭିତ୍ତିରେ ଏହା ଏକ ସଂକଳ୍ପବଦ୍ଧ ପଦକ୍ଷେପ ।

ଗ୍ରାମାଞ୍ଚଳର ମହିଳାମାନଙ୍କୁ ଲାଭଦାୟକ ନିଯୁକ୍ତି ଦେବା ସକାଶେ ବ୍ୟାପକ ସୁଯୋଗ ରହିଛି । ଗ୍ରାମାଞ୍ଚଳର ଶତକଡ଼ା ୯୬ ଭାଗ କର୍ମଜୀବୀ ମହିଳା ହେଉଛନ୍ତି ନିରକ୍ଷର । ଶିକ୍ଷିତାମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ହଜାର ଜଣକେ ଜଣେ ସ୍ନାତକ ଉପାଧିଧାରୀ ମହିଳା ଚାକିରୀ କରୁଛନ୍ତି । ସହରାଞ୍ଚଳରେ ହଜାରକେ ୧୫ ଜଣ ଶିକ୍ଷିତା ମହିଳା ଚାକିରୀ କରୁଛନ୍ତି । ପଣ୍ଡାର ବିଭିନ୍ନ ଅଂଶକୁ ଯୋଡ଼ିବା, ଫଳ ସଂରକ୍ଷଣ, ସିଲେଇକାମ, ତନ୍ତୁବାୟ, ଦରଜିକାମ, ଛୁଞ୍ଚିକାମ, ମେସିନ୍‌ରେ ଗେଞ୍ଜିବୁଣା ଓ ସୂଚୀକାମ ପ୍ରଭୃତି ଧନ୍ଦାଗୁଡ଼ିକରେ ଗ୍ରାମାଞ୍ଚଳର ମହିଳା-ମାନଙ୍କୁ ତାଲିମ ଦିଆଯାଇପାରିଲେ ସେମାନେ ଏସବୁ କାର୍ଯ୍ୟରେ ନିୟୋଜିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ପରିବାରର ଆୟ ବୃଦ୍ଧି ପାଇବ ।

କେନ୍ଦୁଝର ସହରଠାରୁ ଗାଁଟିଏ କେନ୍ଦୁସରା । ଯୁବକ ସଂଘର ସଦସ୍ୟମାନେ ଗାନ୍ଧୀଜୟନ୍ତୀ ପାଳନ କରୁଥାନ୍ତି ୧୯୮୧ ମସିହା ଅକ୍ଟୋବର ଦୁଇତାରିଖ ଦିନ । ଗାଁ ପରିବେଶରେ ଜାତିର ଜନକ ବାପୁଜୀଙ୍କର ଜନ୍ମ ଜୟନ୍ତୀ ଉତ୍ସବରେ ଯୋଗଦାନ କରିବାକୁ ସୁଯୋଗ ମିଳିଥିଲା । ଏହି କାର୍ଯ୍ୟରେ ଜିଲ୍ଲାପାଳ ଯୋଗଦେବେ ବୋଲି ଗାଁଟି ସେଦିନ ବେଶ୍ ଉତ୍ସବମୁଖର ହୋଇ ଉଠିଥିଲା । ସମସ୍ତ ଯୁବକ ତଥା ଗ୍ରାମବାସୀମାନେ ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ । ସବୁ ଗାଁରେ ଯେପରି ଅନେକ କିଛି ଦାବୀ ଉପସ୍ଥାପିତ କରନ୍ତି ଏବଂ ଏଥିପାଇଁ ଯେପରି କିଛି ସରକାରୀ ଅନୁଦାନ ପାଇବା ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ସେହିପରି ଏହି ଗାଁର ଯୁବକମାନେ ସେମାନଙ୍କର ଏକ ଲମ୍ବା ଦାବୀପତ୍ର ସେଦିନ ପାଠ କରିଥିଲେ । କୌଣସି ସାମାନ୍ୟ କାମପାଇଁ କିଛି ସରକାରୀ ଅନୁଦାନ ପାଇବା ସକାଶେ ମଧ୍ୟ ଇଚ୍ଛା ପ୍ରକାଶ କରିଥିଲେ । ଏହା ବୋଧହୁଏ ସବୁଆଡ଼େ ଏକ ଅଭ୍ୟାସଗତ ଆଚରଣ । ଆଦର୍ଶର ଖୋଳ ଭିତରେ ଟାଣି ଓଟାରି କେତେ ଗୁଡ଼ିଏ ସମସ୍ୟା ସୃଷ୍ଟି କରିବା ଏବଂ ଦଳଗତ କନ୍ଦଳ ଦ୍ୱାରା ପାରିବାରିକ ଅଥବା ସାମାଜିକ ଜୀବନକୁ ବିପନ୍ନ କରିବା ଆଜି ହୁଏତ ଏକ ଚଳନ୍ତି ପରମ୍ପରା ହୋଇ ଉଠିଲାଣି । ସାମର୍ଥ୍ୟ ମଧ୍ୟ ରହିଛି । କିନ୍ତୁ ସେପରିସ୍ଥଳେ ସବୁଆଡ଼େ ଅଶାନ୍ତି, ବିଶୃଙ୍ଖଳା, ଅଭାବ, ଅନ୍ୟାୟ, ଅନୀତି ସମସ୍ତଙ୍କ ମନରେ ଏକପ୍ରକାର ଅଭାବବୋଧ ଏବଂ ନୈରାଶ୍ୟଭାବ ସୃଷ୍ଟି କରୁଛି ।

ଏହାର ସମାଧାନ ଆବଶ୍ୟକ । ଏଥିପାଇଁ ରାସ୍ତା ଖୋଜିବା ଦରକାର । ଏହି ଲକ୍ଷ୍ୟନେଇ ସେଦିନ କେନ୍ଦୁସରା ଗାଁର ଯୁବକ ଏବଂ ଅନ୍ୟମାନଙ୍କ ସହିତ ଏକ ଖୋଲାଖୋଲି ଆଲୋଚନା ହୋଇଥିଲା । ସରକାରୀ କର୍ମଚାରୀ ଓ ଜନ-ସାଧାରଣଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ରହିଛି ତାହାକୁ ପ୍ରଥମେ ଦୂରକରି ନିର୍ଭୀକ ମତ ପ୍ରକାଶ ଦ୍ୱାରା ଅଭାବ ଅସୁବିଧାଗୁଡ଼ିକର ମୌଳିକ ବସ୍ତୁ ଜାଣିବାକୁ ହେବ । ତେବେ ହେଲେ ଏହାର ସମାଧାନର ପନ୍ଥା ସହଜରେ ସ୍ଥିର କରାଯାଇ ପାରିବ । "ସେହିଦନ ସେହି ଗାଁ ଭିତରେ ଆମ୍ଭେମାନେ ସମସ୍ତେ ଏକ—ଆମ୍ଭମାନଙ୍କ ଭିତରେ କୌଣସି ତଫାତ୍ ବା ବିଭେଦ ନାହିଁ—ପ୍ରତ୍ୟେକ ଲୋକ ବା ପରିବାରର ସମସ୍ୟା ସମସ୍ତ ଗ୍ରାମର ସମସ୍ୟା ଏବଂ ଆମ୍ଭେମାନେ ସମସ୍ତେ ଏହାକୁ ମିଳିମିଶି ସମାଧାନ କରିବା"—ଏହିଭଳି ଏକ ନୂତନ ଚିନ୍ତାଧାରା ସମସ୍ତଙ୍କୁ ଅନୁପ୍ରାଣିତ କଲା । ଗୋଟିକ ପରେ

# ଆତ୍ମ ନିଯୁକ୍ତି ପାଇଁ ବଳିଷ୍ଠ ପଦକ୍ଷେପ

ଶ୍ରୀ ଫଣୀ ଭୂଷଣ ଦାସ

ଜିଲ୍ଲାରେ ପ୍ରତ୍ୟେକ ପୁରପଲ୍ଲୀର ଜୀବନ ଅଥବା ସମସ୍ୟା ସହିତ କର୍ତ୍ତବ୍ୟ ଦୃଷ୍ଟିରୁ ନିଜକୁ ସଂପୃକ୍ତ କରିବାର ସୌଭାଗ୍ୟ ମିଳିଛି । ଦେଖିଛି, ଅନୁଭବ କରିଛି ପ୍ରତ୍ୟେକ ଗ୍ରାମରେ । ଏହିଭଳି କେବଳ ଅନେକ ସମସ୍ୟା, ଅନେକ ଦଳଗତ କନ୍ଦଳ । ଏହିଭଳି ସାମାନ୍ୟ କିଛି ସରକାରୀ ଅନୁଦାନ ପାଇବା ପାଇଁ ବ୍ୟାକୁଳତା । ସବୁଆଡ଼େ ଅଶାନ୍ତି ବିଶୃଙ୍ଖଳା ଏବଂ ବ୍ୟକ୍ତିଗତ ସ୍ୱାର୍ଥପାଇଁ ତତ୍ତ୍ୱାବ୍ର ଲଢ଼େଇ । ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଏକ ସାର୍ଥକ ପରିବର୍ତ୍ତନ ଆଣିବା ପାଇଁ ସରକାର ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଅର୍ଥନୈତିକ ପ୍ରଗତି ପାଇଁ ପ୍ରଚୁର ଅର୍ଥ ବିନିଯୋଗ କରୁଛନ୍ତି । ବ୍ୟକ୍ତିର ଉନ୍ନତିରେ ସମଷ୍ଟିର ଉନ୍ନତି ଏବଂ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ସମଗ୍ର ଦେଶକୁ ଏକାନ୍ତ ଭାବରେ ପ୍ରଗତିଶୀଳ କରିବା ସକାଶେ ପ୍ରାଣମୂର୍ଚ୍ଛା ସଂଗ୍ରାମ ଚାଲିଛି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ବିଦ୍ୟୁତ୍ ଓ କଳକାରଖାନା ଆଦି ସମସ୍ତ କ୍ଷେତ୍ରରେ ବିପୁଳ ସାଫଲ୍ୟ ଆଜି ସ୍ପଷ୍ଟ ଭାବରେ ଉଲ୍ଲେଖଯୋଗ୍ୟ ଘଟଣା । ସାମୂହିକ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରାଯାଉଛି । ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଅର୍ଥର ଅଭାବ ହେଉନାହିଁ ଏବଂ ଏହି ଯୋଜନାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ବିପୁଳ ଶକ୍ତି ଗୋଟିଏ ଗାଁର ଅନେକ ସମସ୍ୟା ଲାଗି ରହିଥାଏ । ନଷ୍ଟଚିନ୍ତାମୂଳକ ବିସ୍ତର ଦ୍ୱାରା ଏଗୁଡ଼ିକର ସମାଧାନ କରାଯାଇ ପାରିବ । କିନ୍ତୁ ଭୁଲ୍ ବୁଝାମଣା ଯୋଗୁଁ ଏବଂ ନାନା ବ୍ୟକ୍ତିଗତ କାରଣ ଯୋଗୁଁ ଏହି ସମସ୍ୟା ସବୁ ଧୀରେ ଧୀରେ ବଢ଼ି ଚାଲେ । ଶେଷ ହୁଏନାହିଁ । ଏହାଦ୍ୱାରା ଜୀବନର ମୂଲ୍ୟବୋଧ ବାଧା-ପ୍ରାପ୍ତ ହୁଏ । ସାମାଜିକ ଜୀବନ ଅଶାନ୍ତି ଏବଂ ଜଞ୍ଜାଳମୟ ହୁଏ । ଏହି ସବୁର ବିଷମୟ ପରିସ୍ଥିତି ଆଜିର ସାମାଜିକ ଜୀବନରେ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ ହୋଇଛି । ପରିବାର ଏବଂ ସମାଜ ଧୀରେ ଧୀରେ ଏହି କାରଣରୁ ଭାଙ୍ଗି ପଡୁଛି ।

ଏହି ପରିପ୍ରେକ୍ଷୀରେ ପ୍ରତି ଗ୍ରାମରେ ପ୍ରତ୍ୟେକ ପରିବାରର ରହିବା ଲାଗି ଉତ୍ତମ ପରିବେଶରେ ଖଣ୍ଡିଏ ଘର, ନିଜର ଶକ୍ତି ସାମର୍ଥ୍ୟ ବିନିଯୋଗ ରେ ସୁସ୍ଥଭାବରେ ବଞ୍ଚିବାପାଇଁ ଉପଯୁକ୍ତ ଖାଦ୍ୟ, ଆବଶ୍ୟକ ପରିମାଣର ବସ୍ତ୍ର, ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷାପାଇଁ ଉତ୍ତମ ବ୍ୟବସ୍ଥା ଠିକ୍ ସମୟରେ କରି-ପାରିଲେ ସମସ୍ତେ ସୁଖରେ ତଥା ଆନନ୍ଦରେ ରହିପାରିବେ, ଆଜି ଦେଶରେ ସମସ୍ତଙ୍କର ଏହାହିଁ ଏକମାତ୍ର କାମନା ।

ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଗାଁ ଲୋକଙ୍କର ସ୍ୱୀକୃତିରେ ଜଣେ ପରିଚାଳକଙ୍କର ସର୍ବବାଦୀସମ୍ମତ

ନେତୃତ୍ୱ ଆବଶ୍ୟକ । ନ୍ୟାୟନିଷ୍ଠଭାବରେ ମଧୁର ବ୍ୟବହାର ଦ୍ୱାରା ସେ ଗ୍ରାମବାସୀମାନଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଉଦ୍ୟମ କରିବେ । କୃଷି, ମୃତ୍ତିକା ସଂରକ୍ଷଣ ଫଳଗ୍ରସ୍ତ, ମାଛଗ୍ରସ୍ତ, ସମବାୟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବଭିନ୍ନ ଗ୍ରାମାଭିମୁଖୀ ବିଷୟଗୁଡ଼ିକର ବ୍ୟବହାରିକ ଜ୍ଞାନ ତାଙ୍କର ରହିବା ଆବଶ୍ୟକ । ଏହା ତାଙ୍କ ନିଜର ଜ୍ଞାନ ବଳରେ ସେ ସମସ୍ତ କାର୍ଯ୍ୟ କରିପାରିବେ ଏବଂ ସେମାନଙ୍କୁ ଏକ ସମୁନ୍ନତ ଜୀବନର ସଂଧାନ ଦେଇ ପାରିବେ ।

ସମସ୍ୟାବହୁଳ ଆଜିର ପରିସ୍ଥିତିରେ ଅସୁମାରି ଯୁବଶକ୍ତି କୌଣସି କ୍ଷେତ୍ରରେ ନିଯୁକ୍ତି ନପାଇ ଉଦଭ୍ରାନ୍ତ ଅବସ୍ଥାରେ ପରିବାରର ଏବଂ ସମାଜର ଅଯଥା ବୋଝ ହୋଇ ରହିଛନ୍ତି । ଏମାନଙ୍କ ଶକ୍ତିକୁ ଉପଯୁକ୍ତ କର୍ମକ୍ଷେତ୍ରରେ ବିନିଯୋଗ କରିପାରିଲେ ସମାଜ ତଥା ଦେଶର ପ୍ରଭୂତ ଉନ୍ନତି ସାଧନ ହୋଇ ପାରିବ । କେମସଭା ଆଦର୍ଶର ନୂତନ ଚିନ୍ତାଧାରା କେଉଁଝର ଜିଲ୍ଲାର ଯୁବକମାନଙ୍କ ମଧ୍ୟରେ ଏକ ନୂତନ ଜୀବନର ସଂଧାନ ଦେଇଛି ଏବଂ ଆଜି ସେମାନେ ନଜ ନିଜ ଉଦ୍ୟମରେ କୌଣସି ଏକ ମନୋନୀତ କ୍ଷେତ୍ରରେ ଆତ୍ମ ନିଯୁକ୍ତି ପାଇବା ପାଇଁ ସ୍ୱତଃ ପ୍ରବୃତ୍ତ ଭାବରେ ଆଗେଇ ଆସିଛନ୍ତି । ସଂଗଠିତ ଭାବରେ ସେମାନେ ନିଜ ନିଜର ଉନ୍ନତି ପାଇଁ ଠିକ୍ ରାସ୍ତା ଖୋଜି ପାଇଛନ୍ତି । ନିଜ ପରିବାର, ଗ୍ରାମ ଅଥବା ସମାଜ ପାଇଁ ସେମାନଙ୍କର କର୍ତ୍ତବ୍ୟ ରହିଛି ଏବଂ ଏହି କର୍ତ୍ତବ୍ୟକୁ ସେମାନେ କିପରି ଶୃଂଖଳିତ ଭାବରେ ସଂପାଦନ କରି ପାରିବେ ସେ ଦିଗରେ ଅଳ୍ପଦିନର ପରିସର ମଧ୍ୟରେ ବେଶ୍ ସଚେତନ ହୋଇଛନ୍ତି ତାହା ଆଜ ବାସ୍ତବରେ ଉଲ୍ଲେଖଯୋଗ୍ୟ। ଯୁବକମାନଙ୍କ ଜୀବନରେ ଚାକିରୀ ଯେ ଲକ୍ଷ୍ୟ ନୁହେଁ କିମ୍ବାଆୟର ପନ୍ଥାନୁହେଁ ଏକଥା ଆଜି ସେମାନେ ସ୍ପଷ୍ଟ ଭାବରେ ବୁଝିପାରିଛନ୍ତି । ଆତ୍ମନିର୍ଭରଶୀଳ ଜୀବନ ପାଇଁ ଅନେକ କିଛି ପନ୍ଥା ମଧ୍ୟରୁ ଗୋଟିଏ ଖୋଜି ନେବାପାଇଁ ସେମାନଙ୍କ ମନରେ ଏକ ପ୍ରବୃତ୍ତି ବର୍ତ୍ତମାନ ସୃଷ୍ଟିହୋଇ ପାରିଛି । ଏହା ଅତ୍ୟନ୍ତ ଆଶାଜନକ ବୋଲି ସ୍ୱୀକାର କରିବାକୁ ହେବ । କେଉଁଝର ଜିଲ୍ଲାରେ ମୋଟ ୨୧୦୮ ଗୋଟି ଗ୍ରାମର ଯୁବକମାନଙ୍କ ମଧ୍ୟରେ ଜୀବନ ସମର୍ପଣ ନ୍ୟାୟରେ ଗ୍ରାମ ଅଥବା ସମାଜର ପୁନର୍ଗଠନ ପାଇଁ ନିଜର ଶକ୍ତି ଓ ଜ୍ଞାନକୁ ବିନିଯୋଗ କରିବାକୁ ଆଜି ଏକ ଆବେଗପୂର୍ଣ୍ଣ ଉତ୍ସାହ ସୃଷ୍ଟି ହୋଇ ପାରିଛି । ମାନବିକ ମୂଲ୍ୟବୋଧର ଚିନ୍ତାଧାରା ସମସ୍ତ ଯୁବକ ତଥା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବିଶେଷ ଭାବରେ ଅନୁପ୍ରାଣିତ କରିଛି ।

ସ୍ୱତଃ 'ପ୍ରବୃତ୍ତ ଭାବରେ ଏହି ଜିଲ୍ଲାର ଯୁବକମାନେ ତିନୋଟି ପ୍ରତିଜ୍ଞା ପାଳନ କରିବା ପାଇଁ ଶପଥ ନେଇଥିବେବେ ମନେହୁଏ ଗାନ୍ଧିଜୀଙ୍କର ସେହି ସୁଦୂର ପ୍ରସାରୀ ସ୍ୱପ୍ନ ବାସ୍ତବ ଭାବରେ ସଫଳ ହେବାକୁ ଯାଉଛି । ତାହାହେଲା ନିଜକଥା ଚିନ୍ତାକରିବା ଆଗରୁ ନିଜର ପଡ଼ୋଶୀ ଅଥବା ଅନ୍ୟମାନଙ୍କର କଥା ଚିନ୍ତା କରିବା, ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଭୁଲ ବିଷୟରେ ଜାଣି ନିଜକୁ ସୁଧାରିବା ପାଇଁ ଉଦ୍ୟମ କରିବା ଏବଂ ସମାଜରୁ ଯେତିକି ପାଇ ନିଜକୁ ଗଢ଼ିଛନ୍ତି ଅନ୍ତତଃ ସେତିକି କିମ୍ବା ତାହାଠାରୁ ବେଶୀ ସମାଜକୁ ଫେରସ୍ତ ଦେବା ଏହି ତିନୋଟି ଶପଥ ଭିତରେ ଯୁବକମାନେ ସେମାନଙ୍କର ଜୀବନ ଦର୍ଶନ, ଜୀବନର ପ୍ରବାହ ଓ ଜୀବନ ପାଇଁ କର୍ମ ସ୍ପଷ୍ଟଭାବରେ ଦର୍ଶାଇ ପାରିଛନ୍ତି ।

ଶୃଙ୍ଖଳିତ ଭାବରେ ଗ୍ରାମ ପରିଚାଳକମାନଙ୍କୁ ସେମାନଙ୍କର ଗ୍ରାମୋନ୍ନତିକାର୍ଯ୍ୟରେ ସହାୟକ ହେଲାଭଳି ତାଲିମ ଦିଆଯିବା ପାଇଁ ଗୋନାସିକାଠାରେ ଗୋଟିଏ ଗ୍ରାମ ପରିଚାଳନା ଅନୁଷ୍ଠାନ ଖୋଲା ଯାଇଛି । ତାଲିମ ପାଇବାର ସମୟ ହେଉଛି ୬ମାସ । ଛଅମାସ ମଧ୍ୟରୁ ୩ମାସ ଅନୁଷ୍ଠାନରେ ଏବଂ ୩ମାସ ଗାଁ ର କର୍ମକ୍ଷେତ୍ରରେ । ଗତ ଜୁଲାଇ ମାସ ୨ ତାରିଖ ଠାରୁ ପ୍ରଥମ ଦଫାରେ ୩୦ ଜଣ ବର୍ତ୍ତମାନ ତାଲିମ ପାଉଛନ୍ତି । ଏଠାରେ ଗ୍ରାମାଭିମୁଖୀ ଜୀବନ ପାଇଁ ଏବଂ ନିଜେ ଆତ୍ମନିର୍ଭରଶୀଳ ଜୀବନଯାପନ ସକାଶେ କୌଣସି ଏକ ବୃତ୍ତିରେ ପ୍ରତିଷ୍ଠିତ ହେବାକୁ ତାଲିମ ଦିଆଯାଉଛି ।

ଏମାନେ ଏହି ତାଲିମ ସମୟରେ ବିଭିନ୍ନ ବିଷୟରେ ବ୍ୟବହାରିକ ଜ୍ଞାନ ଅର୍ଜନ କରିବା ସଙ୍ଗେ ସଙ୍ଗେ ନିଜେ ଜଣେ ଭଲ ମଣିଷ ହେବାକୁ ଶିକ୍ଷା କରୁଛନ୍ତି । ସେମାନେ ଏହାକୁ ଜୀବନ କ୍ଷେତ୍ରରେ ଅର୍ଥାତ ଗ୍ରାମ ସଂଗଠନ କାର୍ଯ୍ୟରେ ନିଷ୍ଠାର ସହିତ ବିନିଯୋଗ କରିବେ । ଗାଁର ଅନ୍ୟ ଅନ୍ୟ ଯୁବକମାନଙ୍କୁ ଉତ୍ତମ ମଣିଷ ହେବାପାଇଁ ଏବଂ ଅନ୍ୟାନ୍ୟ ସାମାଜିକ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ପରାମର୍ଶ ଦେବେ । 'ଏହି ତାଲିମ କେନ୍ଦ୍ରରୁ ବର୍ଷକୁ ୪ଟି ଦଳରେ ୧୨୦ ଜଣ କରି ତାଲିମ ପାଇବାକୁ ସ୍ଥିର କରାଯାଇଛି କେଉଁଝର ଜିଲ୍ଲାର ପ୍ରତ୍ୟେକ ଗ୍ରାମରୁ ଏହିଭଳି ଜଣେ ଲେଖାଏଁ ଗ୍ରାମ ପରିଚାଳକ ତାଲିମ ପାଇବେ । ସେମାନେ ନିଜ ନିଜ ଗ୍ରାମବାସୀ ମାନଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ଓ ସହଯୋଗ ଦ୍ୱାରା ପ୍ରତ୍ୟେକ ଦୃଷ୍ଟିକୋଣରୁ ଗାଁଗୁଡ଼ିକୁ ଉନ୍ନତିପାଇଁ ଗଢ଼ିବାକୁ ଉଦ୍ୟମ କରିବେ । ଗତ ଜୁଲାଇ ମାସଠାରୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଫଳପ୍ରଦ ହୋଇଥିବାରୁ ସମସ୍ତ ଜନସାଧାରଣ ଏହି ଚିନ୍ତାଧାରା ପ୍ରତି ବିପୁଳ ସମର୍ଥନ ପ୍ରକାଶ କରିଛନ୍ତି । କେଉଁଝର ଜିଲାର ପ୍ରତ୍ୟେକ ଗ୍ରାମକୁ ଏହି ଚିନ୍ତାଧାରା ଅତିବ୍ୟାପକ ଭାବରେ ସଂପ୍ରସାରିତ ହୋଇଅଛି । ତେଣୁ ଗାଁ ଲୋକଙ୍କର ଆଗ୍ରହ ଦୃଷ୍ଟିରୁ ଗୋନାସିକା ତାଲିମ ଅନୁଷ୍ଠାନରେ ତାଲିମ ଦେବା ବ୍ୟତୀତ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ସଂକ୍ଷିପ୍ତ ତାଲିମ୍ କାର୍ଯ୍ୟ ପରିଚାଳନା କରାଯାଉଛି । ଏହାର ଫଳ ସୁଦୂର ପ୍ରସାରୀ ହୋଇଛି । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଗୋନାସିକାଠାରେ ଯେଉଁ ପ୍ରଥମଦଳ ତାଲିମ ପାଉଛନ୍ତି ସେମାନେ କୌଣସି କାରଣରୁ ଗାଁକୁ ଗଲେବେଳେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଉତ୍ପାଦ କାର୍ଯ୍ୟ ତଥା ଗାଁର କଳିଗୋଳ ଆଦି ମୀମାଂସା କରି ଲୋକମାନଙ୍କ ନିକଟରେ ପ୍ରଶଂସାଭାଜନ ହୋଇ ପାରିଛନ୍ତି । ଏହାକୁ ସ୍ୱଳ୍ପକାଳୀନ ଉପଯୁକ୍ତ ତାଲିମର ଫଳବୋଲି । ନିଃସନ୍ଦେହରେ କୁହା ଯାଇପାରେ ।

ଏହାର ସୁଫଳ ଏତେ ସୁଦୂର ପ୍ରସାରୀ ଯେ ଆଜି ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ସଙ୍ଗଠିତ କରି ଗାଁ ଗହଳରେ ଶାନ୍ତି ଓ ପ୍ରାଚୁର୍ଯ୍ୟର ଜୀବନ ପାଇଁ ଏହି ତାଲିମ ଅଭୂତପୂର୍ବଭାବରେ ସହାୟକ ହୋଇଛି । ଏହାକୁ ବ୍ୟାପକ ଭାବରେ ସବୁଆଡେ ସଂପ୍ରସାରିତ କରିବାକୁ ଅନେକ ଆତ୍ମ ଉତ୍ସାହ ପ୍ରକାଶ ପାଉଛି । ଯୁବ ଶକ୍ତିକୁ ଶୃଙ୍ଖଳିତ ଭାବରେ ଦେଶ ବା ଜାତିର କଲ୍ୟାଣକର କାର୍ଯ୍ୟରେ ବିନିଯୋଗ କରିବାର ଏକମାତ୍ର ପନ୍ଥା ହେଉଛି ଏହି ଚିନ୍ତାଧାରା—ତାହା ସମସ୍ତେ ଅନୁଭବ କଲେଣି ।

ଗ୍ରାମ ପରିଶ୍ରଳକ ତାଲିମ ପାଇବା ସମୟରେ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟରେ ରହିଛି :—

(୧) ସେ ଗ୍ରାମର ସମସ୍ତ ପରିବାରର ଏକ ସଂପୂର୍ଣ୍ଣ ବିବରଣୀ ନିର୍ଦ୍ଧାରିତ ଫର୍ମରେ ପ୍ରସ୍ତୁତ କରିବେ ।

(୨) ଗ୍ରାମର ବେକାର ଓ ଅର୍ଦ୍ଧବେକାର ଯୁବକ ମାନଙ୍କ ତାଲିକା ପ୍ରସ୍ତୁତ କରିବେ ଓ ତାଙ୍କ ନିର୍ଦ୍ଦିଷ୍ଟ ଆୟ ପାଇଁ କୌଣସି ଧନ୍ଦା ପ୍ରସ୍ତାବ କରିବେ ।

(୩) ଗ୍ରାମ ବିକାଶ ପାଇଁ ସାମୂହିକ ଯୋଜନା ଯଥା:— ରାସ୍ତା, ଘାଟ, ଜଳାଶୟ, କେନାଲ, ଜଳସେଚନ, ପାନୀୟଜଳ ପ୍ରଭୃତିର ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବେ

(୪) ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଗ୍ରାମର ପ୍ରତ୍ୟେକ ପରିବାରର ଆୟବୃଦ୍ଧି ପାଇଁ କିଛିନା କିଛି ଧନ୍ଦା ପ୍ରସ୍ତାବ କରିବେ ।

(୫) ଗ୍ରାମରେ ଥିବା ନଳକୂପର ଭୂମିଉପରିସ୍ଥ ଅଂଶର ମରାମତି କରିବେ ।

(୬) ଗ୍ରାମବାସୀଙ୍କୁ ପ୍ରାଥମିକ ଚିକିତ୍ସା ସାହାଯ୍ୟ ଯୋଗାଇ ଦେବେ ।

(୭) କୌଣସି ସମସ୍ୟାର କାରଣ ନିର୍ଣ୍ଣୟ କରିବେ ଓ ଏହାର ସମାଧାନ ଦିଗରେ ଉଦ୍ୟମ କରିବେ ।

(୮) ସ୍ଥାନୀୟ ପୋଲିସ କର୍ମଚାରୀ ଓ ରାଜସ୍ୱ କର୍ମଚାରୀଙ୍କ ପରାମର୍ଶରେ କ୍ଷୁଦ୍ର କ୍ଷୁଦ୍ର ଗ୍ରାମ୍ୟ ବିବାଦ ସମାଧାନ କରାଇବେ ।

(୯) କୃଷି ଯନ୍ତ୍ରପାତିର ମରାମତି କାର୍ଯ୍ୟ କରିବେ ।

(୧୦) ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କ ପୁନର୍ବସତି ଯୋଜନା ଓ ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ମାଧ୍ୟମରେ ଯେଉଁମାନଙ୍କୁ ଗ୍ରାମରେ ସାହାଯ୍ୟ ଦିଆଯାଇଛି ସେମାନେ ଠିକ୍‌ଭାବରେ ତାହା ବିନିଯୋଗ କରି ତାଙ୍କର ଆର୍ଥିକ ଉନ୍ନତି ହୋଇଛି କି ନାହିଁ ତାହାର ତତ୍ତ୍ୱ ନେବା ସଙ୍ଗେସଙ୍ଗେ ଏଦିଗରେ ତାଙ୍କୁ ଉପଦେଶ ଦେବେ ।

ଗାଁ ପରିଶ୍ରଳକ ସରକାରଙ୍କ ବିଭିନ୍ନ ସଂସ୍ଥା ସହିତ ପ୍ରତ୍ୟକ୍ଷ ଭାବରେ ସଂଯୋଗ ରକ୍ଷାକରି ପ୍ରତ୍ୟେକ କାର୍ଯ୍ୟ କରିବାକୁ ତାଲିମ ଦିଆଯାଉଛି । ଏହାଦ୍ୱାରା କୌଣସି କାର୍ଯ୍ୟରେ ବିଳମ୍ବ ଘଟିବ ନାହିଁ । ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟଟି ଶେଷ ହୋଇପାରିବ । କାର୍ଯ୍ୟରେ ଦୋଷତ୍ରୁଟି ପରିଲକ୍ଷିତ ହେବନାହିଁ । ଅଧିକ ଏବଂ ଅଯଥା ଖର୍ଚ୍ଚର ସମ୍ଭାବନା ରହିବନାହିଁ । କାର୍ଯ୍ୟଟିର ଉପଯୁକ୍ତ ତତ୍ତ୍ୱାବଧାନ କରାଯାଇ ପାରିବ ।

ତାଲିମପ୍ରାପ୍ତ ଗ୍ରାମ ପରିଶ୍ରଳକ ଅଥବା ଅନ୍ୟ ଯୁବକ ଏବଂ ସରକାରଙ୍କ ବିଭିନ୍ନ ବିଭାଗରେ ଆଜି ବୁଝାମଣାର ଗୋଟିଏ ସୁନ୍ଦରସଂପର୍କ ଗଢି ଉଠିଛି । ସେଇଥି ଯୋଗୁଁ କେଉଁଝର ଜିଲାରେ ଯେତେଗୁଡ଼ିଏ କାର୍ଯ୍ୟ ଲୋକଙ୍କର କଲ୍ୟାଣ ସକାଶେ କରାଯାଉଛି ତାହା ସଫଳ ହେବାକୁ ଯାଉଛି । କେଉଁଝର ଜିଲ୍ଲାରେ ବର୍ତ୍ତମାନ ଏକ ବଳିଷ୍ଠ ଯୁବ ନେତୃତ୍ୱ ଏବଂ ଏକ ବିରାଟ କ୍ରୀୟାଶୀଳ ଯୁବଶକ୍ତି ଉଭା ନହେଲେ ସୁଅପରି ସମାଜକୁ ପରିପୁଷ୍ଟ କରିବାକୁ ଅଧିକ ସ୍ରୋତମୁଖର କରିଛି ତାହା ସର୍ବ ପ୍ରଥମେ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଡେ ।

—ଯେତେ ବଡ ନାମ ନେଲେ ମଧ୍ୟ ଜାତୀୟତା ବିରୋଧି କୌଣସି ବିଦ୍ରୋହ ସଫଳ ହେବନାହିଁ । ବିଶେଷତଃ ଯେତେବେଳେ ଏହି ବିଦ୍ରୋହ ବାସ୍ତବ ପରିସ୍ଥିତିକୁ ସଂପୂର୍ଣ୍ଣ ଭାବରେ ଆଖି ବୁଜିଦେଇ ଏକ ଦୁଃସାହସିକ ରୂପ ଗ୍ରହଣ କରେ, ସେତେବେଳେ ଏହାର ମୃତ୍ୟୁ ସୁନିଶ୍ଚିତ । ପୁଣି ଖୋଲାଖୋଲି ଭାବରେ ଏକ ଶତ୍ରୁ ରାଜ୍ୟର ହାତବାରିସୀ ହୋଇଗଲେ ମୃତ୍ୟୁପରେ ମଧ୍ୟ ଏହାର କବର ବହୁକାଳଧରି ନିନ୍ଦିତ ହୋଇ ରହିବ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ମାଛ ଖାଇବ ବଢ଼ିଆ

ଶ୍ରୀ ସଞ୍ଜୀବ ଚନ୍ଦ୍ର ଚହ୍ୱାତା

ମାଛ ଗୋଟିଏ ସୁସ୍ୱାଦୁ ଏବଂ ପୁଷ୍ଟିକର ଖାଦ୍ୟ । ଆମ ଦେଶ ସମେତ ନରୱେ, ଇଣ୍ଡୋନେସିଆ, ମାଲେସିଆ ଫିଲିପାଇନ୍ସ ଓ ବଙ୍ଗଳାଦେଶରେ ମାଛ ହେଉଛି ଏକ ପ୍ରିୟ ଖାଦ୍ୟ । ଆମର ବିବାହବ୍ରତ ପ୍ରଭୃତିରେ ମାଛର ଆବଶ୍ୟକତା ଅପରିହାର୍ଯ୍ୟ । ଖାଦ୍ୟ ସମସ୍ୟାର ସମାଧାନ କରିବା ଦିଗରେ ମାଛ ଏକ ପ୍ରକାର ପରିପୂରକ । ଆମ ଓଡ଼ିଶାର ଏହା ଏକ ମୁଖ୍ୟ ଖାଦ୍ୟ । ପ୍ରୋଟିନ ଜାତୀୟ ଖାଦ୍ୟଯୁକ୍ତ ହୋଇଥିବା ଯୋଗୁଁ ଶରୀର ଗଠନ ଓ ସ୍ୱାସ୍ଥ୍ୟ ପକ୍ଷେ ଏହା ଏକାନ୍ତ ଦରକାର ।

ଆମ ରାଜ୍ୟରେ ଆଭ୍ୟନ୍ତରୀଣ ମତ୍ସ୍ୟଚାଷର ବିକାଶ ନିମିତ୍ତ ପର୍ଯ୍ୟାପ୍ତ ସଂପଦ ରହିଛି । ଏଗୁଡ଼ିକ ମଧ୍ୟରେ ୨୯ ହଜାର ହେକ୍ଟର ପୋଖରୀ, ୨ ଲକ୍ଷ ୫୬ ହଜାର ହେକ୍ଟର ଜଳ ଭଣ୍ଡାର, ୧ ଲକ୍ଷ ୮୦ ହଜାର ହେକ୍ଟର ହ୍ରଦ ତଥା ୧ ଲକ୍ଷ ୫୫ ହଜାର ହେକ୍ଟର ନଦୀ ରହିଛି । ଗ୍ରାମ ପଞ୍ଚାୟତ ସ୍ତରରେ, ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ଘରୋଇ ଉଦ୍ୟୋଗରେ ମତ୍ସ୍ୟଚାଷ ବିକାଶ ଦିଗରେ ନାନା ଯୋଜନା ହାତକୁ ନିଆଯାଇଛି ।

ବୈଜ୍ଞାନିକ ଭିତ୍ତିରେ ମାଛଚାଷ ପାଇଁ ଯେତା ଉତ୍କୃଷ୍ଟ ଜାଆଁଳ, ଉପଯୁକ୍ତ କ୍ଷେତ୍ର ପ୍ରଭୃତି ପରେ ଏହାର ଆବଶ୍ୟକତା ସର୍ବ ପ୍ରଥମ । ନଦୀମାନଙ୍କରୁ ବନ୍ୟା ସମୟରେ ଜାଆଁଳ ସଂଗ୍ରହ ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ଏକ ଚିରାଚରିତ ପନ୍ଥା ହିସାବରେ ଚାଲି ଆସିଛି । ବିଶୁଦ୍ଧତା ଦୃଷ୍ଟି କୋଣରୁ ନଦୀ ଜାଆଁଳ ସେତେ ଉଚ୍ଚ କୋଟୀର ନ ହେବାର କାରଣ ହେଲ, ତହିଁରେ ଆଜେବାଜେ ମାଛ ଓ ଶିକାରୀ ମାଛ ଜାଆଁଳ ମିଶି ଥିବାର ଦେଖାଯାଏ । ତେଣୁ ଏହି ଅସୁବିଧାକୁ ଏଡ଼ାଇ ଦେବା ଉଦ୍ଦେଶ୍ୟରେ ଜାତିଆ ମାଛରୁ ପ୍ରଭାବିତ ପ୍ରଜନନ ପ୍ରଣାଳୀରେ ବିଶୁଦ୍ଧ ଗୁଣ୍ଡ ଜାଆଁଳ ଉତ୍ପାଦନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ସରକାରୀ ମାଛ ଫାର୍ମମାନଙ୍କରେ ଏହି କାର୍ଯ୍ୟକ୍ରମ ଚାଲିଛି । ତା' ଛଡ଼ା ଘରୋଇ ମାଛଚାଷୀମାନଙ୍କ ପୋଖରୀରେ ଏହି କାର୍ଯ୍ୟକ୍ରମ ଚାଲିଛି । ଚାହିଦା ଅନୁଯାୟୀ ଯଥା ସମୟରେ ମାଛଚାଷୀମାନଙ୍କୁ ଜାତିଆ ମାଛର ଜାଆଁଳ ଯୋଗାଇ ଦେବା ନିମିତ୍ତ ଏହା ନିଶ୍ଚିତ ଭାବେ ଏକ ସହାୟକ ଯୋଜନା ।

ଘରୋଇ ପୋଖରୀରେ ପ୍ରଭାବିତ ପ୍ରଜନନ ପ୍ରଣାଳୀରେ ବିଶୁଦ୍ଧ ଯାଆଁଳ ଉତ୍ପାଦନର ତାତ୍ପର୍ଯ୍ୟ ହେଲ, ପ୍ରଣାଳୀଟିକୁ ଚାଷୀକୁ ଭଲ ଭାବରେ ଶିଖେଇ ଦେବା, ଚାଷୀର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ଏବଂ ରାଜ୍ୟର ବିଶୁଦ୍ଧ ଜାଆଁଳ ଚାହିଦା ପରିପୂରଣରେ ସାହାଯ୍ୟ କରିବା । ମାଗଣାରେ ଚାଷୀ କାର୍ଯ୍ୟକ୍ରମଟିକୁ ଶିଖି ସାରିବା ସଙ୍ଗେସଙ୍ଗେ ଜାଆଁଳ ବିକ୍ରୀ ବାବଦ ୮ ହଜାର ଟଙ୍କା ଆୟ ପାଇ ପାରିବ ।

ଅଧିକ ଉତ୍ପାଦନକ୍ଷମ ସଘନ ମିଶ୍ରିତ ମାଛ ଚାଷ ପ୍ରଣାଳୀକୁ ମାଛ ଚାଷୀ ମାନଙ୍କୁ ଶିଖେଇବା ଉଦ୍ଦେଶ୍ୟରେ ତେରୋଟି ଜିଲ୍ଲାରେ ଘରୋଇ ପୋଖରୀରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏଥିପାଇଁ ଶତକଡ଼ା ଶହେଭାଗ ରିହାତି ସାମଗ୍ରୀ ଆକାରରେ ଚାଷୀଙ୍କୁ ଦିଆଯାଇଛି । ଅର୍ଥାତ୍ ମାଗଣାରେ ଚାଷୀ ପୋଖରୀରେ ଗୁଣ୍ଡ ଜାଆଁଳ ଉତ୍ପାଦନ କରିବା ସଂଗେ ସଂଗେ ମତ୍ସ୍ୟ ବିଭାଗର ସହାୟତାରେ ଉକ୍ତ ଗୁଣ୍ଡ ଜାଆଁଳକୁ ନିଜର ବିହନ ଫାର୍ମରେ ଛାଡ଼ି ସେଥିରୁ ବଡ଼ ଜାଆଁଳ ଉତ୍ପାଦନ କରି ପାରିବେ ଅଥବା ଅନ୍ୟ କୌଣସି ଆଗ୍ରହୀ ମାଛ ଚାଷୀକୁ ବଡ଼ ଜାଆଁଳ ଉତ୍ପାଦନ ନିମନ୍ତେ ବିକ୍ରୀ କରି ପାରିବେ ।

ଗାଁ ଗହଳରେ ଥିବା ପତିତ ପୋଖରୀଗୁଡ଼ିକୁ ତୁରନ୍ତ ମାଛ ଚାଷ ଉପଯୋଗୀ କରିବା, ମାଛ ଚାଷୀମାନଙ୍କୁ ତାଲିମ ଦେବା, ମାଗଣାରେ ବୈଷୟିକ ପରାମର୍ଶ ଦେବା, ଦୀର୍ଘ ମିଆଦୀ ସୂତ୍ରରେ ୧୦ ବର୍ଷିଆ ପୋଖରୀ ପଟ୍ଟା ନେବାରେ ସାହାଯ୍ୟ କରିବା, ମାଛ ଚାଷୀମାନଙ୍କୁ ଋଣ ଓ ରିହାତି ଜରିଆରେ ପୁଞ୍ଜି ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଶ୍ୱ ବ୍ୟାଙ୍କ ତଥା କେନ୍ଦ୍ରୀୟ ଆର୍ଥିକ ସହାୟତାରେ ଓଡ଼ିଶାର ନଅଟି ଜିଲ୍ଲାରେ ପ୍ରତିଷ୍ଠିତ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଆଜି ସକ୍ରିୟ ଭାବେ କାର୍ଯ୍ୟ ତତ୍ପର । ଜାତିଆ ମାଛରୁ ବିଶୁଦ୍ଧ ଜାଆଁଳ ଉତ୍ପାଦନ କରି ରାଜ୍ୟର ଚାହିଦା ପୂରଣ ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଗଢ଼ା ଯାଇଥିବା ଓଡ଼ିଶା ମତ୍ସ୍ୟ ବିହନ ଉନ୍ନୟନ ନିଗମ ମାଧ୍ୟମରେ ଆମ ରାଜ୍ୟରେ ଚାରିଗୋଟି ଆଧୁନିକ ଗୁଣ୍ଡ ଜାଆଁଳ ଉତ୍ପାଦନ କେନ୍ଦ୍ର (Hatchery) ପ୍ରତିଷ୍ଠା କରାଯାଉଛି । ବଲାଙ୍ଗିର ଜିଲ୍ଲାର ବିନିକା ଓ ସମ୍ବଲପୁର ଜିଲ୍ଲାର ଚିପ୍ଲିମା ଓ ବାଲେଶ୍ୱର ଜିଲ୍ଲାର ସରମଙ୍ଗାଠାରେ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କାର୍ଯ୍ୟ ସରିଯାଇଛି ।

ଗ୍ରାମାଞ୍ଚଳରେ ମାଛ ଚାଷୀମାନଙ୍କୁ ବୈଷୟିକ ପରାମର୍ଶ ଦେଇ ମାଛଚାଷରେ ଆଗେଇନେବା ଉଦ୍ଦେଶ୍ୟରେ

୨୬୮ ଜଣ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ଏବଂ ୨୬୮ ଜଣ କ୍ଷେତ୍ର ପ୍ରଦର୍ଶକଙ୍କୁ ବ୍ଲକ ସ୍ତରରେ ମୁତୟନ କରାଯାଇଛି ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଛଚାଷର ବିକାଶ ପାଇଁ ସ୍ୱତନ୍ତ୍ର ମାଛଚାଷ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

ଗରିବ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟସ୍ଥ ଓ ସାହୁକାର ମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ମତ୍ସ୍ୟଜୀବୀ ସମବାୟ ସମିତି ଗୁଡ଼ିକର ଗଠନ କରାଯାଇଛି । ମତ୍ସ୍ୟ ଜୀବୀମାନଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାର ସବମତେ ଉନ୍ନତି ଦିଗରେ ଏହି ସମବାୟ ସମିତିଗୁଡ଼ିକ ସକ୍ରିୟ କାର୍ଯ୍ୟ କରୁଛି ।

ଗାଁ ଗହଳରେ ଦରିଦ୍ରତମ ପରିବାରମାନଙ୍କୁ ମାଛଚାଷ ଜରିଆରେ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମରେ ପୋଖରୀରେ ମାଛଚାଷ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଶତକଡ଼ା ଶହେଭାଗ ରିହାତି । ଅର୍ଥାତ ମାଗଣାରେ ମାଛପୋଖରୀ । ପ୍ରତି ଚାଷୀକୁ ଅଧ ଏକର ପୋଖରୀ ଯୋଗାଇ ଦେବା ପାଇଁ ଏ ଯୋଜନାରେ ବ୍ୟବସ୍ଥା ରହିଛି । "ଜଳ ଭଣ୍ଡାରରେ ମାଛଧରା କାର୍ଯ୍ୟକ୍ରମ" ମଧ୍ୟ ଦରିଦ୍ରତମ ପରିବାର ମାନଙ୍କ ଲାଗି ଉଦ୍ଦିଷ୍ଟ । ଜଳ ଭଣ୍ଡାରମାନଙ୍କରେ ଜାତିଆ ମାଛର ବଡ଼ ଜାଆଁଳ ଛଡ଼ା ଯାଇ ତାହା ଯଥା ସମୟରେ ଧରି ଜୀବିକା ନିର୍ବାହ କରିବା ପାଇଁ ଏଯୋଜନା । ଏହି ଯୋଜନାରେ ଦରିଦ୍ରତମ ପରିବାରମାନଙ୍କୁ ଗୋଟିଏ ଲେଖାଏଁ ଡ଼ଂଗା ଓ ଜାଲ ଯୋଗାଇ ଦିଆ ଯାଇଛି । ଏଥିପାଇଁ ସେମାନଙ୍କୁ ମତ୍ସ୍ୟଜୀବୀ ସମବାୟ ସମତି ପରିସର ଭୁକ୍ତ ହେବାକୁ ପଡ଼ିବ ।

ଗାଁ ଗହଳରେ ବେକାର ଯୁବକମାନଙ୍କୁ ମାଛଚାଷ ତାଲିମ ଜରିଆରେ ଆତ୍ମ ନିଯୁକ୍ତି ଦେବା ପାଇଁ କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ମାଧ୍ୟମରେ ଚାଲିଛି । ତା ଛଡ଼ା ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏଇ ପ୍ରକାର ତାଲିମ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏଥିପାଇଁ ସାମାନ୍ୟ ପାରିଶ୍ରମିକ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ଦିଆଯିବାର ବ୍ୟବସ୍ଥା ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ତରଫରୁ ରହିଛି । ପୋଖରୀ ଥିବା ଶିକ୍ଷାର୍ଥୀମାନେ ତାଲିମ ପାଇବା ପରେ ପୋଖରୀରେ ମାଛ ଚାଷ କରି ପାରୁଛନ୍ତି । ପୋଖରୀ ନଥିବା ଶିକ୍ଷାର୍ଥୀମାନେ ଗ୍ରାମ ପଞ୍ଚାୟତର ଅକାମୀ ପୋଖରୀ ଗୁଡ଼ିକୁ ଦୀର୍ଘ ୧୦ ବର୍ଷିଆ ପଟ୍ଟା ନେଇ ମାଛଚାଷ କରୁଛନ୍ତି ।

ସଂପ୍ରତି ଗାଁ ଗହଳରେ ଯେତେ ପ୍ରକାର ଅର୍ଥ-ନୈତିକ ଯୋଜନା କାର୍ଯ୍ୟକାରୀ ହେଉଛି, ସେ ଗୁଡ଼ିକ ମଧ୍ୟରେ ମତ୍ସ୍ୟଚାଷ ଅର୍ଥାତ ପୋଖରୀରେ ମାଛଚାଷହିଁ ଏକମାତ୍ର ଅର୍ଥକରୀ ଯୋଜନା ବୋଲି ବିଶେଷଜ୍ଞ ମାନଙ୍କର ମତ । କାରଣ ଧାନଚାଷ ସହିତ ମାଛ ଚାଷର ତୁଳନାତ୍ମକ ବିଚାର କରି ଦେଖା ଗଲଣି ଏକର ଧାନ ଚାଷରୁ ଯାହା ମିଳୁଛି ତାହାର ପାଞ୍ଚ ଗୁଣରୁ ଊର୍ଦ୍ଧ୍ୱ ମାଛ ଚାଷରୁ ମିଳୁଛି । ତା ବୋଲି ଯେ, ସବୁ ଚାଷ ଜମିକୁ ପୋଖରୀ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯିବ ଏ କଥା ନୁହେଁ । ଅତି ଖାଲୁଆ ପାଟ ଜମିକୁ ମାଛଚାଷ ପାଇଁ କେବଳ ନିଆ ଯାଇପାରିବ । ବର୍ତ୍ତମାନ ଆମ ଗାଁ ଗଣ୍ଡାରେ ମୂଲ ମଜୁରୀ ଯେଉଁ ପରିମାଣରେ ବଢ଼ି ଗଲଣି ଏବଂ ସାର ଦର ଯେଉଁଭଳି ବୃଦ୍ଧି ପାଇଛି, ଧାନ ଚାଷରୁ ଯେତିକି ଲାଭ ପାଇବାର ଆଶା, ଚାଷୀ ସେତିକି ଲାଭ ପାଇ ପାରୁନାହାନ୍ତି । ଅପର ପକ୍ଷରେ ମାଛ ଚାଷ ସ୍ୱଳ୍ପ ଶ୍ରମ ସାପେକ୍ଷ । ଅଳ୍ପ ଅର୍ଥ ବ୍ୟୟରେ ମଧ୍ୟ ଏହା କରାଯାଇପାରେ । ଗୋଟିଏ ଏକର ପୋଖରୀ ଖୋଳିଲେ ଆଜିକାଲି ୧୨ ହଜାର ଟଙ୍କା ଲାଗିପାରେ । ଗାଁ ଗହଳ ଚାଷୀ ଏକକାଳୀନ ଏତେ ଟଙ୍କା ଯୋଗାଡ଼ କରିବା ସବୁବେଳେ ସଂଭବପର ନୁହେଁ । ତେଣୁ ଖାଲୁଆ ଜାଗାକୁ ନେଇ ପୋଖରୀ କଲେ ଖର୍ଚ୍ଚ ଯଥେଷ୍ଟ କମ୍ ହେବ । ତା' ଛଡ଼ା ଆମ ଗାଁ ମାନଙ୍କରେ ଇମିତିକା ଖାଲ, ଖମା, ପାଟ, ଅକାମୀ ପୋଖରୀ ଅନେକ ରହିଛି, ସହଜରେ ସେ ଗୁଡ଼ିକୁ ମାଛ ପୋଖରୀରେ ରୂପାନ୍ତର କରା ଯାଇପାରେ ।

ମାଛଚାଷ ପାଇଁ ଅର୍ଥ ଆଜି ପ୍ରଶ୍ନ ନୁହେଁ, ଏଥିପାଇଁ ଲୋଡ଼ା ନିରୋଳା ମନଟିଏ । ମନ ଥିଲେ ପୋଖରୀ ନ ଥାଇ ପୋଖରୀଟିଏ ମଧ୍ୟ ଯୋଗାଡ଼ କରି ହେବ । ମାଛ ଚାଷ ପାଇଁ ଅର୍ଥ ଲଗାଣ ଲାଗି ସମସ୍ତ ଜାତୀୟ କରଣ ବ୍ୟାଙ୍କ ଆଗେଇ ଆସୁଛନ୍ତି । ଚାଷୀକୁ ମାଛ ଚାଷରେ ସାହାଯ୍ୟ କରିବାକୁ ସରକାରଙ୍କର ବିଭିନ୍ନ ଯୋଜନା ବା ସଂସ୍ଥା କାଯ୍ୟ କରୁଛି । ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ତନ୍ମଧ୍ୟରୁ ଅନ୍ୟତମ । ତା ଛଡ଼ା ଜିଲ୍ଲା ସ୍ତରୀୟ ବିକାଶ ସଂସ୍ଥା ସମସ୍ତ ସହାୟକ ଯୋଜନାଗୁଡ଼ିକରେ ସମନ୍ୱୟ ସ୍ଥାପନ କରି ମାଛଚାଷୀମାନଙ୍କର ସେବା କରି ଚାଲିଛି । ଏହି ସହାୟକ ଯୋଜନାଗୁଡ଼ିକରେ ସାମଗ୍ରୀ ଯୋଗାଣ ସମେତ ରିହାତି ବା ଛାଡ଼ ମଧ୍ୟ ରହିଛି । ମାଛଚାଷୀ ଯେତେ ଚଞ୍ଚଳ ଋଣ ଓ ରିହାତି ପାଇ ପାରିବ, ସେ ଦିଗରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ବ୍ଲକରେ କାର୍ଯ୍ୟ କରୁଥିବା ମତ୍ସ୍ୟ ସଂପ୍ରସାରଣ ଅଧିକାରୀ-ମାନେ ଏ ଦିଗରେ ମାଛ ଚାଷୀମାନଙ୍କୁ ଯଥା ସଂଭବ ସାହାଯ୍ୟ ଦେଇ ମାଛଚାଷକୁ ଆଗେଇ ନେବା ଦିଗରେ ସେମାନଙ୍କୁ ଉପଯୁକ୍ତ ତାଲିମ ମଧ୍ୟ ଦଆ ଯାଇଛି ।

ପୋଖରୀରେ ସଘନ ମିଶ୍ରିତ ମାଛ ଚାଷ ପ୍ରବର୍ତ୍ତନର ଅର୍ଥ ହେଲା, ଅଳ୍ପ ପରିଶ୍ରମରେ ମାଛଚାଷର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା । ନିର୍ଦ୍ଦିଷ୍ଟ କର୍ମସୂଚୀ ଓ ଉପଯୁକ୍ତ ଖାଦ୍ୟ ଓ ସାର ପ୍ରୟୋଗରେ ମାତ୍ର ଏକରେ ପୋଖରୀରେ ଦୁଇ ହଜାର ଜାଆଁଳ ଉପଯୁକ୍ତ ମିଶ୍ରଣରେ ଛାଡ଼ି ମିଶ୍ରିତ ମାଛ ଚାଷରେ ଯଥେଷ୍ଟ ଲାଭ ମିଳିବା କଥା ଆମ ଚାଷୀମାନେ ଶିଖି ସାରିଲେଣି । ଏକର ପିଛା ୬୦୦ ରୁ ୮୦୦ କିଲୋ-ଗ୍ରାମ ବା ସ୍ଥଳ ବିଶେଷରେ ୧ ହଜାର କିଲୋଗ୍ରାମ ମାଛ ସହଜରେ ମିଳି ପାରିବା ଦୃଷ୍ଟାନ୍ତ ଯଥେଷ୍ଟ । ଲାଭ କ୍ଷତି

ସହଜରେ ଅନୁମାନ କରି ହେଉଛି । ତେବେ ଆଜି କାଲି ମାଛର ଦର ଯେଉଁଭଳି ଭାବରେ ହୁ ହୁ ବୃଦ୍ଧି ପାଇବାରେ ଲାଗିଛି, ମାଛ ଚାଷ ଯେ ଏକ ମାତ୍ର ଲାଭଜନକ ପନ୍ଥା, ଏ କଥା ଆମ ମାଛଚାଷୀମାନଙ୍କର ହୃଦ୍‌ବୋଧ ହେଲଣି ।

ଖାଦ୍ୟ ଖାଇଲା ବେଳେ ଆମେ ଯେତିକି ପରିମାଣରେ ମାଛ ଖାଉଛୁ ତାହା ଆଦୌ ଯଥେଷ୍ଟ ନୁହେଁ । ପୋଖରୀରେ ମାଛ ଚାଷ କରିବା ଫଳରେ ଭାତ ସାଂଗକୁ ଅନ୍ତତଃ ପକ୍ଷେ ମାଛ ଖାଇବାକୁ ମିଳିବ ଏବଂ ଶରୀର ଗଠନରେ ଏହା ଯଥେଷ୍ଟ ଦରକାରୀ । କ୍ଷେତ୍ରର ଅଭାବ ଗାଁ ଗହଳରେ ଆଦୌ ନାହିଁ । ସେ ଗୁଡ଼ିକର ସୁବିନିଯୋଗ ପାଇଁ ଜନ ଜାଗରଣ ହିଁ ଏକାନ୍ତ ଲୋଡ଼ା । ବଡ଼ ଦୁଃଖର କଥା ସାଂପ୍ରତିକ ମୂଲ୍ୟ ବୃଦ୍ଧି କାଳରେ ଏବଂ ଜନ ସଂଖ୍ୟାର ବିସ୍‌ଫୋରଣ କାଳରେ ମଣିଷର ମନ ଧାଇଁ ଆସିଛି ମୀନ ପାଖକୁ । ସେହି ମୀନ ଚିନ୍ତା ଆଜି ଗାଁ ଗଣ୍ଡାର ଅବହେଳିତ ଜନତାର । ଦରିଦ୍ରତମ ପରିବାରଙ୍କୁ ଉତ୍ଥାନ କରିବା ଦିଗରେ ମାଛଚାଷ ହିଁ ଏକମାତ୍ର ଭରସା । ଗ୍ରାମ୍ୟ ଯୁବକର ଶକ୍ତି ଏବଂ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାର ଏକମାତ୍ର ମାର୍ଗ ମାଛଚାଷ । ତେଣୁ ଆଜିର ସ୍ଲୋଗାନ ହେବା ଉଚିତ –

"ବାଡ଼ିରେ ଖୋଳ ଗଡ଼ିଆ
ମାଛ ଖାଇବ ବଡ଼ିଆ ।

ନିର୍ଦ୍ଦେଶକ, ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା

## କୃଷି ମହାବିଦ୍ୟାଳୟର ୬୭ତମ ପ୍ରତିଷ୍ଠା ଦିବସ ଉତ୍ସବ

କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କ ଉନ୍ନତି ଉଦ୍ଦେଶ୍ୟରେ ସରକାର ପ୍ରତିବର୍ଷ ୨ କୋଟି ଟଙ୍କା ଲିହାଜି ମଞ୍ଜୁରୀ କରି ଆସୁଥିବା ଓ ସର୍ବୋପରି ସରକାର ସଘନ ଅଞ୍ଚଳ କାର୍ଯ୍ୟକ୍ରମରେ ସର୍ବନିମ୍ନ ଉତ୍ପାଦନ ଲକ୍ଷ୍ୟ ହାସଲର ପ୍ରତିଶ୍ରୁତିବଦ୍ଧ ଚାଷୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ଆଧୁନିକୀକରଣ କୃଷି ଯନ୍ତ୍ରପାତି ବିତରଣ ଓ ଉତ୍ତମ ବୈଷୟିକ ଉପଦେଶ କାର୍ଯ୍ୟକ୍ରମ ସତ୍ତ୍ୱେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଆଶାତୀତ ଭାବେ ଫଳ ମିଳୁ ନ ଥିବା ଗଭୀର କ୍ଷୋଭର ବିଷୟ ବୋଲି ଅର୍ଥ ଓ ଆଇନ୍ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ କହିଛନ୍ତି ।

ଗତ ଜାନୁୟାରୀ ୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ କୃଷି ମହାବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ ଯୁଗୋପଯୋଗୀ ବୈଷୟିକ ବୈପ୍ଳବିକ ପଦକ୍ଷେପମାନ ନିଆ ଯାଇଥିବା ସତ୍ତ୍ୱେ ଆଉ କେଉଁ ଉପାୟରେ ଦୁର୍ବଳ ଶ୍ରେଣୀ କୃଷକମାନଙ୍କର ଅର୍ଥନୈତିକ ଉନ୍ନତି ସାଧନ କରାଯାଇ ପାରିବ ବୋଲି ପ୍ରଶ୍ନ କରିଥିଲେ । ଆମର ପ୍ରଚଳିତ ଶିକ୍ଷା ପ୍ରଣାଳୀର ପ୍ରତ୍ୟେକ ସ୍ତରରେ କୃଷିଭିତ୍ତିକ ଶିକ୍ଷା ଓ ଆଧୁନିକ ବୈଷୟିକ ଜ୍ଞାନ ଆହରଣ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । କୃଷି ସ୍ନାତକମାନେ ନିଜ ନିଜର କୃଷି କ୍ଷେତ୍ରକୁ ଫେରିଯାଇ ବୈଷୟିକ ଜ୍ଞାନର ସଦୁପଯୋଗ କରି ଦେଶ ଓ ଦଶର ଉନ୍ନତି କଳ୍ପେ ଉନ୍ନତ କୃଷି ପ୍ରଣାଳୀ ଓ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲରେ ସହାୟତା କରି 'ସବୁଜ ବିପ୍ଳବ ଯୁଗ' ସୃଷ୍ଟି କରିବାକୁ ସେ ଉପଦେଶ ଦେଇଥିଲେ । ଅତୀତରେ ଆମର ଜନ ହିତକର କାର୍ଯ୍ୟ ଓ ଯୋଜନାଗୁଡ଼ିକ ଫଳବତୀ ନ ହେବା ଏକମାତ୍ର କାରଣ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଅଭାବ । ଆମର 'ସବୁଜ ବିପ୍ଳବର ସ୍ୱପ୍ନ' ସାର୍ଥକ କରିବାକୁ ହେଲେ ଜନସାଧାରଣ, ଯୁବ ସମ୍ପ୍ରଦାୟ, ସରକାରୀ, ବେସରକାରୀ ଓ ଅଣ ଅନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ଏଥି ନିମନ୍ତେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହ ସମକକ୍ଷ ହେବାକୁ ହେଲେ ଆମକୁ ଦୃଢ଼ ବିଶ୍ୱାସ, ଅକ୍ଳାନ୍ତ ପରିଶ୍ରମ, ଓ ମନୋବଳ ବଢ଼ାଇବାକୁ ହେବ ବୋଲି ସେ କହିଥିଲେ ।

ଏହି ଉତ୍ସବରେ ଅଧ୍ୟକ୍ଷତା କରି କୁଳପତି ଡକ୍‌ଟର ମିଶ୍ର କହିଲେ ଯେ ଆଜିର ଯୁବ ଛାତ୍ରସମାଜ ଶୃଂଖଳିତ ବିଦ୍ୟାଧ୍ୟୟନ ଓ ଚରିତ୍ର ସଂଶୋଧନ କରି ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟକୁ ଆଗେଇ ନେବାରେ ପ୍ରତୀକ ହେବା ଉଚିତ ।

# ଭାରତ ବର୍ଷ – ଆମର ମହାନ ଦେଶ

ଅଧ୍ୟାପକ ଶ୍ରୀ ହରନାଥ ମିଶ୍ର

ଗୌରବମୟୀ ଏହି ଭାରତଭୂମି । ମହତୀ ଏହାର ପରମ୍ପରା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବିଭାଜନ ଏ ଦେଶର ନାହିଁ । ସବୁ ଏକୀକୃତ । ସବୁ ନୈସର୍ଗିକ । କୃତ୍ରିମତାର ଆଭାସ ବି ନାହିଁ । ବର୍ଗସାଁଙ୍କର ଦର୍ଶନରେ ଏ ତତ୍ତ୍ୱ ବୌଦ୍ଧିକ ବିଶ୍ଳେଷଣରୁ ପ୍ରସୂତ । କିନ୍ତୁ ଏ ଦେଶର ଏହା ବୌଦ୍ଧିକ ବିଗ୍ରହ ନୁହେଁ । ଏହା ବୌଦ୍ଧିକ ବିଗ୍ରହର ବହୁ ଊର୍ଦ୍ଧ୍ୱରେ । ଏହା ଆତ୍ମାନୁଭୂତି । ବୁଦ୍ଧି, ଇନ୍ଦ୍ରିୟର ପରିସରରୁ ଅତିକ୍ରାନ୍ତ ଅନବଦ୍ୟ "ଅବାଙ୍ମାନସ ଗୋଚର" ତୁରୀୟାନୁଭୂତି । ଏହିତ ସେହି ପବିତ୍ର ଭାରତ ଦେଶ ଯେଉଁଠାରେ କେଉଁ ଦୂର ଅତୀତରେ "ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ମାମକାଃ ପାଣ୍ଡବାଶ୍ଚୈବ" । ଏହି ଦୁଇ ବିବଦମାନ ସମବେତ ଯୁଯୁତ୍ସୁ ଦଳର ସମ୍ମୁଖରେ ମୋହଗ୍ରସ୍ତ ଅର୍ଜୁନଙ୍କୁ ଉଦ୍‌ବୁଦ୍ଧ କରି ଉଦାର କଣ୍ଠରେ ଗାଇ ଉଠିଥିଲେ ଭଗବାନ୍ ଶ୍ରୀକୃଷ୍ଣ–

"କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ<br>
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ<br>
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ<br>
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।"

ଏହି ତ ସେହି ଭାରତ ବର୍ଷ, ଯେଉଁଠି ପ୍ରାଜ୍ଞ ବୀର ଅର୍ଜୁନ ଆଲୋଚନା କରି କରି ତର୍କ କରି କରି ନିରସ୍ତ ହୋଇ ଭଗବଚ୍ଚରଣାରବିନ୍ଦରେ ଆତ୍ମ ନିବେଦନ କରିଥିଲେ ଭଗବଦ୍ ଆଦେଶ ଶିରୋଧାର୍ଯ୍ୟ କରି

"ଶିଷ୍ୟସ୍ତେଽହଂ ସାଧି ମାଂ ତ୍ୱାଂ ପ୍ରପନ୍ନମ୍ ।"

ଏହିତ ସେହି ଭାରତ ବର୍ଷ ଯେଉଁଠି ଦିବ୍ୟଦ୍ରଷ୍ଟା ସଞ୍ଜୟ ସର୍ବ ଶେଷରେ ଭଗବଦ୍ ଗୀତାର ଶେଷରେ ସଦ୍ଧାନ୍ତ କରି କହିଲେ ଧୃତରାଷ୍ଟ୍ରଙ୍କୁ–

"ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍ଭୁତଂ ହରେଃ<br>
ବିସ୍ମୟୋ ମେ ମହାନ୍ ରାଜନ୍ ! ହୃଷ୍ୟାମି ଚ ପୁନଃ ପୁନଃ ।<br>
ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ<br>
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।"

ଏହି ସେହି ସ୍ୱର୍ଣ୍ଣପ୍ରସୂ ଜମ୍ବୁଦ୍ୱୀପ ଦେବଭୂମି ଯେଉଁଠି କେଉଁ ଏକ ନିଭୃତ ସ୍ଥାନରୁ ଗଗନ ମଣ୍ଡଳ ପ୍ରକମ୍ପିତ କରି ମନ୍ତ୍ରଦ୍ରଷ୍ଟା ଋଷିଙ୍କର ଉଦାର କଣ୍ଠରୁ ଝରି ପଡ଼ିଥିଲା ଋଗ୍‌ବେଦର ସେହି ପ୍ରଥମ ମନ୍ତ୍ର–

ଓଁ ଅଗ୍ନିମୀଳେ ପୁରୋହିତଂ ଯଜ୍ଞସ୍ୟ<br>
ଦେବ ମୃତ୍ୱିଜଂ ହୋତାରଂ ରତ୍ନଧାତମମ୍ ।"

ଏତ ସେହି ଭାରତ ବର୍ଷ ଯେଉଁଠି ଗୃହ, ନଗର, ଗ୍ରାମ, ବିହାର, ଆଶ୍ରମ ସବୁ କିଛି ମୁଖରିତ ହେଉଥିଲା ବିଶ୍ୱ କଲ୍ୟାଣର ବାଣୀରେ–

"ଓଁ ସର୍ବେ ଭବନ୍ତୁ ସୁଖିନଃ<br>
ସର୍ବେ ସନ୍ତୁ ନିରାମୟାଃ<br>
ସର୍ବେ ଭଦ୍ରାଣି ପଶ୍ୟନ୍ତୁ<br>
ମା କଶ୍ଚିଦ୍ ଦୁଃଖଭାଗ ଭବେତ୍ ।"

* * *

ଭରତ ନାମଧେୟ ଏତଦ୍ଦେଶୀୟ ଜନୈକ ପୁଣ୍ୟଶ୍ଳୋକ ନରପତିଙ୍କର ନାମାନୁସାରେ ଏ ଦେଶର ନାମ ଭାରତ ହୋଇଛି ବୋଲି ଲୋକମୁଖରେ ସୁବିଦିତ । ସାଧାରଣ ଦୃଷ୍ଟିକୋଣରୁ ଏହା ହୋଇପାରେ, କିନ୍ତୁ ତତ୍ତ୍ୱତଃ ଏପରି ନୁହେଁ । ଭାୟାଂ ରତଃ ଦେଶଃ ଭାରତ ଦେଶଃ । ଭା ଶବ୍ଦର ଅର୍ଥ ପ୍ରକାଶ । ପ୍ରକାଶ ହେଉଛି ଜ୍ଞାନ । ଏ ଦେଶର ସଂସ୍କୃତିରେ ଜ୍ଞାନ ବୋଇଲେ ଆତ୍ମ ଜ୍ଞାନକୁ ହିଁ ବୁଝାଇ ଥାଏ । "ବସ୍ତୁ ସ୍ୱରୂପା ବ ଧାରଣଂ ଜ୍ଞାନମ୍" । କୌଣସି ବସ୍ତୁର ସ୍ୱରୂପକୁ ଠିକ୍ ଭାବରେ ଜାଣିବା ହିଁ ଜ୍ଞାନ । କୌଣସ ବସ୍ତୁକୁ ଠିକ୍ ଭାବରେ ନ ଜାଣି ଅନ୍ୟପ୍ରକାର ବୋଲି ମନେ କରିବା ହେଉଛି ଅଜ୍ଞାନ ବା ଅବିଦ୍ୟା । ରଜ୍ଜୁକୁ ରଜ୍ଜୁ ବୋଲି ଜାଣିବା ହେଉଛି ଅଜ୍ଞାନ ବା ରଜ୍ଜୁକୁ ସର୍ପ ବୋଲି ମନେ କରିବା ହେଉଛି ଭ୍ରାନ୍ତି ବା ଅଜ୍ଞାନ । ଏହି ସମଗ୍ର ପ୍ରପଞ୍ଚର ମୂଳ ସତ୍ତା ହେଉଛି ଦୈବସତ୍ତା । ତାହାହିଁ "ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ" ତାହାହିଁ ସେହି ସତ୍ତା "ଯସ୍ମିନ୍ ବିଜ୍ଞାତେ ସର୍ବଂ ବିଜ୍ଞାତଂ ଭବତି ।" ସେହି ତୁରୀୟାନୁଭବି ଯୋଗଗମ୍ୟ ସତ୍ତାକୁ ଲକ୍ଷ୍ୟକରି ବେଦର ଋଷି ଗାଇଛନ୍ତି–"ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ । ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ" ।

"ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ । ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ"—ସେହି ନିତ୍ୟ ସତ୍ତା ଚରମ ସତ୍ୟର ଉପଲବ୍ଧି ହିଁ ଭାରତୀୟ ସଂସ୍କୃତିର ପରାକାଷ୍ଠା । ଏହି ତତ୍ତ୍ୱର ଉପଲବ୍ଧି ହିଁ ଇହଲୋକ, ପରଲୋକ ସର୍ବତ୍ର କଲ୍ୟାଣର ଦ୍ୟୋତକ । ଏହାହିଁ ଭାରତୀୟ ଜୀବନର ଅଭିଷ୍ଟ ଅଧ୍ୟବସାୟ ।

ଭାରତର ସଂସ୍କୃତି ସନାତନ ସଂସ୍କୃତି । ସନାତନ ସଂସ୍କୃତି ସନାତନ ଧର୍ମ । ସନାତନ ଧର୍ମହିଁ ସନାତନ

ସଂସ୍କୃତି । ସନାତନ ଧର୍ମ କହିଲେ କୌଣସି ସମ୍ପ୍ରଦାୟର ଆଚରଣ ନୁହେଁ । 'ସନାତନ ଶବ୍ଦ ଅବିନଶ୍ୱର ଓ ନିତ୍ୟ ବସ୍ତୁକୁ ବୁଝାଇଥାଏ । ଧାରୟତୀତି ଧର୍ମଃ । ସୃଷ୍ଟିକୁ ଧରି ରଖିବା ପାଇଁ, ଏହି ସକଳ ଜଗତର କଲ୍ୟାଣ ପାଇଁ ଯାହା ଦରକାର ତାହାହିଁ ସନାତନ ଧର୍ମ । କେବଳ ପରମାତ୍ମାହିଁ ସନାତନ । ସେହି ଏକ ପରମାତ୍ମାଙ୍କୁ ଲୋକମାନେ ବିଭିନ୍ନ ଭାବରେ ଚିନ୍ତା କରିଆସନ୍ତି । ଏକଂ ସଦ୍ ବିପ୍ରାଃ ବହୁଧା ବଦନ୍ତି । ଆଲ୍ଲା, ଶିବ, କୃଷ୍ଣ, ଆହୁର୍ ମଜ୍‌ଦା—ଯେପରି ଭାବରେ ନାମ ଦେଲେ ମଧ୍ୟ ସେ ସେହି ଏକ ଓ ଅଦ୍ୱିତୀୟ ସତ୍ତା । ସେ ହିଁ ଏହି ସଂସାରର କର୍ଣ୍ଣଧାର । ସନାତନ ଧର୍ମ ହେଉଛି ତାଙ୍କର ଧର୍ମ । ଏହି ସଂସାରର କଲ୍ୟାଣ ନିମିତ୍ତ ତାଙ୍କଦ୍ୱାରା ଅଭିପ୍ରେତ ଧର୍ମ ବା ନିର୍ଦ୍ଦେଶ ହିଁ ସନାତନ ଧର୍ମ । ଏହା ସ୍ରଷ୍ଟାଙ୍କର ଧର୍ମ ଓ ସୃଷ୍ଟିର ଧର୍ମ । ସନାତନସ୍ୟ ଧର୍ମଃ ସନାତନ ଧର୍ମଃ । ସନାତନଃ ଧର୍ମଃ ସନାତନ ଧର୍ମଃ । ଯାହା କଲେ ସମାଜର କଲ୍ୟାଣ ହେବ ତାହା କରିବା ଉଚିତ । ଯାହା କଲେ ସଂସାରର ଅମଙ୍ଗଳ ହେବ ତାହା କରିବା ଉଚିତ ନୁହେଁ । ଏଇ ତ ସନାତନ ଧର୍ମ । ଏହା ସର୍ବଦେଶର ସର୍ବକାଳର ଧର୍ମ । ସକଳ ଜୀବଜଗତର ଅବଲମ୍ବନୀୟ ମାର୍ଗ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହା ସମଗ୍ର ପୃଥିବୀର ଜନସମାଜର କଲ୍ୟାଣର ମାର୍ଗ । ସକଳ ଦୁଃଖର ନିରାକରଣପୂର୍ବକ ଦିବ୍ୟ ଆନନ୍ଦର ଅନୁଭୂତି ପାଇଁ ଯେଉଁ ମାର୍ଗ ଦରକାର, ତାହା ଏହି ସନାତନ ମାର୍ଗ । ଏଥିରେ ବାଦବିସମ୍ବାଦର ଅଣୁମାତ୍ର ଅବକାଶ ନାହିଁ ।

ଭାରତୀୟ ଜୀବନର ଦର୍ଶନ ସନାତନ ଜୀବନ ଦର୍ଶନ । ଏହା ସେବାର ଦର୍ଶନ, ତ୍ୟାଗର ଦର୍ଶନ, ପ୍ରେମର ଦର୍ଶନ ସତ୍ୟ, ଧର୍ମ, ପ୍ରେମ, ଶାନ୍ତି ଓ ଅହିଂସା ଭାରତୀୟ ସଂସ୍କୃତିର ମୂଳ ସ୍ତମ୍ଭ । ଏ ଦେଶର ସଂସ୍କୃତିରେ ସମସ୍ତ ଦେବ ଦେବୀଙ୍କ ମଧ୍ୟରେ ଶିବଙ୍କୁ ଶ୍ରେଷ୍ଠ ସ୍ଥାନ ଦିଆ ଯାଇଛି । ସେ ମହାଦେବ । ସେ ବସ୍ତ୍ରହୀନ, ଭସ୍ମଲିପ୍ତ ଶରୀର, ବୃଷଭାରୋହୀ ଓ ଶ୍ମଶାନଚାରୀ । କିନ୍ତୁ ସେ ସକଳ ଜଗତର କର୍ତ୍ତା, ସମସ୍ତ ଐଶ୍ୱର୍ଯ୍ୟର ଅଧିପତି । ସେ ନିର୍ଲିପ୍ତ ନିର୍ବିକାର ସେ ଯୋଗୀଶ୍ୱର । ସେ ତ୍ୟାଗ ଓ ସନ୍ନ୍ୟାସର ମୂର୍ତ୍ତିମନ୍ତ ବିଗ୍ରହ । ଭାରତ ତ୍ୟାଗର ଭୂମୀ, ଭୋଗର ଭୂମୀ ନୁହେଁ । ଏହା ପ୍ରବୃତ୍ତିର କ୍ଷେତ୍ର ନୁହେଁ ; ନିବୃତ୍ତିର କ୍ଷେତ୍ର । ବେଦ ଓ ଉପନିଷଦ୍ ତ୍ୟାଗ ଓ ସାମ୍ୟବାଦର ଦର୍ଶନ ପ୍ରଚାର କରିଛନ୍ତି ।

"ଓଁ ଈଶାବାସ୍ୟମିଦଂ ସର୍ବଂ ଯତ୍‌କିଞ୍ଚ ଜଗତ୍ୟାଂ ଜଗତ୍ ତେନ ତ୍ୟକ୍ତେନ ଭୁଞ୍ଜୀଥାଃ ମାଗୃଧଃ କସ୍ୟସ୍ୱିଦ୍ ଧନମ୍" ଉପନିଷଦ୍‌ରେ ପ୍ରେୟଃ ଓ ଶ୍ରେୟଃ ମଧ୍ୟରେ ଶ୍ରେୟଃକୁ ପ୍ରାଧାନ୍ୟ ଦିଆଯାଇଛି । ଯାହା ଇନ୍ଦ୍ରିୟଭୋଗର ତୃପ୍ତି ବିଧାନ କରିଥାଏ ତାହା ପ୍ରେୟଃ । ଏହା ସାମୟିକ ସୁଖଦେଲେ ମଧ୍ୟ ପରମ ଶାନ୍ତି ଦେଇପାରିନାହିଁ । ଶ୍ରେୟଃର ପଥ ଆତ୍ମଜ୍ଞାନର ପଥ । ଏହା ପରମ ଶାନ୍ତିର ପଥ । ଏହା ଦିବ୍ୟ ଆନନ୍ଦର ବାହକ । ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ ଓ ମହାଭାରତ ଆଦି ଶାସ୍ତ୍ର ଭାରତୀୟ ଜୀବନଦର୍ଶନର ମହନୀୟତା ପ୍ରତିପାଦନ କରନ୍ତି । ଅନେକ ବୈଦେଶିକ ପଣ୍ଡିତ ମତ ପୋଷଣକରନ୍ତି ଯେ ଭାରତରେ ବୈଷୟିକ ଦିଗପ୍ରତି, ପାର୍ଥିବ ଜଗତପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି । ଏହା ସଂପୂର୍ଣ୍ଣ ଭ୍ରାନ୍ତ । ରାମାୟଣ, ମହାଭାରତ ଓ ଗୀତା ପାଠକଲେ ଯେକେହି ଲୋକ ବୁଝିପାରିବ ଯେ ଏପ୍ରକାର ମତ କପୋଳକଳ୍ପିତ । ଭାରତୀୟ ଆର୍ଯ୍ୟ ଦର୍ଶନରେ ପଳାୟନବାଦକୁ ଘୃଣା କରାଯାଇଛି । ପଳାୟନବାଦ ଓ ତ୍ୟାଗ ଏକ କଥା ନୁହେଁ । ଭାରତୀୟ ଚିନ୍ତାରେ କର୍ମଯୋଗକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି । ରାମ, କୃଷ୍ଣ ପ୍ରଭୃତି ଅବତାରମାନେ ମଧ୍ୟ ନିଜ ଜୀବନରେ ଏହା ଦେଖାଇ ଯାଇଛନ୍ତି । ରାମ, କୃଷ୍ଣ ପ୍ରଭୃତିଙ୍କର ଚରିତ୍ର ପାଠକଲେ ଯେ କେହି ଏବିଷୟରେ ଅବହିତହୋଇ ପାରିବ । ଭଗବଦ୍‌ଗୀତାର ରଚନା ଯୁଦ୍ଧ କ୍ଷେତ୍ରରେ ହୋଇଛି । ଯୁଦ୍ଧ ନକଲେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବାକୁ ଉଦ୍ୟତ ହେଉଥିବା ଅର୍ଜୁନଙ୍କୁ ଭଗବାନ୍ ଶ୍ରୀକୃଷ୍ଣ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଛନ୍ତି । କର୍ମ ବିମୁଖତା ଭାରତୀୟ ସଂସ୍କୃତିର ସିଦ୍ଧାନ୍ତ ନୁହେଁ । ବରଂ ଏ ଦେଶର ଶାସ୍ତ୍ରମାନଙ୍କରେ କର୍ମପ୍ରବଣତାର ଶିକ୍ଷା ଦିଆଯାଇଛି । ସ୍ୱାର୍ଥଲିପ୍ସା ଦୂଷିତ, ମାତ୍ସର୍ଯ୍ୟାଦିପ୍ରଣୋଦିତ କର୍ମ କଲ୍ୟାଣକର କର୍ମନୁହେଁ । ସମସ୍ତ କର୍ମରେ ମୂଳମନ୍ତ୍ର ତ୍ୟାଗ ଓ ସେବା ।

> "ଯେନ କେନ ପ୍ରକାରେଣ ଯସ୍ୟ କସ୍ୟାପି ଦେହିନଃ
> ସନ୍ତୋଷଂ ଜନୟେତ୍ ପ୍ରାଜ୍ଞଃ ତଦେବେଶ୍ୱରପୂଜନମ୍" ।

ବେଦରେ କୁହାଯାଇଛି ବିଦ୍ୟା ଦୁଇପ୍ରକାର । ପରାବିଦ୍ୟା ଓ ଅପରାବିଦ୍ୟା । ଆତ୍ମଜ୍ଞାନ ହିଁ ପରାବିଦ୍ୟା । ଅନ୍ୟ ସମସ୍ତପ୍ରକାର ବିଦ୍ୟା ଅପରାବିଦ୍ୟା । ଶାସ୍ତ୍ରରେ ପରାବିଦ୍ୟାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି କିନ୍ତୁ ଅପରା-ବିଦ୍ୟାର ଆବଶ୍ୟକତାକୁ ବି ସ୍ୱୀକାର କରାଯାଇଅଛି । ବେଦ ଶବ୍ଦର ଅର୍ଥ ଜ୍ଞାନ । ଶିଳ୍ପ, ଚିକିତ୍ସା ଓ ସଙ୍ଗୀତାଦି କୌଣସି ବିଦ୍ୟା ବେଦର ବହିର୍ଭୂତ ନୁହେଁ । ସେଥିପାଇଁ ଭାରତରେ ଅଷ୍ଟାଦଶ ବିଦ୍ୟାର ପ୍ରସିଦ୍ଧି ରହିଛି । ଆଧୁନିକ ବିଜ୍ଞାନର ବିକାଶର ବହୁ ପୂର୍ବରୁ ଭାରତୀୟମାନେ ସଙ୍ଗୀତବିଦ୍ୟା, ଚିକିତ୍ସାବିଦ୍ୟା, ଶିଳ୍ପବିଦ୍ୟା, କାବ୍ୟ, କଳା, ନାଟକାଦି ବିଭିନ୍ନ କ୍ଷେତ୍ରରେ ଅସାଧାରଣ ପାରଦର୍ଶିତା ଲାଭ କରିଥିଲେ । ଜ୍ୟୋତିଷ, ଗଣିତ, ଇତ୍ୟାଦି ଆଧୁନିକ ଯୁଗରେ ବିକାଶଲାଭ କରିଥିବା ବହୁ ବିଦ୍ୟା ପ୍ରଥମେ ଏହି ଦେଶରୁ ହିଁ ସମଗ୍ର ପୃଥିବୀରେ ପ୍ରସାରିତ ହୋଇଛନ୍ତି । ପ୍ରଜ୍ଞାନ ଓ ବିଜ୍ଞାନ-ଉଭୟରେ ଯେ ଭାରତୀୟ ସଂସ୍କୃତି ସମୃଦ୍ଧ, ଏଥିରେ ସନ୍ଦେହର ଅଣୁମାତ୍ର କାରଣନାହିଁ । ଏହାର ପ୍ରମାଣ ଗୀତା, ଭାଗବତ, ରାମାୟଣ, ମହାଭାରତ, ବେଦ, ଉପନିଷଦ୍ ପ୍ରଭୃତି ଗ୍ରନ୍ଥ ।

× × ×

ଉପନିଷଦ୍‌ଗୁଡିକ ଭାରତର ପୃଥିବୀକୁ ଅତୁଳନୀୟ ଦାନ । ବହୁ ପାଶ୍ଚାତ୍ୟ ଚିନ୍ତାନାୟକ ଓ ମନୀଷୀ ଉପନିଷଦ୍‌ର ତତ୍ତ୍ୱରେ ଅନୁପ୍ରାଣିତ ଓ ଉଦ୍‌ବୁଦ୍ଧ ହୋଇଛନ୍ତି ।

ଉପନିଷଦ୍‌ର ବାଣୀ ଭଗବଦ୍‌ବାଣୀ । ଏହା ଚିରକାଳ ଅମ୍ଳାନ । ଯୁଗେ ଯୁଗେ ଏହି ଔପନିଷେଦିକ ଦର୍ଶନ ବିଶ୍ୱର ଜନଚେତନାକୁ ଉଜ୍ଜୀବିତ ଓ ସଂସ୍କୃତ କରିଆସିଛି । ଯୁଗେ ଯୁଗେ ଭିନ୍ନ ଭିନ୍ନ ମତବାଦ ଓ ସଂପ୍ରଦାୟ ଏହି ଶାଶ୍ୱତ ଔପନିଷେଦିକ ତତ୍ତ୍ୱର ମହନୀୟତାକୁ ସ୍ୱୀକାର କରିଛନ୍ତି । ଯେ ବା ସ୍ୱୀକାର କରିନାହାନ୍ତି, ସେମାନେ ବି ଏହାର ଆବେଗମୟ ପ୍ରଭାବରୁ ମୁକ୍ତ ହୋଇ ନାହାନ୍ତି । ଗୋଟେ, ସୋପେନ୍‌ହାଉଆର, ଆଇନଷ୍ଟାଇନ୍ ଓ ଏଲିଅଟ ପ୍ରଭୃତି ପୃଥିବୀର ବିଶିଷ୍ଟ ଭାବୁକ, ଚିନ୍ତାନାୟକ ଓ ମନୀଷୀଗଣ ଏହି ଔପନିଷେଦିକ ସିଦ୍ଧାନ୍ତ ବା ବେଦାନ୍ତ ଦର୍ଶନର ମହତ୍ତ୍ୱ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଏଥିପ୍ରତି ନିଜର ଗଭୀରତମ ଆବେଗ ଓ ଶ୍ରଦ୍ଧା ମୁକ୍ତକଣ୍ଠରେ ପ୍ରକାଶ କରିଛନ୍ତି । ସଂସାରରୁ ଦୁଃଖ, ଅବସାଦ ଓ ଗ୍ଳାନି ଦୂରକରି ଏକ ସୁଦୃଢ଼, ସଂହତ ଓ ଅଭ୍ୟୁନ୍ନତ ମାନବ ସମାଜ ପ୍ରତିଷ୍ଠା କରିବାରେ ଏହି ଔପନିଷେଦିକ ମାର୍ଗ ଯେ ଏକମାତ୍ର ଅବଲମ୍ବନ—ଏକଥା ପୃଥିବୀର ବହୁ ଚିନ୍ତାନାୟକ ପଣ୍ଡିତ ସ୍ୱୀକାର କରନ୍ତି ।

❋ ❋ ❋

ବର୍ତ୍ତମାନ ପୃଥିବୀରେ ଭାରତର ଯଦି କୌଣସି ବସ୍ତୁ ପାଇଁ ଗର୍ବ କରିବାର ଅଛି, ତା'ହେଲେ ତା' ହେଉଛି ଦୁଇଟି ବସ୍ତୁ ପାଇଁ । ଗୋଟିଏ ହେଉଛି ଉପନିଷଦ୍ ଓ ଅନ୍ୟଟି ପବିତ୍ର ସଂସ୍କୃତ ଭାରତୀ । ସଂସ୍କୃତ ଓ ସଂସ୍କୃତି ମଧ୍ୟରେ ଓତପ୍ରୋତ ସଂପର୍କ । ସମ୍ ଉପସର୍ଗ କୃ ଧାତୁରୁ ପ୍ରତ୍ୟୟ ହେଲେ ସଂସ୍କୃତି । ଉଭୟ ଶବ୍ଦର ମୂଳ ଭାବହେଲା ଅନାବିଳତା ବା ଶୁଦ୍ଧତା । ସଂସ୍କୃତ ହେଉଛି ବିଶ୍ୱର ପ୍ରାଚୀନତମ ଭାଷା । ଅବଶ୍ୟ ଏ ବିଷୟରେ ବିବାଦଅଛି । କେତେକ ଭାଷାବିତ୍‌ମାନଙ୍କ ମତରେ ଗ୍ରୀକ୍, ଲାଟିନ, ସଂସ୍କୃତ ଓ ପର୍ସିଆନ୍ ସମାନ୍ତରୀୟ ଭାଷା । ଆଧୁନିକ ପୃଥିବୀର ଅଧିକାଂଶ ଭାଷା ଏହିସବୁ ଭାଷାରୁ ସୃଷ୍ଟି ହୋଇଛନ୍ତି । ଏମତରେ ସଂସ୍କୃତ, ପର୍ସିଆନ୍ ପ୍ରଭୃତି ଉପର୍ଯ୍ୟୁକ୍ତ ଭାଷାମାନଙ୍କର ମୂଳ ଆଦିମ ଇଣ୍ଡୋୟୁରୋପିୟାନ୍ ଭାଷା । କିନ୍ତୁ ଭାରତୀୟ ତତ୍ତ୍ୱବିତ୍‌ମାନଙ୍କ ସିଦ୍ଧାନ୍ତାନୁସାରେ ସଂସ୍କୃତରୁ ହିଁ ଅନ୍ୟାନ୍ୟ ସକଳ ଭାଷାମାନଙ୍କର ଜନ୍ମ । ସଂସ୍କୃତ ବେଦ ଭାଷା । ବେଦ ପୃଥିବୀରେ ପ୍ରାଚୀନତମ । ବୈଦିକ ସଂସ୍କୃତି ପୃଥିବୀର ପ୍ରାଚୀନତମ ସଂସ୍କୃତି । ଏହି ବିଜ୍ଞାନଯୁଗରେ ମଧ୍ୟ ପାଶ୍ଚାତ୍ୟ ଭାଷାବିତ୍‌ମାନେ ସଂସ୍କୃତ ଭାଷା ଓ ବ୍ୟାକରଣର ବୈଜ୍ଞାନିକ ଗଠନଶୈଳୀ ଦେଖି ବିସ୍ମିତ ହେଉଛନ୍ତି ।

ଏହି ଭାରତୀୟ ସଂସ୍କୃତି ଅତି ଉଦାର । ଭିନ୍ନ ଭିନ୍ନ ସମୟରେ ବହୁ ଲୋକ ବିଦେଶରୁ ଆସି ଏ ଦେଶରେ ବସବାସ କରିଛନ୍ତି । ଭାରତୀୟ ସଂସ୍କୃତିର ଜାହ୍ନବୀ ସ୍ରୋତରେ ସେମାନେ ମିଶି ଯାଇଛନ୍ତି । ଭାରତ ସେମାନଙ୍କୁ ଓ ସେମାନଙ୍କର ସଂସ୍କୃତିକୁ ଉଦାରତା ସହ ଆଲିଙ୍ଗନ କରିନେଇଛି । ବିଦ୍ୱେଷ ଭାରତୀୟ ସଂସ୍କୃତିର ଧର୍ମ ନୁହେଁ । ମୈତ୍ରୀ ଏହାର ଧର୍ମ । ସମଗ୍ର ପୃଥିବୀରେ ଯାହାକିଛି କଲ୍ୟାଣକର, ତାହା ସନାତନ ଧର୍ମ ଓ ସଂସ୍କୃତିର ବହିର୍ଭୂତ ବା ବିରୁଦ୍ଧ ନୁହେଁ । ସମଗ୍ର ପୃଥିବୀରେ ଯାହା କିଛି ଜ୍ଞାନ ବିଜ୍ଞାନ ଓ ବିଦ୍ୟାଅଛି, ତାହା ବେଦର ବହିର୍ଭୂତ ନୁହେଁ । ଏହି ସଂସ୍କୃତିର ଧାରା ଅନାଦି ଓ ଅନନ୍ତ । ଏହାର ବିନାଶ ସମ୍ଭବ ନୁହେଁ । ଏହାର ଗ୍ଳାନି ସମ୍ଭବ ନୁହେଁ । ଏହି ପ୍ରାଚୀନତମ ସଂସ୍କୃତିରୁ ସବୁକିଛି ପ୍ରକାଶିତ । ତେଣୁ କୌଣସି କଲ୍ୟାଣଧର୍ମୀ ମତବାଦ ସହ ଏହାର ବିରୋଧ ବା ବିଦ୍ୱେଷର କୌଣସି କାରଣ ନାହିଁ । ଭାରତର ସଂସ୍କୃତି କେବଳ ଭାରତରେ ବାସ କରୁଥିବା ଲୋକମାନଙ୍କର ସଂସ୍କୃତି ନୁହେଁ । ଏହା ସମଗ୍ର ମାନବ ଜାତିର ସଂସ୍କୃତି । ଏଦେଶ ମହାନ୍ । ଏ ଦେଶର ଗୌରବୋଜ୍ଜ୍ୱଳ ସଂସ୍କୃତି ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିବ ଏବଂ ବିଶ୍ୱର ଜନସମାଜକୁ ଏ ଶତାବ୍ଦୀର ବିପଦ ସଙ୍କୁଳତାରୁ ରକ୍ଷାକରି ଭବିଷ୍ୟତର ଅଭ୍ୟୁଦୟ ପଥରେ ପ୍ରେରଣା ଯୋଗାଇବ ।

"ଏତଦ୍‌ଦେଶ ପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ
ସ୍ୱସ୍ୱ-ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବ ମାନବାଃ" ।

ସାମନ୍ତ ଚନ୍ଦ୍ର ଶେଖର ସଂଧ୍ୟା ମହାବିଦ୍ୟାଳୟ, ପୁରୀ

❂

ରାଜ୍ୟର ସର୍ବତୋମୁଖୀ ଉନ୍ନୟନ ପାଇଁ ଯେଉଁ ସାଧୁତା ନିଷ୍ଠା, ଉଦାର ଦୃଷ୍ଟିକୋଣ ରହିବା ଆବଶ୍ୟକ, ତାହା ରହୁନାହିଁ । ଓଡ଼ିଶା ଯେହିପରି ପଛିଆଡ଼ ପଛକେ ନିଜର ଉଦ୍ଦେଶ୍ୟ, ଅଭିଳାଷ, ସ୍ୱାର୍ଥ କେତେଦୂର ସାଧିତ ହୋଇପାରିବ ତାହା ବିଭିନ୍ନ ଦଳ, ବ୍ୟକ୍ତି ବିଶେଷଙ୍କୁ ଅଭିଭୂତ କରି ରଖିଛି ।

—ଜାନକୀ ବଲ୍ଲଭ ପଟ୍ଟନାୟକ

# ଉମା

ଛବିଶ ବର୍ଷର ଉମା, ଛଅଟି ସନ୍ତାନ !
ଦିବାରାତ୍ରି କୋଳାହଳେ ଶୋଷୁଥାଚ୍ଛି ପ୍ରାଣ !
କୋଟରେ ପଶିଛି ନେତ୍ର, ପାଣ୍ଡୁର ବଦନ;
ଶୀର୍ଣ୍ଣକାୟ, ରକ୍ତହୀନ, ଶିଥିଳ ଚରଣ ।

×   ×   ×   ×

ଛଅଟି ଆତ୍ମଜ ରକ୍ତ ମାଂସ ଯାଚ୍ଛି ଶୋଷି
କାହାକୁ ଜଗତେ ଦିନେ ନ କରେ ସେ ଦୋଷୀ ।
କୁକ୍‌କୁଟ ଶାବକ ସମ ରହିଥାଚ୍ଛି ଘେରି,
ଆଜୀବନ ବନ୍ଦୀ, ପଦେ ସେବା ଲୁହାବେଡ଼ି !

×   ×   ×   ×

ଏହି ସେହି ଉମା ! ବିଗ ଦଶଟି ବରଷ,
ଶିକ୍ଷା, ରୂପେ, ଗୁଣେ ଯେବା ଥିଲା ଆଦରଶ

×   ×   ×   ×

ଏହି ସେ ଚଞ୍ଚଳା ଉମା ! ଯା' ନୟନ ଭଙ୍ଗୀ
ଚାହିଁ ମୁଗ୍‌ଧ ହେଉଥିଲା କାନନ କୁରଙ୍ଗୀ ।
ପ୍ରାଣଭରା ହାସ୍ୟେ ଲାସ୍ୟେ ତା' ଗତି ଛଟକେ
ଲେଖନୀ ମୁନରେ କାବ୍ୟ କବିତା ଅଟକେ ।

×   ×   ×   ×

ଏହି ସେହି ଉମା ! ସେହି ସ୍ୱପ୍ନ ମାୟାବିନୀ
ଆଜି ପ୍ରେତପୁର ଛାୟା, ଅଥବା ଡାକିନୀ ।

ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ (ରଚନାକାଳ—୧୯୪୧)

ପ୍ରଚିଶବର୍ଷ ତଳେ ରଚିତ ଏହି କବିତାଟିରେ କବି ବୈକୁଣ୍ଠନାଥ ନାରୀର ଏ ସେଉଁ ଦୟନୀୟ ଜୀବନ ଚିତ୍ର ଦେଇଛନ୍ତି, ଆଜି ମଧ୍ୟ ସମାଜରେ ପ୍ରାୟ ସେହି ଅବସ୍ଥା ଲାଗି ରହିଛି । ଅଳ୍ପ ବୟସରେ ବିବାହ କରି ବହୁ ସନ୍ତାନର ଜନନୀ ହୋଇ ଆମ ଗାଁ ସହରର ଘରେ ଘରେ କେତେ ଯେ; "ଉମା" ଆଜି ରୋଗ, ଦୁଃଖ, କଷ୍ଟ ଓ ଯନ୍ତ୍ରଣାରେ ସଢ଼ୁଛନ୍ତି, ତାର କଳନା ନାହିଁ । କେତେ ରୂପ, କେତେ ଲାବଣ୍ୟ ଓ କେତେ ଆଦର୍ଶ ଆଜି ଅକାଳରେ ମଉଳି ଯାଉଛି ଏଥିପାଇଁ ଦାୟୀ କିଏ ଜାଣନ୍ତି ?!

ଆମେ ସମସ୍ତେ ଓ ଏଇ ସମାଜ

ନାରୀ ଜାତିକୁ ଏହି ଦୁଃଖ, ନିର୍ଯ୍ୟାତନା ଓ ବନ୍ଧନରୁ ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବାର ଦାୟିତ୍ୱ ଆମ ସମସ୍ତଙ୍କର ।

ଆସନ୍ତୁ ଆଜିଠାରୁ ଏ ଦିଗରେ ଉଦ୍ୟମ ଆରମ୍ଭ କରିବା ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ
ଭୁବନେଶ୍ୱର

# ଶ୍ରମଂ ଏବ ଜୟତେ

ଅଧ୍ୟାପକ ଡକ୍ଟର ଅମୂଲ୍ୟ ମହାପାତ୍ର

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତଜୈର୍ଗୁଣୈଃ ।
(ଗୀତା ୩।୫)

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ; କେହିହେଲେ କ୍ଷଣେମାତ୍ର କାର୍ଯ୍ୟ ନ କରି ରହିଥିବାର ଦେଖାଯାଏ ନାହିଁ । ଯେହେତୁ ସମସ୍ତେ ପ୍ରକୃତିର ଗୁଣରେ ବଶହୋଇ କର୍ମ ସାଧନ ପାଇଁ ବାଧ୍ୟ ହୋଇଥାନ୍ତି । ଅର୍ଥାତ୍ କର୍ମ ବ୍ୟତୀତ ବଞ୍ଚି ରହିବା ଅସମ୍ଭବ ।

ଏହି କର୍ମ, ଶ୍ରମର ଏକ ସ୍ୱରୂପ । ଶ୍ରମ ଜୀବଜଗତର ଏକ ସ୍ୱଭାବସିଦ୍ଧ ଧର୍ମ । ଭାରତୀୟ ପରଂପରାରେ ପ୍ରଚଳିତ ହୋଇ ଆସିଥିଲା 'ସତ୍ୟ ମେବ ଜୟତେ' । ସେହି ସତ୍ୟ ଓ ଧର୍ମର ମାର୍ଗରେ ଅନୁଗାମୀ ହୋଇ ମାନବ ସମାଜରେ କ୍ରମଶଃ ସୃଷ୍ଟି ହେଲା କର୍ମ-ବିମୁଖତା । ଏହାର ଭୟାବହ ପରିଣତି ସ୍ୱରୂପ ପରାଧୀନତା ଭାରତବାସୀଙ୍କୁ ଏକ ତିମିରାଛନ୍ନ ଗହ୍ୱର ମଧ୍ୟରେ ତିଳ ତିଳକରି ଦଗ୍ଧକଲା । ଯେତେବେଳେ ମାନବ ସ୍ୱାଧୀନତାର ସ୍ୱପ୍ନକୁ କଠୋର ପରିଶ୍ରମ ଦ୍ୱାରା ହାସଲକରି ବାସ୍ତବମୁଖୀ କଲା, ସେତେବେଳେ ପୁଣି ଦୃଷ୍ଟିଗୋଚର ହେଲା ବିଭିନ୍ନ ସମସ୍ୟା । ତେଣୁ ସେ ସତ୍ୟ ଓ ଧର୍ମଠୁଁ ଶ୍ରମକୁ ଅତି ଆପଣାରକରି ଶ୍ରମମେବ ଜୟତେର ପଥ ଅନୁସରଣ କଲା । ଯେହେତୁ ବିନା ଶ୍ରମରେ ତାର ଉଦର ପୂରଣ ଓ ଦେଶର ଅଗ୍ରଗତି ସମ୍ଭବ ହୋଇପାରିଲାନାହିଁ । ଏହି ପରିପ୍ରେକ୍ଷୀରେ ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜନ ସମାଜକୁ ଆହ୍ୱାନ ଦେଇ କହିଲେ-'ଶ୍ରମମେବ ଜୟତେ' ।

ପ୍ରାଚୀନ କାଳରୁ ଭାରତରେ ଶ୍ରମର ମହତ୍ତ୍ୱ ସ୍ୱୀକୃତ ହୋଇ ଆସିଛି ଏବଂ ଏହାର ଆଦର୍ଶ ପ୍ରତିଷ୍ଠିତ ହୋଇଛି । ଭାରତୀୟ ଶାସ୍ତ୍ର ଅଧ୍ୟୟନ କଲେ ତହିଁରେ ଶ୍ରମରେ କେତେକ ପ୍ରତିଷ୍ଠିତ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମିଥିଳାର ରାଜା ଜନକ ରାଜପଦରେ ଅଧିଷ୍ଠିତ ଥାଇସୁଦ୍ଧା ପ୍ରତ୍ୟହ ଲଙ୍ଗଳଦ୍ୱାରା ଭୂକର୍ଷଣ କରୁଥିଲେ । ଏତଦ୍‌ବ୍ୟତୀତ ନନ୍ଦରାଣୀ ଯଶୋଦା ପ୍ରତ୍ୟହ ସ୍ୱହସ୍ତରେ ଦଧି ମନ୍ଥନ କରୁଥିଲେ । ସେହିପରି ନନ୍ଦରାଜାଙ୍କର ପୁତ୍ର ଶ୍ରୀକୃଷ୍ଣ ଯମୁନାତଟରେ ଗୋଚାରଣ କରୁଥିଲେ । ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠଭ୍ରାତା ବଳରାମ ଲଙ୍ଗଳରେ ହଳ କରୁଥିଲେ ।

ମହାପୁରୁଷମାନଙ୍କ ଜୀବନୀ ଅନୁଧ୍ୟାନକଲେ ସେଥିରୁ ଜଣାଯାଏ ଯେ, ସେମାନେ ଶ୍ରମକୁ ଜୀବନର ଏକ ପ୍ରମୁଖ ସ୍ଥାନ ଦେଇଛନ୍ତି । ଜାତିର ପିତା ମହାତ୍ମାଗାନ୍ଧୀ କହୁଥିଲେ ନିଜ କାମ ନିଜେ କର ଏବଂ ତାହାମଧ୍ୟ ସେ କାର୍ଯ୍ୟରେ ପରିଣତ କରୁଥିଲେ । ତାଙ୍କ ମତରେ 'ଶ୍ରମହିଁ ଦେବତା, ଜୀବନ ହେଉଛି କର୍ମମୟ । ଉତ୍କଳମଣି ଗୋପବନ୍ଧୁ ନିଜର ଦୁର୍ବଳ ସ୍ୱାସ୍ଥ୍ୟସତ୍ତ୍ୱେ କେବେହେଁ କର୍ମ ବିମୁଖ ହୋଇ ନାହାନ୍ତି । ସେ କହୁଥିଲେ–

ମାନବ ଜୀବନ ନୁହଇଁ କେବଳ
ବର୍ଷମାସ ଦିନଦଣ୍ଡ
କର୍ମେ ଜିଏ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।

ସେହପରି ଭଗବାନ ସତ୍ୟସାଇବାବା କହନ୍ତି, 'କର୍ମହିଁ ପୂଜା' । ସେ ମଧ୍ୟ ତାଙ୍କର ଭକ୍ତମାନଙ୍କର ସେବା କରିଥାନ୍ତି । ବାଇବେଲ୍‌ର ପ୍ରଥମ ସୃଷ୍ଟି ପୁରୁଷ ଆଦମ୍ ମାଟିହାଣି ଓ ପ୍ରଥମ ନାରୀ ଇଭ୍, ସୂତାକାଟି ଜୀବିକାନିର୍ବାହ କରୁଥିବାର ଦୃଷ୍ଟାନ୍ତ ରହିଛି । ବୁଦ୍ଧଦେବ ପ୍ରତ୍ୟେକଦିନ ଯାହା ନିଜର ଶ୍ରମକରି ଭିକ୍ଷାକରି ଆଣୁଥିଲେ, ତାହାଖାଇ ଜୀବନ ଧାରଣ କରୁଥିଲେ । ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଙ୍ଗଟନ୍ ନିଜ ଜୀବନରେ ଶ୍ରମକୁ ଏକ ଗୁରୁତ୍ୱ ସ୍ଥାନ ଦେଇଥିଲେ । ସେନାପତି ଥିବା ସମୟରେ ମଧ୍ୟ ସେ ଅନ୍ୟ ସାଧାରଣ ସୈନିକମାନଙ୍କପରି କଠୋର ଶ୍ରମ କରୁଥିଲେ । ମହାନ୍ ଋଷୀୟ ଲେଖକ ଟଲଷ୍ଟୟ ଶାରୀରିକ ଶ୍ରମକୁ ଜୀବନରେ ଏକ ମୁଖ୍ୟସ୍ଥାନ ଦେଇଥିଲେ । ପୃଥିବୀର ବିଖ୍ୟାତ ଧନପତି ହେନେରୀ ଫୋର୍ଡ୍ ନିଜ ମୋଟର ଗାଡ଼ିଟିକୁ ପ୍ରତ୍ୟହ ସ୍ୱହସ୍ତରେ ଧୌତ କରୁଥିଲେ ।

ପ୍ରାଚୀନ ଉତ୍କଳରେ ମଧ୍ୟ ଶ୍ରମକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଉଥିଲା । ନିଜର ଶ୍ରମଦ୍ୱାରା ଓଡ଼ିଆଜାତି ଏକଦା ଗୌରବର ଶୀର୍ଷସ୍ଥାନରେ ଉପନୀତ ହୋଇଥିଲା ଏବଂ ଦେଶବିଦେଶରେ ଏହାର ଯଥେଷ୍ଟ ସୁନାମଥିଲା । ନିଜର ଅଗାଧ ପରିଶ୍ରମହେତୁ ହିଁ ଜର୍ମାନମାନେ ଏକଦା ପୃଥିବୀର ଶ୍ରେଷ୍ଠ, ବଳିଷ୍ଠ ତଥା ସମୃଦ୍ଧ ଜାତିରୂପେ ପରିଗଣିତ ହୋଇ ପାରିଥିଲେ । ଦ୍ୱିତୀୟ ମହାଯୁଦ୍ଧରେ ପରମାଣୁ ବୋମାମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ଜାପାନ ନିଜ ଅଧିବାସୀମାନଙ୍କର ପରିଶ୍ରମବଳରେ ପୃଥିବୀର ଏକ ଅଗ୍ରଗାମୀ ରାଷ୍ଟ୍ରରେ ଆଜି ପରିଣତ ହୋଇପାରିଛି ।

ଉପରୋକ୍ତ ପର୍ଯ୍ୟାଲୋଚନାରୁ ଆମେ ଉପନୀତ ହେଉ ଯେ ବିଶ୍ୱରେ କର୍ମକୁ ହିଁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି

ସଂସାର ଏକ କର୍ମଭୂମି ଅଟେ । ଅର୍ଥାତ୍ କର୍ମହିଁ ବନ୍ଦନୀୟ, ଅଭିନନ୍ଦନୀୟ ଅଟେ । ଶ୍ରମ ମାନବକୁ ପ୍ରଦାନ କରେ ଆନନ୍ଦ, ମନକୁ କରେ ସୁସ୍ଥ । ତେଣୁ ଶ୍ରମର ସ୍ଥାନ ଖୁବ୍ ଉଚ୍ଚରେ ଏବଂ ଏହାର ମହନୀୟତା ଉଲ୍ଲେଖ ଯୋଗ୍ୟ । ଗ୍ରୀକ୍‌କବି ହୋମର୍‌ଙ୍କ ମତରେ ଶ୍ରମ ସମସ୍ତଙ୍କୁ ଜୟକରେ । ତେଣୁ ଯଥାର୍ଥରେ କୁହାଯାଇଛି—

ଏ ଜଗତେ ସର୍ବ କର୍ମର ଆୟର

କର୍ମ ସୁଖ ଦୁଃଖହେତୁ,

କର୍ମବଳରେ ସ୍ୱର୍ଗ ନରକ ରଚନା

ଭୋଗଜାତ କର୍ମକ୍ଷେତ୍ରୁ

(ଶର୍ମିଷ୍ଠା)

ଶ୍ରମ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ । ଯଥା : ଶାରୀରିକ ଓ ମାନସିକ । ଉଭୟ ଶ୍ରମର ଆବଶ୍ୟକତା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ । କୃଷି, ଶିଳ୍ପ, ବାଣିଜ୍ୟ ଆଦି କ୍ଷେତ୍ରରେ ଶାରୀରିକ ଶ୍ରମର ଅଧିକ ଆବଶ୍ୟକତା ରହିଛି । ସେହିପରି ଶିକ୍ଷା, ଶାସନ ବିଗ୍ରହ ଓ ଯୋଜନା ଆଦି କ୍ଷେତ୍ରରେ ମାନସିକ ଶ୍ରମର. ଗୁରୁତ୍ୱ ଅତି ଅଧିକ ଓ ପ୍ରୟୋଜନ । ତେଣୁ କୌଣସି ପ୍ରକାର ଶ୍ରମ ଜୀବନରେ ଉପେକ୍ଷଣୀୟ ନୁହେଁ । ଯେଉଁ ବ୍ୟକ୍ତି ଯେଉଁ ପ୍ରକାର ଶ୍ରମ କରିବାକୁ ସକ୍ଷମ ସେ ତହିଁରେ ଅଧିକ ଆନ୍ତରିକତାର ସହିତ କାର୍ଯ୍ୟ କରିଯିବା ଆବଶ୍ୟକ । ଅର୍ଥାତ୍ ଯେଉଁ ଶ୍ରମଦ୍ୱାରା ନିଜର ତଥା ଦେଶର ମଙ୍ଗଳ ସାଧିତ ହୋଇପାରିବ ସେ ପ୍ରକାର ଶ୍ରମ କରିବା କରଣୀୟ ।

ଅପରପକ୍ଷରେ ଶ୍ରମବିମୁଖତା ଜୀବନର ଓ ଦେଶର ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରିଥାଏ । ଶ୍ରମବିମୁଖ ବ୍ୟକ୍ତି ଅଭାବ ଅସୁବିଧା ମଧ୍ୟରେ ଜର୍ଜରିତ ହୋଇଥାଏ । ପୁନଶ୍ଚ ଶାରୀରିକ ଶ୍ରମ ଅଥବା ବ୍ୟାୟାମ ଅଭାବରେ ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗର ସମ୍ୟକ ବିକାଶ ପରିଲକ୍ଷିତ ହୁଏନାହିଁ । ଫଳରେ ଆତ୍ମନିର୍ଭରଶୀଳତା ବିଘ୍ନହୁଏ ଓ ମନୁଷ୍ୟ କ୍ରମଶଃ ନିଜ ଉପରୁ ଆସ୍ଥା ହରାଇବସେ । ସେପରି ଶ୍ରମକାତରତା ବ୍ୟକ୍ତିର ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ ଓ ତାର ଅଧୋଗତି ଘଟିଥାଏ । ଯେଉଁ ଉତ୍କଳୀୟମାନେ ଦିନେ ନିଜର କଠିନ ପରିଶ୍ରମ ଦ୍ୱାରା ନିଜକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିପାରିଥିଲେ, ସେମାନେ କ୍ରମଶଃ ଶ୍ରମକାତର ହେବାରୁ ଦେଶର ବାଣିଜ୍ୟ, ଶିଳ୍ପ, କଳା, ସ୍ଥାପତ୍ୟ ଆଦିରେ ପଛୁଆହୋଇ ପଡ଼ିଲେ । ଆଜପୁଣି ଶ୍ରମଦ୍ୱାରା ଉତ୍କଳୀୟ ପ୍ରତ୍ୟେକ କ୍ଷେତ୍ରରେ ମୁଣ୍ଡଟେକୁଛି ।

ପାଶ୍ଚାତ୍ୟଶିକ୍ଷାକୁ ଅନୁକରଣକରି ଆମ ଦେଶର ବ୍ୟକ୍ତିମାନେ ବିଳାସପ୍ରିୟତା ଓ ଶ୍ରମବିମୁଖତା ପ୍ରତି ବିଶେଷ ଅଗ୍ରସର ହୋଇଉଠୁଛନ୍ତି । ଆତ୍ମାଭିମାନୀ ଶିକ୍ଷିତବ୍ୟକ୍ତି କାୟିକ ଶ୍ରମ ପ୍ରତି ବିମୁଖତା ପ୍ରଦର୍ଶନକରି ନିଜର ଅବନତିକୁ ନିଜେ ଆହ୍ୱାନ କରିଥାଏ । ଅଥଚ ଯେଉଁ ପାଶ୍ଚାତ୍ୟଶିକ୍ଷା ଆମେ ଗ୍ରହଣ କରିଥାଉଁ ସେହି ପାଶ୍ଚାତ୍ୟ ଦେଶର ଲୋକମାନେ ଆଦୌ କର୍ମବିମୁଖ ନୁହନ୍ତି । ନିଜ ହାତରେ ନିଜେ କାମକରିବାକୁ ସେମାନେ ଯଥେଷ୍ଟ ପସନ୍ଦ କରନ୍ତି । ବିଦେଶର ବିଶିଷ୍ଟ ଶିକ୍ଷାବିତ୍, ଦାର୍ଶନିକ, ବୈଜ୍ଞାନିକ ଓ ଲେଖକମାନେ ତାଙ୍କର ଶ୍ରମପ୍ରତି ଅଧିକ ସମ୍ମାନ ଦେଇଥାନ୍ତି । ଶ୍ରମପ୍ରତି ଅନାସକ୍ତଭାବ ସୃଷ୍ଟି କରି ଭୋଗବିଳାସରେ ମନଦେଲେ ବ୍ୟକ୍ତି ତଥା ଦେଶର ଅଧୋଗତି ହୋଇଥାଏ ଓ ସମସ୍ତ ବିକାଶ ଏବଂ ପ୍ରଗତି ବାଧାପ୍ରାପ୍ତ ହୋଇଥାଏ ।

ଉପନିଷଦ ଓ ବେଦାନ୍ତର ଉଚ୍ଚ ଭାବରାଶି ଭାରତରେ ନିଷ୍କାମ ଭାବନାର ପ୍ରସାର କରିଥିଲା । କାଳକ୍ରମେ ଏହି ଭାବନା ଲୋକମାନଙ୍କ ମନରେ ନିଷ୍କ୍ରିୟତା ଆଣିଦେଲା । ଏହାପରେ ବେଦାନ୍ତର ସିଦ୍ଧାନ୍ତ ଯଥା :—ବ୍ରହ୍ମସତ୍ୟ ଓ ଜଗତ ମିଥ୍ୟାର ପ୍ରଚାର ଫଳରେ ଲୋକେ କର୍ମବିମୁଖ ହୋଇପଡ଼ିଥିଲେ । ଏହି ଅବସ୍ଥାରେ ଚିନ୍ତାଶୀଳ ବ୍ୟକ୍ତିମାନେ ସଂଶୟାକୁଳ ହୋଇପଡ଼ିଥିଲେ । ଏହି ଦ୍ୱନ୍ଦ ମଧ୍ୟରେ ଗୀତା ଆବିର୍ଭୂତ ହୋଇଥିଲା । ଉପନିଷଦ ଓ ବେଦାନ୍ତର ଶୁଦ୍ଧ ସତ୍ୟରୂପକୁ ଉଦ୍‌ଘାଟନ କରିବାପାଇଁ କର୍ମକୁ ତ୍ୟାଗ କରିବା ସ୍ଥଳରେ କର୍ମଫଳର ବାସନାକୁ ତ୍ୟାଗ କରିବାପାଇଁ ଗୀତା ରଚିତ ହୋଇଥିଲା । ନିଷ୍କ୍ରିୟ ଜୀବନ ସ୍ଥଳରେ ନିଷ୍କାମ ଜୀବନଯାପନକୁ ଗୀତା ଆର୍ଯ୍ୟ-ସଂସ୍କୃତିର ମୌଳିକ ସିଦ୍ଧାନ୍ତବୋଲି ସ୍ଥିର କଲା । ସୃଷ୍ଟିର ଆରମ୍ଭରେ ବିବସ୍ୱାନ ଏହି କର୍ମ ଯୋଗର ରହସ୍ୟକୁ ମନୁଙ୍କୁ ବୁଝାଇଥିଲେ, ମନୁ ଇକ୍ଷ୍ୱାକୁ ଓ ସେହିପରି ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ତାହା ବର୍ଣ୍ଣନା କରିଥିଲେ ।

ସଂସାରରେ ଦୁଇଟି ମାର୍ଗଅଛି । ଗୋଟିଏ ଜ୍ଞାନ ମାର୍ଗ ଅନ୍ୟଟି କର୍ମମାର୍ଗ । ଜ୍ଞାନ ମାର୍ଗକୁ ସାଂଖ୍ୟମାର୍ଗ ଓ କର୍ମମାର୍ଗକୁ ଯୋଗମାର୍ଗ କହନ୍ତି । ସାଂଖ୍ୟମାର୍ଗୀ କର୍ମ ସନ୍ନ୍ୟାସର ଉପଦେଶ ଦେଇ କହନ୍ତି ସଂସାର ଅସାର । ଏହାକୁ ବାସ୍ତବ ମନେକରି କର୍ମକଲେ କାମନାହେତୁ ସୁଖଦୁଃଖ ଫଳ ମିଳେ । କର୍ମକରି ଦୁଃଖ କାହିଁକି ଭୋଗ-କରିବ ? ଏଣୁ କର୍ମ ନ କରିବା ଶ୍ରେୟସ୍କର । ଅର୍ଜ୍ଜୁନ ଏହି ଜ୍ଞାନମାର୍ଗର ପନ୍ଥା ଗ୍ରହଣକରି କୌରବମାନଙ୍କ ସହିତ ଯୁଦ୍ଧ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ମାତ୍ର ଶ୍ରୀକୃଷ୍ଣ କର୍ମ ସନ୍ନ୍ୟାସରେ ଗତିକରୁଥିବା ଅର୍ଜ୍ଜୁନଙ୍କୁ କହିଲେ—କର୍ମ ନ କଲେ ଜ୍ଞାନ ହୁଏନାହିଁ । ସଂସାର କୌଣସି ଆବଶ୍ୟକରେ ଆସେନାହିଁ । ଏଣୁ ସେ କର୍ମଯୋଗର ପ୍ରେରଣାଦେଇ ଅର୍ଜ୍ଜୁନଙ୍କୁ ଯୁଦ୍ଧକରି ଧର୍ମରାଜ୍ୟ ପ୍ରତିଷ୍ଠାପାଇଁ ଉପଦେଶ ଦେଇଥିଲେ । ତାଙ୍କମତରେ ଦେହ ଥିବାଯାଏଁ କର୍ମତ୍ୟାଗକରି କେହି ଚଳିପାରିବନାହିଁ । ଏପରିକି ନିଶ୍ୱାସ ପ୍ରଶ୍ୱାସ ମଧ୍ୟ କର୍ମଅଟେ । କର୍ମ ନ କଲେ ଦେହଯାତ୍ରା ଓ ଉଦ୍ଦେଶ୍ୟ ସିଦ୍ଧ ହୁଏନାହିଁ । ତେଣୁ ଏହି ଦୃଶ୍ୟଜଗତ ମଧ୍ୟରେ ରହି କର୍ମବିମୁଖ ହୋଇଯିବା କିପରି ସମ୍ଭବ? ଅବଶ୍ୟ କର୍ମକଲେ ଫଳ ମିଳିବ, ଫଳରୁ ବନ୍ଧନ ଘଟିବ । ଏହି ବନ୍ଧନ ହିଁ ସମସ୍ତ ଦୁଃଖର କାରଣ । ତେଣୁ ସେଥିରୁ ମୁକ୍ତପାଇଁ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ସତତ କର୍ମ କରିଯାଅ ପରନ୍ତୁ କର୍ମରୁ ଜାତ ହେଉଥିବା ବନ୍ଧନକୁ ସ୍ୱୀକାର କରୁଥାଅ ନାହିଁ ।

ସଂସାରକର ମାତ୍ର ସଂସାରରେ ଅନାସକ୍ତ ହୋଇରୁହ । ଜୀବନରୂପୀ ଚରଖାରେ ଦେହରୂପୀ ତୁଳାନେଇ କର୍ମସୂତ୍ର ଘଟ ପରନ୍ତୁ ଦେଖ, ଯେପରି ସୂତାରେ ଗଣ୍ଠି ପଡ଼ି ନ ଯାଏ । ସେହିପରି କର୍ମରୁ ଜାତ ପଦାର୍ଥକୁ ପ୍ରାପ୍ତ ହୁଅ, ମାତ୍ର ଅପଦାର୍ଥକୁ ପ୍ରାପ୍ତହୁଅନାହିଁ ।

ସଂସାରରେ ରହି ଲିପ୍ତ ନ ରହିବା, କର୍ମକରି କର୍ମବନ୍ଧନରେ ନପଡ଼ିବା କି ରୂପେ ସମ୍ଭବ ହୋଇପାରେ ଏହି କଥାକୁ ଗୀତାରେ କୁହାଯାଇଛି :—

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ'
ମା କର୍ମଫଳହେତୁର୍ଭୁର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।।୨।୪୭

(ଗୀତା)

ଅର୍ଥାତ୍ କର୍ମ କରିବାରେ ତୁମର ଅଧିକାର ଅଛି । ତେଣୁ କର୍ମ କରିଯାଅ । କର୍ମ ଫଳରେ ଆଶା ରଖନାହିଁ । ନିଷ୍କାମ କର୍ମଦ୍ୱାରା କର୍ମରେ ସିଦ୍ଧ ବା ଅସିଦ୍ଧହେଉ ସଫଳତା ବା ବିଫଳତା ମିଳୁ, ମନୁଷ୍ୟ ସତତ ଶାନ୍ତ ଓ ତୃପ୍ତରହେ । କିନ୍ତୁ ଆଶା ନ ରଖି କର୍ମ କରିବା କାର୍ଯ୍ୟରେ ପରିଣତ କରିବା ଅତି କଠିନ । ଯେହେତୁ ପ୍ରତ୍ୟେକ ବ୍ୟକ୍ତି ଫଳ ଆଶାରେ କାର୍ଯ୍ୟକରନ୍ତି । ଏପରି କଣ ଉପାୟ ଅଛି ଯାହାଦ୍ୱାରା ଆମ୍ଭେମାନେ ନିଷ୍କାମ ଓ ଅନାସକ୍ତ ଭାବରେ କାର୍ଯ୍ୟକରି ପାରିବୁ । ଆର୍ଯ୍ୟ ସଂସ୍କୃତିର ସିଦ୍ଧାନ୍ତ ଅନୁସାରେ ଏହା ସମ୍ଭବ ଓ ଏହାର ଯଥାର୍ଥ ପନ୍ଥାଅଛି । ତାହାହେଲା, ଜୀବନକୁ ଯଜ୍ଞମୟ ଅର୍ଥାତ୍ ନିସ୍ୱାର୍ଥ ଓ ତ୍ୟାଗପୂର୍ଣ୍ଣ ଜୀବନ ଧାରଣ କରିବା । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି :—

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ
ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଂଗଃ ସମାଚର ।

ଜୀବନକୁ ଏକ ଯଜ୍ଞବୋଲି ବୁଝି ଅଗ୍ରସର ହେଲେ ମନରେ ତ୍ୟାଗଭାବନା ଜାଗ୍ରତ ହୁଏ । ତାହାହିଁ ହେଉଛି ଯଜ୍ଞର ତାତ୍ପର୍ଯ୍ୟ । ଯଜ୍ଞ କଲବେଳେ ମନୁଷ୍ୟ ପରମାତ୍ମାଙ୍କ ମହାନ୍ ଶକ୍ତିରେ ଅନୁପ୍ରାଣିତ ହୋଇଥାଏ । ତା ମନରେ, ମୁଁ କିଛିନୁହେଁ, ତୁମେହିଁ ସବୁ, ମୋର କିଛି ନାହିଁ, ସବୁ ତୁମରି, ଏହିପରି ଭାବନା 'ଇଦଂ ନ ମମ' ସ୍ପଷ୍ଟ ହୁଏ । ଜୀବନର ପ୍ରତ୍ୟେକ କର୍ମରେ ତାହା ଉପଲବ୍ଧିହେଲେ ପ୍ରତ୍ୟେକ କର୍ମ ତଥା ଜୀବନ ଯଜ୍ଞମୟ ହୋଇଯାଏ । ଯଜ୍ଞମୟ ନିଃସ୍ୱାର୍ଥ ଜୀବନଯାପନ କରୁଥିବା ବ୍ୟକ୍ତିକୁ ଗୀତାରେ 'ଆତ୍ମଭୂତ' ବା ଆତ୍ମତୃପ୍ତି କୁହାଯାଏ । ଏହି ନିଃସ୍ୱାର୍ଥ ତ୍ୟାଗପର ନିଷ୍କାମଭାବନା ପ୍ରାୟ ପ୍ରତ୍ୟେକ ମନୁଷ୍ୟର ଜୀବନର କେତେକ ଅବସ୍ଥାରେ ଅନୁଭୂତ ହୋଇଥାଏ ।

ଆଜିର ଅଧୁନାତନ ଯୁଗରେ ଗୀତାର ତ୍ୟାଗମୟ ନିଃସ୍ୱାର୍ଥପର ଜୀବନ ଅତିବାହିତକରି କର୍ମକଲେ, ଆମର ଶ୍ରମ ସାର୍ଥକ ହୋଇପାରିବ ଏବଂ ତାହା ସହିତ 'ଶ୍ରମଂ ଏବ ଜୟତେ' ବାଣୀର ଯଥାର୍ଥତା ପ୍ରତିପାଦିତ ହୋଇ ସ୍ୱର୍ଣ୍ଣପ୍ରସୂ ଧରିତ୍ରୀ କଳା, ସାହିତ୍ୟ, ସଂସ୍କୃତି, ବାଣିଜ୍ୟ, ସ୍ଥାପତ୍ୟ ଓ ବିଜ୍ଞାନାଦି କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିପାରିବ ।

ଦର୍ଶନ ଅଧ୍ୟାପକ,
ଡ଼ି. ଏ. ଭି. କଲେଜ, କୋରାପୁଟ

## ଗୃହ ନିର୍ମାଣ ପ୍ରକଳ୍ପଲାଗି ଓଡ଼ିଶା ହୁଡ୍‌କୋରୁ ୨·୫୧ କୋଟି ଟଙ୍କା ପାଇବ

ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ କର୍ପୋରେସନ (ହୁଡ୍‌କୋ) ଦେଶର ୧୨୬ଟି ନୂତନ ଗୃହ ନିର୍ମାଣ ପ୍ରକଳ୍ପ ବାବଦରେ ୮୫ କୋଟି ଟଙ୍କା ମଞ୍ଜୁର କରିଛି । ଏହା ଦ୍ୱାରା ୭୭ଟି ସହର ଓ ୧୨ଟି ରାଜ୍ୟର ଅସଂଖ୍ୟ ଗ୍ରାମ ଉପକୃତ ହେବେ । ଏହି ନୂତନ ପ୍ରକଳ୍ପ ଦ୍ୱାରା ୫୫,୦୦୦ଟି ବାସଗୃହ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ୪,୦୦୦ଟି ଘରଡିହ ଆବାଦ କରାଯାଇ ପାରିବ । ଏହି କାର୍ଯ୍ୟର ଅନ୍ୟତମ ବିଶେଷତ୍ୱ ଏହି ଯେ ପ୍ରସ୍ତାବିତ ଗୃହ ଓ ଘର ଡିହଗୁଡିକୁ ଯେଉଁ ପରିବାରର ବାର୍ଷିକ ଆୟ ୬୦୦ ଟଙ୍କାରୁ କମ୍ ସେହିମାନଙ୍କୁହିଁ ପ୍ରଦାନ କରାଯିବ ।

## ଗୋତି ଶ୍ରମିକମାନଙ୍କ ଥଇଥାନ ଦିଗରେ

# ଓଡ଼ିଶା ସର୍ବୋତ୍କୃଷ୍ଟ



ଗୋତି ଶ୍ରମିକ ଚିହ୍ନଟ ଓ ଥଇଥାନ ଦିଗରେ ଦେଶର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡିଶାର କାର୍ଯ୍ୟକଳାପ ସର୍ବୋତ୍କୃଷ୍ଟ ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି ।

ଚଳିତ ବର୍ଷ ମଧ୍ୟରେ ସୁନ୍ଦରଗଡ ଓ ବାଲେଶ୍ୱର ଜିଲ୍ଲାରେ ଗୋତି ଶ୍ରମିକମାନଙ୍କ ଥଇଥାନ ସକାଶେ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟର ଦୁଇଟି କିସ୍ତି ବାବଦ ଅର୍ଥ ମଂଜୁର କରିଛନ୍ତି ।

ଏକ ସମୀକ୍ଷାରୁ ଜଣାଯାଇଛି ଯେ ଡିସେମ୍ବର ମାସ ଶେଷ ସୁଦ୍ଧା ୨୫,୫୦୦ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇଛି ଓ ୨୪,୪୦୦ ଗୋତି ଶ୍ରମିକଙ୍କୁ ସେମାନଙ୍କ ମାଲିକମାନଙ୍କ କବଳରୁ ମୁକ୍ତ କରାଯାଇଛି ଏବଂ ତନ୍ମଧ୍ୟରୁ ୧୭,୮୦୦ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି ! ମୁକ୍ତ ହୋଇଥିବା ଗୋତି ଶ୍ରମିକମାନଙ୍କୁ ଥଇଥାନ ସକାଶେ ସରକାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି ।

ଏକ ସରକାରୀ ସବ୍‌କମିଟି ସମୀକ୍ଷା କରି ଦେଖିଛନ୍ତି ଯେ ସରକାର ହାତକୁ ନେଇଥିବା ୫୦ ହଜାର ହେକ୍ଟର ବଳକା ଜମି ମଧ୍ୟରୁ ପ୍ରାୟ ୪୦ ହଜାର ହେକ୍ଟର ଜମି ବଣ୍ଟନ କରି ଦିଆଯାଇଛି । ବଳକା ଜମି ବଣ୍ଟନ କରାଯାଇଥିବା ୮୨ ହଜାର ଉପକୃତ ବ୍ୟକ୍ତିଙ୍କ ମଧ୍ୟରୁ ୬୦ ହଜାର ଜଣ ହେଉଛନ୍ତି ଆଦିବାସୀ ଓ ହରିଜନ ଶ୍ରେଣୀର । ବଣ୍ଟନ କରାଯାଇଥିବା ଜମିର ଉନ୍ନତି ଲାଗି ସରକାର ଉପକୃତ ବ୍ୟକ୍ତିମାନଙ୍କୁ ୧.୪ କୋଟି ଟଙ୍କା ବଣ୍ଟନ କରିଛନ୍ତି ।

# ଯୌତୁକ ଏକ ସାମାଜିକ କଳଙ୍କ

ଶ୍ରୀମତୀ ବସନ୍ତ କୁମାରୀ ଦେବୀ

ଅନ୍ୟାନ୍ୟ ସମସ୍ତ ବିଷୟରେ ଦେଶ ପ୍ରଗତିପଥରେ ଅଗ୍ରସର ହୋଇ ଚାଲିଥିଲେବେଳେ ଯୌତୁକଜନିତ ଝିଅମାନଙ୍କ ମୃତ୍ୟୁ ସଂଖ୍ୟା କ୍ରମଶଃ ବଢି ବଢି ଚାଲିଛି ବୋଲି ଯେଉଁ ଖବର ପ୍ରକାଶିତ ହେଉଛି ତାହା ପ୍ରକୃତରେ ଅତି ଦୁଃଖପ୍ରଦ । ଖାଲି ଆମର ନାରୀସମାଜ ପକ୍ଷରେ ନୁହେଁ ସମଗ୍ର ମାନବ ସମାଜ ପକ୍ଷରେ ଏହା ଅତ୍ୟନ୍ତ ଲଜ୍ଜାଜନକ ମଧ୍ୟ ।

ଯୌତୁକ-ବିରୋଧୀ ଆନ୍ଦୋଳନ ଆଜିକାଲି କିମ୍ବା ସ୍ୱାଧୀନତା ହାସଲ ପରେ ମୁଣ୍ଡଟେକି ଉଠିନାହିଁ, ଗତ ଦୀର୍ଘ ଖାଠିଏ କି ସତୁରିବର୍ଷ ତଳୁ ଏ ଆନ୍ଦୋଳନ ଆରମ୍ଭ ହୋଇଛି । ଅତୀତରେ ମହାପୁରୁଷମାନେ ତଥା ସମାଜ ସଂସ୍କାରକମାନେ ଯଥା : ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ମହାତ୍ମା ଗାନ୍ଧୀ ପ୍ରଭୃତି ବହୁତ ବ୍ୟକ୍ତି, ଏହି ଯୌତୁକ ପ୍ରଥାର ପ୍ରତିବାଦରେ ଧ୍ୱନି ଉଠାଇଥିଲେ । ଆଉ ମଧ୍ୟ ସେହି ଧ୍ୱନି ସମୟର ବୁକୁରେ ତରଙ୍ଗ ସୃଷ୍ଟି କରିଥିଲା, ସେଥିରେ ମଧ୍ୟ ସନ୍ଦେହ ନାହିଁ । କହିବାକୁ ଗଲେ ପ୍ରତିବାଦର ଏ ବଜ୍ରଧ୍ୱନି ଅନେକ ଥର ତରଙ୍ଗ ତୋଳିଛି ରାଜା ରାମମୋହନ ରାୟଙ୍କ ସମୟରୁ । କିନ୍ତୁ ଆନ୍ଦୋଳନର ପ୍ରଭାବରୁ କାଁ ଭାଁ କେଉଁଠି ବିନା ଯୌତୁକରେ କେତୋଟି ଆଦର୍ଶ ବିବାହ ସଂଘଟିତ ହୋଇଯାଇଛି ସତ କିନ୍ତୁ ଏ ପଟେ ବେଳକୁବେଳ ଯୌତୁକ ପ୍ରଥା ଅତ୍ୟନ୍ତ ଉତ୍କଟ ହୋଇ ପଡିଛି । ଯୌତୁକ ପ୍ରଥା ଲୁପ୍ତ ହେବା ତ ଦୂରର କଥା, ଯୌତୁକର ପରିମାଣ କ୍ରମଶଃ ବଢି ବଢି ଚାଲିଛି ।

ଶିକ୍ଷା ଓ ସଭ୍ୟତା ପ୍ରଗତି ପଥରେ ଗତି କଲାବେଳେ ଏହି ଅତି ନିମ୍ନଧରଣର ତ୍ରୁଟି କିପରି ମଣିଷର ମନ ଭିତରେ ଆହୁରି ଅଧିକ ଅଧିକ ଚେରମାଡି ଚାଲିଛି ତାହା ଭାବିଲେ ଆଶ୍ଚର୍ଯ୍ୟରେ ହତବାକ୍ ହେବାକୁ ପଡିବ । ଉନ୍ନତ ଧରଣର ଶିକ୍ଷା ଓ ସଭ୍ୟତାର ତାହେଲେ କ'ଣ ମୂଲ୍ୟ ଅଛି ? ପ୍ରକୃତ ଶିକ୍ଷା ମଣିଷକୁ ମାନବିକ ମୂଲ୍ୟବୋଧ ବିଷୟରେ ଅଧିକ ସଚେତନ କରାଇବା କଥା, ଖାଲି ଗୁଡିଏ ଉଚ୍ଚ ଡିଗ୍ରୀ, ଉଚ୍ଚ ପଦବୀର ସମ୍ମାନ ଓ ଗୁଡାଏ ଧନର ଅଧିକାରୀ ହେଲାପରେ ମଧ୍ୟ ମନୁଷ୍ୟ ଯଦି ଆହୁରି ପୁଳାଏ ସଂପତ୍ତି ମାଗଣାରେ ପାଇ ଯିବାର କଦର୍ଯ୍ୟ ଲୋଭ ଛାଡି ନ ପାରିଲା ତାହାହେଲେ ସେ ମନୁଷ୍ୟ ପଦବାଚ୍ୟ ହେବାର ଯୋଗ୍ୟ ନୁହେଁ । ସେହି ଧରଣର ମନୁଷ୍ୟମାନଙ୍କୁ ସମାଜରୁ ବାସନ୍ଦ କରିବାହିଁ ଜନସାଧାରଣଙ୍କ କର୍ତ୍ତବ୍ୟ କିନ୍ତୁ ତାହା ସମ୍ଭବ ହେବ ନାହିଁ ।

ଅତୀତରେ ନାରୀମାନେ ଅନେକ ଅନ୍ୟାୟ ଓ ଅବିଚାରର ଶରବ୍ୟ ହେଉଥିଲେ, ସେ ସବୁ ଗଳ୍ପ ଆମେ ବୁଢ଼ୀମା କିମ୍ବା ଆଈମାଙ୍କ ତୁଣ୍ଡରୁ ଶୁଣିଥାଉଁ । ଅଜ୍ଞାନତାର ଅନ୍ଧକାର ଭିତରେ ସେତେବେଳର ନାରୀ ସମାଜ ଆବଦ୍ଧ ହୋଇ ରହିଥିଲା । ଦେଶର ରାଜନୈତିକ ପରିସ୍ଥିତି ଯୋଗୁଁ ନାରୀ ସମାଜ କେତେକ କଟକଣା ଭିତରେ ଆବଦ୍ଧ ହେଉ ହେଉ କ୍ରମଶଃ ଗୃହର କାରାଗାର ଭିତରେ ଶୃଙ୍ଖଳିତ ହୋଇ ପଡିଲା । ଏ ଦେଶର ନାରୀଜାତିର ସେ ଏକ ଘୋର ତମସାଛନ୍ନ ସମୟ, ନଚେତ୍ ଅତୀତରେ ମାନବ ସଭ୍ୟତାର ଉଷା କାଳରେ ଏ ଦେଶରେ ନାରୀର ସ୍ଥାନ ବହୁ ଉଚ୍ଚରେ ଥିଲା । ବୈଦିକ ଯୁଗରେ ରଚିତ ବେଦର ମନ୍ତ୍ରମାନଙ୍କରେ ଦରିଦ୍ରସେବା, କୃଷି, ଗୋ-ସେବା, ସ୍ୱାସ୍ଥ୍ୟଚର୍ଯ୍ୟା ପ୍ରଭୃତି ବହୁ ବିଷୟର ଚିତ୍ର ସହିତ ନାରୀସମାଜର ପଦମର୍ଯ୍ୟାଦାର ଚିତ୍ର ମଧ୍ୟ ଚିତ୍ରଣ କରାଯାଇଛି । ବିଶେଷତଃ ବିବାହ ଉତ୍ସବର ମନ୍ତ୍ରମାନଙ୍କରେ ନବ-ବଧୂର ସାମାଜିକ ମର୍ଯ୍ୟାଦା କଅଣ ତାହା ସୂଚିତ ହୋଇଛି । ଋଗ୍‌ବେଦରେ ଲେଖା ଅଛି —

ସାମ୍ରାଜ୍ଞୀ ଶ୍ୱଶୁରେ ଭବ ସାମ୍ରାଜ୍ଞୀ ଶ୍ୱଶ୍ରବାଂ ଭବ ।
ନନନ୍ଦାରୀ ସାମ୍ରାଜ୍ଞୀ ଭବ ସାମ୍ରାଜ୍ଞୀ ଅଧିଦେବେଷୁ ॥

ଅର୍ଥାତ୍ —

ହେ କନ୍ୟା, ତୁମେ ଶ୍ୱଶୁରଙ୍କ ନିକଟରେ ସାମ୍ରାଜ୍ଞୀ ସଦୃଶ ହୁଅ । ଶାଶୁଙ୍କ ନିକଟରେ ମଧ୍ୟ ସାମ୍ରାଜ୍ଞୀ ସଦୃଶ ହୁଅ । ନଣନ୍ଦ ଓ ଦେବରମାନଙ୍କ ନିକଟରେ ମଧ୍ୟ ସାମ୍ରାଜ୍ଞୀ ସଦୃଶ ହୁଅ ।

ନୂଆ ପରିବାରକୁ ଯାଉଥିବା ନବ-ବଧୂ ଯେ ସେ ପରିବାରରେ ସାମ୍ରାଜ୍ଞୀ ତୁଲ୍ୟ ଆଦର ଓ ଅଭ୍ୟର୍ଥନା ପାଇବା କଥା ତାହା ଅନେକ ସ୍ଥାନରେ ବର୍ଣ୍ଣିତ ହୋଇଅଛି । ନବବିବାହିତାର ଅତି ସୁନ୍ଦର ପରିଧାନ ଓ ଆଭରଣରେ ସ୍ୱର୍ଣ୍ଣାଳଙ୍କାରମାନଙ୍କର ଉଲ୍ଲେଖ ଥିଲେ ମଧ୍ୟ କୌଣସି ସ୍ଥାନରେ ଯୌତୁକ-ସ୍ୱରୂପ କୌଣସି ପଦାର୍ଥ ଉପହାର ଦେବା କଥା କୁହା ଯାଇନାହିଁ । ତେଣୁ ସ୍ପଷ୍ଟଭାବରେ କୁହାଯାଇପାରେ ଯେ, ସେ ସମୟରେ ବିବାହମାନଙ୍କରେ ବାଧ୍ୟତାମୂଳକ ଯୌତୁକ ପ୍ରଦାନ ପ୍ରଥା ପ୍ରଚଳିତ ନ ଥିଲା ।

ହୁଏତ ସ୍ୱତଃ ପ୍ରଣୋଦିତ ହୋଇ ସ୍ନେହମୟ ପିତାମାନେ ଆଦରରେ ନିଜ ନିଜର କନ୍ୟାମାନଙ୍କୁ ଆଭରଣ ଓ ବସ୍ତ୍ରାଳଙ୍କାର ଉପହାର ଦେଇ ଦେଇ ଏହା କାଳକ୍ରମେ ଏକ ବାଧ୍ୟତାମୂଳକ ନିଷ୍ଠୁର ଦାବୀ ରୂପେ ପରିଣତ ହେଲା ।

ବର୍ତ୍ତମାନ ଆମ ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଏହା ପ୍ରଚଳିତ ।

ଜଣେ କେରଳୀୟ ବନ୍ଧୁଙ୍କଠାରୁ ଶୁଣିଲି ସେଠାରେ ସମସ୍ତ ପ୍ରକାର ଆବଶ୍ୟକୀୟ ଜନିଷପତ୍ର, ଅଳଙ୍କାର ଛଡ଼ା ପଣଟଙ୍କା ନଗଦ ପଚିଶ ହଜାରରୁ ଉର୍ଦ୍ଧ୍ୱ ଦେବାର ବ୍ୟବସ୍ଥା ରହିଛି । ଯେଉଁମାନେ ଖ୍ରୀଷ୍ଟଧର୍ମ ସୁଦ୍ଧା ଗ୍ରହଣ କରିଛନ୍ତି, ସେମାନଙ୍କର ମଧ୍ୟ ଏ ପ୍ରଥା କବଳରୁ ମୁକ୍ତି ନାହିଁ । ଏହି ପଣଟଙ୍କାର ଅଭାବରୁ ଅନେକ ଝିଅ ବିବାହ କରି ପାରନ୍ତି ନାହିଁ । ଉପଯୁକ୍ତା ଓ ସୁଶିକ୍ଷିତା, ବେଶ୍ ଆଧୁନିକ । କିନ୍ତୁ ଟଙ୍କା ମୂଲ୍ୟ ନିରୂପଣ କରେ ।

ସେ କାଳ ଭଳି ଏ କାଳରେ ସବୁଝିଅଙ୍କ ଆଉ ନିରକ୍ଷରା ହୋଇ ନାହାନ୍ତି ପର୍ଦ୍ଦାପ୍ରଥା ମଧ୍ୟ ଉଠି ଗଲାଣି । ଅତୀବ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ରାଜଧାନୀ ଦିଲ୍ଲୀ ଭଳି ସହରର ବିଶ୍ୱବିଦ୍ୟାଳୟ - ଡିଗ୍ରୀଧାରିଣୀ ଝିଅମାନେ ମଧ୍ୟ ଏହି ଯୌତୁକ-ପ୍ରଥା ଯୋଗୁଁ ନୀଚ ଅଶିକ୍ଷିତ ସଂପ୍ରଦାୟର କୂଳ-ବଧୂମାନଙ୍କ ପରି ପ୍ରହାର ମଧ୍ୟ ସହୁଛନ୍ତି ! ! ଅତ୍ୟାଚାର ଯେତେବେଳେ ବଢିପଡୁଛି, ନିଜେ ଜାଳିହୋଇ କିମ୍ବା ଲୁଚକର ଶୀକାର ହୋଇ ମୃତ୍ୟୁବରଣ କରୁଛନ୍ତି ।

ବିଂଶଶତକର ଶେଷ ଭାଗରେ ଏ କି ପ୍ରକାର ବୀଭତ୍ସ ଘଟଣା ସବୁ ଘଟୁଛି, ଯାହାକୁ ସହଜରେ ବିଶ୍ୱାସ କରି ହେଉନାହିଁ । କିନ୍ତୁ ଘଟୁଛି । ଏବେ ନିକଟରେ ଲୋକସଭାକୁ ପରିଷ୍କାର ଜଣାଇ ଦିଆ ଯାଇଛି ଯେ, ରାଜଧାନୀରେ ବିଭିନ୍ନ ପ୍ରକାର ଅପରାଧ କମି ଆସୁଥିଲାବେଳେ ଯୌତୁକଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢି ବଢି ଚାଲିଛି ।

ଚଳିତବର୍ଷର ପ୍ରଥମ ଛଅ ମାସରେ ପୁଲିସ୍‌ଥାନାରେ ପହଞ୍ଚିବା ରିପୋର୍ଟରେ ଯୌତୁକଜନିତ ମୃତ୍ୟୁସଂଖ୍ୟା ୧୯ରେ ପହଞ୍ଚିଛି । ମାତ୍ର ଗତବର୍ଷ ଏହି ପ୍ରଥମ ଛଅ ମାସରେ ଏହି ମୃତ୍ୟୁସଂଖ୍ୟା ୧୧ ହୋଇଥିଲା । ୧୯୮୦ର ପ୍ରଥମ ଛଅ ମାସରେ ଏହି ମୃତ୍ୟୁସଂଖ୍ୟା ୯ ହୋଇଥିଲା । ୧୯୮୦ରେ ଯାହା ୯ରେ ଥିଲା ବର୍ତ୍ତମାନ ତାହା ୧୯ରେ ଆସି ପହଞ୍ଚିଲାଣି । ଅର୍ଥାତ୍ ଜଣା ଯାଉଛି ଯେ ପରିସ୍ଥିତି କ୍ରମଶଃ ଖରାପ ଆଡ଼କୁ ଗତି କରୁଛି ।

ଏ ଦେଶରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ଜଣେ ନାରୀ । ଦେଶର ବଭିନ୍ନ ବିଭାଗରେ ନାରୀମାନେ ନିଜ ନିଜର କାର୍ଯ୍ୟକୁ ଅତି ଦକ୍ଷତାର ସହିତ ପରିଚାଳିତ କରୁଛନ୍ତି । ତଥାପି ଉପରଲିଖିତ ପରିସଂଖ୍ୟାନ ଦେଖିଲେ ଏ ସମସ୍ତ ସତ୍ତ୍ୱେ ଭାରତୀୟ ନାରୀର ପଦ-ମର୍ଯ୍ୟାଦା ସେହି ଶହେ ବର୍ଷ ତଳେ ଯାହାଥିଲା, ଠିକ୍ ସେଇଆ ରହିଛି ବୋଲି ମନେ ହେଉଛି । ପିତା ପ୍ରଦାନ କରୁଥିବା ଯୌତୁକ ସାମଗ୍ରୀ ତଥା ନଗଦ ଅର୍ଥର ପରିମାଣ ଯେଉଁଠି ତାର ନିଜର ମୂଲ୍ୟ ନିର୍ଦ୍ଧାରିତ କରୁଛି ସେଠାରେ ତାର ନିଜସ୍ୱ ମୂଲ୍ୟ କିଛି ନାହିଁ, ଯେତେ ଉଚ୍ଚ ଶିକ୍ଷିତା ହୋଇଥିଲେ ମଧ୍ୟ ।

ଏହି ମହା ଅନ୍ୟାୟର ପ୍ରତିରୋଧ ନକରି ଅସହାୟ ଭାବରେ ଶିରଦ୍ୟ ହେଉଛନ୍ତି କାହିଁକି ସେମାନେ ?

ଏହାର ଅନେକଗୁଡ଼ିଏ କାରଣ ବର୍ଣ୍ଣାଯାଇପାରେ । ସର୍ବପ୍ରଥମେ ଓ ପ୍ରଧାନ କାରଣ ହେଉଛି ତରୁଣୀମାନେ ଅତି ଧନୀ କିମ୍ବା ଅତି ଉଚ୍ଚ ପଦବୀଧାରୀ ଯୁବକମାନଙ୍କୁ ସ୍ୱାମୀ ରୂପେ ପାଇବାର ଆକାଂକ୍ଷା ରଖୁଛନ୍ତି । ସାରା ଜୀବନଟା ରୂପ କଥାର ରାଜକନ୍ୟାଟିଏ ପରି ଭୋଗର ପ୍ରାଚୁର୍ଯ୍ୟ ଭିତରେ ଅତି ସ୍ୱଚ୍ଛନ୍ଦ ଭାବରେ ଅତିବାହିତ ହୋଇଯିବ । ଗାଡ଼ି, ଗହଣା, ମୂଲ୍ୟବାନ ଶାଢ଼ୀ, ଚାକର ବାକର ସୁ-ସଜ୍ଜିତ ଘର ପ୍ରଭୃତ କୌଣସି ଜିନିଷର ଅଭାବ ରହିବ ନାହିଁ । କାଟି ପିନ୍ଧିବା, ଖଟି ଖାଇବାର ମନୋବୃତ୍ତି ଆଜିକାଲି ସମସ୍ତ ସମାଜରୁ ଉଭେଇ ଗଲାଣି କହିଲେ ଚଳେ । ସେଥିପାଇଁ କନ୍ୟା ଦାୟଗ୍ରସ୍ତ ପିତାମାତାମାନେ ସ୍ୱର୍ଣ୍ଣ ମୃଗର ସନ୍ଧାନରେ ଛୁଟି ବୁଲନ୍ତି ବେଙ୍କ ଅଫିସର, ଆଇ. ଏ. ଏସ. ଅଫିସର, ଇଞ୍ଜିନୟର, ମାଜିଷ୍ଟ୍ରେଟ୍, ପ୍ରଭୃତ ଉଚ୍ଚ ପଦବୀ-ଧାରୀ କ୍ଷମତା ସଂପନ୍ନ ବ୍ୟକ୍ତିଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ ହେଲେ ଝିଅଟି ଆରାମରେ ରହିବା ସଙ୍ଗେ ସଙ୍ଗେ ସେମାନଙ୍କ ସାମାଜିକ ସ୍ଥିତିର ମାନବୃଦ୍ଧି ମଧ୍ୟ ଘଟିବ ବୋଲି ଭାବି ଯୌତୁକ ଦାବୀର ସମସ୍ତ ସର୍ତ୍ତକୁ ମାନିନେବାକୁ ପ୍ରସ୍ତୁତ ହୋଇଯାଆନ୍ତି ।

କେତେକ ସ୍ଥଳରେ ଉଭୟ ପକ୍ଷରୁ ଛଳନାର ଆଶ୍ରୟ ମଧ୍ୟ ନିଆଯାଏ । ହୁଏତ ପାତ୍ରୀ ବର ପିତାଙ୍କର ମନୋନୀତ ହେଲା ଅଥଚ ପାତ୍ରୀଙ୍କ ପିତାଙ୍କ ଅବସ୍ଥା ଭଲ ନୁହେଁ, ପ୍ରଥମରୁ ଦାବୀ ଉପସ୍ଥାପିତ କଲେ ସୁନ୍ଦରୀ ପାତ୍ରୀ ହାତରୁ ଖସିଯିବ । ରୁହିମାଛକୁ ଗୁଣ୍ଡି ବଡ଼ମାଛ ଧରିଲା ପରି ସେ ଦାବୀ କଥା ଆଦୌ ନ ଉଠାଇ ବିବାହ ବେଦୀରେ ହାତଗଣ୍ଠି ପଡ଼ି ସାରିଲା ପରେ ଅଡ଼ି ବସିଲେ ଯୌତୁକ ପାଇଁ । କନ୍ୟାପିତା ବାଧ୍ୟ ହେଲେ, ଯଦି ଅକ୍ଷମ ହେଲେ ଝିଅଟି ଶ୍ୱଶୁର ଘରର କ୍ରୋଧ ଓ ବିରକ୍ତିର କାରଣ ହେଲା, କ୍ରମଶଃ ତାହା ଅତ୍ୟାଚାରରେ ପରିଣତ ହୋଇଗଲା ।

ପକ୍ଷାନ୍ତରରେ କନ୍ୟାପକ୍ଷ ମଧ୍ୟ କେତେକ ସ୍ଥଳରେ ନିଆଁ ସହିତ ଖେଳିବାକୁ ପଛାନ୍ତି ନାହିଁ, ଅତି ସୁଯୋଗ୍ୟ

ଜାମାତାଙ୍କୁ ହାତରୁ ଛାଡିବେ ନାହିଁ ଏଣେ ଦାବୀ ସମ୍ଭାଳିବାକୁ ବଳ ନାହିଁ । ମୁହଁରେ ସମସ୍ତ ଦାବୀକୁ ହଁ ଭରି ଦେଇ ହାତଗଣି ପଡିବା ସାଏ କୌଣସି ମତେ ଚଳାଇ ନିଅନ୍ତି । ତା ପରେ ସେମାନଙ୍କ ଅକ୍ଷମତା ଯେତେବେଳେ ପ୍ରକାଶ ପାଏ ବିବାହ ଛିନ୍ନ କରିବା ଉପାୟ ନ ଥାଏ ବର ପକ୍ଷର - କାରଣ ତେଣେ ଆଇନ୍‌ର ରକ୍ତଚକ୍ଷୁ ସଜାଗ ହୋଇ ରହିଥାଏ । ସେତେବେଳେ ସେମାନଙ୍କର ଅସହାୟ କ୍ରୋଧତକ ହିଂସ୍ର ଜାନୁଆର ପରି ଲମ୍ଫ ପ୍ରଦାନ କରେ ନବବଧୂ ଉପରେ । ଏହିପରି କ୍ଷେତ୍ରରେ ତାକୁ ହତ୍ୟା କରିବାକୁ ବି ସେମାନେ ଦ୍ୱିଧା କରନ୍ତି ନାହିଁ । ହତ୍ୟା କି ଆତ୍ମ ହତ୍ୟା ପ୍ରମାଣିତ ନ ହୋଇ ପାରିଲା ଭଳି କୌଶଳମାନ ଅବଲମ୍ବନ କରାଯାଏ ।

ଅନ୍ୟ ଗୋଟିଏ କାରଣ ହେଉଛି - ପରମ୍ପରା । ଯେତେ ଆଧୁନିକା ଓ ଶିକ୍ଷିତା ହେଲେ ମଧ୍ୟ ଝିଅମାନେ ଭାରତୀୟା ହୋଇ ହିଁ ରହି ଯାଆନ୍ତି । ଶ୍ୱଶୁର ଘରର ଅକଥନୀୟ ଅତ୍ୟାଚାର ଭୋଗ କରି ସ୍ୱାମୀର ପ୍ରହାରରେ ଜର୍ଜରିତା ନବ ବିବାହିତାର ସ୍ୱାମୀଙ୍କ ପ୍ରତ ତଥା ବଧୂ ଜୀବନ ପ୍ରତି ମମତା ରହିଯାଏ । ତା ଫଳରେ ସେ ସମସ୍ତ କଷ୍ଟ ସହି ନେବାକୁ ଚେଷ୍ଟା କରେ ଓ ଶେଷକୁ ଅକାଳ ମୃତ୍ୟୁର ଶୀକାର ହୁଏ ।

ସୁନାମ, ବଂଶମର୍ଯ୍ୟାଦା, ନିରାପତ୍ତା ପ୍ରଭୃତି ଗୁଡିଏ ଶୃଂଖଳ ପାଦରେ ବେଷ୍ଟିତ ହୋଇ ରହିଥିବାରୁ ନାରୀ ଏ ପର୍ଯ୍ୟନ୍ତ ତାର ସ୍ୱାଧୀନତାକୁ କାର୍ଯ୍ୟରେ ପରିଣତ କରି ପାରିନାହିଁ । ହୁଏତ ଏହିସବୁ କାରଣରୁ ହିଁ କଠୋର ପଦକ୍ଷେପ ନେଇ ପାରେ ନାହିଁ, ଶିକ୍ଷିତା ହୋଇ ମଧ୍ୟ ଗ୍ରାମ୍ୟ କୂଳବଧୂ ପରି ଅନ୍ୟାୟକୁ ମୁଣ୍ଡପାତି ସହେ ।

ଆମ ଏ ପ୍ରଦେଶରେ ମଧ୍ୟ କି ସହରରେ କି ଗ୍ରାମମାନଙ୍କରେ ମଧ୍ୟ ଏହିପରି ଅତି ମର୍ମାନ୍ତିକ ବିଯୋଗାନ୍ତକ ଘଟଣା ଘଟିଥିବା ସମ୍ବାଦ ପ୍ରକାଶିତ ହୋଉଛି । ବଡ଼ମାନଙ୍କ କାର୍ଯ୍ୟକଳାପ ସାନମାନଙ୍କୁ ପ୍ରଭାବିତ କଲାପରି ସମାଜର ସବୁସ୍ତରର ଲୋକମାନଙ୍କ ଭିତରେ ଏହି ପଣପ୍ରଥାର ଚେର ମାଡି ଗଲାଣି । ଅତି କ୍ଷୁଦ୍ର ଭାଗ ଚାଷୀଟିଏ ହେଉ, ବାଲିକଟିଏ ବା ପାନ ଦୋକାନୀଟିଏ ହେଲେ ମଧ୍ୟ ଯୌତୁକ ଦେବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅତି କମ୍‌ରେ ରେଡିଓଟିଏ, ସାଇକେଲଟିଏ, ଘଣ୍ଟା ଓ ମୁଦି ଜ୍ୱାଇଁଙ୍କ ପାଇଁ ସଂଗ୍ରହ କରିବାକୁ ପଡୁଛି । ତା ଛଡ଼ା ନଗଦ ହଜାରେ କି ପାଞ୍ଚଶହ ଟଙ୍କାର ବ୍ୟବସ୍ଥା ତ ନିଶ୍ଚୟ ରହିଛି ।

ଏହି ବିପ୍ଳବ ଥରକୁ ଥର ଅସଫଳ ହେବାର ପ୍ରଧାନ କାରଣ ହେଉଛି ମନୁଷ୍ୟ ନିଜର କଥା ଓ କାର୍ଯ୍ୟରେ ସମନ୍ୱୟ ରକ୍ଷା କରି ପାରୁନାହିଁ । ଯେଉଁ ବ୍ୟକ୍ତି, ଯୌତୁକ ଏକ ସାମାଜିକ ବ୍ୟାଧି ବୋଲି ବକ୍ତୃତା ଦିଅନ୍ତି ସେ ପୁଣି ଅବସ୍ଥାଚକ୍ରରେ ପଡି ଗୋପନରେ ପଣର ପ୍ରଚୁର ଟଙ୍କା ଅସାଡି ଦିଅନ୍ତି, ନଚେତ୍ ନିଜେ ନିଅନ୍ତି । ଏକନିଷ୍ଠତାର ଅଭାବ ପ୍ରତ୍ୟେକ ବିପ୍ଳବକୁ ବିଫଳ କରିଦିଏ । ତେଣୁ ଏପରି ଚାଲିଲେ ଯୌତୁକ ପ୍ରଥା କୌଣସିକାଳେ ଦୂର ହେବନାହିଁ । ଏହି କଳଙ୍କମୟ ପ୍ରଥାକୁ ବିଲୁପ୍ତ କରିବାକୁ ହେଲେ କେବଳ ଆଇନ୍ ପ୍ରଣୟନରେ କୌଣସି କାର୍ଯ୍ୟ ହେବ ନାହିଁ । ଆନ୍ତରିକ ସମୂହ ଉଦ୍ୟମ କରାଯାଇ ମନୁଷ୍ୟର ହୃଦୟ ପରିବର୍ତ୍ତନ କରାଯିବାର ଆନ୍ଦୋଳନ ଆରମ୍ଭ ହେଉ । ଝିଅମାନେ ସଂଘବଦ୍ଧ ଭାବରେ ଏ ଅନ୍ୟାୟ ବିରୁଦ୍ଧରେ ପ୍ରତିଜ୍ଞା କରନ୍ତୁ ; ଭୋଗପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ ନ ହୋଇ ତ୍ୟାଗପୂର୍ଣ୍ଣ ଜୀବନର ପଥ ବାଛି ନିଅନ୍ତୁ ; ଯେଉଁଠାରେ ଆନ୍ତରିକ ପ୍ରେମର ଅଭାବ ସେଠାରେ ବିବାହର ସମସ୍ତ ମନ୍ତ୍ର ଯେ ମୂଲ୍ୟହୀନ ସେ କଥାକୁ ହୃଦୟଙ୍ଗମ କରି ପ୍ରଥମରୁ ହିଁ ଏହି ଅନ୍ୟାୟ ଦାବୀକୁ ପ୍ରତ୍ୟାଖ୍ୟାନ କରିଦେବାକୁ ଶିଖନ୍ତୁ ।

ଏ ଯୁଗର ମନ୍ତ୍ର ହେଲା — ନିଜେ ଚାଲିବା ପାଇଁ ନିଜେ ହିଁ ରାସ୍ତା ତିଆରି କର — ଦେଖିବ ଦିନେ ସେହି ରାସ୍ତା ହିଁ ସମଗ୍ର ମନୁଷ୍ୟ ସମାଜର କଲ୍ୟାଣ — ବାହୀ ବିଜୟ ରଥକୁ ମହା ଆନନ୍ଦରେ ବହି ନେଇଚାଲିଛି ।

ଆର୍ମଷ୍ଟ୍ରଙ୍ଗ୍ ରୋଡ଼,
ପୁରୀ

# "ଶ୍ୟାମଳା"

ଓଡିଶା ଚାଷୀଭାଇଙ୍କ ନିଜ ସମବାୟ କାରଖାନାରେ ତିଆରି ଅତୁଳନୀୟ ମିଶ୍ରିତ ଦାନାଦାର ସାର ଉଭୟ ବୁଣା ଓ ରୁଆ ଧାନରେ ପ୍ରୟୋଗ କରି ଧାନ ଫସଲରୁ ଅମଳ ବଢାନ୍ତୁ ।

ଏକର ପ୍ରତି ଅଧିକ ଅମଳକ୍ଷମ ଧାନରେ ୧୦୦ କେଜି ଶେଷ ଓଡ କାଦୁଅରେ ଦିଅନ୍ତୁ ।

ଦେଶୀ ବା ଉନ୍ନତ ଧାନ ବେଉଷଣ ବେଳେ ଏକର ପ୍ରତି ୫୦ କେଜି ପ୍ରୟୋଗ କରନ୍ତୁ ।

ପରବର୍ତ୍ତୀ ଅବସ୍ଥାରେ ୟୁରିଆ, ଆମୋନିୟମ-ସଲଫେଟ କିମ୍ବା ସି.ଏ.ଏନ୍ ଆବଶ୍ୟକତା ଅନୁ-ସାରେ ଦିଅନ୍ତୁ ।

ଆପଣଙ୍କ ସେବାରେ—

**ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ସଂଘ ଲିଃ**

ଭୁବନେଶ୍ୱର-୭-୫-୧୦୦୬

# ଗାଁରେ, ଅବସର ବେଳେ

ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ

ଭାରତ ଏକ ଗ୍ରାମ ବହୁଳ ଦେଶ । ଗ୍ରାମ୍ୟ ଅର୍ଥନୀତିରେ ମହିଳାମାନେ ଏକ ମୁଖ୍ୟ ଅଂଶ ଗ୍ରହଣ କରନ୍ତି । ତେଣୁ ମହିଳାମାନଙ୍କର ଉନ୍ନତିରେ ଦେଶର ଉନ୍ନତ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ "ଯେଉଁ ଦେଶ ମହିଳାମାନଙ୍କୁ ସମ୍ମାନ ଦିଏ ନାହିଁ ସେ କେବେ ମହାନ ହୋଇ ପାରେ ନାହିଁ" । ଆମ ଦେଶ ଉନ୍ନତ ନ ହେବାର ଅନ୍ୟ ଏକ କାରଣ, ଆମେ ମହିଳାମାନଙ୍କୁ ଉପଯୁକ୍ତ ସମମାନ ଦେଇ ଶିଖି ନାହୁଁ । ବାସ୍ତବକ୍ ନାରୀମାନେ ହିଁ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକାନ୍ତ ଭାବରେ ସହାୟା । ସାମାଜିକ କୁସଂସାର ଓ ଅର୍ଥନୈତିକ ଦୁର୍ବଳତାରେ ଭାରତୀୟ ନାରୀର ମେରୁଦଣ୍ଡ ଭାଙ୍ଗିଯାଇଛି । ତେଣୁ ସେମାନଙ୍କର ଶକ୍ତିକୁ ପୁନରୁଦ୍ଧାର କରି ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ବର୍ତ୍ତମାନ ସରକାରଙ୍କର ମୂଳଲକ୍ଷ୍ୟ । ବିଶେଷତଃ ଯେଉଁ ମହିଳାମାନେ ଗାଁ ଗହଳିରେ ବାସ କରୁଛନ୍ତି, ପରଦାର ଅନ୍ତରାଳରେ ବାହାର ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ତଥା ପୁରୁଷର ହାତ ମୁଠାରେ ବନ୍ଦିନୀ, ସେହିମାନଙ୍କୁ ଆଗେଇ ନେଇ ତାଙ୍କୁ ନିର୍ଦ୍ଦିଷ୍ଟ ଅର୍ଥ ଉପାର୍ଜ୍ଜନକାରୀ ପରିକଳ୍ପନା ମାଧ୍ୟମରେ ଆତ୍ମନିର୍ଭରଶୀଳା କରିବା ଏହାର ଏକ ଅଂଶ ବଶେଷ ମାତ୍ର ।

ଆମ ଓଡ଼ିଶାରେ ଗ୍ରାମ୍ୟ ମହିଳାଙ୍କ ସଂଖ୍ୟା ପ୍ରାୟ ଏକ କୋଟିରୁ ଅଧିକ । ସେମାନେ ସାଧାରଣତଃ ଭୂମିହୀନା ଓ ଗରିବ । ପାରଂପରିକ ରୀତିରେ ଗୃହ କାମ, ଲୁଗାବୁଣା ସପମଶିଣା ତିଆରି କରିବା, ସୂତା କାଟିବା, ତେଲ ପେଡ଼ିବା ଓ ଧାନ କୁଟିବା ଆଦି କର୍ମରେ ନିୟୋଜିତ କରି ଭାଗ୍ୟ ଉପରେ ନିର୍ଭର କରି ଚଳିଆସନ୍ତି । ବିଶେଷତଃ ସେମାନେ ବହୁଳ ପରିମାଣରେ ବିଲ ବାଡ଼ିରେ ଦିନ ମଜୁରିଆ ରୂପେ କାମକରି ଗୁଜୁରାଣ ମେଣ୍ଟାଉଥାନ୍ତି । ବର୍ତ୍ତମାନର ଏ ଅତ୍ୟାଧୁନିକ ଯୁଗରେ ସେମାନଙ୍କ ପାରଂପାରିକ ଧନ୍ଦା କ୍ରମଶଃ ବନ୍ଦ ହେବାକୁ ବସିଲଣି । ତେଣୁ ସରକାର ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି ତଥା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଭିନ୍ନ ନୂତନ ପରିକଳ୍ପନାମାନ କାର୍ଯ୍ୟକାରୀ କରୁଛନ୍ତି । ସମଗ୍ର ରାଜ୍ୟରେ ଥିବା ୩୧୪ଟି ବ୍ଲକ ଅଧୀନରେ ୯୫୬୭ଟି ମହିଳା ସମିତି ଜରିଆରେ କାର୍ଯ୍ୟକାରୀ ହେଉଥିବା ନମ୍ନରେ ପ୍ରଦତ୍ତ କେତୋଟି ପରିକଳ୍ପନା ବିଶେଷ ଉଲ୍ଲେଖନୀୟ ।

(୧) ଆୟ ସୃଷ୍ଟିକାରୀ କର୍ମସୂଚୀ :

ଗ୍ରାମ୍ୟ ମହିଳାମାନଙ୍କର ଦୁର୍ଦ୍ଦଶାର ମୁଖ୍ୟ କାରଣ ହେଲା ସେମାନଙ୍କ ହାତରେ ପଇସାପତ୍ରର ଅଭାବ । ତେଣୁ କୌଣସି ବୃତ୍ତି ସେମାନଙ୍କୁ ଜଣାଥିଲେବି ତା'ର ବ୍ୟବହାରିକ ବିନିଯୋଗ କରି ସେଥିରୁ 'ଦୁଇ ପଇସା ଆୟ କରିବା' ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ସେମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇ ସେମାନଙ୍କର ଅବସର ସମୟ ବିନିଯୋଗ କରି ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧି ଘଟାଇବା ଏହି କର୍ମସୂଚୀର ଲକ୍ଷ୍ୟ ।

ଏଥିମଧ୍ୟରୁ ଜାମାପ୍ୟାଣ୍ଟ ତିଆରି କରିବା, ନଡ଼ିଆ କତାର ପାପୋଛ ଓ ଗାଲିଚ୍ଚ ତିଆରି କରିବା, ଆଚାର ପ୍ରସ୍ତୁତ କରିବା, ମସଲାଗୁଣ୍ଡ ତିଆରି କରିବା, ମାଛ ଚାଷ କରିବା, ସବାଇ ଘାସର ଟୋକେଇ, ପାଛିଆ ତିଆରି କରିବା, କଦଳୀ ପଟୁଆରୁ ସୌଖୀନ ଫୁଲ ପ୍ରସ୍ତୁତ କରିବା, ମହୁ ଚାଷ କରିବା, ବାଉଁଶର ଟୋକେଇ, କୁଲା, ପାଛିଆ ତିଆରି କରିବା, ଜାମ୍, ଜେଲି, ସ୍କ୍ୱାସ ପ୍ରସ୍ତୁତ କରିବା ତନ୍ତରେ ଲୁଗା ବୁଣିବା, ଗହୁଆ ତିଆରି କରିବା, କୁକୁଡ଼ା ଓ ବତକ ପାଳନ କରିବା, କଣ୍ଢେଇ ଓ ଖେଳନା ତିଆରି କରିବା, ବଉଡ଼ି ବଳିବା ଓ ଖାଦ୍ୟ ସାଇତିବା ଇତ୍ୟାଦି ଅତ୍ୟନ୍ତ ଲାଭଜନକ ବୋଲି ପ୍ରମାଣିତ ହୋଇଛି ।

ଉପରୋକ୍ତ କୌଣସି କାର୍ଯ୍ୟକ୍ରମ ହାତକୁ ନେବାକୁ ହେଲେ ଯେ କୌଣସ ସ୍ୱୀକୃତପ୍ରାପ୍ତ ମହିଳା ସମିତ ନିଜ ଆୟରୁ ୨୫ ଭାଗ ବହନ କରିବେ ଓ ଅବଶିଷ୍ଟ ରାଜ୍ୟ ସରକାର ବହନ କରିବେ । ଆଦିବାସୀ ଏବଂ ହରିଜନ ଶ୍ରେଣୀର ଲୋକଙ୍କୁ ଏଥି ନିମିତ୍ତ ସଂପୂର୍ଣ୍ଣ ସାହାଯ୍ୟ ମିଳିବ । ମଣ୍ଡଳ ଉନ୍ନୟନ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ଫର୍ମ ନେଇ ଏଥିପାଇଁ ଦରଖାସ୍ତ କରିବାକୁ ହେବ ଏବଂ ଏହା ମଂଜୁର ହେବା ପରେ କେବଳ ସଂପୃକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଏହି ଅର୍ଥ ଉଠାଇ ପାରିବେ । ସେହି ବ୍ଲକ୍‌ର ସାମାଜିକ ଶିକ୍ଷା ସଂଗଠକ/ସଂଗଠିକା ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର କର୍ମଚାରୀମାନଙ୍କ ସହାୟତାରେ ଉକ୍ତ କାର୍ଯ୍ୟ ପରିଚାଳନା କରିବେ । ସ୍ଥାନୀୟ ପରିସ୍ଥିତି ଓ ସୁଲଭରେ ମିଳୁଥିବା କଂଚାମାଲର ଚାହିଦାକୁ ଆଖିରେ ରଖି କାର୍ଯ୍ୟସୂଚୀ ପ୍ରସ୍ତୁତି କରିବାକୁ ହେବ ।

### (୨) ଉତ୍ସାହଜନକ ପୁରସ୍କାର :

ରାଜ୍ୟର ଅଧିକାଂଶ ମହିଳାସମିତି ଗୁଡ଼ିକରେ କର୍ମୀମାନଙ୍କର କର୍ମସ୍ପୃହା ନାହିଁ । ଏହାର ମୁଖ୍ୟ କାରଣ-ସେମାନଙ୍କ ଆଗରେ କୌଣସି ଅର୍ଥକରୀ କାର୍ଯ୍ୟଧାରା ନାହିଁ । ତେଣୁ ଏହି ସମିତିଗୁଡ଼ିକୁ ପୁନର୍ଜୀବିତ କରି ସେମାନଙ୍କର ଆୟପନ୍ଥା ବୃଦ୍ଧି କରିବାକୁ ସରକାର ବିଭିନ୍ନ ଅର୍ଥକରୀ କର୍ମସୂଚୀ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଛନ୍ତି ଏବଂ ସେମାନଙ୍କର କର୍ମତତ୍ପରତାକୁ ଆହୁରି ବୃଦ୍ଧି ଘଟାଇବାକୁ ବିଗତ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାଠାରୁ ଉତ୍ସାହଜନକ ପୁରସ୍କାର (Incentive award) ନାମକ ଏକ ଅଭିନବ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ୧୯୭୮-୭୯ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ୧୯୭୯-୮୦ ମସିହାଠାରୁ ଅଦ୍ୟାବଧି ରାଜ୍ୟ ସରକାର ଏହି ଖର୍ଚ୍ଚ ବହନ କରୁଛନ୍ତି ।

ଏଥିପାଇଁ ଯେ କୌଣସି ସ୍ୱୀକୃତିପ୍ରାପ୍ତ ମହିଳା ସମିତି ସଂପୃକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ଫର୍ମ ନେଇ ବ୍ଲକର ସାମାଜିକ ଶିକ୍ଷା ସଂଗଠକ ସଂଗଠିକା ଓ ଗ୍ରାମ ସେବିକାଙ୍କ ସହାୟତାରେ ଦରଖାସ୍ତ କରିପାରିବେ । ଏହି ପୁରସ୍କାର ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଦିଆଯାଉଛି । ପ୍ରାଥମିକ ସ୍ତରରେ ବ୍ଲକ୍‌ରୁ ନିର୍ବାଚିତ ମହିଳା ସମିତି ଜିଲ୍ଲା ସ୍ତରରେ ଓ ଶେଷରେ ରାଜ୍ୟସ୍ତରୀୟ କମିଟି ଦ୍ୱାରା ମନୋନୀତ ହୋଇ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି । ନିମ୍ନୋକ୍ତ କ୍ଷେତ୍ରରେ କାର୍ଯ୍ୟ କରିଥିବା ମହିଳା ସମିତିମାନଙ୍କୁ ଏହି ପୁରସ୍କାର ଦିଆଯାଇଥାଏ । ଯଥା—ଫଳ ଓ ପନିପରିବା ଚାଷ, କୁକ୍କୁଡ଼ା ଚାଷ, ମାଛ ଚାଷ, ଫଳ ଓ ଖାଦ୍ୟ ସଂରକ୍ଷଣ, ସିଲେଇ କାମ, ସୂତାକଟା, ଲୁଗାବୁଣା, ସୀବନ କାମ, ସାବୁନ ତିଆରି କରିବା ଇତ୍ୟାଦି ।

### (୩) ବିକ୍ରୟ କେନ୍ଦ୍ର :

ଗାଁ ଗହଳିର କର୍ମଜୀବୀ ମହିଳାମାନେ ନିଜର ଅବସର ସମୟରେ ବା ପାରଂପରିକ ପ୍ରଥା ହେତୁ ବିଭିନ୍ନ ପ୍ରକାର ହସ୍ତକର୍ମ ପ୍ରସ୍ତୁତି କରିଥାନ୍ତି । ମାତ୍ର, ଏଗୁଡ଼ିକୁ ବିକ୍ରୟ କରି ପରିବାରର ଆୟରେ ସହାୟକ ହେବାକୁ ସକ୍ଷମ ହୁଅନ୍ତି ନାହିଁ । କାରଣ, ଏଗୁଡ଼ିକୁ କେଉଁଠାରେ କାହାକୁ, କିପରି ବିକିବେ ତା'ର ସୁଯୋଗ ନାହିଁ ବା କୌଣସି ସାମୂହିକ ପ୍ରଚେଷ୍ଟା ନାହିଁ । ପୁନଶ୍ଚ ରାଜ୍ୟରେ ଏମିତି ଅନେକ ମହିଳା ସମିତି ଅଛି ଯେଉଁଗୁଡ଼ିକ ଅତ୍ୟନ୍ତ ସୁନ୍ଦର ଓ ଉଚ୍ଚମାନର ହସ୍ତକର୍ମମାନ ପ୍ରସ୍ତୁତି କରୁଛନ୍ତି ମାତ୍ର ; ସେମାନଙ୍କର ଅବସ୍ଥା ମଧ୍ୟ ସେହି ଭଳି । ଏହାକୁ ଆଖିଆଗରେ ରଖି ରାଜ୍ୟ ସରକାର ଭୁବନେଶ୍ୱରରେ ଏକ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉ—ବିଭିନ୍ନ ବ୍ଲକରେ ସୁନାମ ଅର୍ଜନ କରିଥିବା ମହିଳା ସମିତିଗୁଡ଼ିକରୁ ହସ୍ତକର୍ମମାନ ସଂଗ୍ରହକରି ଏଠାରେ ବିକ୍ରୀ କରାଯିବ ଏବଂ ଲବ୍ଧ ଧନରୁ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ଦିଆଯିବ । ଏଠାରେ ବିକ୍ରୀ ହେବାପାଇଁ ଉଦ୍ଦିଷ୍ଟ ଜିନିଷପତ୍ର ଆଦିର ଗୁଣମାନ ରକ୍ଷା କରିବା ପାଇଁ ଏକ କମିଟି ଗଠିତ ହୋଇଛି ଏବଂ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ଡାଇରେକ୍ଟର ଏହାର ଚେୟାରମ୍ୟାନ ଅଛନ୍ତି । କ୍ରେତାମାନଙ୍କ ଚାହିଦାକୁ ଚାହିଁ ନିମ୍ନୋକ୍ତ ହସ୍ତକର୍ମଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଉଛି । ଯଥା:—

(କ) ବାଉଁଶ, ପ୍ଲାଷ୍ଟିକ୍, ସୂତା, ଝୋଟ ଓ କଦଳୀ ପଟୁଆରେ ନିର୍ମିତ ବିଭିନ୍ନ ପ୍ରକାର ସୌଖୀନ୍ ବ୍ୟାଗ ।

(ଖ) ଅଣ୍ଡା ଖୋଳ, ଥାଳୁ, ଅଦରକାରୀ କାଗଜ ଓ କାଡ଼ର ନିର୍ମିତ ଖେଳନା ।

(ଗ) ଦରଜୀ କାମ, ଯଥା—ତକିଆ ଖୋଳ, ପେଟି-କୋଟ, ରୁମାଲ, ଟେବୁଲ କ୍ଲଥ୍ ଓ ଏମ୍ବ୍ରୋଏଡରୀ କାମ ।

(ଘ) କତାର ପାପୋଛ, ଗାଲିଚା, ବାଉଁଶ କାମ ଓ ବିଭିନ୍ନ ସାଜସରଞ୍ଜାମ ପଦାର୍ଥ ।

(ଙ) ଚୋକେଇ ଇତ୍ୟାଦି

(ଚ) ଫୁଲଝାଡ଼ୁ

(ଛ) ସବାଇ ଘାସରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ମସିଣା ଓ ଚୋକେଇ ଇତ୍ୟାଦି ।

(ଜ) ପ୍ରୋସେସ୍‌ଡ଼ ଖାଦ୍ୟ ଯଥା :—ବଡ଼ି, ଆଚାର ପାଂପଡ଼, ସିମେଇ, ଜାମ, ଜେଲି ଓ ସ୍କ୍ୱାସ୍ ଇତ୍ୟାଦି ।

ସଂପୃକ୍ତ ବି. ଡି. ଓ.ମାନେ ଉପଯୁକ୍ତ ମହିଳା ସମିତି ଗୁଡ଼ିକୁ ବାଛି ସେମାନଙ୍କ ପୁରା ଠିକଣା ଓ ସେକ୍ରେଟାରୀଙ୍କ ନାମ ସହ ସରକାରଙ୍କୁ ଜଣାଇବେ । କୌଣସି ହସ୍ତକର୍ମ ତିଆରି ହେବାର ଦୁଇ ମାସ ମଧ୍ୟରେ ଯେପରି ବିକ୍ରୟ କେନ୍ଦ୍ରରେ ପହଞ୍ଚେ, ଗ୍ରାମସେବିକାମାନେ ଏଥିପ୍ରତି ଦୃଷ୍ଟି ଦେବେ ଏବଂ ସାମାଜିକ ଶିକ୍ଷା ସଂଗଠକ ଓ ସଂଗଠିକା ସେମାନଙ୍କର ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରି କିପରି ଉଚ୍ଚମାନର ଜିନିଷ ଉତ୍ପାଦନ ହେବ ସେଥିପ୍ରତି ଦୃଷ୍ଟି ଦେବେ ।

### (୪) ଅସହାୟ ମହିଳାଙ୍କ ଥଇଥାନ :

ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା ଅସହାୟ ମହିଳା ଯଥା :—ଯୁବତୀ ବା ବୃଦ୍ଧା ବିଧବା, ଅବିବାହିତା ମା, ଇଚ୍ଛା ବିରୁଦ୍ଧରେ ବା ଅବସ୍ଥା ଚକ୍ରରେ ଉତ୍ପୀଡ଼ିତ ମହିଳା, ଅପରାଧିନୀ, ଅବୈଧ କାର୍ଯ୍ୟରେ ଲିପ୍ତଥିବା ତଥା ସ୍ୱାମୀ ପରିତ୍ୟକ୍ତା ମହିଳା ଓ ସେମାନଙ୍କ ଉପରେ ନିର୍ଭର କରୁଥିବା ଶିଶୁମାନଙ୍କୁ ଉପଯୋଗିକ ତାଲିମ୍ ଦେଇ ସେମାନଙ୍କ

ଆତ୍ମ ନିର୍ଭରଶୀଳ କରି ପୁନଃ ପ୍ରତିଷ୍ଠିତ କରାଇବା ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ପରିବାରମାନଙ୍କର ଆବାସିକ ଯତ୍ନ ନେବା । ଏହି ତାଲିମ ସମୟ ୬ ମାସ ।

ସାଧାରଣତଃ ୧୮ ବର୍ଷରୁ ୫୦ ବର୍ଷ ମଧ୍ୟରେ ଆସୁଥିବା ସମ୍ବଳବିହୀନା ଅସହାୟ ମହିଳା ଯେଉଁମାନେ ଅଳ୍ପ ତାଲିମ୍‌ରେ ଆତ୍ମ ନିର୍ଭରଶୀଳ ତଥା ପୁନଃ ପ୍ରତିଷ୍ଠିତ ହୋଇପାରିବେ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଏ । ଥରକୁ ଅନ୍ୟୁନ ୨୦ଜଣ ମହିଳାଙ୍କୁ ନଆଯାଏ । ଏଥିପାଇଁ ୨ ବର୍ଷ ଅଭିଜ୍ଞତା ଥିବା ଯେ କୌଣସ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥା ଆର୍ଥିକ ସାହାଯ୍ୟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥାଏ ଏବଂ ଏହି ଅର୍ଥ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାରଙ୍କ ସୁପାରିଶ କ୍ରମେ ମିଳିଥାଏ ।

ଏତଦ୍‌ବ୍ୟତୀତ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା (I. R. D. A.), ଗ୍ରାମ୍ୟ ଦରିଦ୍ରଙ୍କ ବିକାଶ (I. R. D.), କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା (S. F. D. A.), ନାମମାତ୍ର କୃଷୀ ଓ କୃଷି ଶ୍ରମିକଙ୍କ ବିକାଶ ଯୋଜନା (M. F. A. L.) ଏବଂ ଗ୍ରାମ୍ୟ ଦରିଦ୍ରଙ୍କର ଆର୍ଥିକ ପୁନର୍ବସତି ଯୋଜନା (E· R· R. P) ଇତ୍ୟାଦିରେ କେତେକ କାର୍ଯ୍ୟସୂଚୀ ମଧ୍ୟ ଗ୍ରାମ୍ୟ ମହିଳାଙ୍କ ପାଇଁ ଉଲ୍ଲେଖନୀୟ ।

ଜିଲ୍ଲା ସାମାଜିକ ଶିକ୍ଷା ସଂଗଠିକା
କଲେକ୍‌ଟୋରେଟ୍, କଟକ

## ଦରିଦ୍ରତମ ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ

ପୁରୀ ଜିଲ୍ଲା ଓଡଗାଁ ବ୍ଲକ୍ ଅନ୍ତର୍ଗତ ପାଣିବନ୍ଧ ଓ ବାଲିଆଟଟରା ଗ୍ରାମର ୧୩ ଜଣ ଦରିଦ୍ରତମ ବ୍ୟକ୍ତିଙ୍କୁ ଇ. ଆର୍. ଆର୍. ପି. କାର୍ଯ୍ୟକ୍ରମ ଅନୁଯାୟୀ ଗତ ଡିସେମ୍ବର ୧୭ ତାରିଖ ଦିନ ପ୍ରାୟ ୨୪ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି ।

ରଣପୁର ବିଧାନସଭା ସଦସ୍ୟ ଶ୍ରୀ ରମାକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏହି ଆର୍ଥିକ ସାହାଯ୍ୟ ପ୍ରଦାନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଣ କହିଲେ ଯେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରବର୍ତ୍ତିତ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ଉନ୍ନତି ପାଇଁ ଗୁରୁତ୍ୱ ସହ ଧ୍ୟାନ ଦିଆଯାଇଛି । ନିଜ ଜୀବିକା ଉପାର୍ଜନରେ ଆର୍ଥିକ ଦୃଢ଼ତା ଆଣିବା ପାଇଁ ଆଜି ଯେଉଁ-ମାନଙ୍କୁ ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ଉପକରଣ ଖରିଦ କରିବା ବାବଦରେ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆ-ଯାଇଛି, ତାହା ଠିକ୍ ଭାବେ ବିନିଯୋଗ କରିବାକୁ ଶ୍ରୀ କରଣ ଉପକୃତ ବ୍ୟକ୍ତଙ୍କୁ ପରାମର୍ଶ ଦେଇଥିଲେ ।

ପୂର୍ବରୁ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ମଗରବନ୍ଧ ଡାକ୍ତରଖାନା ପରିଦର୍ଶନ କରି ଚିକିତ୍ସା ସଂପର୍କରେ ସମସ୍ତ ବିଷୟ ବୁଝିଥିଲେ ।

## ଦଶପଲ୍ଲା ବ୍ଲକ୍ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ବୈଠକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଣ ଗତ ଡିସେମ୍ବର ୧୮ ତାରିଖ ଦିନ ପୁରୀ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳ ରାସ୍ତା ଯୋଗାଯୋଗର ଉନ୍ନତି ଓ ଆଦିବାସୀ ବହୁଳ ଅଞ୍ଚଳରେ ବିଶେଷକରି ଶିକ୍ଷା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂପ୍ରସାରଣ ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା ।

୧୯୮୧-୮୨ ବର୍ଷରେ ଦଶପଲ୍ଲା ବ୍ଲକ୍ ପାଇଁ ମଞ୍ଜୁର ହୋଇଥିବା ୧୦୦ଟି କୂପ ଖନନ କାର୍ଯ୍ୟକ୍ରମ ମଧ୍ୟରୁ ୯୯ଟି ସଂପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହେଉଥିବା ସମୀକ୍ଷାରୁ ଜଣା ପଡିଥିଲା । ୧୯୮୨-୮୩ ବର୍ଷ ପାଇଁ ଏହି ବ୍ଲକ୍‌ରେ ୧୨୫ଟି କୂପ ଖନନ କାର୍ଯ୍ୟକ୍ରମ ରହିଛି ଏବଂ ଏ ମଧ୍ୟରୁ ଏକ ଚତୁର୍ଥାଂଶ ସଂପୂର୍ଣ୍ଣ ହୋଇଗଲଣି । ଅବଶିଷ୍ଟ ଯଥାଶୀଘ୍ର ସଂପୂର୍ଣ୍ଣ ହେବା ଉପରେ ଶ୍ରୀ କରଣ ଗୁରୁତ୍ୱ ଆରୋପ କରିଥିଲେ ।

# ସ୍ୱଚ୍ଛ ଗଢ଼ିବ ଲୋକଙ୍କ ସେବାରେ

ଶ୍ରୀ ରାଧାଗୋବିନ୍ଦ ମିଶ୍ର

ବାଲ୍ୟ କାଳରୁ ତ୍ରିନାଥଙ୍କ ମନରେ ଭାବନା କିପରି ସେ ମଣିଷ ହୋଇ ଛିଡ଼ା ହେବେ । ସେ ଓ ତାଙ୍କ ପରିବାର ପରିବର୍ତ୍ତିତ ଦୁନିଆ ବାଟରେ ଆଗକୁ ପାଦ କାଢ଼ିବେ । ପରିବାର ସହ ଚାଲି ଆସିଥାଆନ୍ତି ରାୟଗଡ଼ା ସହରକୁ । ଶିକ୍ଷା ପାଇବେ । ଉଚ୍ଚ ହେବେ । କେତେ କଣ କଳ୍ପନା । କିନ୍ତୁ ଦଇବ ସହିଲା ନାହିଁ । ବାପାଙ୍କର ମୃତ୍ୟୁ ପରେ ଆଉ ଗ୍ରାମକୁ ଫେରିବାର ପ୍ରଶ୍ନ ନାହିଁ । ପିତୃହରା ହୋଇ ଦୁଃଖରେ ଭାଙ୍ଗି ପଡ଼ିଲେ ତ୍ରିନାଥ ଏବଂ ତାଙ୍କ ପରିବାର । କିନ୍ତୁ ଧୈର୍ଯ୍ୟହରା ହୋଇ ନ ଥାନ୍ତି ତ୍ରିନାଥ ।

ଗୁଣପୁର ନିକଟ ଛୋଟ ଅଖ୍ୟାତ ପଲ୍ଲୀ "ରହୁନା ଗୁଡ଼ା" । ଗ୍ରାମରେ ପୈତୃକ ସଂପତ୍ତି ମାତ୍ର ୫ରୁ ୬ ଏକର ଜମି ଏବଂ ଘୁଙ୍କ ଛପର ଘରଟିଏ । ମନରେ ଗଭୀର ଚିନ୍ତା, କିପରି ଚଳିବେ ସେମାନେ— ଗଢ଼ି ତୋଳିବେ ନିଜକୁ ପ୍ରତିଷ୍ଠିତ କରି । ଡିଗ୍ରୀ ପ୍ରାପ୍ତ ବଡ଼ ଭାଇ ପରି ଶହ ଶହ ଯୁବକ ଘୁରି ବୁଲୁଛନ୍ତି ଚାକିରି ଟିଏ ଯୋଗାଡ଼ କରିବା ପାଇଁ । ହତାଶ ହୋଇଯାଆନ୍ତି ତ୍ରିନାଥ ।

ଏ ନୁହନ୍ତି ତ୍ରିନାଥ ଠାକୁର- ଯାହାଙ୍କୁ ଆମେ ପୂଜା କରୁ । ଏହି ଠାକୁରଙ୍କ ଚଳ ନୁହଁ ଯିଏ ଶ୍ରୀ ମନ୍ଦିରରେ ପୂଜା ପାଆନ୍ତି—ଚତୁର୍ଦ୍ଧାମୂର୍ତ୍ତି ରୂପେ ।

ଏ ହେଉଛନ୍ତି ସତେଇଶ ବର୍ଷର ହୃଷ୍ଟ ପୁଷ୍ଟ ଯୁବକ ତ୍ରିନାଥ ସେନାପତି । ଶିକ୍ଷାଗତ ଯୋଗ୍ୟତା, ମାତ୍ର କଲେଜରେ ବର୍ଷେ ଅଧେ ପାଦ ଦେଇ ଫେରିଛନ୍ତି, ମନରେ ବିତୃଷ୍ଣା ଭାବ—ଅଧିକ ଶିକ୍ଷା ବା ଡ଼ିଗ୍ରୀଟିଏ ହାସଲ କରିବା ପାଇଁ । ବଡ଼ ଭାଇ ଗୋପିନାଥ ବି. କମ୍. ପାସ କରି ଘରେ ବସିଛନ୍ତି ବେକାର ହୋଇ । ଚାକିରି ଖୋଜିବା ପାଇଁ ଦୌଡ଼ିବା ପରିବର୍ତ୍ତେ ସ୍ୱାଧୀନ ଭାବେ କିଛି ଗୋଟିଏ ଧନ୍ଦା କରିବାକୁ ପ୍ରବଳ ଇଚ୍ଛା ।

ବାପ ମାଆଙ୍କ ଇଚ୍ଛା ଥିଲା ପୁଅମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ଯୋଗ୍ୟ କରିବେ, ଚାକିରି ପାଇବେ, କିନ୍ତୁ ଦଇବ ସହିଲା ନାହିଁ । ଅକାଳରେ ବାପା ଚାଲି ଗଲେ ଆଉ ଫେରିଲେ । ମା' ହିଁ ଘରର ମୁରବି । ପିତାଙ୍କ ମୃତ୍ୟୁ ପରେ ପୁଅମାନଙ୍କୁ ମଣିଷ କରିବା ପାଇଁ ଚିନ୍ତା କରି ମା ଭାଙ୍ଗି ପଡ଼ିଛନ୍ତି ।

ତାପରେ ଆସେ ଲୋକପ୍ରିୟ ସରକାରଙ୍କ ବେକାର ଯୁବକମାନଙ୍କ ପାଇଁ ଧନ୍ଦାମୂଳକ ସାହାଯ୍ୟ । ଆର୍ଥିକ ଓ ବୈଷୟିକ— ସମସ୍ତ ପ୍ରକାର ସହାନୁଭୂତି । ଛୋଟ ଶିଳ୍ପଠୁ ଆରମ୍ଭ କରି ବଡ଼ ଶିଳ୍ପ ପର୍ଯ୍ୟନ୍ତ ।

ଏହି ସୁଯୋଗକୁ ଛାଡ଼ିବାର ନୁହେଁ । ଉତ୍ସାହିତ ହୋଇ ଆଗେଇ ଆସିଲେ ତ୍ରିନାଥ ସେନାପତି । କିଛି ଗୋଟାଏ ଶିଳ୍ପ ଗଢ଼ିବେ । ବେକାର କୁଶଳୀ କାରିଗର କେତେ ଜଣଙ୍କୁ ବି କାମ ମିଳି ପାରିବ । ଏହି ଭରସା ନେଇ ଦଉଡ଼ି ଗଲେ କର୍ମ କର୍ତ୍ତା ମାନଙ୍କ ନିକଟକୁ ପରାମର୍ଶ ପାଇଁ । ଆଶ୍ୱାସନା ବାଣୀ ଶୁଣି ଆହୁରି ଉତ୍ସାହ ବଢ଼ିଲା ତ୍ରିନାଥଙ୍କର ।

ଫଳ ସ୍ୱରୂପ ଗଢ଼ି ଉଠିଲା ରାୟଗଡ଼ାରେ "ସୁଦର୍ଶନ କାଷ୍ଠ ଶିଳ୍ପ" । ଆଧୁନିକ ଯନ୍ତ୍ରପାତି ପରିଚାଳିତ କାରଖାନାଟି । ପୈତୃକ ସଂପତ୍ତି ଯାହାବି ଥିଲା, ତାହା ସବୁ ବିକ୍ରି କରି ନିଜର ମୂଳ ଅଂଶ ଟ ୫୦,୦୦୦ଙ୍କା ଖଟାଇଲେ ଏହି ଶିଳ୍ପରେ । ଓଡ଼ିଶା ରାଜ୍ୟ ଅର୍ଥ ନିଗମଠାରୁ ଯନ୍ତ୍ରପାତି ଖରିଦ ଓ ଗୃହ ନିର୍ମାଣ ପାଇଁ ପାଇଗଲେ ଟ ୧,୧୦,୧୦୦ ସାହାଯ୍ୟ ଏବଂ କାର୍ଯ୍ୟକାରୀ ମୂଳଧନ ସ୍ୱରୂପ ଟ ୨୫,୦୦୦ଙ୍କା ଭାରତୀୟ ଷ୍ଟେଟ ବ୍ୟାଙ୍କ ଯୋଗାଉ ଦେଲେ । ସର୍ବ ମୋଟ ଟ ୧,୮୫,୧୦୦ଙ୍କା ବିନିଯୋଗରେ ଗଢ଼ି ଉଠିଛି ଆଧୁନିକ କାଷ୍ଠ ଶିଳ୍ପଟି । ବର୍ତ୍ତମାନ ସୁଦ୍ଧା ୧୫ ଜଣ କାରିଗର ନଯୁକ୍ତି ପାଇଛନ୍ତି । ଭବିଷ୍ୟତରେ ମୋଟ ୧୦୦ ଜଣ କାରିଗର ଆବଶ୍ୟକ ପଡ଼ିବେ । ପରୀକ୍ଷାମୂଳକ ଭାବେ ଗତ ଅକ୍ଟୋବର ୮୧ ମସିହାଠାରୁ କରାଯାଇଛି କାର୍ଯ୍ୟାରମ୍ଭ । ସମସ୍ତ କାମ ନଜରେ ତ୍ରିନାଥ ତଦାରଖ କରନ୍ତି । ଟିକିଏମାତ୍ର ତ୍ରୁଟିରେ ଜିନିଷଟିକୁ ନଷ୍ଟ କରି ଦିଅନ୍ତି ଏବଂ କହନ୍ତି ମୋ ଶିଳ୍ପର ମାନ କ୍ଷୁର୍ଣ୍ଣ ହେବା ସଂଗେ ସଂଗେ ଓଡ଼ିଆ କାରିଗରର ମାନ ମଧ୍ୟ କ୍ଷୁର୍ଣ୍ଣ ହେବ । ଗତ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ଟ ୭୦,୦୦୦ଙ୍କାର ବ୍ୟବସାୟ ହାତକୁ ନେଇ ସରକାରୀ ଅନୁଷ୍ଠାନମାନଙ୍କୁ ଆସବାବ ଯୋଗାଇ ଦିଆଯାଇଛି । ବର୍ତ୍ତମାନ ଟ ୯୦,୦୦୦ଙ୍କାର ଆସବାବ ଯୋଗାଇ ଦେବା ପାଇଁ ଆଦେଶ ପାଇଛନ୍ତି ।

ନିଯୁକ୍ତି ପାଇଥିବା କାରୀଗର ଓ ମାଲିକ ସଂପର୍କ ଏତେ ନିବିଡ଼ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଯେ କୌଣସି ଅପରିଚିତ ବ୍ୟକ୍ତି କହିବେ ବୋଧହୁଏ ଶିଳ୍ପଟି ସମସ୍ତଙ୍କର ।

ଏହି ଶିବିରର କାର୍ଯ୍ୟକାରିତା ଦେଖି ବହୁ ଭାଇ ଯୋଗଦେଇଥିବି ଆଗ୍ରହ ଆସିଛନ୍ତି "ବଟି ବିଲଡ଼ିଂ" ଶିବିରଟିଏ ଆରମ୍ଭ କରିବା ପାଇଁ । ଶିବିରଟି ସୁପାୟିତ ହେଉ । ସରକାରଙ୍କ ଏହି ମଙ୍ଗଳମୟ ଆହ୍ୱାନରେ ଅଧିକନ୍ତୁ ଅଧିକ ବେକାର ତଥା ଶିକ୍ଷିତ ଯୁବକ ଆଗେଇ ଆସି ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାରେ ସାହାଯ୍ୟ କରିବା ସଂଗେ ସଂଗେ ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ସହ ସମକକ୍ଷ କରିବାରେ ବ୍ରତୀ ହୁଅନ୍ତୁ ।

ଅନୁବିଭାଗୀୟ ସୂଚନା ଓ
ଲୋକ ସଂପର୍କ ଅଧିକାରୀ,
ରାୟଗଡ଼ା ।

## 'ହୁଡ଼୍‌କୋ' ସହାୟତାରେ ଚନ୍ଦ୍ରଶେଖରପୁରଠାରେ ୬୦୪୦ଟି ବାସଗୃହ ନିର୍ମାଣ ଯୋଜନା

### ନବବର୍ଷରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ଶିଳାନ୍ୟାସ କଲେ

ନବବର୍ଷ ଉପଲକ୍ଷେ ଭୁବନେଶ୍ୱରଠାରୁ ଅନତି ଦୂରରେ ଚନ୍ଦ୍ରଶେଖରପୁରଠାରେ ନିର୍ମିତ ହେବାକୁ ଯାଉଥିବା ରାଜ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଗୃହ ନିର୍ମାଣ ଯୋଜନାର ଶିଳାନ୍ୟାସ କରାଯାଇଛି । ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଜାନୁୟାରୀ ୧ ତାରିଖ ପୂର୍ବାହ୍ନରେ ତ୍ରିତଳ ବିଶିଷ୍ଟ ଏହି ଗୃହ ନିର୍ମାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ଏକ ଜନ ସମାବେଶରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ଲୋକମାନଙ୍କୁ, ବିଶେଷତଃ ସମାଜର ଦୁର୍ବଳଶ୍ରେଣୀ ଲୋକମାନଙ୍କୁ ଅନ୍ନ ଓ ବାସଗୃହ ଯୋଗାଇବା ସରକାରଙ୍କ ମୌଳିକ କର୍ତ୍ତବ୍ୟ ଏବଂ ଏହିସବୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ସରକାର ଉଦ୍ୟମ କରିଆସୁଛନ୍ତି । ପ୍ରଧାନ ମନ୍ତ୍ରୀଙ୍କ ନୂତନ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମରେ ବାସଗୃହ ଯୋଗାଣ ଅନ୍ୟତମ କାର୍ଯ୍ୟକ୍ରମ ରୂପେ ସ୍ଥାନ ପାଇଥିବା ଯୋଗୁ ଗୃହ ନିର୍ମାଣ ବିଭାଗ ତରଫରୁ ବାସହୀନମାନଙ୍କୁ ଗୃହ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଭୁବନେଶ୍ୱର ପରି ଜନବହୁଳ ସହରର ଲୋକସଂଖ୍ୟା କ୍ରମଶଃ ବୃଦ୍ଧି ପାଇ ୧୯୯୧ ମସିହା ସୁଦ୍ଧା ୮ ଲକ୍ଷ ପର୍ଯ୍ୟନ୍ତ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରି ଶ୍ରୀ ବିଶ୍ୱାଳ କହିଲେ ଯେ ଏତଦ୍ୱାରା ବସ୍ତି ଅଞ୍ଚଳ ଗଢ଼ି ଉଠିବା ସଙ୍ଗେ ସଙ୍ଗେ ବାସଗୃହ ସମସ୍ୟା କ୍ରମଶଃ ଜଟିଳ ହୋଇପଡ଼ିବ । ସେ ଦୃଷ୍ଟିରୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଏହି ବିରାଟ ଗୃହ ନିର୍ମାଣ ପ୍ରକଳ୍ପ ସେ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ । ଅତୀତରେ ଭୁବନେଶ୍ୱର ସହରର ଉନ୍ନୟନ ତଥା ସମୃଦ୍ଧି ଦିଗରେ ଦୃଷ୍ଟି ଦିଆଯାଇନଥିବା ପରିତାପର ବିଷୟ ବୋଲି ସେ ସୂଚନା ଦେଇ କହିଲେ ଯେ ଏଥିପାଇଁ ବିଭିନ୍ନ ସୂତ୍ରରୁ ଆର୍ଥିକ ସାହାଯ୍ୟ ସଂଗ୍ରହ କରାଯାଇ ନଥିଲା । ଏହି ଗୃହ ନିର୍ମାଣ ପ୍ରକଳ୍ପ ପାଇଁ 'ହୁଡ଼୍‌କୋ' କର୍ତ୍ତୃପକ୍ଷ ୪ କୋଟି ୧୭ ଲକ୍ଷ ୮୫ ହଜାର ଟଙ୍କା ଋଣ ମଞ୍ଜୁର କରିଥିବାରୁ ଶ୍ରୀ ବିଶ୍ୱାଳ କୃତଜ୍ଞତା ଜ୍ଞାପନ କରି କହିଲେ ଯେ ଅନ୍ୟ କୌଣସି ରାଜ୍ୟକୁ ଏହି ସଂସ୍ଥା ଏତେ ପରିମାଣର ଆର୍ଥିକ ସାହାଯ୍ୟ ଦେଇନାହାନ୍ତି ।

ପୂର୍ବରୁ 'ହୁଡ଼୍‌କୋ'ର ଗୃହ ନିର୍ମାଣ ପ୍ରକଳ୍ପ ମୁଖ୍ୟ ଶ୍ରୀ ଯାଦବ ଭାଷଣ ପ୍ରସଙ୍ଗରେ କହିଲେ ଯେ ଚନ୍ଦ୍ରଶେଖରପୁର ଯୋଜନା ସଂପୂର୍ଣ୍ଣ ହେଲେ ଏହା ଏକ ସହର ରୂପେ ଗଢ଼ିଉଠିବ । ଓଡ଼ିଶାର ସହର ଓ ଗ୍ରାମାଞ୍ଚଳରେ 'ହୁଡ଼୍‌କୋ'ର ଆର୍ଥିକ ସହାୟତାରେ ନିର୍ମିତ ହୋଇଥିବା ଏବଂ ନିର୍ମାଣାଧୀନ ଥିବା ବାସଗୃହଗୁଡ଼ିକପାଇଁ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୭ କୋଟି ଟଙ୍କା ଦିଆଯାଇଛି । ନିକଟ ଭବିଷ୍ୟତରେ ବହୁ ସଂଖ୍ୟାରେ ଗୃହ ନିର୍ମିତ ହେଲେ ହୁଡ଼୍‌କୋ ତରଫରୁ ଯଥେଷ୍ଟ ଋଣ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ ।

ସେହି ପ୍ରକୃତ ଭାରତୀୟ, ଯେ ତା'ର ଦେଶକୁ ବିଭିନ୍ନ ଧର୍ମ ସଂପ୍ରଦାୟର ଏକ ଉଦାର ସମନ୍ୱୟ ଭୂମି ବୋଲି ଗର୍ବ କରେ । ଧର୍ମ ସମ୍ପର୍କରେ ଯାହା ସତ୍ୟ, ଭାଷା ଓ ବିଭିନ୍ନ ଭାଷାଭାଷୀ ସଂପ୍ରଦାୟମାନଙ୍କ କ୍ଷେତ୍ରରେ ତାହା ମଧ୍ୟ ସତ୍ୟ ।

ଜାନକୀ ବଲ୍ଲଭ ପଟ୍ଟନାୟକ

## ଚାକିରି ଅନ୍ୱେଷଣକାରୀମାନଙ୍କୁ ଆତ୍ମନିଯୁକ୍ତି ପାଇଁ ପ୍ରବର୍ତ୍ତାଇବ

### କର୍ମଯୋଗାଣ ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଜ୍ୟ କର୍ମ ଯୋଗାଣ ଅଫିସରମାନଙ୍କ ଆତ୍ମ ନିଯୁକ୍ତି ଅଭିବୃଦ୍ଧି ସଂପର୍କରେ ଏକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ଓ କର୍ମ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଗତ ଜାନୁୟାରୀ ୬ରେ ଉଦ୍‌ଘାଟନ କରିଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମଟି ରାଜ୍ୟ କର୍ମ ଯୋଗାଣ ନିର୍ଦ୍ଦେଶାଳୟଙ୍କ ସହାୟତାରେ କେନ୍ଦ୍ର ସରକାରଙ୍କ କର୍ମ ଯୋଗାଣ ସେବା ସଂସ୍ଥାର ଗବେଷଣା ଓ ତାଲିମ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ହୋଇଛି ।

ଏହି ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଦେଶରେ ବେକାର ସଂଖ୍ୟା ବୃଦ୍ଧି ଫଳରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଆତ୍ମ ନିଯୁକ୍ତି ଦ୍ୱାରା ହିଁ ତାହାର ଭାରସାମ୍ୟ ରକ୍ଷା କରାଯାଇ ପାରିବ । କର୍ମ ଯୋଗାଣ କର୍ମଚାରୀମାନଙ୍କର ଚାକିରି ଅନ୍ୱେଷଣରେ ଥିବା ବ୍ୟକ୍ତିମାନଙ୍କ ସଙ୍ଗେ ସିଧାସଳଖ ସଂପର୍କ ଥିବାରୁ ସେମାନଙ୍କୁ ଏ ସଂପର୍କରେ ତାଲିମ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଶ୍ରୀ ପଟ୍ଟନାୟକ ସ୍ୱାଗତ କରିଥିଲେ । ଚାକିରି ଅନ୍ୱେଷଣରେ ଆସୁଥିବା ଯୁବକମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ ପ୍ରବର୍ତ୍ତାଇବା ତଥା ସେ ସଂପର୍କରେ ପରାମର୍ଶ ଦେବାକୁ ଶ୍ରୀ ପଟ୍ଟନାୟକ କର୍ମ ଯୋଗାଣ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । ସେ କହିଲେ ଯେ ଏହାଦ୍ୱାରା ସେମାନଙ୍କର ଜୀବିକା ନିର୍ବାହ ନିମନ୍ତେ ଆତ୍ମ ନିଯୁକ୍ତି ପାଇଁ ଆଗ୍ରହ ସୃଷ୍ଟି ହୋଇପାରିବ । ସଂଗଠିତ କ୍ଷେତ୍ରରେ ଚାକିରି ସଂଖ୍ୟା ବିଶେଷ ସୀମିତ ଏବଂ ପ୍ରତି ୮ ଜଣଙ୍କ ମଧ୍ୟରୁ କେବଳ ଜଣେ ମାତ୍ର ଏପରି ନିଯୁକ୍ତି ପାଇପାରିଥାନ୍ତି । ତେଣୁ, ଅବଶିଷ୍ଟ ୭ ଜଣଙ୍କୁ ଆତ୍ମ ନିଯୁକ୍ତ ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଅଫିସରମାନେ ତାଲିମ ପାଇବା ପରେ ସେମାନଙ୍କ ନୂତନ ଭାବଧାରା ଏ ଦିଗରେ ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ପୂର୍ବରୁ କର୍ମ ଯୋଗାଣ ନିର୍ଦ୍ଦେଶକ ଶ୍ରୀ ଫକୀର ଚରଣ ପାଣିଗ୍ରାହୀ ସ୍ୱାଗତ ଭାଷଣରେ ତାଲିମକାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଆତ୍ମ ନିଯୁକ୍ତି କ୍ଷେତ୍ରରେ କର୍ମ ଯୋଗାଣ ଅଫିସରମାନଙ୍କୁ ଏହି ତାଲିମ ବିଶେଷ ସହାୟକ ହେବ ବୋଲି କହିଥିଲେ ।

## କଟକ ସହରର ସଂପ୍ରସାରଣ ଏକ ଜରୁରୀ ଆବଶ୍ୟକତା

### ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ମତ ପ୍ରକାଶ

କ୍ରମବର୍ଦ୍ଧମାନ ଲୋକସଂଖ୍ୟା ଏବଂ ସେମାନଙ୍କର ବସବାସ ପାଇଁ ସୁବିଧା ସୁଯୋଗର ଅଭାବ ଦୃଷ୍ଟିରୁ କଟକ ସହରର ସଂପ୍ରସାରଣ ଏକ ଜରୁରୀ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି ।

ଜାନୁୟାରୀ ୬ ତାରିଖ ସନ୍ଧ୍ୟାରେ ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶାର ସୁପ୍ରାଚୀନ ତଥା ମୁଖ୍ୟ ସହର କଟକର ସଂପ୍ରସାରଣ ଦିଗରେ କିଭଳି ପଦକ୍ଷେପ ନିଆଯାଇପାରେ, ସେ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କଟକ ସହରର ସ୍ଥିତି ଅଛି, କିନ୍ତୁ ବିସ୍ତୃତି ନାହିଁ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଐତିହାସିକ କଟକ ସହରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏଥିପାଇଁ କଟକ ସହର ଉପକଣ୍ଠବର୍ତ୍ତୀ ବିଡ଼ାନାସୀ ଅଞ୍ଚଳରେ ନଦୀ ଉପରେ ଆଡ଼ିବନ୍ଧ ନିର୍ମାଣ କରି କଟକ ସହରର ସଂପ୍ରସାର କରାଯାଇପାରେ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ଏ ସଂପର୍କରେ ଏକ ବିସ୍ତୃତ ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାଞ୍ଚଳ ରେଭିନ୍ୟୁ ଡ଼ିଭିଜନାଲ୍ କମିଶନରଙ୍କ ଉପରେ ଦାୟିତ୍ୱ ଦେଇଥିଲେ ।

କଟକ ସହରର ସଂପ୍ରସାରଣ ପାଇଁ ବୃହତ୍ତର କଟକ ଉନ୍ନୟନ ଟ୍ରଷ୍ଟ, କେନ୍ଦ୍ରାଞ୍ଚଳ ଆର. ଡ଼ି. ସି ଏବଂ ରାଜ୍ୟ ସରକାରଙ୍କ ଟାଉନ୍‌ପ୍ଲାନର ମିଳିତ ଭାବରେ ଏକ ଯୋଜନା ଓ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ ବୋଲି ବୈଠକରେ ସୁପାରିଶ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିମଳ କିଶୋର ମିଶ୍ର ଏବଂ କଟକ ଜିଲ୍ଲାସ୍ତରୀୟ ପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ ।





# ୯୮୩ ଗଣରାଜ୍ୟ
# ିବସରେ...





1983
REPUBLIC DAY












← All India Physicians

← କଟକରେ ନିଖିଳ ଭାରତୀୟ ଚିକିତ୍ସକ ସମ୍ମିଳନୀ




RISM
THE PATHASALA AT DHABALESWAR WILL BE CONSTRUCTED OVER TWO AC


KRISHI VIGYAN KENDRA
INAUGURATED BY
SRI C.M.POONACHA
GOVERNOR OF ORISSA






ବାସୁଦେବ ହାଇସ୍କୁଲ ଶତବାର୍ଷିକୀ




ଋଣ ମେଳା-CREDIT MEL
IRD






MOTEL
SRI JUGAL KISHORE

# ଶହୀଦ ମଧୁସିଂହ

ଡକ୍ଟର ନବୀନ କୁମାର ସାହୁ

ସମ୍ବଲପୁର ରାଜ୍ୟରେ ଚୌହାଣ ରାଜବଂଶର ଶାସନ ସାମନ୍ତବାଦ ଭିତ୍ତିରେ ପ୍ରତିଷ୍ଠିତ ହୋଇଥିଲା । ଅଧସ୍ତନ କରଦ ସାମନ୍ତମାନଙ୍କୁ ଜମିଦାର କୁହାଯାଉଥିଲା । ସେମାନଙ୍କ ମଧ୍ୟରେ କେତେକେ ଚୌହାଣ କୁଳୋଦ୍ଭବ ଥିଲେହେଁ ଅଧିକାଂଶ ଥିଲେ ଆଦିବାସୀ ଗଣ୍ଡ ଜାତିର ଏବଂ ଅଳ୍ପ ସଂଖ୍ୟକ ଆଦିବାସୀ ବିଂଝାଲ ଜାତିର ଅନ୍ତର୍ଭୁକ୍ତ ଥିଲେ । ବରପାଲି, ରାଜପୁର ଏବଂ ଝାରସୁଗୁଡ଼ାର ଜମିଦାରମାନେ ଚୌହାଣ ବଂଶୀୟ ଥିଲେ । ଗଣ୍ଡ ଜମିଦାରଙ୍କ ସଂଖ୍ୟା ସର୍ବାଧିକ ଥିଲା ଏବଂ ସେମାନେ ଭେଡେନ୍, ପାଟକୁଲୁଣ୍ଡା, ପାହାଡ଼ସିରଗିଡା, କୋଡ଼ାବଗା, ମଚିଦା, ଲଇଡ଼ା, କୋଲାବିରା, ଲଖନପୁର, ଲୋଇସିଂହା ଆଦି ଜମିଦାରୀ ଭୋଗଦଖଲ କରୁଥିଲେ । ଜମିଦାରମାନଙ୍କ ମଧ୍ୟରେ କେବଳ ଦୁଇଜଣ ମାତ୍ର ବିଂଝାଲ ଜାତିର ଅନ୍ତର୍ଗତ ଥିବା ଜଣାଯାଏ । ସେ ଦୁଇଟି ବିଂଝାଲ ଜମିଦାରୀ ହେଉଛି ବୋଡ଼ାସମ୍ବର ଓ ଘେଁସ । ସମ୍ବଲପୁରଠାରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବାପରେ ଗଣ୍ଡ ଓ ବିଂଝାଲ ଜମିଦାରମାନେ ସେହି ନୂତନ ଶାସକଙ୍କୁ ସ୍ୱୀକାର କରିବା ପାଇଁ ଆଦୌ ପ୍ରସ୍ତୁତ ହୋଇପାରିଲେ ନାହିଁ ଏବଂ ସେମାନେ ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହର ସଂକେତ ପ୍ରକାଶ୍ୟରେ ଜଣାଇ ଦେଇଥିଲେ । ବିଦ୍ରୋହୀ ଜମିଦାରମାନଙ୍କ ମଧ୍ୟରେ ଅତି ଶକ୍ତିଶାଳୀ ଓ ସାହସୀ ଥିଲେ ଘେଁସର ବିଂଝାଲ ଜମିଦାର ମଧୁସିଂହ । ତାଙ୍କର ଦେଶପ୍ରେମ ଅଦମନୀୟ ଥିଲା ।

ଚୌହାଣ ରାଜାମାନେ ଅତୀତରେ ଜମିଦାରମାନଙ୍କର ଶକ୍ତି ଓ ସାମର୍ଥ୍ୟ ଉପରେ ନିର୍ଭର କରି ସୁଦୃଢ଼ ଶାସନ ପ୍ରତିଷ୍ଠା କରିପାରିଥିଲେ । ଜମିଦାରଗଣ ରାଜାଙ୍କର ବିଶେଷ ସମର୍ଥକ, ବିଶ୍ୱସ୍ତ ଓ ଅନୁଗତ ଥିଲେ ଏବଂ ଉଭୟ ପକ୍ଷ ମଧ୍ୟରେ ପାରଂପରିକ ସଦ୍ଭାବ ଓ ସୁସଂପର୍କ ବହୁକାଳରୁ ପ୍ରତିଷ୍ଠିତ ହୋଇଥିଲା । ଚୌହାଣ ରାଜତ୍ୱର ଗଣ୍ଡଲ୍ୟକର ଅବସାନ ପରେ ନୂତନ ସାମ୍ରାଜ୍ୟବାଦୀ ଶାସନ ନୀତି ପ୍ରତି ଜମିଦାର ଗଣ ବିରୋଧୀ ହୋଇ ଉଠିଥିବା ଅତି ସ୍ୱାଭାବିକ । ଇଂରେଜ ଶାସକମାନେ ରାଜ୍ୟ ଅଧିକାର କରିବା ପରେ ସେହି ପରଂପରାଗତ ସଦ୍ଭାବ ଓ ସଦିଚ୍ଛାର ଗୁରୁତ୍ୱ ଆଦୌ ଉପଲବ୍ଧି କରି ପାରିନଥିଲେ ଏବଂ ରାଜତ୍ୱର ଅବକାଶ ମଧ୍ୟରେ ଜମିଦାରମାନଙ୍କୁ ନିର୍ଦ୍ଦୟ ଭାବରେ ଶୋଷଣ କରିବା ପାଇଁ ଶାସନ ବ୍ୟବସ୍ଥା କରିଥିଲେ । ସେମାନଙ୍କର ରାଜସ୍ୱ ପୂର୍ବାପେକ୍ଷା ବହୁଗୁଣରେ ପରିବର୍ଦ୍ଧିତ ହୋଇଥିଲା ଏବଂ ସେମାନଙ୍କ ପ୍ରତି ବିଜିତ ଶତ୍ରୁରୂପେ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ଘେଁସ ଜମିଦାର ମଧୁସିଂହଙ୍କ ମାଲଗୁଜାରୀ ଦେୟ ୧୫୦ ଟଙ୍କାରୁ ହଠାତ୍ ୩୫୬ ଟଙ୍କା ଯାଏ ବଢ଼ାଇ ଦିଆଯାଇଥିଲା ଏବଂ ଅନ୍ୟ ଜମିଦାରମାନଙ୍କର ମାଲଗୁଜାରୀ ସେହି ଅନୁପାତରେ ବୃଦ୍ଧି ପାଇଥିଲା । ରାଜନୈତିକ ଆଘାତ ସହିତ ଆର୍ଥିକ ଉତ୍ପୀଡ଼ନ ଏବଂ ଦୁର୍ବ୍ୟବହାର ଦ୍ୱାରା ଜମିଦାର ଶ୍ରେଣୀ ଅତିଶୟ ବିବ୍ରତ ଓ ଉତ୍କ୍ଷିପ୍ତ ହୋଇଥିଲେ । ସେମାନେ ନବାଗତ ଅତ୍ୟାଚାରୀ ଶାସକଙ୍କଠାରୁ କୌଣସି ପ୍ରକାର ନ୍ୟାୟବିଚାର ବା ସହାନୁଭୂତି ଲାଭ କରିବା ଆଶା ତ୍ୟାଗ କରିଥିଲେ ଏବଂ ସରକାର ବିରୁଦ୍ଧରେ ବିଦ୍ରୋହାଗ୍ନି ଜାଳିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ ।

ଜମିଦାର, ଗୌନ୍ତିଆ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ତଥା ଆସକ୍ତ ଥିବା ହଜାର ହଜାର ଜନସାଧାରଣଙ୍କ ମଧ୍ୟରେ ଏତାଦୃଶ ନୈରାଶ୍ୟ ଏବଂ କ୍ରୁଦ୍ଧ ମନୋଭାବ ପ୍ରସାର ଲାଭ କରୁଥିବାବେଳେ ୧୮୫୭ ସାଲ ସେପ୍ଟେମ୍ବର ମାସରେ ସୁରେନ୍ଦ୍ରସାଏ ଏବଂ ଭାଇ ଉଦ୍ଦନ୍ତ ସାଏ ବିଦ୍ରୋହୀ ସିପାହୀମାନଙ୍କ ଦ୍ୱାରା ହଜାରୀବାଗ ଜେଲରୁ ମୁକ୍ତ ହୋଇ ସମ୍ବଲପୁରରେ ପହଞ୍ଚିଥିଲେ । ସେମାନଙ୍କର ସମ୍ବଲପୁର ଆଗମନ ସଂବାଦ ବିଦ୍ୟୁତ୍ ବେଗରେ ପ୍ରସାରିତ ହେଲା ଏବଂ ଜନସାଧାରଣଙ୍କ ଗଭୀର ଆଶା ସଂଚରିତ ହେବା ସଙ୍ଗେ ସେମାନଙ୍କର ବୈପ୍ଳବିକ ମନୋଭାବ ପ୍ରଜ୍ୱଳିତ ହୋଇ ଉଠିଥିଲା । ସେପର୍ଯ୍ୟନ୍ତ ନେତୃତ୍ୱ ଲାଭରୁ ବଞ୍ଚିତ ଥିବା ବିଦ୍ରୋହୀ ଜନତା ସୁରେନ୍ଦ୍ରସାଏଙ୍କ ବ୍ୟକ୍ତିତ୍ୱ ଦ୍ୱାରା ଉତ୍ସାହିତ ହୋଇ ତାଙ୍କୁ ଅକୁଣ୍ଠ ସମର୍ଥନ ଜଣାଇବା ପାଇଁ ଆଗେଇ ଆସିଥିଲେ ।

ବହୁ କ୍ଷୁବ୍ଧ ଜମିଦାର ସମ୍ବଲପୁରକୁ ଆସି ସୁରେନ୍ଦ୍ର ସାଏଙ୍କୁ ଭେଟିଥିଲେ । ମଧୁ ସିଂହ ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିବା ହେତୁ ନିଜେ ଆସି ନ ପାରି ନିଜର ଦୁଇଜଣ ପୁତ୍ର ହାତୀ ସିଂହ ଓ କୁଞ୍ଜେଲ ସିଂହଙ୍କୁ ସମ୍ବଲପୁର ପ୍ରେରଣ କରି ତାଙ୍କ ପ୍ରତି ଅଭିନନ୍ଦନ ଜ୍ଞାପନ କରିଥିଲେ । ସମ୍ବଲପୁରର ସିନିଅର ଆସିଷ୍ଟାଣ୍ଟ କମିଶନର କେପ୍ଟେନ୍ ଲି (Captain Leigh) ଯେତେବେଳେ ସୁରେନ୍ଦ୍ର ସାଏଙ୍କୁ ଡକାଇ ପଠାଇଲେ ସୁରେନ୍ଦ୍ର ତାଙ୍କ ପାଖକୁ ଏକାକୀ ନ ଯାଇ ବହୁ ଜମିଦାରଙ୍କୁ ସଙ୍ଗରେ ନେଇ ସାକ୍ଷାତ୍ କରିଥିଲେ । ଏଠାରେ ଉଲ୍ଲେଖନୀୟ

ଏହି ଯେ ସୁରେନ୍ଦ୍ର ସାଏ ସେ ପର୍ଯ୍ୟନ୍ତ ସମ୍ବଲପୁର ରାଜଗାଦୀ ପ୍ରାପ୍ତି ବିଷୟ କେବେ ଚିନ୍ତାକରି ନ ଥିଲେ ଏବଂ ବିଦ୍ରୋହୀ ତଥା ଅନୁରକ୍ତ ଜମିଦାରଗଣଙ୍କ ପ୍ରବଳ ଚାପ ଫଳରେ ସେ ପ୍ରଥମ ହୋଇ କେପ୍‌ଟେନ୍ ଲିଙ୍କ ସମ୍ମୁଖରେ ସମ୍ବଲପୁର ଗାଦୀ ପାଇଁ ତାଙ୍କର ଦାବୀ ଉତ୍ଥାପନ କଲେ । କେପ୍‌ଟେନ୍ ଲି ସେହି ଦାବୀ ପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କଲେ । ମାତ୍ର ତେଣେ ଆତଙ୍କିତ ହୋଇ ବହୁ ସୈନ୍ୟ ଓ ଗୋଳାବାରୁଦ ସଂଗ୍ରହ କରିବା ପାଇଁ କଟକ ଓ ନାଗପୁରକୁ ଜରୁରୀ ଆବେଦନ ପ୍ରେରଣ କରିଥିଲେ । ଉଭୟପକ୍ଷ ଭଲରୂପେ ବୁଝିନେଲେ ଯେ ଆପୋଷ ସମାଧାନର ଦ୍ୱାର ରୁଦ୍ଧ ହୋଇ ସାରିଅଛି । ପରିଶେଷରେ ମଧୁସିଂହଙ୍କ ନିର୍ଦ୍ଦେଶରେ ବିଦ୍ରୋହୀମାନେ ୧୮୫୭ ସାଲ ଅକ୍‌ଟୋବର ୩୦ ତାରିଖ ରାତ୍ରିରେ ସୁରେନ୍ଦ୍ର ସାଏଙ୍କୁ ଗୋପନରେ ନେଇ ସମ୍ବଲପୁରରୁ ପଳାୟନ କରିଥିଲେ । ତାହା ପରେ ପରେ ଯୁଦ୍ଧ ଆରମ୍ଭ ହୋଇଥିଲା ।

୧୮୫୭ ସାଲର ଶୀତକାଳୀନ ଯୁଦ୍ଧରେ ମଧୁ ସିଂହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସମ୍ବଲପୁରକୁ ନାଗପୁର ସହିତ ସଂଯୁକ୍ତ କରୁଥିବା ମାର୍ଗ ଇଂରେଜଙ୍କ ଅସ୍ତିତ୍ୱର ପ୍ରଧାନ ସହାୟକ ଥିଲା । ସେହି ମାର୍ଗରେ ସିଂଘୋରା ଘାଟିଠାରେ ମଧୁ ସିଂହ ତାଙ୍କର ତିନି ପୁତ୍ର–ହାତୀ ସିଂହ, କୁଞ୍ଜେଲ ସିଂହ ଏବଂ ବୈରୀ ସିଂହଙ୍କ ସହିତ ଅହୋରାତ୍ର ଜଗିରହି ନାଗପୁରଠାରୁ ଆସୁଥିବା ସମସ୍ତ ପ୍ରକାର ସାମରିକ ସାହାଯ୍ୟ ବିପର୍ଯ୍ୟସ୍ତ କରିଥିଲେ । ଡିସେମ୍ବର ୨୮ ତାରିଖରେ ଇଂରେଜଙ୍କ ଏକ ବିରାଟ ଅଶ୍ୱାରୋହୀ ସେନା କେପ୍‌ଟେନ୍ ଉଡ୍‌ଙ୍କ ନେତୃତ୍ୱରେ ନାଗପୁରଠାରୁ ଆସି ସିଂଘୋରା ଘାଟୀ ନିକଟରେ ପହଞ୍ଚି ମଧୁ ସିଂହଙ୍କର ସୈନ୍ୟଙ୍କ ଉପରେ ଭୀଷଣ ରୂପେ ଆକ୍ରମଣ ଆରମ୍ଭ କଲେ । ରାତ୍ରିର ଅନ୍ଧକାର ମଧ୍ୟରେ ଉଡ୍ ସେହିଘାଟି କୌଶଳକ୍ରମେ ପାର ହୋଇ ସମ୍ବଲପୁର ଆଡ଼କୁ ଅଗ୍ରସର ହୋଇ ପାରିଥିଲେ । ମଧୁ ସିଂହଙ୍କ ସୈନ୍ୟବଳର ବିଶେଷ କିଛି କ୍ଷତି ହୋଇ ନଥିଲେ ମଧ୍ୟ ଉଡ୍‌ଙ୍କର ଗତି ଅବରୁଦ୍ଧ କରି ନପାରିଥିବାରୁ ସେ ତାହା ନିଜର ପରାଜୟ ବୋଲି କହି ବିଶେଷ ଅନୁତପ୍ତ ହୋଇଥିଲେ ।

୩୦ ତାରିଖ ଦିନ କେପ୍‌ଟେନ ଉଡ୍ ଝୁଡୋପାଲିଠାରେ ପ୍ରବଳ ଯୁଦ୍ଧ କରି ବିଦ୍ରୋହୀମାନଙ୍କୁ ପରାସ୍ତ କରିଥିଲେ । ସେହି ଯୁଦ୍ଧରେ ସୁରେନ୍ଦ୍ରସାଏଙ୍କ ଭାଇ ଛବିଳସାଏଙ୍କର ମୃତ୍ୟୁହୋଇଥିଲା ଏବଂ ଉଡ୍ ସାଂଘାତିକ ଭାବରେ ଆହତ ହୋଇଥିଲେ ।

୧୮୫୮ ସାଲ ଜାନୁୟାରୀମାସରେ ଇଂରେଜଙ୍କର ଅଶ୍ୱାରୋହୀ ଓ ଗୋଲନ୍ଦାଜ ସେନା ସିଂଘୋରାଘାଟିଠାରେ ଘେଁଷର ସୈନ୍ୟମାନଙ୍କୁ ଆକ୍ରମଣ କରିଥିଲେ । ସେହି ଯୁଦ୍ଧରେ ଇଂରେଜ ସେନାର ସେନାପତି ଥିଲେ କେପ୍‌ଟେନ ସେକ୍‌ସପିୟର ଏବଂ ମଧୁସିଂହଙ୍କ ବୀରପୁତ୍ର ହାତୀସିଂହ ଘେଁଷ ସୈନ୍ୟଦଳର ପରିଚାଳ[illegible] ଥିଲେ । ଇଂରେଜଙ୍କର ଭୀଷଣ ଗୋଳା ବୃଷ୍ଟି ହେବା[illegible] ଦେଖି ବିଦ୍ରୋହୀମାନେ ପାହାଡ଼ ଉହାଡ଼ରେ ଲୁଚି ରହିବାକୁ ବାଧ୍ୟହେଲେ ଏବଂ ଗୋଳାମାଡ଼ ଫଳରେ ୧୧ଜଣଙ୍କର ମୃତ୍ୟୁ ହୋଇଥିଲା । ଗୋଟିଏ ଗୋଲା[illegible] ଜଳନ୍ତା ବାରୁଦ ଛିଟିକିଯାଇ ହାତୀସିଂହଙ୍କୁ ପ୍ରଚଣ୍ଡଭାବରେ ଆଘାତ କଲା ଏବଂ ସେ ତଳେ ପଡ଼ିଯାଇ ସଂଜ୍ଞାହୀନ ହୋଇଥିଲେ । ବିଶ୍ୱସ୍ତ ସୈନ୍ୟମାନେ ହାତୀସିଂହଙ୍କୁ ବୋହିନେଇ ଯୁଦ୍ଧକ୍ଷେତ୍ର ତ୍ୟାଗ କରିଥିଲେ । ଇଂରେଜ[illegible] ସୈନ୍ୟ ସିଂଘୋରାଘାଟି ବିଦ୍ରୋହୀଙ୍କଠାରୁ ଛଡ଼ାଇନେ[illegible] ସେଠାରେ ବିରାଟଧରଣର ସୈନ୍ୟ ସମାବେଶ କରିଥିଲେ । ମାତ୍ର ଅଳ୍ପଦିନପରେ ସୁରେନ୍ଦ୍ରସାଏ ସେମାନଙ୍କୁ ଆକ୍ରମଣକରି ସେଠାରୁ ତଡ଼ିଦେଇଥିଲେ ଏବଂ ସିଂଘୋରାଘାଟି ପୁନର୍ଦ୍ଦଖଲ କରି ନେଇଥିଲେ ।

ଫେବୃୟାରୀ ୧୨ତାରିଖଦିନ ଉକ୍ତଘାଟି ପୁଣି ଅଧିକାର କରିବା ଅଭିପ୍ରାୟରେ ଇଂରେଜମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ସେନାପତି ଉଡ୍‌ବ୍ରିଜ୍ ପାହାଡ଼ ସିରଗିଡ଼ା ବାଟଦେଇ ସିଂଘୋରାଘାଟି ଆଡ଼କୁ ଅଗ୍ରସର ହେବାବେଳେ ପାହାଡ଼ସିରଗିଡ଼ା ଜମିଦାର ଜନାର୍ଦ୍ଦନସିଂହ ତାଙ୍କର ପଥ ଅବରୋଧ କରିଥିଲେ । ଯୁଦ୍ଧରେ କେପ୍‌ଟେନ ଉଡ୍‌ବ୍ରିଜ୍ ପରାସ୍ତ ଓ ନିହତହେଲେ । ସମ୍ଭବତଃ ବନ୍ଦୀ ଅବସ୍ଥାରେ ତାଙ୍କର ମୁଣ୍ଡକାଟ ହୋଇଥିଲା । ପରେ କେପ୍‌ଟେନ ଓ୍ୱାଇଲେ ପାହାଡ଼ ସିରଗିଡ଼ାଠାରୁ ଉଡ୍‌ବ୍ରିଜ୍‌ଙ୍କର ଛିନ୍ନ ମସ୍ତକ ଓ ଗଣ୍ଡି ନେଇ ସମ୍ବଲପୁର ଆସିଥିଲେ ।

ଏହାପରେ ଇଂରେଜ ଶାସକମାନେ ସାମରିକ ଶକ୍ତି ଅଧିକତର ଦୃଢ଼ରୂପେ ସଂଗଠିତ କରିବାକୁ ଉଦ୍ୟମ କରିଥିଲେ । କେପ୍‌ଟେନ୍ ଲିଙ୍କ ସ୍ଥାନରେ କର୍ଣ୍ଣେଲ ଫର୍ଷ୍ଟର୍‌ଙ୍କୁ ମାର୍ଚ୍ଚ ୨୩ ତାରିଖ (୧୮୫୮ ସାଲ)ରେ କମିସନର ପଦରେ ଅବସ୍ଥାପିତ କରାଯାଇଥିଲା । ଇତିପୂର୍ବେ କେପ୍‌ଟେନ ଫର୍ଷ୍ଟର୍ ପୋଡ଼ାହାଟ (ସିଂହଭୂମ୍)ଠାରେ ବିଦ୍ରୋହ ଦମନ କରି ପ୍ରଶଂସିତ ହୋଇଥିଲେ ।

ଫର୍ଷ୍ଟର ଦାୟିତ୍ୱ ଗ୍ରହଣକରିବା ସଙ୍ଗେସଙ୍ଗେ ଅଭେଦ୍ୟ ଘେଁଷଦୁର୍ଗ ଆକ୍ରମଣକରିବାପାଇଁ ସାମରିକ ଯୋଜନା ପ୍ରସ୍ତୁତ କରିଥିଲେ । ଅତର୍କିତ ଭାବରେ ଘେଁଷ ଅଭିମୁଖରେ ସୈନ୍ୟ ପ୍ରେରଣ କରି ସେ ମଧୁସିଂହଙ୍କ ପ୍ରାସାଦ ଉପରେ ଆକ୍ରମଣକଲେ । ବହୁସମୟଧରି ଗୋଳା ବିନିମୟ ହୋଇଥିଲା । ବୃଦ୍ଧ ମଧୁସିଂହ ଏବଂ ତାଙ୍କର ତିନି ପୁତ୍ର (ହାତୀ ସିଂହ, କୁଞ୍ଜେଲ ସିଂହ ଓ ବୈରୀସିଂହ) ବୀରତ୍ୱ ଓ ସାହସର ସହିତ ଇଂରେଜଙ୍କର ସମ୍ମୁଖୀନ ହୋଇଥିଲେ । ମାତ୍ର ଶତ୍ରୁପକ୍ଷର ପ୍ରବଳ ଗୋଳା ବୃଷ୍ଟି ଫଳରେ ସେମାନଙ୍କର ପ୍ରତିରକ୍ଷା ଉଦ୍ୟମ ବିଫଳ ହୋଇଥିଲା । ମଧୁସିଂହ ଆହତହୋଇ ବନ୍ଦୀହେଲେ ଏବଂ ଘେଁଷ ଇଂରେଜଙ୍କର ହସ୍ତଗତ ହୋଇଥିଲା । ତାହା ପରେପରେ ମଧୁସିଂହଙ୍କୁ ଫାଶୀ ଦିଆଯାଇଥିଲା ।

ତାଙ୍କର ତ୍ୟାଗପୂତ ଗୌରବମୟ ଜୀବନର ଅବସାନହେଲା ଏବଂ ତାହା ଇଂରେଜ ବିରୁଦ୍ଧରେ ସଂକଳ୍ପବଦ୍ଧ ସଂଗ୍ରାମ ଧାରା ରଖିବାପାଇଁ ବିଦ୍ରୋହୀମାନଙ୍କୁ ଅଶେଷ ପ୍ରେରଣା ଯୋଗାଇଥିଲା ।

ମଧୁସିଂହଙ୍କର ବୀର ପୁତ୍ରମାନଙ୍କ ମଧ୍ୟରୁ ବୈରୀ ସିଂହ ୧୮୬୦ ସାଲରେ ବନ୍ଦୀହୋଇ ଫାଶୀ ପାଇଥିଲେ ଏବଂ ହାତୀସିଂହ ଓ କୁଞ୍ଜେଲସିଂହଙ୍କୁ ବିଦ୍ରୋହର ଅବସାନପରେ ୧୮୬୪ ସାଲରେ ଗିରଫ କରାଯାଇ ସେ ଦୁହିଁଙ୍କୁ ସମ୍ବଲପୁର ଜେଲରେ ଆବଦ୍ଧକରି ରଖାଗଲା । ସେଠାରେ ସେହି ବୀରଭ୍ରାତା ଦ୍ୱୟଙ୍କର ଜୀବନ ଦୀପ ନିର୍ବାପିତ ହୋଇଥିଲା ।

ପରିଶେଷରେ ଉଲ୍ଲେଖଯୋଗ୍ୟ ଏହି ଯେ ଲେଖକ ଶହୀଦ ମଧୁସିଂହଙ୍କର ବନ୍ଧୁକ ଏବଂ ବୀର ହାତୀସିଂହଙ୍କର ତଲବାର ଓ ଢାଲ ଘେଁସ ପ୍ରାସାଦରୁ ସଂଗ୍ରହକରି ଆଣିଛନ୍ତି ଏବଂ ସେହି ପବିତ୍ର ସ୍ମାରକୀ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିୟମ୍‌ରେ ସଂରକ୍ଷିତ ହୋଇ ରହିଅଛି ।

---

ପ୍ରତ୍ନତତ୍ତ୍ୱ ଉପଦେଷ୍ଟା
ସି -୪୪,ଇଉନିଟ—୮
ଭୁବନେଶ୍ୱର—୩



# ବାଳ କଲ୍ୟାଣ, ନାରୀ ସମ୍ମାନ ଓ ଦେଶର ଉତ୍‌ଥାନ



ଛୋଟଛୋଟ ଗଛରୁଡ଼ ବାଡ଼ ଉପବନ,
ଆଜିର ଶୈଶବ ଯାହା କାଲିର ଯୌବନ
ଶିଶୁ ଦେଶର ଅଟଇ ଭାଗ୍ୟ କର୍ଣ୍ଣଧାର,
ତାହାରି କାନ୍ଧେ ଯିବ ଭବିଷ୍ୟତ ଭାର ।

ନୂଆ କୋଡ଼ିଏ ଦଫା କାର୍ଯ୍ୟକ୍ରମରେ ବାଳକ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମନ୍ତେ ଏକ ସମନ୍ୱିତ ବାଳ ବିକାଶ ପରିକଳ୍ପନା ଆରମ୍ଭ କରାଯାଇଛି ।

ମା, କେବଳ ଶିଶୁର ଜନନୀ ନୁହଁନ୍ତି ପ୍ରାରମ୍ଭିକ ଶିକ୍ଷୟିତ୍ରୀ ମଧ୍ୟ । ଏଣୁ ସେ ହିଁ ଦେଶର ପ୍ରକୃତ ନିର୍ମାତା ।

ନାରୀ ଓ ଶିଶୁ କଲ୍ୟାଣ ଉପରେ ହିଁ ଦେଶର ଭବିଷ୍ୟତ ସମୃଦ୍ଧି ତଥା ସୁରକ୍ଷା ନିର୍ଭର କରେ । ଏଥିପାଇଁ ବାଳ କଲ୍ୟାଣ ଓ ନାରୀମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନକୁ ଏହି କାର୍ଯ୍ୟକ୍ରମରେ ନୂତନ ରୂପରେଖ ପ୍ରଦାନ କରାଯାଇଛି ।

ବିଶେଷ ଜାଣିବା ପାଇଁ ନିମ୍ନଲିଖିତ କୁପନର ପ୍ରୟୋଗ କରନ୍ତୁ :

ଶ୍ରୀ ଡି. ଏଲ୍. ଘୋଷାଲ
ଆସିଷ୍ଟାଣ୍ଟ ଡିଷ୍ଟ୍ରିବ୍ୟୁସନ ମେନେଜର,
ରେଜିଓନାଲ ଡିଷ୍ଟ୍ରିବ୍ୟୁସନ ସେଣ୍ଟର,
39, ରବିନ୍ଦ୍ର ସରଣୀ,
କଲିକତା-700073

ନୂଆ 20-ଦଫା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶେଷ ଜାଣିବା ପାଇଁ ଦୟା କରି ମୋ ପାଖକୁ ଓଡ଼ିଆ/ହିନ୍ଦୀ/ଇଂରାଜୀ ଭାଷାରେ ପୁସ୍ତିକା ପଠାନ୍ତୁ ।

ନାମ ____________________

ଠିକଣା ____________________

____________________

____________________ ଡିନ୍ __________

ବାଳକ ବାଳିକାଙ୍କ ପାଇଁ ପୁଷ୍ଟିକର ଆହାର,
ଦେଇ ଦେବ କଲେ ସୀମାବଦ୍ଧ ପରିବାର ।

davp 82/418

**ନୂଆ 20 ଦଫା କାର୍ଯ୍ୟକ୍ରମ**



ନିଜର ହୀନ ସ୍ୱାର୍ଥ ଦୃଷ୍ଟିରୁ ଇଂରେଜମାନେ ଭାରତକୁ ଦୁଇ ଭାଗ କରି ଶାସନ କରୁଥିଲେ । ସେଥିବୁ ଗୋଟିଏ ଭାଗ ଥିଲା ଗଡ଼ଜାତ ଅଞ୍ଚଳ । ଭାରତରେ ମୋଟ ୫୬୫ ଗଡ଼ଜାତ ଥିଲା । ସେଥିରୁ ଓଡ଼ିଶାର ୨୬ଟି ଗଡ଼ଜାତ ମଧ୍ୟରୁ ଢେଙ୍କାନାଳ ଅନ୍ୟତମ ।

ଇଂରେଜମାନଙ୍କ ବାହୁ ଛାୟା ତଳେ ରହି ଅଧିକାଂଶ ରାଜା ସେମାନଙ୍କ ରାଜ୍ୟରେ ନିର୍ମମ ଶାସନ ଚଳାଉଥିଲେ । ଢେଙ୍କାନାଳର ରାଜା ଶଙ୍କର ପ୍ରତାପଙ୍କ ରାଜତ୍ୱ କାଳରେ ପ୍ରଜାମାନଙ୍କର ଦୁର୍ଗତି ଚରମ ସୀମା ଟପିଥିଲା । ଏହି ରାଜ୍ୟର ଲୋମହର୍ଷଣମୂଳକ ଅତ୍ୟାଚାର କାହାଣୀ ଏକ ସମୟରେ ଇଂରେଜ ଶାସକ ତଥା ବ୍ରିଟିଶ୍ ପାର୍ଲିଆମେଣ୍ଟକୁ ବିଚଳିତ କରି ପକାଇଥିଲା । ଭାରତରୁ ଇଂରେଜ ଶାସନ ହଟାଇବା ପାଇଁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲେ ହେଁ ଗଡ଼ଜାତର ଲୋକେ ସେଥିରେ ଯୋଗ ଦେବା ପାଇଁ ସାହାସ କରି ପାରୁନଥିଲେ, କିନ୍ତୁ ରାଜାମାନେ କଂଗ୍ରେସ ତଥା ଗାନ୍ଧିଜୀଙ୍କୁ ପ୍ରାଣ ପଣେ ଭୟ କରୁଥିଲେ । ଅବଶ୍ୟ କାଳକ୍ରମେ ଭାରତ

# ଢେଙ୍କାନାଳ ଓ ଗାନ୍ଧିଜୀ

ଶ୍ରୀ ବ୍ରଜକିଶୋର ଧଳ

ସ୍ୱାଧୀନ ହେବା ପରେ ରାଜାମାନଙ୍କର ଅସ୍ତିତ୍ୱ ଲୋପ ପାଇଗଲା । ରାଜାମାନଙ୍କ ଦୁର୍ନୀତିମୂଳକ ଶାସନ ବିରୁଦ୍ଧରେ ସନ ୧୯୧୭ରୁ ୧୯୨୮ ମସିହା ମଧ୍ୟରେ ମୟୂରଭଞ୍ଜ, ନୀଳଗିରି, ବାମଣ୍ଡା, ତାଳଚେର ଓ ଢେଙ୍କାନାଳ ରାଜ୍ୟମାନଙ୍କରେ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକି ଥିଲେ ହେଁ କୌଣସି ବାହାର ସାହାଯ୍ୟ ନ ପାଇ ସୈନ୍ୟମାନଙ୍କ ଦମନ ଲୀଳା ହେତୁ ଉକ୍ତ ଆନ୍ଦୋଳନ-ସବୁ ଦବି ଯାଇଥିଲା । ଏସବୁ ଆନ୍ଦୋଳନର ମୂଳରେ ଅନ୍ୟାନ୍ୟ ଅତ୍ୟାଚାର ସହ କର ବୃଦ୍ଧି ଥିଲା ମୁଖ୍ୟ ଅସନ୍ତୋଷର କାରଣ । ସନ ୧୯୨୧ରୁ ଢେଙ୍କାନାଳର ଲୋକେ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ ଆରମ୍ଭ କରିଥିଲେ । ମାତ୍ର ତାହା ସନ ୧୯୩୮ରେ ଚରମ ପର୍ଯ୍ୟାୟରେ ପହଞ୍ଚି ରାଜ ଶାସନକୁ ଉଚ୍ଛେଦ କଲା ଓ ଖଣ୍ଡିତ ଉତ୍କଳକୁ ବିଶାଳ ଉତ୍କଳ ଓ ଓ ଖଣ୍ଡିତ ଭାରତକୁ ବୃହତ ଭାରତ ଗଠନ ଦିଗରେ ପଥ ପ୍ରଦର୍ଶକ ହୋଇ ପାରିଥିଲା । ଶଙ୍କରପ୍ରତାପଙ୍କ ଶାସନ କାଳରେ ଢେଙ୍କାନାଳରେ ଲୁହା ସିଝୁଥିଲା ବୋଲି ଖାସମାହାଲ ଲୋକେ କହୁଥିଲେ । ଲୋକେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ବାହାରକୁ ପଳାଇ ଯାଉଥିଲେ ଓ ବାହାର ଲୋକେ ରାଜ୍ୟ ଭିତରକୁ ଆସିବାକୁ ଭୟ କରୁଥିଲେ । ଏ ରାଜ୍ୟର ଅତ୍ୟାଚାରକୁ ଲକ୍ଷ୍ୟ କରି ଭାଷାକୋଷର ପ୍ରଣେତା ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ "ସ୍ୱପ୍ନରେ ରାଜଯୋଗ" ନାମକ ପୁସ୍ତକ ରଚନା କରିଥିଲେ । ରାଜ୍ୟ ମଧ୍ୟରେ ଉକ୍ତ ପୁସ୍ତକ ପ୍ରବେଶ ନିଷେଧ କରାଯାଇଥିଲା । ଗତବର୍ଷ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରର କେତେକ ଘଟଣାକୁ ନେଇ ମୋର ନିଜର ଅନୁଭୂତି ସହ "ଭୁଲିବୁ ନାହିଁ" ନାମରେ ଏକ ପୁସ୍ତକ ମୋ ଦ୍ୱାରା ଲିଖିତ ହୋଇ ପ୍ରକାଶିତ ହୋଇଛି । ସେ ପୁସ୍ତକରୁ ଢେଙ୍କାନାଳ ରାଜଶାସନର ନଗ୍ନଚିତ୍ର ସହୃଦୟ ପାଠକ ଓ ପାଠକା-ମାନେ ପଢ଼ିବାକୁ ପାଇବେ । ସନ ୧୯୩୪-୩୫ରୁ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ଭିତରେ ଭିତରେ ସୁରୁ କରାଯାଇ ସନ ୧୯୩୭-୩୮ରେ ଓଡ଼ିଶାର ତତ୍କାଳୀନ ସରକାର ତଥା ବିଶିଷ୍ଟ ନେତୃସ୍ଥାନୀୟ ବ୍ୟକ୍ତି ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଭଗବତୀ ଚରଣ ପାଣିଗ୍ରାହୀ ଓ ନାରୀ ନେତ୍ରୀ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ସହାୟତାରେ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇଥିଲା । ସେତେବେଳେ ମୋ ସହିତ ଢେଙ୍କାନାଳର ସର୍ବଶ୍ରୀ ମହେଶଚନ୍ଦ୍ର ସୁବାହୁ ସିଂ, ହରମୋହନ ପଟ୍ଟନାୟକ,

ବୈଷ୍ଣବ ଚରଣ ପଟ୍ଟନାୟକ, କୃତ୍ତିବାସ ପ୍ରଧାନ, ନରୋତ୍ତମ ଦାସ, ନେତ୍ରାନନ୍ଦ ନାଏକ, ମୁକ୍ତା ମଲିକ ପ୍ରଭୃତି ଆନ୍ଦୋଳନରେ ମୁଖ୍ୟ ଭାଗ ନେଇ-ଥିଲେ । ସ୍ୱେଚ୍ଛାସେବକ ବାହିନୀ ଗଠନ କରିବା ମୋର ମୁଖ୍ୟ କାର୍ଯ୍ୟ ଥିଲା । ଉକ୍ତ ସ୍ୱେଚ୍ଛାସେବକ ବାହିନୀ ଢେଙ୍କାନାଳର 'ଘଲ ବାହିନୀ' ନାମରେ ପରିଚିତ ହୋଇ ଆଖପାଖ ଗଡ଼ଜାତମାନଙ୍କରେ ପ୍ରଜାଆନ୍ଦୋଳନ ଗଠନ ଦିଗରେ ସହାୟକ ହୋଇଥିଲେ ।

ସନ ୧୯୩୪ରୁ ଗାନ୍ଧିଜୀ ଢେଙ୍କାନାଳ ରାଜ ଅତ୍ୟାଚାରର କିଞ୍ଚିତ ଆଭାସ ପାଇଥିଲେ ହେଁ ସନ ୧୯୩୮ ପ୍ରଜା ଆନ୍ଦୋଳନବେଳେ ପ୍ରତ୍ୟକ୍ଷଭାବେ ଜାଣିବାକୁ ପାଇ ପ୍ରଜାମଣ୍ଡଳକୁ ମହତାବଜୀଙ୍କ ଜରିଆରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ସନ ୧୯୨୧ରୁ ୧୯୩୪ ମସିହା ମଧ୍ୟରେ ଗାନ୍ଧିଜୀ ପାଞ୍ଚ ଥର ଓଡ଼ିଶାକୁ ଆସିଥିଲେ ତା ୬।୫।୧୯୩୪ ରିଖରେ ଗାନ୍ଧିଜୀ ହରିଜନ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଝାରସୁଗୁଡ଼ାରୁ ସମ୍ବଲପୁର ଓ ଅନୁଗୁଳ ବାଟ ଦେଇ ମେରାମଣ୍ଡଳୀ ଷ୍ଟେସନଠାରେ ଡାକଟେର ଟ୍ରେନରେ ଢେଙ୍କାନାଳ ଭିତର ଦେଇ ପୁରୀ ଯାତ୍ରା କରିଥିଲେ । ପାଠକ-ମାନେ ପଢ଼ି ଆଶ୍ଚର୍ଯ୍ୟ ହେବେ ଅନୁଗୁଳର ତତ୍କାଳୀନ ମାଜିଷ୍ଟ୍ରେଟ ଗାନ୍ଧିଜୀଙ୍କୁ ଅନୁଗୁଳର ବ୍ୟକ୍ତି ବିଶେଷଙ୍କ ଘରେ ରହିବାର ସୁଯୋଗ ନ ଦେବା ଓ ତାଙ୍କ ସଭାକୁ ନ ଆସିବା ପାଇଁ ସମସ୍ତ ପ୍ରକାର କଟକଣା ସତ୍ତ୍ୱେ ଗାନ୍ଧିଜୀଙ୍କ ତମ୍ବୁ ପଡ଼ିଥିବା ଅନୁଗୁଳର ଏକ ଆମ୍ବ ତୋଟାରେ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା ଓ ଅଳ୍ପ ସମୟ ମଧ୍ୟରେ ଲୋକେ ୭୦୦ ଟଙ୍କାରୁ ଊର୍ଦ୍ଧ୍ୱ ହରିଜନ ପାଣ୍ଠି ପାଇଁ ଗାନ୍ଧିଜୀଙ୍କୁ ଦେଇଥିଲେ । ଢେଙ୍କାନାଳ ରାଜା ଛାନିଆଁ ହୋଇ ଉକ୍ତ ସଭାର ପ୍ରତିକ୍ରିୟା ଜାଣିବା ପାଇଁ ଢେଙ୍କାନାଳର ଦୁଇଜଣ ପୋଲିସ୍ ଅଫିସରଙ୍କୁ ଗୋଇନ୍ଦା ଭାବେ ଅନୁଗୁଳ ପଠାଇ ଥିଲେ । ସେହିମାନଙ୍କଠାରୁ ଏ ବିବରଣୀ ଷ୍ଟେଟ୍‌ର ଜଣେ ପୋଲିସ୍ ଅଫିସର ଭାବେ ମୁଁ ଜାଣିବାକୁ ପାଇଥିଲି । ମେରାମଣ୍ଡଳୀ ଷ୍ଟେସନ ଢେଙ୍କାନାଳ ରାଜ୍ୟ ଭିତରେ ଅବସ୍ଥିତ । ସେଠାରୁ ଗାନ୍ଧିଜୀ ଚଢ଼ିଥିବା ଡାକଟେର ଗାଡ଼ି ଢେଙ୍କାନାଳ ଭିତର ଦେଇ ଆଠଗଡ଼ ଷ୍ଟେସନ ପାରିହେବା ପର୍ଯ୍ୟନ୍ତ ପ୍ରାୟ ୨୫ ମାଇଲରୁ ଊର୍ଦ୍ଧ୍ୱ ରାସ୍ତା କଡ଼େ କଡ଼େ ଚୌକିଦାର ଓ ପୋଲିସଙ୍କ ଦ୍ୱାରା କଡ଼ାକଡ଼ି ଭାବେ ଜଗାରଖା କରାଯାଇ ଥିଲା । ଉଦ୍ଦେଶ୍ୟ ଥିଲା ଯେପରି ଢେଙ୍କାନାଳର ଲୋକେ ଗାନ୍ଧିଜୀଙ୍କୁ ଦେଖିବା ସୁଯୋଗ ନ ପାଇବେ । ସେ କାରଣରୁ ଲୋକଙ୍କ ଦୃଷ୍ଟି ଅନ୍ୟ ଆଡ଼େ ଆକୃଷ୍ଟ କରିବା ପାଇଁ ଟାଉନ୍ ଭିତର ଖେଳ ପଡ଼ିଆରେ ଘୋଡ଼ାଙ୍କ ଖେଳର ବ୍ୟବସ୍ଥା କରାଯାଇ ଥିଲା । ଏ ସମସ୍ତ କଟକଣା ସତ୍ତ୍ୱେ ଦୁଇଜଣ ଯୁବକ ଢେଙ୍କାନାଳ ଷ୍ଟେସନକୁ ଯାଉଥିବା ବେଳେ ଧରାହୋଇ ରାଜାଙ୍କ ଦ୍ୱାରା ଦଣ୍ଡିତ ହୋଇଥିଲେ । ମୁଁ ପୋଲିସ ଅଫିସର ଥିବା ହେତୁ ଗାନ୍ଧିଜୀଙ୍କ ଦର୍ଶନ ନପାଇ ଥିଲେ ହେଁ ଷ୍ଟେସନକୁ ନିକଟ ଦେଇ ଗମନ କରୁଥିବା ଗାନ୍ଧିଜୀଙ୍କୁ ନେଇ ଯାଉଥିବା ଟ୍ରେନ ଓ ସେ ବସିଥିବା ଡବିର ବାହାରେ ଉଡ଼ୁଥିବା ତ୍ରିରଙ୍ଗ ପତାକାକୁ ସବିନୟ ସମ୍ମାନ ଜଣାଇବାର ସୁଯୋଗ ପାଇଥିଲି । ଗାନ୍ଧିଜୀ ନିଶ୍ଚୟ ପ୍ରଥମକରି ସେହିଦିନ ଢେଙ୍କାନାଳର ଏକଛତ୍ର ଶାସନର ସୂଚନା ପାଇଥିବେ ।

ସନ ୧୯୩୮ ପ୍ରଜା ଆନ୍ଦୋଳନ ବେଳେ ଢେଙ୍କାନାଳର ଗୋରା ଫୌଜଙ୍କ ଦ୍ୱାରା ନିର୍ମମ ଅତ୍ୟାଚାର ବିଷୟ ଗାନ୍ଧି-ଜୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ପ୍ରଜାମଣ୍ଡଳର ଜଣେକ କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବକ ବାହିନୀର ମୁଖ୍ୟଭାବେ ମୁଁ ଢେଙ୍କାନାଳର ଅତ୍ୟାଚାର ବିବରଣୀ ଗାନ୍ଧିଜୀଙ୍କୁ ଏକ ଟେଲିଗ୍ରାମ ଯୋଗେ ଜଣାଇଥିଲି । ବିଭିନ୍ନ ସମୟରେ ଆନ୍ଦୋଳନ ପାଇଁ ମହତାବଜୀଙ୍କ ଜରିଆରେ ଗାନ୍ଧିଜୀଙ୍କ ପ୍ରେରଣା ମିଳିଥିଲା । ଢେଙ୍କାନାଳରେ ସତ୍ୟାଗ୍ରହ ହେଉ-ଥିବା ବେଳେ ଢେଙ୍କାନାଳ ଲୋକଙ୍କର ସଂଗ୍ରାମୀ ମନକୁ ଟାଣ ରଖିବାପାଇଁ ସେ ଓଡ଼ିଶାର ନେତୃବୃନ୍ଦଙ୍କୁ ଢେଙ୍କାନାଳ ସତ୍ୟାଗ୍ରହରେ ସଂପୃକ୍ତ ନହେବା ପାଇଁ ପରାମର୍ଶ ଦେଇ-ଥିଲେ । ଏ ସମୟରେ ଗାନ୍ଧିଜୀ ଢେଙ୍କାନାଳ ରାଜ୍ୟର ଭିତିରିକଥା ପୁରା ଜାଣିବାକୁ ପାଇଥିଲେ ।

ଚକ ଘୁରିଲା । ଆନ୍ଦୋଳନରେ ପ୍ରଜାମାନଙ୍କର ଚିତାପଟ ହେଲା । ରାଜା ଏଥିରେ ଭୟଭୀତ ହୋଇ ପଡ଼ିଲେ । ଏ ଭିତରେ ସମଗ୍ର ଗଡ଼ଜାତରେ ଆନ୍ଦୋଳନ ହୋଇ ନୀଳଗିରୀ, ହିନ୍ଦୋଳ, ତିଗିରିଆ, ଆଠଗଡ଼, ନୟାଗଡ଼ ଓ ରଣପୁର ପ୍ରଭୃତିରେ ବିଭିନ୍ନ ଢାଞ୍ଚାର ଲୋକ ପ୍ରତିନିଧି-ମୂଳକ ଶାସନ କିଛିଦିନ ଚାଲୁହୋଇଥିଲା । ଢେଙ୍କାନାଳର ରାଜା ପ୍ରଜାମାନଙ୍କ ହାତକୁ ଶାସନ କ୍ଷମତା ହସ୍ତାନ୍ତର କରିବାକୁ ବାଧ୍ୟ ହୋଇଥିଲେ ହେଁ ତାହା ଅପମାନଜନକ ବୋଧ କଲେ । ତେଣୁ ପ୍ରଜାମଣ୍ଡଳର ନେତାମାନଙ୍କ ସହିତ ସାଲିସ କରିବା ଆଳରେ ଏକ କପଟ ଖେଳ ଖେଳିଲେ । ମିଛକୁ ଶାରୀରିକ ଅସୁସ୍ଥତା ଦର୍ଶାଇ କଲିକତାରେ ଚିକିତ୍ସାପାଇଁ ଯାଉଥିବାର କହି ଗାନ୍ଧିଜୀଙ୍କ ପାଖରେ ଯାଇ ହାଜର ହେଲେ ଓ ପ୍ରଜାମଣ୍ଡଳର ଲୋକେ ତାଙ୍କ ଉପରେ ଅତ୍ୟାଚାର କରୁଥିବାର ମିଥ୍ୟା ଅଭିଯୋଗ କରି ତାଙ୍କର ସାହାଯ୍ୟ ପ୍ରାର୍ଥନା କରିଥିଲେ । ଗାନ୍ଧିଜୀ ତାଙ୍କୁ ଢେଙ୍କାନାଳ ଭିତରେ ୧୯୩୪ ମସିହାର ଟ୍ରେନରେ ଯାଉଥିବା କଥା ସ୍ମରଣ କରାଇ ତାଙ୍କ ହାତରେ କିଛି କ୍ଷମତା ନଥିବାର ପ୍ରକାଶକରି ତତ୍କାଳୀନ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ନିକଟକୁ ଯିବାପାଇଁ ପରାମର୍ଶ ଦେଇଥିଲେ । ସନ ୧୯୩୪ ମସିହାରେ ଯେଉଁ ରାଜା ଢେଙ୍କାନାଳ ଲୋକେ ଗାନ୍ଧିଜୀଙ୍କୁ ଦେଖିପାରିବେ ନାହିଁ ବୋଲି ଟ୍ରେନ ଲାଇନ ପାଖେ ପାଖେ ପହରା ଦେବାର ବ୍ୟବସ୍ଥା କରିଥିଲେ, ବିଧିବିଡ଼ମ୍ବନା ହେତୁ ଶେଷରେ ସେହି ଗାନ୍ଧିଜୀଙ୍କ ପାଦତଳେ ଆଶ୍ରୟ ଭିକ୍ଷା କରିବାକୁ ବାଧ୍ୟହୋଇଥିଲେ । ଗାନ୍ଧିଜୀ ଓ ଢେଙ୍କାନାଳର ସଂପର୍କ ଏଇଠି ଶେଷ ହେଲା ।

ଏହାର ଫଳ ହେଲା ରାଜା ବାଧ୍ୟହୋଇ ସର୍ଦ୍ଦାରଜୀଙ୍କୁ ଭେଟିଲେ । ପ୍ରଜାମଣ୍ଡଳର ଲୋକେ ତାଙ୍କଠାରୁ

କ୍ଷମତା ଛଡ଼ାଇ ନେବାକୁ ପ୍ରସ୍ତୁତ ହେଉଥିବାର ଓ ତାଙ୍କୁ ଜୀବନରେ ମାରିଦେବାପାଇଁ ଧମକ ଚମକ ଦେଉଥିବାର ପ୍ରକାଶକରି ସାହାଯ୍ୟ ପ୍ରାର୍ଥନା କରିଥିଲେ । ସର୍ଦ୍ଦାରଜୀଙ୍କ କଥାରେ ରାଜାନିରୁପାୟ ହୋଇ ପ୍ରଜାମଣ୍ଡଳ ହାତକୁ କ୍ଷମତା ଦେବା ପରିବର୍ତ୍ତେ ଭାରତ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିବା ଶ୍ରେୟସ୍କର ମନେକରି ପ୍ରତିଶ୍ରୁତି ଦେବାରେ ସର୍ଦ୍ଦାରଜୀଙ୍କ ପାଖରୁ ଢେଙ୍କାନାଳ ପ୍ରଜାମଣ୍ଡଳ ପାଖକୁ ଆନ୍ଦୋଳନ ସ୍ଥଗିତରଖି ନିକଟରେ ତାଙ୍କର ଓଡ଼ିଶାଗ୍ରସ୍ତ ବେଳେ ତାଙ୍କୁ କଟକଠାରେ ସାକ୍ଷାତ କରିବାପାଇଁ ଟେଲିଗ୍ରାମ ଆସିଲା । ଏ ସୁଯୋଗ ନେଇ ସର୍ଦ୍ଦାରଜୀ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ ଜଣାଇ କଟକ ଆସିଲେ ତାଙ୍କୁ ଭେଟିବାପାଇଁ, ଓଡ଼ିଶାର ରାଜାମାନଙ୍କୁ ତଥା ପ୍ରଜାମଣ୍ଡଳର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଓଡ଼ିଶାର ପ୍ରଧାନମନ୍ତ୍ରୀଙ୍କ ଜରିଆରେ ନିମନ୍ତ୍ରଣ କରାଇଲେ । ଶେଷରେ ମୟୂରଭଞ୍ଜ ବ୍ୟତୀତ ଢେଙ୍କାନାଳ ପ୍ରଭୃତି ଅନ୍ୟାନ୍ୟ ଗଡ଼ଜାତ ରାଜାମାନେ ଭାରତ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିଦେଲେ । ଏଇଠାରୁ ଗଡ଼ଜାତ ମିଶ୍ରଣର ଆରମ୍ଭ । ସେତେବେଳେ ଢେଙ୍କାନାଳ ରାଜାଙ୍କ ଅନ୍ତର କଣ ହୋଇଥିବ ସେ ଜାଣିଥିବେ । ମାତ୍ର ଆମେ ପ୍ରଜାମଣ୍ଡଳର ଲୋକେ ଗର୍ବ ଅନୁଭବ କରୁଁଯେ ଆମରିମାନଙ୍କ ପ୍ରଚେଷ୍ଟାରେ ସମଗ୍ର ଭାରତର ଅତ୍ୟାଚାରୀ ରାଜଶାସନ ଲୋପ ପାଇ ବିଶାଳ ଉତ୍କଳ ଓ ବୃହତ୍ ଭାରତ ଗଠନ ସମ୍ଭବ ହୋଇପାରିଲା ।

# ମୋ ଦୃଷ୍ଟିରେ "ଉତ୍କଳ ପ୍ରସଙ୍ଗ"

ଓଡ଼ିଶା ପ୍ରଦେଶରେ ଯେତେଗୁଡ଼ିଏ ଓଡ଼ିଆ ପତ୍ର-ପତ୍ରିକା ପ୍ରକାଶ ପାଉଛି, ସେଥି ମଧ୍ୟରୁ 'ଉତ୍କଳ ପ୍ରସଙ୍ଗ' ସ୍ୱାଗତଯୋଗ୍ୟ । ପ୍ରତି ପ୍ରଦେଶର ନିଜନଜର ପତ୍ରିକା ପ୍ରକାଶ ପାଏ । ସେ ଦୃଷ୍ଟିରୁ 'ଉତ୍କଳ ପ୍ରସଙ୍ଗ' ବେଶ୍ ଉଚ୍ଚକୋଟୀର । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ଓଡ଼ିଶାର ସବୁ ଶ୍ରେଣୀର ଲେଖକ ଲେଖିକା-ମାନଙ୍କଠାରୁ ସହଯୋଗ ଲାଭ କରୁଥିବାରୁ, ତାହା ମଧ୍ୟ ସ୍ୱାଗତଯୋଗ୍ୟ । ମୁଁ ଉତ୍କଳ ପ୍ରସଙ୍ଗ' ପଢିବା ଦିନରୁ, ଶିଳ୍ପ ବିକାଶ, ପର୍ଯ୍ୟଟନ, ଶିକ୍ଷା, ସଂସ୍କୃତି, ଅର୍ଥନୀତି କ୍ଷେତ୍ରରେ ଯେତେ ଲେଖା ପ୍ରକାଶ ପାଇଛି, ତାହା ମତେ ବହୁତ ଶିକ୍ଷା ଦେଇଛି । ଏଣୁ ମୁଁ ସବୁବେଳେ ଏହାର ପ୍ରକାଶନ ପ୍ରତି ଆଗ୍ରହି ରହିଥାଏ । "ଉତ୍କଳ ପ୍ରସଙ୍ଗ" ଓଡ଼ିଶାର ଦୁଃଖସୁଖର ବାର୍ତ୍ତା ବହନ କରି ସବୁଦିନ ପାଠକପାଠିକାମାନଙ୍କର ସହଯୋଗ ଲାଭ କରିବ ବୋଲି ମୋର ଆଶା । ଶେଷରେ "ଉତ୍କଳ ପ୍ରସଙ୍ଗ" ର ଦୀର୍ଘାୟୁ କାମନା କରି ରହିଲି ।

ଆପଣଙ୍କର ପାଠକ

**ନୀଳାଦ୍ରି ପଟେଲ୍**

ଭାଟଲପଡ଼ା, ସମ୍ବଲପୁର

# ଆପଣଙ୍କ ପ୍ରଶ୍ନ-ଆମର ଉତ୍ତର

ଓଡ଼ିଶାରେ ନିର୍ମିତ ଅଗଣିତ ମନ୍ଦିରମାନଙ୍କ ମଧ୍ୟରୁ ଏକ ନିଜସ୍ୱ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ କୌଣସି ମନ୍ଦିର ଅଛି କି ?

ଅଛି—ସମ୍ବଲପୁର ଠାରୁ ୩୦ କି: ମି: ଦୂର ହୁମାର ବିମଳେଶ୍ୱର ଶିବ ମନ୍ଦିର ଏକ ସ୍ୱତନ୍ତ୍ର ନିଜସ୍ୱ ଶୈଳୀରେ ନିର୍ମିତ ।

ତାହାର ସ୍ୱାତନ୍ତ୍ର୍ୟ କ'ଣ ?

ଏହି ମନ୍ଦିର ବକ୍ରଭାବରେ ନିର୍ମିତ ଯାହାକି ପିସା ନଗରୀର ବିଶ୍ୱବିଖ୍ୟାତ ବକ୍ର ଗମ୍ବୁଜ ସହିତ କେବଳ ତୁଳନୀୟ ।

ଏହାର ଆଉ କିଛି ଆକର୍ଷଣ ଅଛି କି ?

ମନ୍ଦିର ସଂଲଗ୍ନ ମହାନଦୀ ଘାଟରେ 'କୁଡ଼ୋ' ନାମକ ଏକ ପ୍ରକାର ମାଛ ଦର୍ଶକମାନଙ୍କ ହାତରୁ ଖାଦ୍ୟପଦାର୍ଥ ଖାଇଥାନ୍ତି । ସେମାନଙ୍କୁ ଖାଦ୍ୟ ଖୋଇବା ଏକ ଆମୋଦଦାୟକ ଅନୁଭୂତି ।

ଗମନାଗମନ ଓ ରହିବା ସଂପର୍କରେ ସୂଚନା ଦେବେ କି ?

ସମ୍ବଲପୁର ପାନ୍ଥନିବାସରେ ରହି ହୁମା ପରିଦର୍ଶନରେ ଯିବା ସୁବିଧାଜନକ । ମନ୍ଦିର ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଯାତ୍ରୀବାହି ବସ୍ ଅଟକିବାର ବ୍ୟବସ୍ଥା ରହିଛି । ତେବେ ଶିବରାତ୍ରି ସମୟରେ ମନ୍ଦିର ପାଦଦେଶ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ୍ ଚାଲେ ।

ସବିଶେଷ ବିବରଣୀ ପାଇଁ ପର୍ଯ୍ୟଟନ କାର୍ଯ୍ୟାଳୟ, ସମ୍ବଲପୁର ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

**ପର୍ଯ୍ୟଟନ ବିଭାଗ**
ଓଡ଼ିଶା ସରକାର
ଭୁବନେଶ୍ୱର

# ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟ

ଶ୍ରୀ ସୁଶୀଲ ଚନ୍ଦ୍ର ଦେ

ଭାରତରେ ସ୍ୱାଧୀନତା ସଂଗ୍ରାମ ୧୯୨୦ ମସିହାରେ ନିଖିଳ ଭାରତ କଂଗ୍ରେସ କମିଟିର ଆନୁକୂଲ୍ୟରେ ଓ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା । ଓଡ଼ିଶାରେ ମଧ୍ୟ ୧୯୨୦ ମସିହାରେ ଜାତୀୟ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା । କିନ୍ତୁ ୧୭୬୭ ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଇଂରେଜ ଶାସନ ବିରୁଦ୍ଧରେ ପ୍ରତିରୋଧାତ୍ମକ ଆନ୍ଦୋଳନ ବା ବିଦ୍ରୋହ ବିଭିନ୍ନ ସମୟରେ ହୋଇଥିଲା । ଅଧିକାଂଶ କ୍ଷେତ୍ରରେ ଓଡ଼ିଶା ଗଡ଼ଜାତର ରାଜାମାନେ ବିଦ୍ରୋହର ନେତୃତ୍ୱ ନେଇଥିଲେ । ସେମାନେ ଇଂରେଜ ଶାସକଙ୍କର ଅନ୍ୟାୟ ନୀତି ବିରୁଦ୍ଧରେ ପ୍ରତିବାଦ କରି ବିଦ୍ରୋହ କରିଥିଲେ । ସେମାନେ ଜାଣିଥିଲେ ଯେ ସେମାନଙ୍କର ଅତି ସୀମିତ ଆର୍ଥିକ ଓ ସାମରିକ ସମ୍ବଳ ନେଇ ପ୍ରବଳ-ପରାକ୍ରମୀ ଇଂରେଜ ଶକ୍ତି ବିରୁଦ୍ଧରେ ଦଣ୍ଡାୟମାନ ହେବା ସେମାନଙ୍କ ପକ୍ଷରେ ଏକ ନିଶ୍ଚିତ ଦୁର୍ଜୟ ବିପର୍ଯ୍ୟର ସମ୍ମୁଖୀନ ହେବା । ଏହା ଜାଣି ସୁଦ୍ଧା ସେମାନେ ଅନ୍ୟାୟର ପ୍ରତିରୋଧ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ଏହା ସେମାନଙ୍କର ବୀରତ୍ୱ ମନୋଭାବର ପରିଚାୟକ । ସେମାନଙ୍କର ଏହି ପ୍ରତିରୋଧମୂଳକ ବିଦ୍ରୋହ ଓଡ଼ିଶାର ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ଯେଉଁ ବୀରମାନେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି-ଦେଇ ବିଦେଶୀ ଶାସକଙ୍କର ଅନ୍ୟାୟ ନୀତି ବିରୁଦ୍ଧରେ ଲଢ଼ି ଲାଞ୍ଛିତ ଓ ନିର୍ଯ୍ୟାତିତ ହୋଇଛନ୍ତି, ଯେଉଁମାନେ ନିଜର ପ୍ରାଣ ବିସର୍ଜ୍ଜନ କରିଛନ୍ତି, ଜାତୀୟ ଦିବସରେ ସେମାନଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନ କରିବା ଆମମାନଙ୍କର ଏକାନ୍ତ କର୍ତ୍ତବ୍ୟ । ସେହି ଉଦ୍ଦେଶ୍ୟରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟର ଘଟଣାବଳୀର ସଂକ୍ଷିପ୍ତ ସୂଚନା ଏହି ପ୍ରବନ୍ଧରେ ଦିଆ ଯାଉଛି ।

## ୧ । ଖ୍ରୀ: ୧୭୬୭-୬୮ ପାରଳା ବିଦ୍ରୋହ

ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଦ୍ୱୟ ୧୭୬୭ ମସିହାରେ ଇଂରେଜ ଶାସନାଧୀନ ହେଲା । ପାରଳାଖେମୁଣ୍ଡିର ରାଜା ନାରାୟଣ ଦେଓ ଇଂରେଜ ଶାସନକୁ ସ୍ୱୀକାର କଲେ ନାହିଁ । ଇଂରେଜମାନେ ତାଙ୍କ ବିରୁଦ୍ଧରେ ସୈନ୍ୟ ପଠାଇଲେ ଓ ତାଙ୍କୁ ପରାଜିତ କଲେ । ପରେ ରାଜା ନାରାୟଣ ଦେଓ ନିଜର ଅସହାୟ ଅବସ୍ଥା ଦୃଷ୍ଟିରୁ ଇଂରେଜମାନଙ୍କ ସହିତ ସନ୍ଧି କଲେ ।

## ୨ । ଖ୍ରୀ: ୧୭୬୯ ଖଲ୍ଲିକୋଟ ବିଦ୍ରୋହ

ଖଲିକୋଟ ରାଜା ଇଂରେଜମାନଙ୍କୁ ସଲାମୀ ଦେବାକୁ ମନା କରି ଦେବାରୁ ତାଙ୍କ ବିରୁଦ୍ଧରେ ଜଳ ଓ ସ୍ଥଳ ପଥରେ ସୈନ୍ୟ ପଠାଗଲା । ରାଜା ବୀରତ୍ୱର ସହିତ ସେମାନଙ୍କ ସହିତ ଲଢ଼ିଲେ । କିନ୍ତୁ ଶେଷରେ ପରାଜିତ ହୋଇ ଇଂରେଜ ସରକାରଙ୍କର ବଶ୍ୟତା ସ୍ୱୀକାର କଲେ ।

## ୩ । ଖ୍ରୀ: ୧୭୬୮-୬୯ ଘୁମୁସର ବିଦ୍ରୋହ

ଇଂରେଜମାନେ ଘୁମୁସର ରାଜ୍ୟର ସଲାମୀ ଯଥେଷ୍ଟ ଭାବରେ ବଢ଼ାଇ ଦେବାରୁ ଘୁମୁସର ରାଜା ବିକ୍ରମ ଭଞ୍ଜ ବଢ଼ା ସଲାମୀ ଦେବାକୁ ମନା କଲେ । ତାଙ୍କ ବିରୁଦ୍ଧରେ ଇଂରେଜ ସୈନ୍ୟ ପଠାଗଲା । ରାଜା ଜଙ୍ଗଲରେ ଆଶ୍ରୟ ନେଇ ଇଂରେଜ ବିରୁଦ୍ଧରେ ଦୁଇବର୍ଷ କାଳ ଲଢ଼େଇ କଲେ । ଏଥି ଯୋଗୁଁ ସେ ତାଙ୍କର ରାଜତ୍ୱ ହରାଇଲେ । ତାଙ୍କର ଭାଇଙ୍କୁ ଇଂରେଜମାନେ ରାଜ୍ୟର ଶାସନ ଭାର ଅର୍ପଣ କଲେ ।

## ୪ । ଖ୍ରୀ: ୧୮୧୧—୨୬ ମୟୂରଭଞ୍ଜ ରାଜାଙ୍କ ବିଦ୍ରୋହ

ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ମରହଟ୍ଟା ଶାସନାଧୀନ ଥିଲା । କିନ୍ତୁ ମୟୂରଭଞ୍ଜ ରାଜାଙ୍କର କେତେକ ଜମିଦାରୀ ଇଂରେଜ ଶାସନାଧୀନ ବଙ୍ଗଳା ରାଜ୍ୟରେ ଥିଲା । ଇଂରେଜମାନେ ସେହି ଜମିଦାରୀର ଖଜଣା ବହୁତ ବୃଦ୍ଧି କରିଦେଲେ । ଅମର୍ଦ୍ଦାଗଡ଼ ମୟୂରଭଞ୍ଜ ରାଜାଙ୍କ ଅଧୀନରେ ଥିଲା । ଇଂରେଜ କର୍ତ୍ତୃପକ୍ଷ ଅମର୍ଦ୍ଦାଗଡ଼ ଓ ତତ୍‌ସନ୍ନିହିତ ୮୧ଟି ଗ୍ରାମକୁ ବେଲୋରାଗୁର ଜମିଦାରଙ୍କୁ ପଟ୍ଟା ଦେଇ ଦେଲେ । ଏହି ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରି ମୟୂରଭଞ୍ଜର ରାଜା ଦାମୋଦର ଭଞ୍ଜ, ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ସେ ଅମର୍ଦ୍ଦା ଦୁର୍ଗ ଆକ୍ରମଣ କରି ତତ୍‌ସଂଲଗ୍ନ ୮୧ଟି ଗ୍ରାମକୁ ଅଧିକାର କଲେ । ଇଂରେଜମାନେ ଦାମୋଦର ଭଞ୍ଜଙ୍କ ବିରୁଦ୍ଧରେ ସୈନ୍ୟ ପଠାଇଲେ । ଦାମୋଦର ଭଞ୍ଜ ସମ୍ମୁଖ ଯୁଦ୍ଧରେ ପ୍ରବୃତ୍ତ ନ ହୋଇ ନାନା ପ୍ରକାର କୌଶଳ ଅବଲମ୍ବନ କରି ଇଂରେଜ ସୈନ୍ୟବାହିନୀକୁ ବ୍ୟତିବ୍ୟସ୍ତ କରିଦେଲେ । ସେ ଖ୍ରୀ: ୧୮୧୧ରୁ ଖ୍ରୀ: ୧୮୨୬ ପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷକାଳ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଚଳାଇ

ଇଂରେଜ ସୈନ୍ୟବାହିନୀର ପ୍ରଭୂତ କ୍ଷତି କରିଥିଲେ । ସେ ଖ୍ରୀ: ୧୭୯୬ରେ ପ୍ରାଣତ୍ୟାଗ କଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଚଳାଇ ଅପରାଜିତ ରହିଥିଲେ ।

### ୫। ଖ୍ରୀ: ୧୭୯୯-୧୮୦୦ ପାରଳା ବିଦ୍ରୋହ

ଗଞ୍ଜାମର କଲେକ୍ଟର ପାରଳା ରାଜ୍ୟର ସଲମୀ ବଢାଇ ଦେବାରୁ ରାଜା ଗଜପତି ଦେଓ ଖଜଣା ଦେବାକୁ ଅସ୍ୱୀକାର କଲେ । ସୁତରାଂ ତାଙ୍କୁ, ତାଙ୍କର ପୁତ୍ର, ପୁରୁଷୋତ୍ତମଦେବ ଓ ସଂପର୍କୀୟ ଭାଇ ଦୁର୍ଗରାଜାଙ୍କୁ ବନ୍ଦୀ କରାଗଲା । ଏହି ସମ୍ବାଦ ପାଇ ଗଞ୍ଜାମବାସୀ କ୍ଷୁବ୍ଧ ହେଲେ ଓ ରାଜାଙ୍କୁ ଖଲାସ କରିବା ପାଇଁ ବିଦ୍ରୋହ କଲେ । ନାରାୟଣ ଦେଓଙ୍କ ଭାଇ ପୁରୁଷୋତ୍ତମ ଦେଓ ଏହି ବିଦ୍ରୋହରେ ନେତୃତ୍ୱ ନେଲେ । ତାଙ୍କର ନେତୃତ୍ୱ-ରେ ସହରବାସୀ ଓ ପାଇକମାନେ ଇଂରେଜ ସୈନ୍ୟ ବାହିନ, ଉପରେ ଆକ୍ରମଣ କରି ସେମାନଙ୍କର ବହୁତ କ୍ଷତି କଲେ ଓ ସେନାଧ୍ୟକ୍ଷ ଉଇଙ୍ଗସନଙ୍କୁ ବନ୍ଦୀ କଲେ । ସୁତରାଂ ଗଞ୍ଜାମ କଲେକ୍ଟର ଅନନ୍ୟୋପାୟ ହୋଇ ରାଜା ଗଜପତି ଦେଓ, ପୁରୁଷୋତ୍ତମ ଦେଓ ଦୁର୍ଗରାଜଙ୍କୁ ଖଲାସ କଲେ । ଗଜପତି ଦେଓ ରାଜ୍ୟଭାର ଗ୍ରହଣ କଲେ । ଦୁର୍ଗରାଜଙ୍କ ତତ୍ତ୍ୱାବଧାନରେ ଶାସନ ଚାଲିଲା । ଏହିଘଟଣା ଗଞ୍ଜାମବାସୀଙ୍କ ବୀରତ୍ୱର ଏକ ନିଦର୍ଶନ ।

### ୬। ଖ୍ରୀ: ୧୮୦୧ ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ବିଦ୍ରୋହ

ଘୁମୁସରର ରାଜା ଶ୍ରୀକରଭଞ୍ଜ ବିଜୟନଗ୍ରାମର ରାଜା ମଣି ଦେଓ ଓ ଅନ୍ୟ କେତେକ ଜମିଦାରଙ୍କ ସହାୟତାରେ ଇଂରେଜ ବିରୁଦ୍ଧରେ ବିଦ୍ରୋହ କଲେ । ପାରଳା ବିଦ୍ରୋହର ନେତା ପୁରୁଷୋତ୍ତମ ଦେଓ ତାଙ୍କୁ ସାହାଯ୍ୟ କଲେ । ଇଂରେଜ ସୈନ୍ୟବାହିନୀ ବିଦ୍ରୋହୀଙ୍କ ବିରୁଦ୍ଧରେ ପଠା-ଗଲା । ବିଦ୍ରୋହୀମାନେ ଇଂରେଜ ସୈନ୍ୟବାହିନୀ ଦ୍ୱାରା ପରାସ୍ତ ହେଲେ । ଯୁଦ୍ଧରେ ସେରଗଡ଼ର ଜମିଦାର ମୃତ୍ୟୁ ମୁଖରେ ପଡ଼ିଲେ । ଶ୍ରୀକର ଭଞ୍ଜ ଆତ୍ମଗୋପନ କଲେ । ଇଂରେଜ ସରକାର ତାଙ୍କୁ ବିଦ୍ରୋହୀ ଘୋଷଣା କଲେ । ତାଙ୍କର ପୁତ୍ର ଧନୁର୍ଜୟ ଭଞ୍ଜଙ୍କୁ ରାଜ୍ୟଭାର ଦିଆଗଲା ।

### ୭। ଖ୍ରୀ: ୧୮୦୪ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ, ୨ୟଙ୍କ ବିଦ୍ରୋହ

ଇଂରେଜମାନେ ୧୮୦୩ରେ ଓଡିଶା ଅଧିକାର କଲେ । ଯୁଦ୍ଧ ପୂର୍ବରୁ ଖୋର୍ଦ୍ଧା ରାଜାଙ୍କ ସହିତ ଏକ ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁସାରେ ଇଂରେଜମାନେ ଓଡ଼ିଶା ଅଧିକାର ପରେ ଖୋର୍ଦ୍ଧା ରାଜାଙ୍କର ମରହଟ୍ଟା ଶାସନାଧୀନ ଥିବା ୪ଟି ପ୍ରଗନା ଖୋର୍ଦ୍ଧା ରାଜାଙ୍କୁ ଫେରାଇ ଦେବେ । କିନ୍ତୁ କମିସନର ସେହି ପ୍ରତିଶ୍ରୁତି ପାଳନ କରିବାକୁ ଅସ୍ୱୀକାର କଲେ । ଫଳରେ ନାବାଳକ ମୁକୁନ୍ଦଦେବଙ୍କ ରାଜ୍ୟର ତତ୍ତ୍ୱାବଧାରକ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ପାଇକମାନେ ବିଦ୍ରୋହ କଲେ । ଇଂରେଜ ସେନା ସେମାନଙ୍କୁ ବରୁଣାଇ ଦୁର୍ଗରେ ଅବରୋଧ କଲେ । କମାଣ ସାହାଯ୍ୟରେ ଦୁର୍ଗ ଭାଙ୍ଗି ତାହା ଅଧିକାର କଲେ । ମୁକୁନ୍ଦଦେବ ପଳାଇଲେ କିନ୍ତୁ ପରେ ଧରାପଡ଼ି ବନ୍ଦୀ ହେଲେ । ଜୟୀରାଜଗୁରୁଙ୍କ ଅବସ୍ଥା କଅଣ ହେଲା ତାହାର କୌଣସି ନିର୍ଭରଯୋଗ୍ୟ ତଥ୍ୟ ମିଳି ନାହିଁ । ଖୋର୍ଦ୍ଧା ଜମିଦାରୀ 'ଖାସ୍' ହେଲା । ମୁକୁନ୍ଦଦେବ ତାଙ୍କ ରାଜ୍ୟ ହରାଇଲେ ।

### ୮। ଖ୍ରୀ: ୧୮୧୭--୨୫ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ବିଦ୍ରୋହ

ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ହୋଇ-ଥିବା ବିଦ୍ରୋହ 'ପାଇକ ବିଦ୍ରୋହ' ନାମରେ ସୁପରିଚିତ । ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କର ପୈତୃକ 'ଜାଗିର'କୁ ଇଂରେଜମାନେ ଅନ୍ୟାୟଭାବରେ ବାଜ୍ୟାପ୍ତ କଲେ । ଖୋର୍ଦ୍ଧା ରାଜ୍ୟ 'ଖାସ୍' ହେବା ପରେ ପାଇକମାନଙ୍କର ନିଷ୍କର ଜମି ଉପରେ ଖଜଣା ବସିଲା । ସେହିଯୋଗୁଁ ପାଇକମାନେ ଅସନ୍ତୁଷ୍ଟ ଓ କ୍ଷୁବ୍ଧ ହୋଇଥିଲେ । ଜଗବନ୍ଧୁ ଓ ପାଇକମାନେ ବିଦ୍ରୋହର ସୁଯୋଗ ଖୋଜୁ-ଥିଲେ । ସୁଯୋଗ ମିଳିଗଲା, ଖ୍ରୀ: ୧୮୧୭ ମାର୍ଚ୍ଚ ମାସରେ ଘୁମୁସରରୁ ବହୁ ସଂଖ୍ୟକ କନ୍ଧ ବାଣପୁର ଭିତରକୁ ପ୍ରବେଶ କଲେ । ଖୋର୍ଦ୍ଧାର ପାଇକମାନେ ସେମାନଙ୍କ ସହିତ ମିଶିଗଲେ । ଜଗବନ୍ଧୁ ବିଦ୍ୟାଧର ସେମାନଙ୍କର ନେତା ହେଲେ । ସାମୟିକ ସାଫଲ୍ୟ ପରେ ଇଂରେଜ ସୈନ୍ୟ-ବାହିନୀ ଚାପରେ ବିଦ୍ରୋହୀମାନେ ଜଙ୍ଗଲରେ ଆଶ୍ରୟ ନେଇ କିଛି ଦିନ ଯୁଦ୍ଧ ଚଳାଇଲେ । କିନ୍ତୁ ଶେଷରେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇ ଉଠିଲା । ବହୁ ବିଦ୍ରୋହୀ ଧରାପଡ଼ିଲେ । ଗତ୍ୟନ୍ତର ନ ଦେଖି ଜଗବନ୍ଧୁ ଖ୍ରୀ: ୧୮୨୫ ରେ ଆତ୍ମସମର୍ପଣ କଲେ । ତାଙ୍କୁ ମାସିକ ୧୫୦ ଟଙ୍କା ବୃତ୍ତି ଦିଆଗଲା ।

ବିଦ୍ରୋହୀମାନଙ୍କର ବିଚାର କରାଯାଇ ୧୦୩ଜଣଙ୍କୁ ଦରିଆପାରି ଯାବଜ୍ଜୀବନ କାରାବାସ, ୩୦ ଜଣଙ୍କୁ ରାଜ୍ୟ ବାହାରେ ଯାବଜ୍ଜୀବନ କାରାବାସ, ୨୫ ଜଣଙ୍କୁ ରାଜ୍ୟ ବାହାରେ ସାମୟିକ କାରାବାସ ଓ ୯ ଜଣଙ୍କୁ ୧୪ ବର୍ଷ କାରାବାସ ଦଣ୍ଡ ଦିଆ ଯାଇଥିଲା ।

### ୯। ଖ୍ରୀ: ୧୮୩୧—୧୮୩୮ ପାରଳା ବିଦ୍ରୋହ

ଖ୍ରୀ: ୧୭୯୯-୧୮୦୦ ବିଦ୍ରୋହ ପରେ ଖ୍ରୀ: ୧୮୧୩ ପାରଳାଖେମୁଣ୍ଡିରେ ଶାନ୍ତି ବିରାଜମାନ କଲା । ଦୁର୍ଗ-ରାଜଙ୍କର ସୁଦକ୍ଷ ରାଜ୍ୟ ପରିଚାଳନା ଯୋଗୁଁ ସମସ୍ତେ ସନ୍ତୁଷ୍ଟ ଥିଲେ । ଖ୍ରୀ: ୧୮୦୨ ରେ ଗଜପତି ଦେଓଙ୍କର ମୃତ୍ୟୁ ହେଲା । ତାପରେ ପୁତ୍ର ପୁରୁଷୋତ୍ତମ ଦେଓ ରାଜା ହେଲେ । ଖ୍ରୀ: ୧୮୦୩ରେ ପାରଳାରେ ଚିରସ୍ଥାୟୀ ବନ୍ଦୋବସ୍ତ ହେଲା । ଖ୍ରୀ: ୧୮୦୫ରେ ପୁରୁଷୋତ୍ତମ

ଦେବଙ୍କ ମୃତ୍ୟୁ ହେଲା ଓ ତାଙ୍କର ନାବାଳକ ପୁତ୍ର ଗଜପତି ନାରାୟଣ ଦେଓ ରାଜା ହେଲେ । ଦୁର୍ଗରାଜ ପୂର୍ବବତ୍ ରାଜ୍ୟ ପରିଚାଳନା ଦାୟିତ୍ୱରେ ରହିଲେ । କିନ୍ତୁ ସେ ଖ୍ରୀ: ୧୮୧୩ରେ ଇସ୍ତଫା ଦେଇ ତୀର୍ଥ ଭ୍ରମଣରେ ବାହାରିଲେ । ତାଙ୍କ ସ୍ଥାନରେ ତାଙ୍କର ପୁତ୍ର ପଦ୍ମନାଭ ଦେବ ନିଯୁକ୍ତି ହେଲେ । ପଦ୍ମନାଭ ଦେବ ତାଙ୍କର ପିତାଙ୍କ ପରି ସୁଦକ୍ଷ ପରିଚାଳକ ନଥିଲେ । ସେ ରାଗୀ, ଗର୍ବି ଓ ଅବିବେକୀ ହୋଇଥିବାରୁ ରାଜ୍ୟରେ ପୁଣି ଅଶାନ୍ତି ଦେଖାଦେଲା । ବିଶୋଇ ଓ ପିଅନମାନେ ପଦ୍ମନାଭଙ୍କ ଇସ୍ତଫା ଦାବି କରି ବିଦ୍ରୋହ କଲେ (ଖ୍ରୀ: ୧୮୧୪) । ସରକାରୀ ସୈନ୍ୟ ଓ ବିଦ୍ରୋହୀମାନଙ୍କ ମଧ୍ୟରେ କିଛି ଖଣ୍ଡଯୁଦ୍ଧ ହେବା ପରେ ସରକାରୀ ବିଦ୍ରୋହୀମାନଙ୍କ ଦାବି ମାନିନେଇ ପଦ୍ମନାଭ ଦେବଙ୍କୁ ବରଖାସ୍ତ କଲେ । କିନ୍ତୁ ଏହା ଦ୍ୱାରା ଶାନ୍ତି ସ୍ଥାପିତ ହେଲା ନାହିଁ । ପଦ୍ମନାଭ ଦେଓଙ୍କ ଷଡ଼ଯନ୍ତ୍ର ଯୋଗୁଁ ପୁଣି ଗଣ୍ଡଗୋଳ ଆରମ୍ଭ ହେଲା । ଏହି ଗଣ୍ଡଗୋଳ ୧୮୨୨ ପର୍ଯ୍ୟନ୍ତ ଚାଲିଲା । ରାଜା ଗଜପତି ନାରାୟଣ ଦେଓ ୧୮୨୨ରେ ରାଜ୍ୟ ପରିଚାଳନା ଭାର ନିଜ ହାତକୁ ନେଲେ । କିନ୍ତୁ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ରାଜ୍ୟରେ ଶାନ୍ତି ବ୍ୟାହତ ହେଲା ଓ ବିଦ୍ରୋହ ଆରମ୍ଭ ହେଲା । ବିଦ୍ରୋହ କ୍ରମେ ଗୁରୁତର ହେବାରୁ ଇଂରେଜ ସରକାର ଖ୍ରୀ: ୧୮୩୨ରେ ଜର୍ଜ ରସେଲ ସାହେବଙ୍କୁ 'ସ୍ପେଶାଲ କମିଶନର' ନିଯୁକ୍ତି କରି ବିଦ୍ରୋହ ଦମନ କରିବାକୁ ପଠାଇଲେ । ରସେଲ ସାହେବ କଠୋର ହସ୍ତରେ ବିଦ୍ରୋହ ଦମନ କଲେ । ବିଦ୍ରୋହୀମାନଙ୍କୁ ଗିରଫ କରାଯାଇ ସାମରିକ ଅଦାଲତରେ ସେମାନଙ୍କର ବିଚାର କରାଗଲା । ବିଚାରରେ ୧୨ ଜଣକୁ ଦ୍ୱୀପାନ୍ତର ଯାବଜ୍ଜୀବନ କାରାବାସ ଦଣ୍ଡ ଦିଆଗଲା । ୧୫ ଜଣଙ୍କୁ ପ୍ରାଣଦଣ୍ଡ ଦିଆଗଲା । ଏହି ଘଟଣା ପରେ ପାରଳା-ଖେମୁଣ୍ଡିରେ ସ୍ଥାୟୀ ଶାନ୍ତି ସ୍ଥାପିତ ହେଲା ।

## ୯୦ । ଖ୍ରୀ: ୧୮୩୬-୩୭ ଘୁମସର ବିଦ୍ରୋହ

ବାକିଆ ଖଜଣା ଦେଇ ନ ପାରିବାରୁ ରାଜା ଶ୍ରୀ କର ଭଞ୍ଜ ରାଜ୍ୟର ଭାର ତାଙ୍କ ପୁତ୍ର ଧନଞ୍ଜୟ ଭଞ୍ଜଙ୍କୁ ଖ୍ରୀ: ୧୮୩୧ରେ ଦେଇ ଅବସର ଗ୍ରହଣ କଲେ । ରାଜା ଧନଞ୍ଜୟ ମଧ୍ୟ ବାକିଆ ଖଜଣା ପରିଶୋଧ କରିବାକୁ ଅକ୍ଷମ ହୋଇ ଖ୍ରୀ: ୧୮୩୫ରେ ଅବସର ଗ୍ରହଣ କଲେ । ରାଜ୍ୟ ଇଂରେଜ ଶାସନାଧୀନ ହେଲା । ଏଥିରେ ରାଜ୍ୟବାସୀ ସନ୍ତୁଷ୍ଟ ହେଲେ ନାହିଁ । ଦୋରା ବିଶୋଇ ଓ କନ୍ଧ ନେତା ବିନଲ କନ୍ଧଙ୍କ ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହେଲା । ବିଦ୍ରୋହୀମାନେ ଜଙ୍ଗଲରେ ଇଂରେଜ ସୈନ୍ୟଙ୍କ ଉପରେ ଆତଙ୍କିତ ଆକ୍ରମଣ କରୁଥିଲେ । ଶେଷରେ ଇଂରେଜ ବିଦ୍ରୋହ ଦମନ କରି ବିଦ୍ରୋହୀମାନଙ୍କୁ ଦଣ୍ଡ ଦେଲେ । ଦୋରା ବିଶୋଇ କିନ୍ତୁ ଧରାପଡ଼ିଲେ ନାହିଁ ।

## ୯୧ । ଖ୍ରୀ: ୧୮୪୭ ଅନୁଗୁଳ ବିଦ୍ରୋହ

ଅନୁଗୁଳର ରାଜା ସୋମନାଥ ସିଂହ କେତେକ କାରଣରୁ ଇଂରେଜମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ । ଘୁମସରର ବିଦ୍ରୋହୀ ନେତା ଦୋରା ବିଶୋଇ ଓ ତାଙ୍କର ପୁତୁରା ଚକ୍ର ବିଶୋଇଙ୍କୁ ସେ ଆଶ୍ରୟ ଦେଇଥିଲେ ବୋଲି ଇଂରେଜ ସରକାର ସନ୍ଦେହ କରୁଥିଲେ । ଦୋରା ବିଶୋଇଙ୍କୁ ଧରିବା ପାଇଁ ଇଂରେଜ ସରକାର ବିଶେଷ ଚେଷ୍ଟା କରୁଥିଲେ । କାରଣ ସରକାରଙ୍କର ନରବଳି ପ୍ରଥା ରହିତ କରିବା ଆଦେଶ ପ୍ରତିବାଦ କରି କନ୍ଧମାନେ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଦୋରା ବିଶୋଇ ଓ ନବଘନ କହଁର ସେମାନଙ୍କର ନେତା ଥିଲେ । ସୁତରାଂ ଦୋରା ବିଶୋଇଙ୍କୁ ଧରିବା ପାଇଁ ଇଂରେଜ ସରକାର ଆପ୍ରାଣ ଚେଷ୍ଟା କରୁଥିଲେ । ରାଜା ସୋମନାଥ ସିଂହ ତାଙ୍କୁ ଆଶ୍ରୟ ଦେଇଛନ୍ତି ବୋଲି ସନ୍ଦେହ କରି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସରକାର ଚିନ୍ତା କରୁଥିଲେ । ଶେଷରେ ଅନୁଗୁଳକୁ ଇଂରେଜ ଶାସନାଧୀନ କରିବା ପାଇଁ ସ୍ଥିର ହେଲା । ସେହି ଅନୁସାରେ ଖ୍ରୀ: ୧୮୪୮ରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭହେଲା । ରାଜା ସୋମନାଥ ସିଂହ ତାଙ୍କର ସୀମିତ ସମ୍ବଳ ନେଇ ଇଂରେଜ ସୈନ୍ୟଙ୍କ ପ୍ରତିରୋଧ କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଇଂରେଜ ବାହିନୀ ଅନୁଗୁଳ ଗଡ଼ ଅଧିକାର କଲେ । ରାଜା ବନ୍ଦୀହେଲେ ଓ ରାଜ୍ୟ ଇଂରେଜ ଶାସନାଧୀନ ହେଲା ।

## ୯୨ । ଖ୍ରୀ: ୧୮୫୭—୧୮୬୪ ସମ୍ବଲପୁରର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ

ଖ୍ରୀ: ୧୮୨୭ରେ ସମ୍ବଲପୁରର ରାଜା ମହାରାଜ ସାଏ ପ୍ରାଣତ୍ୟାଗ କଲେ । ସେ ଅପୁତ୍ରିକ ଥିଲେ । ଉତ୍ତରା-ଧିକାରୀ ସୂତ୍ରରେ ସୁରେନ୍ଦ୍ର ସାଏ ରାଜା ହେବା କଥା କିନ୍ତୁ ଇଂରେଜ ସରକାର ତାଙ୍କୁ ରାଜା ନ କରି ବରପାଲୀର ଜମିଦାର ନାରାୟଣ ସିଂହଙ୍କୁ ରାଜା କଲେ । ଏଥିରେ ସମ୍ବଲପୁରର ଗଣ୍ଡ ଓ ଭିନ୍‌ଝାର ଜମିଦାରମାନେ ଉତ୍ତ୍ୟକ୍ତ ହେଲେ । କାରଣ ସେମାନେ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁର ସିଂହାସନର ପ୍ରକୃତ ଅଧିକାରୀ ବୋଲି ମନେ କରୁଥିଲେ । ସେମାନଙ୍କର ରାଗ ନାରାୟଣ ସିଂହଙ୍କର ପ୍ରଧାନ ସମର୍ଥକ ରାମପୁରର ଜମିଦାର ଦୁର୍ଯ୍ୟୋଧନ ସିଂହଙ୍କ ଉପରେ ପଡ଼ିଲା । ସୁରେନ୍ଦ୍ର ସାଏଙ୍କ କେତେକ ସମର୍ଥକ ଦୁର୍ଯ୍ୟୋଧନ ସିଂହଙ୍କୁ ମାରି ଦେବା ପାଇଁ ତାଙ୍କ ଘରେ ପଶିଲେ । ଦୁର୍ଯ୍ୟୋଧନ ଖସି ପଳାଇଲେ କିନ୍ତୁ ତାଙ୍କର ବାପ ଓ ପୁଅ ପ୍ରାଣ ହରାଇଲେ । ୧୮୪୦ ମସିହାରେ ଦୁର୍ଯ୍ୟୋଧନଙ୍କ ବାପା ଓ ପୁଅର ହତ୍ୟା ମାମଲାରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏଙ୍କୁ ଜଡ଼ିତ କରାଗଲା । ବିଚାରରେ ସେ ଦୁଇଜଣଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଗଲା ଓ ସେମାନଙ୍କୁ ହଜାରିବାଗ ଜେଲରେ ରଖାଗଲା । ସିପାହୀ ବିଦ୍ରୋହ ସମୟରେ ହଜାରିବାଗରେ ଅଷ୍ଟମ ବେଙ୍ଗଲ ପଦାତିକ ବାହିନୀ ବିଦ୍ରୋହ ଘୋଷଣା କଲେ । ସେମାନେ ଜେଲ ଭାଙ୍ଗି କଏଦୀମାନଙ୍କୁ ଖଲାସ କରିଦେଲେ । ଖ୍ରୀ; ୧୮୫୭ ଅଗଷ୍ଟ ମାସରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ଜେଲରୁ ଖଲାସ ହୋଇ ସମ୍ବଲପୁରକୁ ଆସିଲେ । ସେ ସମ୍ବଲପୁରର ସହକାରୀ କମିଶନରଙ୍କୁ ସାକ୍ଷାତ କରି ତାଙ୍କର ସମ୍ବଲପୁର ସିଂହାସନ ଉପରେ ନ୍ୟାଯ୍ୟ ଦାବୀ

ବିଷୟରେ ସରକାର ପୁନର୍ବିଚାର କରନ୍ତୁ ବୋଲି ଅନୁରୋଧ କଲେ । ସରକାର ଏ ବିଷୟରେ ସିଦ୍ଧାନ୍ତ ନେବା ପର୍ଯ୍ୟନ୍ତ ତାଙ୍କୁ ତାଙ୍କର ନିଜ ଗ୍ରାମ ଖିଣ୍ଡାରେ ତାଙ୍କର ପରିବାର ସହିତ ରହିବାକୁ ଅନୁମତି ମାଗିଲେ । କିନ୍ତୁ ସରକାରୀ କମିଶନର ତାଙ୍କୁ ସମ୍ବଲପୁରରେ ରହିବା ପାଇଁ ଆଦେଶ କଲେ । ସରକାର ଭାବିଲେ ଯେ ବିଦ୍ରୋହୀ ସିପାହୀମାନେ ସୁରେନ୍ଦ୍ରଙ୍କର ନେତୃତ୍ୱରେ ସମ୍ବଲପୁରରେ ଗୋଳମାଳ କରିପାରନ୍ତି । ସେଥିପାଇଁ ସୁରେନ୍ଦ୍ରଙ୍କୁ ତାଙ୍କ ବାସଭବନରେ ନଜରବନ୍ଦୀ କରି ରଖାଗଲା ଓ କଟକରୁ ଅଧିକ ସୈନ୍ୟ ଅଣାଗଲା । ସୁରେନ୍ଦ୍ର ସରକାରଙ୍କର ତାଙ୍କ ପ୍ରତି ମନୋଭାବ ବୁଝିପାରି ଖ୍ରୀ: ୧୮୫୭ ଅକ୍ଟୋବର ୩୧ ତାରିଖରେ ତାଙ୍କର ସମ୍ବଲପୁର ବାସଭବନରୁ ଖସି ପଳାଇଲେ ଓ ବିଦ୍ରୋହ ଘୋଷଣା କଲେ । ସେହି ଦିନରୁ ୧୮୬୪ ମସିହା ଜାନୁଆରୀ ମାସ ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱରେ ବିଦ୍ରୋହ ଚାଲିଲା । ଖଣ୍ଡ ଯୁଦ୍ଧରେ ଅନେକ ଲୋକଙ୍କର ପ୍ରାଣହାନି ହେଲା । ଶେଷରେ ୧୮୬୪ ମସିହା ଜାନୁଆରୀ ମାସରେ ସୁରେନ୍ଦ୍ର ସାଏ ଓ ତାଙ୍କର କେତେକ ଅନୁଚରଙ୍କୁ ଧରାଗଲା । ସେମାନଙ୍କୁ ବିଦ୍ରୋହୀ ଭାବରେ ବିଚାର କରାଯାଇ ଯାବତ୍‌ଜୀବନ କାରାଦଣ୍ଡ ଦିଆଗଲା ଓ ଆସିରଗଡ ଦୁର୍ଗରେ ବନ୍ଦୀ କରି ରଖା ଗଲା । ସେହି ବନ୍ଦୀଶାଳାରେ ତାଙ୍କର ମୃତ୍ୟୁ ହେଲା ।

### ୧୩ । ଖ୍ରୀ: ୧୯୧୫ ବଙ୍ଗ ସନ୍ତ୍ରାସବାଦୀ ଓ ଇଂରେଜ ପୋଲିସର ସଂଘର୍ଷ

ବଙ୍ଗ ଦେଶର କେତେକ ସନ୍ତ୍ରାସବାଦୀ ମୟୂରଭଞ୍ଜ କପ୍ତିପଦାଠାରେ ଆତ୍ମଗୋପନ କରିଥିଲେ । ପୋଲିସ ସେମାନଙ୍କର ଗୁପ୍ତ ଆଶ୍ରୟ ଜାଣି ପାରି ସେମାନଙ୍କୁ ଧରିବା ପାଇଁ ବ୍ୟବସ୍ଥା କଲେ । ସନ୍ତ୍ରାସବାଦୀମାନେ ପୋଲିସର ତତ୍‌ପରତା ବିଷୟ ଜାଣିପାରି ବାଲେଶ୍ୱର ବାଟେ ବଙ୍ଗକୁ ପଳାଇ ଯାଉଥିଲେ । ବାଲେଶ୍ୱର ଫୁଲରୀ ଘାଟ ନିକଟରେ ସେମାନେ ବୁଢ଼ାବଳଙ୍ଗ ନଦୀ ପାର ହେବାକୁ ଚେଷ୍ଟା କରୁଥିଲା ବେଳେ ଲୋକେ ସେମାନଙ୍କୁ ସନ୍ଦେହ କଲେ ଓ ବାଲେଶ୍ୱର ଥାନାକୁ ଖବର ଦେଲେ । ସନ୍ତ୍ରାସବାଦୀ ଦଳରେ ମାତ୍ର ୫ ଜଣ ଥିଲେ, ନେତା ଯତୀନ (ବାଘା ଯତୀନ), ଚିତ୍ତପ୍ରିୟ ଜ୍ୟୋତିଷ, ମନୋରଞ୍ଜନ ଓ ନୀରେନ । ସମ୍ବାଦ ପାଇ ବାଲେଶ୍ୱରରୁ ପୋଲିସ ଫୌଜ ଆସିଲା । ସନ୍ତ୍ରାସବାଦୀମାନେ ଗୋଟିଏ ଉଚ୍ଚ ମୁଣ୍ଡିଆ ପଛରେ ରହି ପୋଲିସ ଉପରକୁ ଗୁଳି କଲେ, ପୋଲିସ ଗୁଳି ଚଳାଇଲେ । ଏହି ଖଣ୍ଡ ଯୁଦ୍ଧରେ ଚିତ୍ତପ୍ରିୟ ପୋଲିସ ଗୁଳିରେ ଆହତ ହୋଇ ପ୍ରାଣତ୍ୟାଗ କଲେ । ଯତୀନ ଗୁରୁତର ଭାବରେ ଆହତ ହେଲେ । ଅନ୍ୟ ୩ ଜଣ ଆତ୍ମସମର୍ପଣ କଲେ । ଯତୀନ ଡାକ୍ତର ଖାନାରେ ପ୍ରାଣତ୍ୟାଗ କଲେ । ଅନ୍ୟ ୩ଜଣଙ୍କ ବିଚାର ହେଲା । ମନୋରଞ୍ଜନ ଓ ନୀରେନଙ୍କୁ ପ୍ରାଣଦଣ୍ଡ ଓ ଜ୍ୟୋତିଷଙ୍କୁ ଯାବତ୍‌ଜୀବନ ଦ୍ୱୀପାନ୍ତର କାରାଦଣ୍ଡ ଆଦେଶ ଦିଆଗଲା ।

ଏହାହିଁ ଓଡ଼ିଶାରେ ଜାତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ । ଏହି ପ୍ରତିରୋଧାତ୍ମକ ଆନ୍ଦୋଳନରେ ଓଡ଼ିଶାର ବହୁ ବୀର ସନ୍ତାନ ସେମାନଙ୍କର ବୀରତ୍ୱର ନିଦର୍ଶନ ରଖିଯାଇଛନ୍ତି । ଅନେକ ମଧ୍ୟ ନିଜର ଜୀବନ ଉତ୍ସର୍ଗ କରିଛନ୍ତି । ସେମାନଙ୍କର ସ୍ମୃତି ଆମ୍ଭମାନଙ୍କର ଗର୍ବ ଓ ଗୌରବର ବିଷୟ ହୋଇ ରହିବ ।

○ ○ ○

## ଷଷ୍ଠ ଯୋଜନା କାଳରେ
## ଆମର ଆବଶ୍ୟକ

ଷଷ୍ଠ ଯୋଜନା କାଳ ମଧ୍ୟରେ ବିଭିନ୍ନ ଶିଳ୍ପ କାରଖାନାଗୁଡ଼ିକରେ ନିଯୁକ୍ତି ପାଇଁ ରାଜ୍ୟରେ ୨,୬୨୦ ଜଣ ଡିଗ୍ରୀଧାରୀ ଇଂଜିନିୟର, ୫,୫୨୫ ଜଣ ଡିପ୍ଲୋମାଧାରୀ ଓ ୧୯,୦୦୦ ଜଣ କୁଶଳୀ କାରିଗର ଆବଶ୍ୟକ ହେବେ ବୋଲି ଏକ ଅଟକଳରୁ ଜଣାଯାଇଛି । ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ନିମ୍ନୋକ୍ତ ପଦକ୍ଷେପ ନେଇଛନ୍ତି । ୨ ଟି ଇଂଜିନିୟରିଂ କଲେଜର ଛାତ୍ର ସଂଖ୍ୟା ୩୯୬ରୁ ୫୨୫ କୁ ବୃଦ୍ଧି କରାଯାଇଛି । ଓଡ଼ିଶା କୃଷି ମହାବିଦ୍ୟାଳୟରେ ସିଭିଲ୍, ମେକାନିକାଲ୍ ଓ ଇଲେକ୍‌ଟ୍ରିକାଲ୍ ଟ୍ରେଡ୍‌ରେ ଅଣ୍ଡର ଗ୍ରାଜୁଏଟ୍ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏଠାରେ ୯୦ ଜଣ ଛାତ୍ରଙ୍କୁ ଶିକ୍ଷା ଦିଆଯାଇ ପାରିବ । ଆସନ୍ତା ଜୁଲାଇ ମାସଠାରୁ (ଜୁଲାଇ, ୧୯୮୩) ତାଳଚେରଠାରେ ଗୋଟିଏ ନୂତନ ଇଂଜିନିୟରିଂ କଲେଜ ଖୋଲିବ । ଦୁଇଟି ଇଂଜିନିୟରିଂ କଲେଜ ଏବଂ ୪ଟି ଇଂଜିନିୟରିଂ ସ୍କୁଲରେ ୪୦୫ ଜଣ ଛାତ୍ରଙ୍କୁ ଏ. ଏସ୍. ଆଇ. କୋଚିଂ ଦିଆଯିବାର ପଦକ୍ଷେପ ନିଆଯାଇଛି । ଆଇ. ଏ. ଏବଂ ବି. ଏ. ପାଶ୍ କରିଥିବା ଛାତ୍ରଙ୍କ ପାଇଁ ଦୁଇବର୍ଷିଆ ସଂକ୍ଷିପ୍ତ ପାଠ୍ୟକ୍ରମ ବ୍ୟବସ୍ଥା କରାଯାଇଛି ଏବଂ ୧୮୦ ଜଣଙ୍କୁ ଏହି ପାଠ୍ୟକ୍ରମର ସୁବିଧା ମିଳିବ । ତାଳଚେରଠାରେ ୧୦୦ଟି ସ୍ଥାନ ବିଶିଷ୍ଟ ପଲିଟେକ୍‌ନିକ୍ ଗତ ଜୁଲାଇଠାରୁ ଆରମ୍ଭ କରାଯାଇଛି । ରାଜ୍ୟରେ ଥିବା ବର୍ତ୍ତମାନର ୧୧ଟି ଆଇ. ଟି. ଆଇ.କୁ ସ୍ୱୀକୃତି ଦିଆଯାଇଛି ଏବଂ ଫୁଲବାଣୀ ଓ ବରଗଡ଼ଠାରେ ପ୍ରତ୍ୟେକଟିରେ ୮୦ଟି ସ୍ଥାନ ବିଶିଷ୍ଟ ଦୁଇଟି ନୂତନ ଆଇ. ଟି. ଆଇ. ଖୋଲାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଚୌଦ୍ୱାରଠାରେ ଏକ ମଡେଲ ଡିସ୍ପେନସର ଇ. ଟି. ଆଇ. ଖୋଲାଯାଇଛି ।

# ମହାମାନବର ସାଗର ତୀରେ

**ପ୍ରବ୍ରାଜକ ସତ୍ୟନାରାୟଣ ନନ୍ଦ**

ମହାଭାରତରେ ଯକ୍ଷଙ୍କର "କା ଦିକ୍ ?" ପ୍ରଶ୍ନର ଉତ୍ତରରେ ଯୁଧିଷ୍ଠିର କହିଛନ୍ତି : "ସନ୍ତୋ ଦିକ୍।" ଅର୍ଥାତ୍ "ସାଧୁ ସନ୍ଥମାନଙ୍କର ଜୀବନ ହିଁ ଆମକୁ ଦିଗ୍-ଦର୍ଶନ ଦେଉଛି ।" ଭାରତର ଏହି ପୁଣ୍ୟ ଭୂମିରେ କେତେ କର୍ମବୀର, ଧର୍ମବୀର ଯୁଗ ଯୁଗ ଧରି ଜନ୍ମ ଗ୍ରହଣ କରିଛନ୍ତି , ବିଶ୍ୱକୁ ଶୁଣାଇଛନ୍ତି ତାଙ୍କର ଉଦାର ବାଣୀ, ଉଦ୍‌ବୁଦ୍ଧ କରିଛନ୍ତି ଭାସ୍ୱର ଭାବନାରେ, ମାନବ ଜାତିର ସମୂହ କଲ୍ୟାଣ କାମନା କରିଛନ୍ତି କଥାରେ, କର୍ମରେ ଓ ହୃଦୟଭରା ପ୍ରାର୍ଥନାରେ ।

ଆର୍ଯ୍ୟ ସଭ୍ୟତାର ଆଦିଭୂମି ଏହି ଭାରତବର୍ଷରୁ ସଭ୍ୟତା ସଂସ୍କୃତି ଦିଗ୍‌ବିଦିଗକୁ ବିସ୍ତାରିତ ହୋଇଛି । "ହିମଗିରି-ସୀମାଙ୍କିତ ମସ୍ତକ" "ଅମ୍ବୁଧି-ପରିଗତପାର୍ଶ୍ୱ" "ବିଶ୍ୱୋତ୍‌କର୍ଷ ନିଦାନ" ଭାରତବର୍ଷରେ ଅଗଣିତ ମହାମାନବ ଭୂମିଷ୍ଠ ହୋଇଛନ୍ତି । ବୈଦିକ ଋଷିକଣ୍ଠରେ ନିନାଦିତ ହୋଇଛି ସୃଷ୍ଟିର ଶାଶ୍ୱତ ସଂଗୀତ :

ନାସଦାସୀନ୍ନୋ ସଦାସୀତ୍ତଦାନୀଂ
 ନାସୀଦ୍ରଜୋ ନୋ ବ୍ୟୋମା ପରୋଯତ୍ ।
କୀମାବରୀବଃ କୁହକସ୍ୟ ଶର୍ମ—
 ନ୍ନମ୍ଭଃ କିମାସୀଦ୍‌ଗହନଂ ଗଭୀରମ୍ ।।
 (ସୃଷ୍ଟି ସୂକ୍ତ ମ୧୦।ସୂ ୧୨୯)

ଜ୍ଞାନ ଓ କର୍ମ ରୂପକ ମନୋଜ୍ଞ ପକ୍ଷଯୁକ୍ତ ବିହଙ୍ଗ ଭଳି ଗତିଶୀଳ ମେଧାସଂପନ୍ନ ଋଷିମାନେ ଜ୍ଞାନଜ୍ୟୋତିରେ ଦେଦୀପ୍ୟମାନ ପରମପିତା ପରମାତ୍ମାଙ୍କ ନିକଟରେ ଉପସ୍ଥିତ ଉପାସନାରତ । ସେମାନେ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି "ପ୍ରଭୋ ! ଆମର ଅଜ୍ଞାନ ଅନ୍ଧକାର ନାଶ କରନ୍ତୁ, ଆମ ନେତ୍ର ଭାସ୍ୱର କରନ୍ତୁ ଏବଂ ଜାଲରୁ ମୁକ୍ତ କରିବା ଭଳି ଆମକୁ ମୁକ୍ତ କରନ୍ତୁ ।"

ସମୁଦ୍ର ଲହଡ଼ି କୂଳ ଛୁଇଁବା ଭଳି ଏଇ ମହର୍ଷି—ମାନଙ୍କର ଜୀବନ ଢେଉ ଦିନେ ଭାରତ ଭୂମିକୁ ପୂତ ଓ ପ୍ଲାବିତ କରିଥିଲା । ମହାମାନବଙ୍କ ପାଦସ୍ପର୍ଶରେ ପୁଣ୍ୟ ଭୂମି ହୋଇଥିଲା ପୁଣ୍ୟତର । ଏଇ ଭାରତ ଭୂମିର ଗୌରବ ବର୍ଣ୍ଣନା କରି ଶାସ୍ତ୍ର କହେ :

ଅତ୍ରାପି ଭାରତଂ ଶ୍ରେଷ୍ଠମ୍
 ଜମ୍ବୁଦ୍ୱୀପେ ମହାମୁନେ,
ଯତୋ ହି କର୍ମଭୂରେଣ
 ଯତୋଽନ୍ୟ ଭୋଗଭୂମୟଃ ।
ଅତ୍ର ଜନ୍ମ ସହସ୍ରାଣାମ୍
 ସହସ୍ରୈରପି ସତ୍ତମ
କଦାଚିତ୍ ଲଭତେ ଜନ୍ତୁ
 ମନୁଷ୍ୟଂ ପୁଣ୍ୟ ସଞ୍ଚୟାତ୍ ।।

ଋଷିମାନେ ଶୁଦ୍ଧବୁଦ୍ଧିର ପ୍ରତୀକ । ଧ୍ୟାନ ଚେତନାରେ ସେମାନେ ବେଦମନ୍ତ୍ରଗୁଡ଼ିକୁ ଦେଖି ପାରୁଥିଲେ । ସେମାନେ ହିଁ ଥିଲେ ପୃଥିବୀରେ ପରମାତ୍ମାଙ୍କର ପ୍ରତିଭୂ । ତ୍ୟାଗ ଓ ତପସ୍ୟା ଥିଲା ସେମାନଙ୍କ ଜୀବନର ବ୍ରତ । ଜଗତର କଲ୍ୟାଣ ପାଇଁ ସେମାନେ ଜୀବନ ଧାରଣ କରିଥିଲେ । ଈଶ୍ୱରଙ୍କ ଅନୁକଂପା ଲାଭ ନିମନ୍ତେ ମନ୍ତ୍ର ଉପାସନା କରୁଥିଲେ । ପ୍ରଜାପତି ବ୍ରହ୍ମାଙ୍କର ଚତୁର୍ମୁଖରୁ ବେଦ ଚତୁଷ୍ଟୟ ନିଃସୃତ ହୋଇଥିଲା । "ସ୍ୱୟଂ ଈଶ୍ୱର ଯଜ୍ଞ କର୍ମ ନିମନ୍ତେ ଅଗ୍ନିଙ୍କଠାରୁ ଋକ୍‌ବେଦ, ବାୟୁଙ୍କଠାରୁ ଯଜୁର୍ ବେଦ ଏବଂ ସୂର୍ଯ୍ୟଙ୍କଠାରୁ ସାମବେଦ ଦୋହନ କରିଥିଲେ । ଏଇ ବେଦତ୍ରୟ ସନାତନ ।" (ମନୁ ସଂହିତା : ପ୍ରଥମ ଅଧ୍ୟାୟ, ୨୩ ଶ୍ଳୋକ) ଋଷିମାନେ ବେଦର ନିର୍ମଳ ଚେତନାରେ ନିତ୍ୟ ନିମଜ୍ଜିତ ଥିଲେ । ଋକ୍‌ବେଦରେ ଋଷିମାନଙ୍କ ପ୍ରାର୍ଥନାର ଉଦ୍ଦେଶ୍ୟ ବ୍ୟକ୍ତ ହୋଇଛି :

ବୟଃ ସୁପର୍ଣ୍ଣା ଉପସେଦୁରିନ୍ଦ୍ରଂ ପ୍ରିୟମେଧା ଋଷୟୋଃ
 ନାଧମାନାଃ ।
ଅପ ଧ୍ୱାନ୍ତମୂର୍ଣ୍ଣୁହି ପୂର୍ଧି ଚକ୍ଷୁର୍ମୁମୁଗ୍‌ଧ୍ୟସ୍ମାନ୍ନିଧୟେବ ବଦ୍ଧାନ୍ ।

ମଣିଷ ବହୁ ଜନ୍ମର ପୁଣ୍ୟ ଫଳରେ କର୍ମଭୂମି ଭାରତରେ ଭୂମିଷ୍ଠ ହୁଏ । ତେଣୁ ଏ ଦେଶର ମହାମାନବ ହୋଇ ଜନ୍ମିବା ତ ଦୁର୍ଲଭତର ସୁଯୋଗ । ମହା-ମାନବଙ୍କ କଣ୍ଠରେ ଦେଶମାତା ନିଜକୁ ବ୍ୟକ୍ତ କରନ୍ତି, ବେଦମାତା ପ୍ରସନ୍ନ ହୁଅନ୍ତି ଓ ସେମାନଙ୍କୁ ବିଶ୍ୱକଲ୍ୟାଣ ପାଇଁ କର୍ମ କରିବାକୁ ଉତ୍ସାହିତ କରନ୍ତି :

ଆ ଯଦ୍ ବାମିୟଚକ୍ଷସା
 ମିତ୍ରା ବୟଂ ଚ ସୂରୟଃ
ବ୍ୟାଚିଷ୍ଠେ ବହୁପାୟ୍ୟେ
 ଯତେ ମହି ସ୍ୱରାଜ୍ୟ ।।

"ହେ ଉଦାର ଦୃଷ୍ଟି ଓ ବନ୍ଧୁତ୍ୱ ମନୋଭାବ ସଂପନ୍ନ ବ୍ୟକ୍ତିଗଣ, ସ୍ଥଳସବୁ ବିସ୍ତରଣଶୀଳ ବ୍ୟକ୍ତିମାନେ ଏକତ୍ରିତ ହେବା ଏବଂ ଏହି ସୁବିସ୍ତୃତ ଓ ସୁରକ୍ଷିତ ସ୍ୱରାଜ୍ୟରେ ସର୍ବଜନ କଲ୍ୟାଣ ପାଇଁ ପ୍ରଯତ୍ନ କରିବା ।"

(ଖ୍ରୀ : ପୂ : ୨୫୦୦) ଋକ୍‌ବେଦର ଏଇ ପ୍ରାର୍ଥନାରେ ସ୍ୱରାଜ୍ୟ ଭାବନା ଯେପରି ପ୍ରାଣସ୍ପର୍ଶୀ

ସେହିପରି ବ୍ୟାପକ । କେବଳ ଆକୁମାରୀ ହିମାଚଳ ନୁହେଁ, ମନୁଙ୍କ ପୁତ୍ର ପ୍ରିୟବ୍ରତ କଳ୍ପିତ ସପ୍ତଦ୍ୱୀପା (ଜମ୍ବୁ, ପ୍ଲକ୍ଷ, ପୁଷ୍କର, କ୍ରୌଞ୍ଚ, ଶକ, ଶାଲ୍ମ ଓ କୁଶ) ବସୁନ୍ଧରା, ସ୍ମୃତି ମାନସପଟରେ ଉଦ୍‌ଭାସିତ ହୁଏ । ଉଦ୍‌ଭାସିତ ହୁଏ ଦେବତାତ୍ମା ହିମାଳୟଙ୍କର ତୁଷାର ଶୁଭ୍ର ଶିଖର । ତୁଷାରକାନ୍ତି ତପସ୍ୱୀର ହାସ୍ୟୋଜ୍ଜ୍ୱଳ ଛବି । ନିଃଶବ୍ଦରେ ଉଚ୍ଚାରିତ ହୁଏ :

"ଗଙ୍ଗେଶ୍ଚ ଯମୁନେଶ୍ଚୈବ ଗୋଦାବରୀ ସରସ୍ୱତୀ" । ମହାମାନବର ସାଗରକୁ ଛୁଟି ଆସେ ଲହଡ଼ି ପରେ ଲହଡ଼ି ।

ମାନବକୁ ମନୁଙ୍କ ଦାୟାଦ କୁହାଯାଏ । ସ୍ମୃତି ବା ଧର୍ମ ସଂହିତାର ପ୍ରବର୍ତ୍ତକ ରୂପେ ମନୁଙ୍କ ମର୍ଯ୍ୟାଦା ବିଶ୍ୱ ବିଶ୍ରୁତ । ଶାସ୍ତ୍ରଗୁଡ଼ିକରେ ସେ କେବେ କେବେ ଋଷି, କେବେ ରାଜା ଓ ପୁଣି କେତେବେଳେ ପ୍ରଜାପତି ବା ସ୍ରଷ୍ଟା ରୂପେ ବର୍ଣ୍ଣିତ । ସେଥିରେ ପ୍ରଥମ ଯାଜ୍ଞିକ ଓ ସଂହିତାକାର । ମନୁ ସଂହିତାର ଚତୁର୍ଥ ଅଧ୍ୟାୟରେ ସେ ଲେଖିଛନ୍ତି "ଯେଉଁମାନେ ଯୋଗାଭ୍ୟାସ କରିବାକୁ ଚାହାନ୍ତି ସେମାନେ ଆରଣ୍ୟକ ଓ ମୋର ଯୋଗଶାସ୍ତ୍ର ଅଧ୍ୟୟନ କରନ୍ତୁ ।"

କୋଡ଼ିଏଜଣ ସ୍ମୃତିକାରଙ୍କ ମଧ୍ୟରେ ମନୁ ଥିଲେ ଅଗ୍ରଗଣ୍ୟ । ତାଙ୍କ ନାମାନୁସାରେ ଚତୁର୍ଦ୍ଦଶ ମନ୍ୱନ୍ତର ସୂଚୀତ ହୋଇଛି । ଅଢ଼େଇ ହଜାରରୁ ଅଧିକ ଶ୍ଳୋକ ସନ୍ନିବେଶିତ "ମନୁସଂହିତା"ରେ ନୈତିକ, ସାମାଜିକ, ରାଜନୈତିକ ଓ ଆଧ୍ୟାତ୍ମିକ ନିର୍ଦ୍ଦେଶମାନ ଲିପିବଦ୍ଧ ହୋଇଛି । ଆର୍ଯ୍ୟାବର୍ତ୍ତର ସୀମା ନିରୂପଣ କରି ମନୁ କହିଛନ୍ତି :

ଆସମୁଦ୍ରାତ୍ତୁବୈପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ ।
ତୟୋରେବାନ୍ତରଂ ଗିର୍ଯ୍ୟୋରାର୍ଯ୍ୟାବର୍ତ୍ତଂ ବିଦୁର୍ବୁଧା ।

ଯାହାର ପୂର୍ବ ଓ ପଶ୍ଚିମରେ ସମୁଦ୍ର ବିଦ୍ୟମାନ, ଉତ୍ତର ଓ ଦକ୍ଷିଣରେ ପର୍ବତମାଳା ବିଦ୍ୟମାନ ସେହି ପୁଣ୍ୟଭୂମିର ନାମ ଆର୍ଯ୍ୟାବର୍ତ୍ତ । ଧର୍ମ ପାଳନ ଦ୍ୱାରା ଜୀବନକୁ ଯେଉଁମାନେ ଉନ୍ନତତର କରିବା ପାଇଁ ବଦ୍ଧ ପରିକର ସେମାନଙ୍କୁ କୁହାଯାଏ ଆର୍ଯ୍ୟ । ବିଶ୍ୱବାସୀଙ୍କୁ ଆର୍ଯ୍ୟ ଆଦର୍ଶରେ ଅନୁପ୍ରାଣୀତ କରିବା ପାଇଁ ମନୁ କହିଥିଲେ :

*ସତ୍ୟ ଏବଂ ପ୍ରିୟ ବାକ୍ୟ କହିବ *ଅସତ୍ ମାର୍ଗରେ ଧନ ଉପାର୍ଜନ କରିବ ନାହିଁ *ଅହିଂସା ବ୍ରତ ପାଳନ କରି ଦୈନନ୍ଦିନ ଜୀବନରେ ଧର୍ମ ସଂଚୟ କରିବ । କାରଣ ଧର୍ମହିଁ ଜୀବନର ଅନୁଗମନ କରେ ।

ମନୁ ବଶିଷ୍ଠଙ୍କୁ ବ୍ରହ୍ମଜ୍ଞାନ ପ୍ରଦାନ କରିଥିବାର ଜଣାଯାଏ । ଭାରତର ରୀତିନୀତି ମୁଖ୍ୟତଃ ତାଙ୍କରି ଉପଦେଶ ଉପରେ ଆଧାରିତ । ମନୁଙ୍କ ବ୍ୟତୀତ ଭାରତୀୟମାନେ ଯେଉଁ ମୁନିମହର୍ଷିଙ୍କୁ ସ୍ମରଣ କରନ୍ତି, ସେମାନଙ୍କ ମଧ୍ୟରେ ମାର୍କଣ୍ଡେୟ, ନାରଦ, ଗୌତମ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ପରାଶର, ବିଶ୍ୱାମିତ୍ର, କଶ୍ୟପ, ଭୃଗୁ, ଚ୍ୟବନ, ଅଗସ୍ତ୍ୟ, ଦୁର୍ବାସା, ଭରଦ୍ୱାଜ, କପିଳ, ଶାଣ୍ଡିଲ୍ୟ, ବ୍ୟାସଦେବ, ଶୁକ ଓ ବାଲ୍ମୀକି ଆଦି ଅନ୍ତର୍ଭୁକ୍ତ । ଏମାନଙ୍କର ଅମର ବାଣୀ ଯୁଗ ଯୁଗ ଧରି ବିଶ୍ୱବାସୀଙ୍କୁ ଦିଗ୍‌ଦର୍ଶନ ଦେଇଛି । ଶ୍ରୀ ଅରବିନ୍ଦ "The Rishi" କବିତାରେ ମନୁ ଓ ଋଷିଙ୍କର କଥୋପକଥନର ସୁସ୍ପଷ୍ଟ ବର୍ଣ୍ଣନା ଦେଇଛନ୍ତି । ମହାରାଜ ମନୁଙ୍କ ପ୍ରଶ୍ନର ଉତ୍ତରରେ ଋଷି କହିଛନ୍ତି :

କର୍ମକର, ପ୍ରେମ କର, ଜ୍ଞାନାର୍ଜ୍ଜନ କର,
ଏହିପରି ଲଭକର ଅମର ଆନନ୍ଦ
ଭଲପାଅ ମଣିଷକୁ ଭଲପାଅ ଈଶ୍ୱରଙ୍କୁ
ଆହେ, ରାଜା ଭଲପାଇବାକୁ କେବେ କରନାହିଁ ଭୟ ॥

ମହର୍ଷି ମହାମାନବ ଓ ଈଶ୍ୱରଙ୍କ ବାଣୀ ମାନବ ମଧ୍ୟରେ ପ୍ରେମ, ଭ୍ରାତୃତ୍ୱ ଓ ଶ୍ରଦ୍ଧା ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ । ଋତ ଚେତନାରେ ମଗ୍ନ ବୈଦିକ ଋଷି, ମହାମାନବ ମନୁ ଅଥବା ପରବର୍ତ୍ତି ଯୁଗର ବ୍ରହ୍ମର୍ଷି, ମହର୍ଷିମାନେ ମଣିଷକୁ କ୍ଷଣିକ ଓ ଅଳୀକ ଆନନ୍ଦ ପରିହାର କରି ଦିବ୍ୟ ପ୍ରେମ ଆହରଣ ଓ ବିତରଣ କରିବା ପାଇଁ ଉଦ୍‌ବୋଧନ ଦେଇଛନ୍ତି । ମହାମାନବର ସାଗର ତରଙ୍ଗ ସୁବାସିତ କରିଛି ସତ୍ୟଶିବ ସୁନ୍ଦରର ଅନବଦ୍ୟ ସଂଗୀତ ।

ମରୁଦ୍ୱତି ଓ ମର୍କଣ୍ଡୁଙ୍କ ପୁତ୍ର ମହର୍ଷି ମାର୍କଣ୍ଡେୟ ଶିବଙ୍କ କୃପା ଲାଭକରି ମୃତ୍ୟୁଞ୍ଜୟୀ ହୋଇଥିଲେ । "ଦେବୀ ମହାତ୍ମ୍ୟ"ରେ ତାଙ୍କର ଚିର ଉଜ୍ଜ୍ୱଳ ଉପଦେଶ ଲିପିବଦ୍ଧ ହୋଇଛି । ଉଦୟାସ୍ତରେ ଯଥାବିଧି ଧର୍ମ ସଂପାଦନ କରିବା ପାଇଁ ସେ କହିଛନ୍ତି । ମୁନିଆମାନଙ୍କର ମୂଳ ଲଗାଇଲେ, କୁଟୁମ୍ବକୁ ନ ପୋଷି ନିଜେ ସୁଖରେ ଜୀବନ ଯାପନ କଲେ, ପର ସ୍ତ୍ରୀ ଓ ପରଧନ ପ୍ରତି ଆକୃଷ୍ଟ ହେଲେ, ସଭାରେ ମିଥ୍ୟା ସାକ୍ଷ୍ୟ ଦେଲେ ଏବଂ ଦୋଷ ଥାଇ ମିଥ୍ୟାର ଆଶ୍ରୟ ନେଲେ ମଣିଷ କୁମ୍ଭୀପାକ ନର୍କରେ "ବିପାକ ଭୁଞ୍ଜନ୍ତି" ବୋଲି ମହର୍ଷି ମାର୍କଣ୍ଡେୟ କହିଛନ୍ତି ।

ସେହିପରି ମହର୍ଷି ନାରଦ କାମିନୀ କାଞ୍ଚନର ଆକର୍ଷଣ ପ୍ରତିହତକରି ଭକ୍ତିମାର୍ଗରେ ଭଗବାନଙ୍କୁ ଅନ୍ୱେଷଣ କରିବା ପାଇଁ ପ୍ରବୋଧନା ଦେଇଛନ୍ତି । ଅନ୍ନଦାନର ଶ୍ରେଷ୍ଠତ୍ୱ ପ୍ରତିପାଦନକରି ସେ "ନାରଦୀୟ ପୁରାଣ"ରେ କହିଛନ୍ତି:

ଅନ୍ନଜଳ ଏଉଭୟ ଦାନର ସମାନ
ଆଉ ଅନ୍ୟଦାନ କେହି ନାହିଁ ହେ ରାଜନ ।
କ୍ଷୁଧାର୍ତ୍ତଜନଙ୍କୁ ଅନ୍ନଦାନ ଯେ ଦିଅଇ
ପ୍ରାଣଦାନ କରିବାର ଫଳ ସେ ଲଭଇ ।

ସେହିପରି ବିଶ୍ୱାସୀ ବନ୍ଧୁଙ୍କ ସଂପର୍କରେ ଗୌତମ କହନ୍ତି "ବହୁ ଭାବରେ ପରୀକ୍ଷିତ ହୋଇଥିବା ବନ୍ଧୁଙ୍କୁ ତ୍ୟାଗ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ" । ସେ କହନ୍ତି "ସନ୍ତୋଷ ହିଁ ସଂସାରରେ ପରମ ସଂପଦ" । ଅତ୍ରି

ମହର୍ଷି କହନ୍ତି "ଯେଉଁ ଲୋକ ଗୁଣୀମାନଙ୍କ ଗୁଣକୁ ପ୍ରଶଂସା କରନ୍ତି ଓ ଅଳ୍ପ ସଦ୍‌ଗୁଣଥିବା ମଣିଷକୁ ମଧ୍ୟ ପ୍ରଶଂସା କରନ୍ତି, ପର ଦୋଷ ଦେଖିବାପାଇଁ ଇଚ୍ଛା କରନ୍ତି ନାହିଁ, ଯେଉଁମାନେ ପରଶ୍ରୀକାତର ନୁହନ୍ତି, ଯାହାଙ୍କ ଅନ୍ତରରେ ହିଂସା ଓ ଦ୍ୱେଷନାହିଁ ସେମାନେ ଅକ୍ଷୟ ପଦ ପ୍ରାପ୍ତ ହୁଅନ୍ତି" ।

ପରାଶର ନିଜପରି ଅନ୍ୟମାନଙ୍କୁ ଦେଖିବାପାଇଁ, ବିଶ୍ୱାମିତ୍ର ସତ୍ୟସୂର୍ଯ୍ୟର ଆଲୋକରେ ଉଦ୍‌ଭାସିତ ହେବାପାଇଁ, କଶ୍ୟପ ପରୋପକାର ପାଇଁ, ଭୃଗୁ ଗୃହସ୍ଥାଶ୍ରମରେ ଠିକ୍‌ଭାବେ ଜୀବନଯାପନ କରିବାପାଇଁ, ଚ୍ୟବନ ମନ୍ଦଗୁଣ ପରିହାର କରିବା ପାଇଁ, ବଶିଷ୍ଠ ଭୋଗବସ୍ତୁ ପ୍ରତି ବୈରାଗ୍ୟ ପୋଷଣ କରିବାପାଇଁ ଉପଦେଶ ଦେଇ ଯାଇଛନ୍ତି ।

ପୂର୍ବରୁ କୁହାଯାଇଛି ଋଷିମାନେ ଥିଲେ ଶୁଦ୍ଧ ବୁଦ୍ଧିର ପ୍ରତୀକ, ତ୍ୟାଗପୂତ ଓ ନିରନ୍ତର ତପସ୍ୟାରତ । ସେମାନଙ୍କ କଥାକର୍ମ ଓ ଭାବନାରେ ସମନ୍ୱୟଥିଲା । ମାନବଜାତିର ଅଭାବ, ଅସୁବିଧା, ଦୁଃଖ ଯନ୍ତ୍ରଣାରେ ନିଜକୁ ପଳପଳକରି ଜାଳି ସେମାନେ ଶାନ୍ତି ଓ ପ୍ରେମର ଆଲୋକ ପ୍ରଦାନ କରୁଥିଲେ । ଏମିତି ଜଣେ ଶୁଦ୍ଧପୂତ ତପସ୍ୱୀଥିଲେ ମହାବୀର ତୀର୍ଥଙ୍କର । ଖ୍ରୀ: ପୂ: ୫୯୯ରେ ବୈଶାଳୀରେ କ୍ଷତ୍ରୀୟ ରାଜବଂଶରେ ସେ ଜନ୍ମ ଗ୍ରହଣ କରିଥିଲେ । ଯୌବନରେ ପାର୍ଥିବ ସୁଖସୁବିଧା ପରିହାର କରିବାପାଇଁ ସେ ଯେଉଁ ଶପଥ ନେଇଥିଲେ ପରବର୍ତ୍ତୀ କାଳରେ ସେଥିରେ ଅଟଳ ରହିଥିଲେ । ଏଇ ମହାମାନବଙ୍କର ଅହିଂସା ବାଣୀ ଦିନେ ପୃଥିବୀକୁ ଉଦ୍‌ବୁଦ୍ଧ କରିଥିଲା । "ସମସ୍ତ ଜୀବିତ ପ୍ରାଣୀଙ୍କର ଆତ୍ମା ରହିଛି । ଅନ୍ୟମାନଙ୍କର ଆତ୍ମାକୁ ଯଦି ଆଘାତ କରାଯାଏ ତା'ହେଲେ ନିଜ ଆତ୍ମାକୁ ତୁମେ ଆବିଷ୍କାର କରିବ କିପରି ?" ପାର୍ଥିବ ବିଜୟ ଅପେକ୍ଷା ଇନ୍ଦ୍ରିୟ ବିଜୟ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ତେଣୁ ସେ ଜୀନ (ବିଜୟୀ) ନାମରେ ପରିଚିତ ହୋଇଥିଲେ । କାମନାର କାଳିମାଘେରା ପୃଥିବୀକୁ ଅହିଂସାର ଆତସବାଜିରେ ଆଲୋକିତକରି ସେ ପୁଣ୍ୟ ଦୀପାବଳି ଉତ୍ସବରେ ୭୨ ବର୍ଷ ବୟସରେ ଇହଲୀଳା ସାଙ୍ଗ କରିଥିଲେ ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତର ପତନୋ-ନ୍ମୁଖୀ ଆଧ୍ୟାତ୍ମିକ ଓ ସାମାଜିକ ଜୀବନକୁ ପୁଣିଥରେ ଆଧ୍ୟାତ୍ମିକତାର ଦୀପ୍ତିରେ ଦେଦୀପ୍ୟମାନ କରିଥିଲେ ଗୌତମବୁଦ୍ଧ । ମହାନ ମୁକ୍ତିଦାତାରୂପେ ବୁଦ୍ଧଙ୍କର ଆବିର୍ଭାବ ଘଟିଥିଲା ଖ୍ରୀଷ୍ଟପୂର୍ବ ୫୬୪ ବୈଶାଖପୂର୍ଣ୍ଣିମା ଦିନ । ହିମାଳୟରୁ ଅସିତ ମୁନି ଦିନେ ରାଜପ୍ରାସାଦକୁ ବୁଲି ଆସିଥିଲେ । ସିଦ୍ଧାର୍ଥ ଜଗତର ତ୍ରାଣକର୍ତ୍ତା ହେବେ ବୋଲି ସେ ଭବିଷ୍ୟତବାଣୀ ଶୁଣାଇଥିଲେ । ସତକୁ ସତ ଜନ୍ମମୃତ୍ୟୁର ପୁନରାବର୍ତ୍ତରୁ ମୁକ୍ତିହେବାପାଇଁ ସିଦ୍ଧାର୍ଥ ନିଷ୍ଠୁରଭାବେ ସମସ୍ତ କାମନା ପରିହାରକଲେ । ଦୟା, କ୍ଷମା ଓ ପ୍ରେମର ଅବତାର ବୁଦ୍ଧଦେବ ଅଙ୍ଗୁଳିମାଳ ପରି ଦୁର୍ଦ୍ଦାନ୍ତ ଦସ୍ୟୁକୁ ସନ୍ନ୍ୟାସୀରେ ରୂପାନ୍ତରିତ କରିଥିଲେ । ସୁଜାତାର ସୁମିଷ୍ଟ ପାୟସାନ୍ନ ଓ ଚୁନ୍ଦର ବିଶାକ୍ତ ବ୍ୟଞ୍ଜନକୁ ପରମ ପ୍ରେମରେ ସେ ଗ୍ରହଣ କରିଥିଲେ । ସେ କହିଥିଲେ "ଦେହ ଦିନେନା ଦିନେ ନଷ୍ଟହେବ, ଏଥିପାଇଁ ଚୁନ୍ଦ ନିମିତ୍ତମାତ୍ର" । ବୁଦ୍ଧଙ୍କ ମଧ୍ୟମ ପନ୍ଥା ଜୀବନରେ ଉଗ୍ରତା ପରିହାର କରିବା ପାଇଁ କହିଥାଏ । "ଜୀବ ହତ୍ୟା କରନାହିଁ, ଚୋରୀ କରନାହିଁ, ପର ନାରୀକୁ ସ୍ପର୍ଶକରନାହିଁ, ମିଥ୍ୟା କୁହନାହିଁ, ମଦ୍ୟପାନ କରନାହିଁ, ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କ ପ୍ରତି ଅନୁକମ୍ପା ପୋଷଣକର" ବୁଦ୍ଧଙ୍କର ଏଇ ମହାନ ଉପଦେଶ ନିର୍ବାଣ ପଥରେ ଅଗ୍ରସର ହେବାପାଇଁ କେତୋଟି ମାଇଲଷ୍ଟୋନ । ତା'ପରେ ନିରଞ୍ଜନା ନୁହେଁ । ନର୍ମଦା ନଦୀ ତୀରରେ ଗୈରିକ ବସନ ପିନ୍ଧି ଆବିର୍ଭୂତ ହେଲେ ଆଉଜଣେ ମହାମାନବ । ସେ ବୁଲିଥିଲେ ସ୍ୱାମୀ ଗୋବିନ୍ଦପାଦଙ୍କ ଅନ୍ୱେଷଣରେ । ସ୍ୱାମୀଜୀ ତାଙ୍କୁ ଦେଖି ଧ୍ୟାନ ମଗ୍ନ ହେଲେ, ଆଖିଖୋଲି ଆଚାର୍ଯ୍ୟ ଶଙ୍କରଙ୍କୁ ମନ୍ତ୍ର ପ୍ରଦାନକଲେ । କେରଳର କଲଡ଼ିରେ ଭୂମିଷ୍ଠ ହୋଇଥିବା (ପିତା ଶିବଗୁରୁ ଓ ମାତା ବଶିଷ୍ଟା) ଶଙ୍କରାଚାର୍ଯ୍ୟ ବେଦାନ୍ତର ଭାଷ୍ୟକାର ରୂପେ ଖ୍ୟାତି ଅର୍ଜ୍ଜନ କରିଥିଲେ । ଲୋକମାନଙ୍କର ମଙ୍ଗଳ କରିବାପାଇଁ ସେ ଧରାବତରଣ କରିଥିଲେ । ତେଣୁ କୁହାଯାଏ "ଶଙ୍କରଂ ଲୋକ ଶଙ୍କରମ୍" ଯୋଶୀମଠ, ଦ୍ୱାରକା, ଶୃଙ୍ଗେରୀ ଓ ପୁରୀରେ ସନାତନ ଧର୍ମର ପୁନର୍ଜାଗରଣ ପାଇଁ ସେ ପୀଠ ପ୍ରତିଷ୍ଠା କରିଥିଲେ । ଦୃଷ୍ଟିକୁ ଜ୍ଞାନମୟ କରିବା ଓ ଜଗତକୁ ବ୍ରହ୍ମମୟ ଦେଖିବା ପାଇଁ ଶଙ୍କର ଉପଦେଶ ଦେଇଥିଲେ । ସଂସାରର କୁମ୍ଭୀର କବଳରୁ ମୁକ୍ତିହେବାପାଇଁ ମାତା ତାଙ୍କୁ ସମ୍ମତି ଦେବାପରେ ଶଙ୍କର ଶିଷ୍ୟପରିବୃତହୋଇ ତୀର୍ଥ ପର୍ଯ୍ୟଟନ କରିଥିଲେ, ଅନବଦ୍ୟ ସ୍ତୁତି ଓ ସ୍ତୋତ୍ର ପ୍ରଣୟନ କରିଥିଲେ ଏବଂ ଅଦ୍ୱିତୀୟ ବ୍ରହ୍ମଙ୍କୁ ଉପଲବ୍ଧି କରିବାପାଇଁ ଭାରତବାସୀଙ୍କୁ ଉତ୍ସାହିତ କରିଥିଲେ ।

ଶଙ୍କରଙ୍କ ପରେ ଦକ୍ଷିଣଭାରତରେ ଶ୍ରୀ ରାମାନୁଜାଚାର୍ଯ୍ୟ ଏକାଦଶ ଶତାବ୍ଦୀରେ ବିଶିଷ୍ଟ ଦ୍ୱୈତବାଦ ପ୍ରଚାରକଲେ । ସେ କହିଲେ ମଣିଷ ବ୍ରହ୍ମ ସହିତ ଏକହୋଇ ପାରିବନାହିଁ । ଭକ୍ତିଭାବର ବଶବର୍ତ୍ତୀ ହୋଇ ଭଗବାନଙ୍କର ସେବା କରିପାରିବ । ତେଣୁ ପବିତ୍ରତା, ଭକ୍ତି ଓ ବିଶ୍ୱାସ ଉପରେ ସେ ପ୍ରାଧାନ୍ୟ ଦେଇଥିବେ । ସେ ବୈଷ୍ଣବ ଧର୍ମର ମହତ୍ତ୍ୱ ପ୍ରଚାର କରିଥିଲେ । ରାମାନୁଜଙ୍କ ଶିଷ୍ୟ କୁରେଶ ଗୁରୁଙ୍କର ଅଶେଷ କୃପାଲାଭକରି ଚୋଳ ରାଜାଙ୍କ ଅତ୍ୟାଚାର ବିନା ଦ୍ୱିଧାରେ ସହ୍ୟ କରିଥିଲେ ।

ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ମୈତ୍ରୀ ଓ ମମତା ସାହିତର କରିଥିଲେ ଗୁରୁ ନାନକ । ବିଶ୍ୱବନ୍ଦିତ ଏଇ ଭାରତରେ ଭକ୍ତି ଓ ପ୍ରେମର ମନ୍ଦାକିନୀ ପ୍ରବାହିତ କରିଥିଲେ ଶ୍ରୀଚୈତନ୍ୟ (୧୪୮୫) । ନବଦ୍ୱୀପର ସଂସ୍କୃତ ପଣ୍ଡିତ 'ଡୁକୃଞ୍‌କରଣେ'ରୁ ଆନନ୍ଦ ପାଇଲେ ନାହିଁ । ନାମାମୃତରେ ମଜ୍ଜିଗଲେ ଓ ମଗ୍ନକଲେ ଅଗଣିତ ହୃଦୟ । ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ରାୟ

ରାମାନନ୍ଦ, ସନାତନ ଓ ରୂପ ଗୋସ୍ୱାମୀ ଚୈତନ୍ୟଙ୍କ ପ୍ରେମାମୃତ ପାନ କରି ଭକ୍ତିରେ ତନ୍ମୟ ହୋଇଥିଲେ ।

୧୫୨୩ରେ ଯେଉଁ ମହାମାନବ ଭାରତରେ ଭୂମିଷ୍ଠ ହୋଇ ରାମପ୍ରେମର ଦିବ୍ୟସୁଧା ବିତରଣ କଲେ ସେ ହେଉଛନ୍ତି ସନ୍ଥ ତୁଳସୀ ଦାସ । ତାଙ୍କ ପୂର୍ବରୁ କବୀର ହରିନାମର ପ୍ରେମ ସୁଧାରସ ପରିବେଷଣ-କରିଥିଲେ । ମୀରାବାଈ (୧୫୦୪) ମଧ୍ୟ ଭଜନ ମାଧ୍ୟମରେ ସର୍ବଦା ହରି ଚେତନାରେ ନିମଗ୍ନ ଥିଲେ ।

୧୬୦୦ ଶତାବ୍ଦୀରେ ନରସିଂ ମେହେଟା, ତୁକାରାମ ମଣିଷର ଆଧ୍ୟାତ୍ମିକ ତଥା ସର୍ବବିଧ ଉନ୍ନତିପାଇଁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରିଥିଲେ । ରାଜା ରାମମୋହନ ରାୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସମନ୍ୱୟ ନିମନ୍ତେ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ପାଶ୍ଚାତ୍ୟ ଆଧିପତ୍ୟର ରଥଚକ୍ରତଳେ ନିଷ୍ପେସିତ ନହୋଇ ଭାରତ କିପରି ନିଜ ସଂସ୍କୃତିର ମହତ୍ୱ ଅକ୍ଷୁଣ୍ଣ ରଖିପାରିବ ସେଥିପାଇଁ ସେ ହିନ୍ଦୁଧର୍ମରୁ କୁସଂସ୍କାର ଦୂର କରିଥିଲେ । ତେଣୁ ଯଥାର୍ଥରେ ତାଙ୍କୁ "ଭାରତୀୟ ସଂସ୍କୃତିର ପ୍ରଭାତୀ ତାରକା" କୁହାଯାଏ । ଭାରତୀୟ-ମାନଙ୍କୁ ଅସତ୍ୟ ଈଶ୍ୱର ଉପାସନାରୁ ନିବୃତ୍ତି କରିଥିଲେ "ଆଲୋକର ସୈନିକ" ଶ୍ରୀ ଦୟାନନ୍ଦ ସରସ୍ୱତୀ । ଅରବିନ୍ଦଙ୍କ ଭାଷାରେ ସେ "A soldier of light, warrior of God's world, sculptor of men".

ତା'ପରେ ମହାମାନବର ସାଗର ବକ୍ଷରେ ଯେଉଁ ଅମୃତ ତରଙ୍ଗ ନାଚି ଉଠିଲା ତାହା ବିଶ୍ୱମାନସ ଆକର୍ଷିତ କଲା । ଶ୍ରୀରାମକୃଷ୍ଣ ପରମହଂସ ଓ ବିବେକାନନ୍ଦ ହିନ୍ଦୁଧର୍ମର ମହାନ୍ ଉପଦେଶକୁ ବାସ୍ତବ ଜୀବନରେ ଅନୁସରଣକରି ନିଜର ତଥା ବିଶ୍ୱର ହିତ ସାଧନ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିବେକାନନ୍ଦ କହିଥିଲେ "ଗର୍ବକରି କହ ମୁଁ ଭାରତବାସୀ, ପ୍ରତ୍ୟେକ ଭାରତବାସୀ ମୋର ଭାଇ । କହ ଅଜ୍ଞାନୀ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ସମସ୍ତେ ମୋର ଭାଇ" ।

"ଅରୁଣାଚଳ ଶିବ" ରମଣ ମହର୍ଷି, ଶିରିଡ଼ି ସାଇ ଏବଂ ଶ୍ରୀ ଅରବିନ୍ଦ ଭାରତର ସାମାଜିକ ତଥା ଆଧ୍ୟାତ୍ମିକ ଉନ୍ନତିରେ ବ୍ରତୀ ହେବାପାଇଁ ଦେଶବାସୀଙ୍କୁ ଜାଗ୍ରତ କରିଥିଲେ । ଆଧ୍ୟାତ୍ମିକତାକୁ ସାଂସ୍କୃତିକ ତଥା ରାଜନୈତିକ କ୍ଷେତ୍ରରେ ପ୍ରାଧାନ୍ୟ ଦେବାର ସଫଳ ପ୍ରୟାସ କରିଥିଲେ ମହାତ୍ମା ଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେ । "ମହାମାନବର ସାଗର" ରବୀନ୍ଦ୍ରନାଥଙ୍କ କବିତାରେ କଳ୍ପିତ ହୋଇଛି । ଭାରତର ପୁଣ୍ୟତୀର୍ଥରେ ମନ ସର୍ବଦା ସ୍ମରଣକରୁ ଏଇ ମହିମାନ୍ୱିତ ମହାମାନବ-ମାନଙ୍କ ଜୀବନୀ ଓ ବାଣୀ, ତାହାହିଁ ଜାତିକୁ ଉଦ୍‌ବୁଦ୍ଧ କରିବ ଗୌରବର ହିମାଦ୍ରି ଶୃଙ୍ଗରେ ଉପନୀତ ହେବାପାଇଁ । ତାହାହିଁ ଆମ ଜୀବନକୁ ଉଦ୍‌ଭାସିତ କରିବ ସତ୍ୟଶିବ ସୁନ୍ଦରର ଝଲକରେ ।।



OGP—MP-VI (I. & P. R.) 73—10,000—24-1-1983




KALAVIKAS KENDRA.
କଳାବିକାଶ କେନ୍ଦ୍ର, କଟକ



ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କମିଟି ବୈଠକ

SHRI JAGANNATH TEMPLE
ADMINISTRATIVE BODY IN
SESSION



'୮୧ ର ଶ୍ରେଷ୍ଠ ଚିତ୍ରାଭିନେତ୍ରୀ..
Best film actress '1981'



'TANAYA' PRESENTS "GITANJALI"
'ତନୟା'ର
"ଗୀତାଞ୍ଜଳି"

Vol. XXXIX No. 6 UTKAL PRASANGA Regd. No. O
Licence No. C. R. N. P. 5—Licensed to post without Pre-Payment







ସବୁଠୁ ଗରିବ ଲୋକ
ସେବାରେ....

IN SERVICE OF THE POOREST...



PRINTED AT ORISSA GOVERNMENT PRESS, CUTTACK-10

